ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

ଅମୃତ ଦୁନିଆ

The Amruta Dunia
RNI No. ODIODI / 2014 / 56157 www.amrutadunia.org

■ Vol.13, Issue.142, Thursday, 10 September 2026, Puri, Pages - 23, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୪୨, ଗୁରୁବାର, ୧୦ ସେପ୍ଟେମ୍ବର ୨୦୨୬, ପୁରୀ, ୨୩ ପୃଷ୍ଠା, ମୂଲ୍ୟ - ୯ ଟଙ୍କା

Wonder world
Water Park & Resort
MONSOON MASTI
PRICE STARTS FROM
₹ 899/
₹ 749/-
Including GST
ONLY ON
ONLINE
BOOKING
Malatipatpur,Puri.Odisha
FOLLOW US -
TOLL FREE : 1800 120 6676

ଅମୃତ ଦୁନିଆ

The Amruta Dunia

▶ RNI No. ODIODI / 2014 / 56157 ▶ www.amrutadunia.org

■ Vol.13, Issue.142, Thursday, 10 September 2026, Puri, Pages - 23, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୪୨, ଗୁରୁବାର, ୧୦ ସେପ୍ଟେମ୍ବର ୨୦୨୬, ପୁରୀ, ୨୩ ପୃଷ୍ଠା, ମୂଲ୍ୟ - ୯ ଟଙ୍କା

Ambruta™
Pyaas Zaroori Hai

JOIN US AS A
DISTRIBUTOR!
Be the Source of
ODISHA'S
TRUSTED HYDRATION

Call us Tollfree
1800 123 6373

FOLLOW US

CALL US FOR
Business Enquiry and Bulk Order
Toll Free number : 1800 123 6373

ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 ▶ www.amrutadunia.org

Selfie ଦୁନିଆ

ସେଲ୍ଫି ଦୁନିଆରେ ଆପଣଙ୍କ ଫଟୋ ସ୍ଥାନୀତ କରିବା ପାଇଁ ଇଚ୍ଛୁକ ଥିଲେ
selfiedunia96@gmail.com
କିମ୍ବା ୯୦୪୦୦୫୦୮୪ ହ୍ୱାଟ୍ସଆପରେ ନିଜନାମ ଓ ଠିକଣା ସହ ଫଟୋ ପଠାଇବାକୁ ଅନୁରୋଧ

■ Vol.13, Issue.142, Thursday, 10 September 2026, Puri, Pages - 23, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୪୨, ଗୁରୁବାର, ୧୦ ସେପ୍ଟେମ୍ବର ୨୦୨୬, ପୁରୀ, ୨୩ ପୃଷ୍ଠା, ମୂଲ୍ୟ - ୯ ଟଙ୍କା

ପାଇଖାନା ଟାଙ୍କି ସଫାକରିବା ହେଲା କାଳ

ଶ୍ୱାସରୁଦ୍ଧ ହୋଇ ୩ ମୃତ

ଗୁଣୁପୁର(ଅମୃତ ମିଡ଼ିଆ)

ରାୟଗଡ଼ା ଜିଲ୍ଲା ପଦ୍ମପୁର ଥାନା ଅନ୍ତର୍ଗତ ଗୁଲୁଗୁଡା ପଞ୍ଚାୟତର ତାରପାଗୁଡା ଗାଁରେ ଅଘଟଣ । ଘରର ନୂଆ ପାଇଖାନା ଟାଙ୍କି ସଫା କରିବାକୁ ଯାଇ ଶ୍ୱାସରୁଦ୍ଧ ହୋଇ ତିନି ଜଣଙ୍କ ମୃତ୍ୟୁ ଘଟିଛି । ମୃତକଙ୍କ ମଧ୍ୟରେ ଦୁଇଜଣ ମିସ୍ତ୍ରୀ ଓ ଜଣେ ଦିନ ମଜୁରିଆ ଥିବା ଜଣାପଡ଼ିଛି । ମୃତକମାନେ ହେଲେ ପଦ୍ମପୁର ଥାନା କେନ୍ଦୁଗୁଡା ନିକଟ ଜୀବଜଗତପୁର ଗାଁର ହରିଶ୍ଚନ୍ଦ୍ର ବିର (୪୬), ପ୍ରକାଶ ଲିମା (୪୫) ଓ ଆଲୋକ କରାଡ (୪୭)। ପଦ୍ମପୁର ଥାନା ଗୁଲୁଗୁଡା ପଞ୍ଚାୟତ ତାରପାଗୁଡା ଗାଁରେ ପାଇଖାନା ଟାଙ୍କି ସଫା କରିବା ପାଇଁ ୩ ଜଣ ଟାଙ୍କି ଭିତରକୁ ଯାଇଥିଲେ । ହେଲେ ଟାଙ୍କି ଭିତରେ ଶ୍ୱାସରୁଦ୍ଧ ହୋଇ ତିନିଜଣ ଅସୁସ୍ଥ ହୋଇପଡ଼ିଥିଲେ । ଘଟଣା ସମ୍ପର୍କରେ ଖବର ପାଇ ପଦ୍ମପୁର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲା । ଦମକଳ କର୍ମଚାରୀମାନେ ଟାଙ୍କି ଭିତରୁ ତିନିଜଣଙ୍କୁ ଉଦ୍ଧାର କରିଥିଲେ । ଟାଙ୍କି ଭିତରେ ଶ୍ୱାସରୁଦ୍ଧ ହୋଇ ୩ ଜଣଙ୍କ ମୃତ୍ୟୁ ଘଟିଥିଲା। ପରେ ଘଟଣାସ୍ଥଳରେ ପଦ୍ମପୁର ପୋଲିସ ପହଞ୍ଚି ତଦନ୍ତ କରୁଛି। ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସମସ୍ତ ମୃତଦେହକୁ ରଖାଯାଇଛି । ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଖବର ପାଇ ଘଟଣାସ୍ଥଳରେ ବିଧାୟକ ସତ୍ୟଜିତ ଗମାଙ୍ଗ ପହଞ୍ଚିଛନ୍ତି।

ପୁଞ୍ଜି ଆଣିବାକୁ ଆବୁଧାବିରେ ମାରାଥନ ବୈଠକ

ଓଡ଼ିଶାରେ ନିବେଶ ପାଇଁ ଶିଳ୍ପପତିଙ୍କ ବଢୁଛି ଆଗ୍ରହ

- ଆଇଏଚ୍‌ସି ଓ ଅଦାନୀ ଗ୍ରୁପ୍ ସହିତ ୧୪ଟି ନୂଆ ପ୍ରକଳ୍ପ ପାଇଁ ଏମ୍‌ଓୟୁ
- ଶିଳ୍ପପତିଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ ମୋହନ
- କମ୍ପାନିମାନଙ୍କୁ ଆକୃଷ୍ଟ କରିବାକୁ ଉଦ୍ୟମ
- ଓଡ଼ିଶାଭିତ୍ତିକ କମ୍ପାନି ଉତ୍ପାଦକୁ ବିଶ୍ୱ ବଜାରରେ ପହଞ୍ଚାଇବାକୁ ରାଉଣ୍ଡଟେବଲ ବୈଠକ

ଭୁବନେଶ୍ୱର(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଯୁଏଇ ଗସ୍ତର ପ୍ରଥମ ଦିନରେ ଓଡ଼ିଶା ବିଦେଶୀ ନିବେଶ ଭାଗିଦାରୀକୁ ଆଗେଇ ନେଇଛି । ଏଥିରେ ଏକ ସମନ୍ୱିତ ଆଲୁମିନିୟମ ପ୍ରକଳ୍ପ, ୧୪ଟି ନୂଆ ପ୍ରକଳ୍ପ ପାଇଁ ଏମଓୟୁ ଏବଂ ସହଯୋଗ ଚୁକ୍ତି ବାଣିଜ୍ୟ ଓ ବନ୍ଦର ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ହୋଇଛି । ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ସେପ୍ଟେମ୍ବର ୮ ରୁ ୧୨ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଗସ୍ତରେ ପ୍ରମୁଖ ବ୍ୟବସାୟୀ ଓ ନିବେଶକମାନେ ଏକାଠି ହୋଇଛନ୍ତି । ଇଣ୍ଟରନ୍ୟାସନାଲ ହୋଲ୍ଟିଂ କମ୍ପାନୀ (ଆଇଏଚସି) ର ବ୍ୟବସାୟିକ ଶାଖା ଏବଂ ସହଯୋଗୀ କମ୍ପାନୀଗୁଡ଼ିକ ସହ ଗୁରୁତ୍ୱପୂର୍ଣ୍ଣ ଗୋଲଟେବୁଲ ବୈଠକରୁ ଆଜିର ଦିନଟି ଆରମ୍ଭ ହୋଇଥିଲା । ୨ ଜୁଲାଇ ୨୦୨୬ରେ ସ୍ୱାକ୍ଷରିତ ହୋଇଥିବା ଐତିହାସିକ ବୁଝାମଣା ପତ୍ରର ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ ଅନୁଷ୍ଠିତ ଏହି ବୈଠକରେ ଆଇଏଚସି ର ପରିଚାଳନା ନିର୍ଦ୍ଦେଶକ, ସିଇଓ ତଥା ବୋର୍ଡ ସଦସ୍ୟ ଶ୍ରୀ ସୟଦ ବସର ଶୁଏବ, ଅଦାନୀ ପୋର୍ଟସ ଆଣ୍ଡ ସ୍ପେଶାଲ ଇକୋନୋମିକ ଜୋନର ପରିଚାଳନା ନିର୍ଦ୍ଦେଶକ ଶ୍ରୀ କରଣ ଅଦାନୀ ଏବଂ ଅଦାନୀ ଗ୍ରୀନ୍ ଏନର୍ଜିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ସାଗର ଅଦାନୀ ଯୋଗ ଦେଇଥିଲେ । ଆଲୁମିନିୟମ ପ୍ରକଳ୍ପ ପାଇଁ ଅଦାନୀ ଗ୍ରୁପ୍ ହେଉଛନ୍ତି ମିଳିତ ସହଯୋଗୀ । ଏହି ଗୋଲଟେବୁଲ ବୈଠକରେ ଆଇଏଚସି ର ବ୍ୟବସାୟିକ ଶାଖା ଏବଂ ସହଯୋଗୀ କମ୍ପାନୀଗୁଡ଼ିକର ବରିଷ୍ଠ ପ୍ରତିନିଧିମାନେ ଏକାଠି ହୋଇଥିଲେ । ସେମାନଙ୍କ ମଧ୍ୟରେ ଇଣ୍ଟରନ୍ୟାସନାଲ ରିସୋର୍ସେସ ହୋଲ୍ଟିଂ (ଆଇଆରଏଚ) ର ସିଇଓ ଶ୍ରୀ ଅଲି ରସିଦ ଅଲ-ରସଦି, ଟୁ ପଏଣ୍ଟ ଜିରୋ ଗ୍ରୁପର ସିଇଓ ଶ୍ରୀମତୀ ସାମିଆ ବୁଆଜ୍ଜା, ଟୁ ପଏଣ୍ଟ ଜିରୋ ର ସିଇଓ ମହଜ୍ଜଦ ହେସାମ, ଘିଆ ହୋଲ୍ଟିଂର ଗ୍ରୁପ୍ ସିଇଓ ଫଲାଲ ଅମିନ୍, ବୁର୍ଜିଲ ହୋଲ୍ଟିଂସର ଅଧକ୍ଷ ତଥା ପ୍ରତିଷ୍ଠାତା ଡକ୍ଟର ଶମଶୀର ଭାୟାଲିଲ, ଏମଏମଡିସି ଗ୍ରୁପର ଗ୍ରୁପ୍ ସିଇଓ ଡକ୍ଟର ୟାସିର ଜାଗଲୁଲ, ଅଲ ସିର ମେରାଇନର ସିଇଓ ଶ୍ରୀ ଗାଇ ନିଭେନ୍, ଏମିରେଟ୍ସ ଷ୍ଟାଲିଅନ୍ସ ଗ୍ରୁପର ସିଇଓ ଶ୍ରୀ କାୟେଦ ଅଲି ଖୋର୍ମା, ସିରିୟସ ଇଣ୍ଟରନ୍ୟାସନାଲ ହୋଲ୍ଟିଂର ସିଇଓ ଶ୍ରୀ ଅଜୟ ଭାଟିଆ, ଓଡ଼ିଆ ଉଦ୍ୟୋଗୀ ଏବଂ ଏଡିଆ ଇଫାଉଣ୍ଡେସନର ଶ୍ରୀ ଆନ୍ଦ୍ରେ ଲାଜୋରେଙ୍କୋ ପ୍ରମୁଖ ସାମିଲ ଥିଲେ । ଏହି ଆଲୋଚନାରେ ସମନ୍ୱିତ ଆଲୁମିନିୟମ ପ୍ରକଳ୍ପ ପାଇଁ ସମ୍ଭାବ୍ୟ ସ୍ଥାନ ଚୟନ ପ୍ରକ୍ରିୟା ଆଗେଇଛି । ଏଥିପାଇଁ ରାୟଗଡ଼ା ଜିଲ୍ଲାର କଲ୍ୟାଣସିଂହପୁର ତହସିଲରେ 'ଆଲୁମିନା ରିଫାଇନାରୀ' ଏବଂ ସୁନ୍ଦରଗଡ଼ ଜିଲ୍ଲାର ସଦର ସୁନ୍ଦରଗଡ଼ ତହସିଲରେ 'ଆଲୁମିନିୟମ ସ୍ମେଲ୍ଟର' ପାଇଁ ଜମି ପ୍ରସ୍ତାବ ଦିଆଯାଇଛି । ଏହି ଆଲୋଚନା ଫଳରେ ସହଯୋଗିତାକୁ ବାସ୍ତବ ପ୍ରକଳ୍ପରେ ରୂପାନ୍ତରିତ କରିବା ପାଇଁ ଅଧିକ ଗତି ମିଳିଛି । ଓଡ଼ିଶା ■ ପୃଷ୍ଠା-୧୫

ପାରିବାରିକ କଳହର କରୁଣ ପରିଣତି

ବାପାର ଆକ୍ରମଣରେ ପୁଅ ମୃତ

ଭୁବନେଶ୍ୱର(ବ୍ୟୁରୋ)

ପାରିବାରିକ କଳହର କରୁଣ ପରିଣତି। ବାପାର ଆକ୍ରମଣରେ ପୁଅ ମୃତ।ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧିନ ଚୁନିଦା ଅଞ୍ଚଳରେ ଏଭଳି ଅଭାବନୀୟ ଘଟଣା ଘଟିଛି । ମୃତକ ଜଣକ ହେଲେ ବିକାଶ ସାହୁ। ସୂଚନା ଅନୁଯାୟୀ ରବି ସାହୁ ଓ ତା ପୁଅ ବିକାଶ ସାହୁଙ୍କ ମଧ୍ୟରେ କୌଣସି କାରଣ ପାଇଁ ବିବାଦ ଲାଗି ରହିଥିଲା । ବୁଧବାର ସକାଳେ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏହି ସମୟରେ ବାପା ରବି ସାହୁ ବୋହୂକୁ ଘରେ ବନ୍ଦ କରି ଦେଇଥିଲେ । ପରେ ଧାରୁଆ ଅସ୍ତ୍ରରେ ବିକାଶକୁ ବାପା ରବି ଆକ୍ରମଣ କରିଥିଲେ । ଏଥିରେ ବିକାଶ ଗୁରୁତର ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ମେଡିକାଲରେ ଭର୍ତ୍ତି କରିଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପୁଅର ମୃତ୍ୟୁ ଘଟିଥିଲା। ଏହି ଘଟଣା ପରେ ଗାଁରେ ଉତ୍ତେଜନା ଦେଖା ଦେଇଥିଲା। ପରେ ପୋଲିସ ପହଞ୍ଚି ଘଟଣାର ତଦନ୍ତ କରୁଛି।

କେନ୍ଦ୍ର କ୍ୟାବିନେଟ୍‌ର ଅନୁମୋଦନ

ଝାରସୁଗୁଡ଼ା-ଖଡ଼ଗପୁର ୪ ଲେନ୍ ରେଳଟ୍ରାକ୍‌କୁ ମଞ୍ଜୁରୀ

- ଓଡ଼ିଶା ସମେତ ୫ଟି ରାଜ୍ୟର ରେଳ ଭିତ୍ତିଭୂମି ହେବ ସୁଦୃଢ଼
- ୧୪ଟି ଜିଲ୍ଲାର ୫୬ ଲକ୍ଷ ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ହେବେ ଉପକୃତ



ନୂଆଦିଲ୍ଲୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି ଆଜି ୫ରାଜ୍ୟର ୧୪ଟି ଜିଲ୍ଲା ଦେଇ ଯାଇଥିବା ୩ଟି ରେଳ ଲାଇନ୍ ପ୍ରଶସ୍ତିକରଣ ପ୍ରକଳ୍ପକୁ ଅନୁମୋଦନ କରିଛି । ଏ ସବୁ ପ୍ରକଳ୍ପ ନିର୍ମାଣ ଲାଗି ମୋଟ୍ ୧୦,୭୮୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଏହି ସବୁ ପ୍ରକଳ୍ପ ହେଲା ଓଡ଼ିଶାର ଖଡ଼ଗପୁର-ଝାରସୁଗୁଡ଼। (ବାଗଡିହି) ଚତୁର୍ଥ ଲାଇନ୍। କଟନୀ-ପେଣ୍ଡ୍ରା ରୋଡ୍ ଚତୁର୍ଥ ଲାଇନ୍, ବିଳାସପୁର (ଉସଲାପୁର)-ପେଣ୍ଡ୍ରା ରୋଡ୍ ତୃତୀୟ ଲାଇନ୍ । ବର୍ଦ୍ଧିତ ଲାଇନ୍ କ୍ଷମତା ଗମନାଗମନରେ ଉଲ୍ଲେଖନୀୟ ସୁଧାର ଆଣିବ । ଫଳରେ ଭାରତୀୟ ରେଳବାଇର ପରିଚାଳନା ଦକ୍ଷତା ଏବଂ ସେବା ବିଶ୍ୱସନୀୟତାରେ ଉନ୍ନତି ହେବ । ଏହି ବହୁ ଟ୍ରାଜିଂ ପ୍ରକଳ୍ପଗୁଡ଼ିକ ରେଳ ଚଳାଚଳକୁ ସୁବ୍ୟବସ୍ଥିତ କରିବା ସହିତ ଭିଡ଼ ହ୍ରାସ କରିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନୂତନ ଭାରତ ଦୃଷ୍ଟିକୋଣ ଅନୁରୂପ ଏସବୁ ପ୍ରକଳ୍ପର ଡିଜାଇନ୍ କରାଯାଇଛି । ଏ ଗୁଡ଼ିକର ଉଦ୍ଦେଶ୍ୟ ହେଉଛି, ବ୍ୟାପକ କ୍ଷେତ୍ରାୟ ବିକାଶ ମାଧ୍ୟମରେ ଲୋକମାନଙ୍କୁ ଆତ୍ମନିର୍ଭରଶୀଳ କରିବା, ଯଦ୍ୱାରା ସେମାନଙ୍କର ରୋଜଗାର/ ସ୍ୱରୋଜଗାର ସୁଯୋଗ ବଢ଼ିବ । ଏ ସବୁ ପ୍ରକଳ୍ପ ପ୍ରଧାନମନ୍ତ୍ରୀ ଗତିଶକ୍ତି ମାଷ୍ଟର୍ ପ୍ଲାନ୍ ଅନୁରୂପ ପ୍ରସ୍ତୁତ କରାଯାଇଛି ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଏକୀକୃତ ଯୋଜନା ଏବଂ ଅଂଶୀଦାରଙ୍କ ସହ ବିଚାରବିମର୍ଶ ମାଧ୍ୟମରେ ବହୁମୁଖୀ ଯୋଗାଯୋଗ ଓ ଲଜିଷ୍ଟିକ୍ସ ଦକ୍ଷତାରେ ସୁଧାର ଆଣିବା । ଏ ସବୁ ପ୍ରକଳ୍ପ ଦ୍ୱାରା ଜନସାଧାରଣ, ବସ୍ତୁ ଏବଂ ସେବାର ବାଧାମୁକ୍ତ ଯାତାୟାତ ସୁନିଶ୍ଚିତ ହେବ । ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ ଓ ଛତିଶଗଡ଼ର ୧୪ଟି ଜିଲ୍ଲାକୁ ନେଇ ଏହି ତିନୋଟି ପ୍ରକଳ୍ପ ଭାରତୀୟ ରେଳବାଇର ବର୍ତ୍ତମାନର ନେଟୱର୍କରେ ୬୫୬ କିଲୋମିଟର ବୃଦ ଆଣିବ । ପ୍ରସ୍ତାବିତ ବହୁ ଟ୍ରାକିଂ ପ୍ରକଳ୍ପ ଦ୍ୱାରା ପାଖାପାଖି ୫୬ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ୪,୭୯୦ଟି ଗାଁକୁ ଉନ୍ନତ ଯୋଗାଯୋଗ ସମ୍ଭବ ହୋଇପାରିବ । କ୍ଷମତା ବୃଦ୍ଧି ଦ୍ୱାରା ଦେଶର ଅନେକ ■ ପୃଷ୍ଠା-୧୫

ବଡ଼ମାଳରେ ପୁଲିସର ବଡ଼ ରେଡ୍

ଭୂତଳ ଚାମ୍ବରରୁ ୮୧୩ ବୋତଲ କଫ ସିରପ୍ ଜବତ

ବରଗଡ଼(ଅମୃତ ମିଡ଼ିଆ)

ବରଗଡ଼ ଜିଲ୍ଲା ଭଟଲି ଥାନା ବଡ଼ମାଳ ଗ୍ରାମରେ ପୁଲିସ ଚଢ଼ାଉ କରି ବିପୁଳ ପରିମାଣରେ କଫ୍ ସିରପ୍ ଜବତ କରିବା ସହିତ ଜଣେ ମହିଳାଙ୍କୁ ଗିରଫ କରିଛି। ଗିରଫ ମହିଳାଙ୍କ ନାଁ ପାର୍ବତୀ ସାହୁ (୪୦)। ତାଙ୍କ ସ୍ୱାମୀଙ୍କ ନାଁ ସୂର୍ଯ୍ୟକାନ୍ତ ସାହୁ। ବରଗଡ଼ ଜିଲ୍ଲା ଭଟଲି ଥାନା ବଡ଼ମାଳ ଗ୍ରାମରେ ପୁଲିସ ଚଢ଼ାଉ କରି ବିପୁଳ ପରିମାଣରେ କଫ୍ ସିରପ୍ ଜବତ କରିବା ସହିତ ଜଣେ ମହିଳାଙ୍କୁ ଗିରଫ କରିଛି। ଗିରଫ ମହିଳାଙ୍କ ନାଁ ପାର୍ବତୀ ସାହୁ (୪୦)। ତାଙ୍କ ସ୍ୱାମୀଙ୍କ ନାଁ ସୂର୍ଯ୍ୟକାନ୍ତ ସାହୁ। ଜଡ଼ାଉ ବେଳେ ତାଙ୍କ ଘର ପଛ ପଟେ ଏକ ଗୁପ୍ତ ଭୂତଳ ଚାମ୍ବର ଠାବ କରାଯାଇଥିଲା। ସେଥିରେ ୬ଟି ପ୍ୟାକେଟ୍‌ରେ ୮୧୩ ବୋତଲ କଫ୍ ସିରପ ଥିଲା। ପୁଲିସ ସେଗୁଡ଼ିକୁ ଜବତ କରିଛି। ଏହା ସହିତ ନଗଦ ୩ ଲକ୍ଷ ୩୩ ହାଜର ଟଙ୍କା ଓ ଦୁଇଟି ଚାରି ଚକିଆ ଗାଡ଼ି (ଗୋଟିଏ ବୋଲେରୋ ଓ ଗୋଟିଏ ଥାର) ସହିତ ୪ଟି ମୋବାଇଲ ଫୋନ୍ ଏବଂ ଅନ୍ୟାନ୍ୟ ଜିନିଷ ଜବତ କରାଯାଇଛି। ଏହି ଚଢ଼ାଉ ବେଳେ ସୂର୍ଯ୍ୟକାନ୍ତ ସାହୁ ଘରେ ଉପସ୍ଥିତ ନଥିଲେ। ତେବେ ତାଙ୍କ ସହଯୋଗୀ ତଥା ପତ୍ନୀ ପାର୍ବତୀ ସାହୁଙ୍କୁ ଘଟଣାସ୍ଥଳରୁ ଗିରଫ କରାଯାଇଥିଲା। ସମସ୍ତ ଆଇନଗତ ପ୍ରକ୍ରିୟା ପାଳନ କରିବା ପରେ ତାଙ୍କୁ କୋର୍ଟରେ ହାଜର କରାଯାଇଥିଲା।

ସେ କହିଲେ...

ସ୍ପାର୍କ୍ ଟାଇଫସ୍‌କୁ ନିୟନ୍ତ୍ରଣ ପାଇଁ ଉଦ୍ୟମ ଆରମ୍ଭ ହୋଇଥିବା ବେଳେ, ରାଜ୍ୟରେ ଚିହ୍ନଟ ହୋଇଥିବା ସନ୍ଦିଗ୍ଧ ସ୍ପାର୍କ୍ ଟାଇଫସ୍ କ୍ଲଷ୍ଟରକୁ ନେଇ ଆତଙ୍କିତ ହୁଅନ୍ତୁ ନାହିଁ ଯେଉଁ ସ୍ଥାନରେ ସ୍ପାର୍କ୍ ଟାଇଫସ୍ ଚିହ୍ନଟ ହେଉଛି, ସେଠାକୁ ଡାକ୍ତରୀ ଟିମ୍ ପଠାଇ ଆବଶ୍ୟକ ଚିକିତ୍ସା ଓ ନିରୀକ୍ଷଣ ବ୍ୟବସ୍ଥା କରାଯିବ । ସ୍ପାର୍କ୍ ଟାଇଫସ୍ ଚିକିତ୍ସା ଓ ନିୟନ୍ତ୍ରଣ ପାଇଁ ଗାଇଡଲାଇନ୍ ମଧ୍ୟ ପ୍ରସ୍ତୁତ ହୋଇଛି । ରୋଗୀ ଚିହ୍ନଟ, ଚିକିତ୍ସା ଏବଂ ଆବଶ୍ୟକ ପ୍ରତିଷେଧମୂଳକ ପଦକ୍ଷେପ ଉପରେ ଏହି ଗାଇଡଲାଇନ୍ ଅନୁଯାୟୀ କାର୍ଯ୍ୟ କରାଯିବ ।

ମୁକେଶ ମହାଲିଙ୍ଗ
ସ୍ୱାସ୍ଥ୍ୟମନ୍ତ୍ରୀ

ସରକାର ବିରୋଧୀ ଗର୍ଜନ ତେଜିଲା

ପୋଲିସ- ବିଜେଡି କର୍ମୀ ମୁହାଁମୁହିଁ

ସଂଶୋଧିତ ଏମ୍‌ଏମ୍‌ଡିଆର୍ ଆଇନ ପ୍ରତ୍ୟାହାର ଦାବିରେ ଭୁବନେଶ୍ୱରରେ ବିଜେଡିର ବିଶାଳ ପ୍ରତିବାଦ ଦେଖିବାକୁ ମିଳିଛି। ଲୋକଭବନ ଅଭିମୁଖେ ଯାତ୍ରା ବେଳେ ପୁଲିସ ସହ ମୁହାଁମୁହିଁ ପରିସ୍ଥିତି ଦେଖିବାକୁ ମିଳିଥିଲା। 'କଳା ଆଇନ' ପ୍ରତ୍ୟାହାର କରିବାକୁ ବିଜେଡି ପକ୍ଷରୁ ଦାବି କରାଯାଇଥିଲା। ପରେ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ଭେଟି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛି। ପ୍ରକାଶଥାଉ କି, ଗତକାଲି ଇଣ୍ଡି ମେଞ୍ଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଖଣି ସଂଶୋଧନ ଆଇନକୁ ବିରୋଧ କରାଯାଇଥିଲା। ସରକାର ଏଭଳି ଦ୍ୱନ୍ଦ୍ୱ ଦୂରକରିବା ଲାଗି ପଦକ୍ଷେପ ନେଉନଥିବା ବେଳେ ଦିନକୁ ଦିନ ପରିସ୍ଥିତି ଉଗ୍ରରୂପ ଧାରଣ କରିବାରେ ଲାଗିଛି।

- 'କଳା ଆଇନ'କୁ ତୁରନ୍ତ ପ୍ରତ୍ୟାହାର କର
- ରାଜ୍ୟପାଳଙ୍କୁ ଭେଟିଲେ ବିଜେଡି ପ୍ରତିନିଧି
- ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ଭୁବନେଶ୍ୱର (ବ୍ୟୁରୋ)

ଆଗକୁ ପଞ୍ଚାୟତ ଓ ପୌର ଭୋଟ। ସେଥିଲାଗି ସରକାର- ବିରୋଧୀ ବଳ କଷାକଷି ଜୋର ଧରିବାରେ ଲାଗିଛି। ଦ୍ୱନ୍ଦ୍ୱ ଦୂର ଲାଗି ସରକାର ଆଲୋଚନା କରୁନାହାନ୍ତି। ବିରୋଧୀଙ୍କ ଗର୍ଜନ ବଢ଼ି ବଢ଼ି ଚାଲିଛି। ସଂଶୋଧିତ ଏମ୍‌ଏମ୍‌ଡିଆର୍ ଆଇନ ପ୍ରତ୍ୟାହାର ଦାବିକୁ ନେଇ ରାଜଧାନୀ ଭୁବନେଶ୍ୱରରେ ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ଗୁରୁବାର ବିଶାଳ ପ୍ରତିବାଦ କରାଯାଇଛି। ଲୋକଭବନ ସମ୍ମୁଖରେ ଆୟୋଜିତ ଏହି ଆନ୍ଦୋଳନ ସମୟରେ ପୁଲିସ ଓ ବିଜେଡି କର୍ମୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ପାଖାର ହାଉସ୍ ଛକରେ କିଛି ସମୟ ପାଇଁ ଉତ୍ତେଜନା ଲାଗି ରହିଥିଲା। ସୂଚନା ଅନୁଯାୟୀ, ବିଜେଡି ପକ୍ଷରୁ ରାଜ୍ୟପାଳଙ୍କୁ ଭେଟି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏମ୍‌ଏମ୍‌ଡିଆର୍ ଆଇନ ପ୍ରତ୍ୟାହାର ଦାବି ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଥିଲା। ହେଲେ ଲୋକଭବନ ଅଭିମୁଖେ ଅଗ୍ରସର ହେଉଥିବା ବେଳେ ପୁଲିସ ପକ୍ଷରୁ କର୍ମୀମାନଙ୍କୁ ଅଟକା ଯାଇଥିଲା। ଏହାକୁ ନେଇ ବିକ୍ଷୋଭକାରୀ ଓ ପୁଲିସ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି ଉପୁଜିଥିଲା। ରାଜଧାନୀରେ ଆୟୋଜିତ ଏହି ପ୍ରତିବାଦରେ ବିଜେଡିର ଶତାଧିକ କର୍ମୀ, ବରିଷ୍ଠ ନେତା ଓ ବିଧାୟକମାନେ ସାମିଲ ହୋଇଥିଲେ। ଦଳ ପକ୍ଷରୁ ସଂଶୋଧିତ ଏମ୍‌ଏମ୍‌ଡିଆର୍ ଆଇନକୁ 'କଳା ଆଇନ' ବୋଲି ଅଭିହିତ କରାଯାଇ ଏହାକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରାଯାଇଛି। ବିଜେଡି ନେତାମାନେ କହିଛନ୍ତି ଯେ, ରାଜ୍ୟର ଖଣିଜ ସମ୍ପଦ ଓ ଓଡ଼ିଶାର ସ୍ୱାର୍ଥକୁ ପ୍ରଭାବିତ କରୁଥିବା ଏହି ଆଇନ ପ୍ରତ୍ୟାହାର ନହେବା ପର୍ଯ୍ୟନ୍ତ ସେମାନଙ୍କର ଆନ୍ଦୋଳନ ଜାରି ରହିବ। ପୁଲିସ ବ୍ୟାରିକେଡ୍ ଭାଙ୍ଗି ଲୋକଭବନକୁ ଅଗ୍ରସର ହେବାକୁ ବିକ୍ଷୋଭକାରୀ ଉଦ୍ୟମ କରିଥିବା ବେଳେ ସୁରକ୍ଷା ଦୃଷ୍ଟିରୁ ପୁଲିସ ସେମାନଙ୍କୁ ଅଟକାଇଥିଲା। ଏହା ପରେ ପାଖାର ହାଉସ୍ ଛକରେ କିଛି ସମୟ ପାଇଁ ଉତ୍ତେଜନାପୂର୍ଣ୍ଣ ସ୍ଥିତି ସୃଷ୍ଟି ହୋଇଥିଲା। ପରେ ପରିସ୍ଥିତିକୁ ନିୟନ୍ତ୍ରଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ବିଜେଡିର ଏକ ପ୍ରତିନିଧି ଦଳକୁ ରାଜ୍ୟପାଳଙ୍କୁ ଭେଟିବା ପାଇଁ ଅନୁମତି ମିଳିଥିଲା। ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ଭେଟି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ ଏବଂ ଏମ୍‌ଏମ୍‌ଡିଆର୍ ଆଇନକୁ ପୁନଃବିଚାର କରି ପ୍ରତ୍ୟାହାର କରିବାକୁ ଅନୁରୋଧ କରିଥିଲେ। ଆଗକୁ ବିଧାନସଭା ଅଧିବେଶନ ଥିବାରୁ ଏହି ପ୍ରସଙ୍ଗକୁ ନେଇ ବିରୋଧୀ ବିଜେଡି ସରକାରଙ୍କୁ ଘେରିବା ପାଇଁ ପ୍ରସ୍ତୁତି ଜୋରଦାର କରିଛି। ଆସନ୍ତା ଦିନରେ ବିଧାନସଭା ଭିତରେ ଓ ବାହାରେ ଏହି ପ୍ରସଙ୍ଗକୁ ନେଇ ରାଜନ

ଏସ୍‌ଆଇଆର୍ ଓ ୫ ରାଜ୍ୟର ଭୋଟ

ଆରମ୍ଭ ହେବ ନିର୍ବାଚନ ଋତୁ। ସରଗମର ହେଲାଣି ରାଜନୈତିକ ପାଣିପାଗ। ଆସନ୍ତା ବର୍ଷ ଅର୍ଥାତ୍ ୨୦୨୬ରେ ୫ଟି ରାଜ୍ୟରେ ବିଧାନସଭା ନିର୍ବାଚନ ହେବ। ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ପଞ୍ଜାବ ଏବଂ ଗୋଆରେ ଜନଗଣନା ପ୍ରକ୍ରିୟା ଦ୍ରୁତ ଗତିରେ ଆଗେଇ ଚାଲିଛି। ପଞ୍ଚମ ରାଜ୍ୟ ମଣିପୁରରେ ପ୍ରଥମ ପର୍ଯ୍ୟାୟ ଜନଗଣନାକୁ ସ୍ଥଗିତ ରଖାଯାଇଛି। ଏହିଭଳି ଭାବେ ଏହି ୫ଟି ରାଜ୍ୟରେ ହେବାକୁ ଥିବା ବିଧାନସଭା ନିର୍ବାଚନର କାର୍ଯ୍ୟସୂଚୀ ପ୍ରାୟ ସ୍ଥିର ହୋଇସାରିଛି। ଆସନ୍ତା ବର୍ଷ ଫେବୃଆରୀ-ମାର୍ଚ୍ଚରେ ୟୁପି-ପଞ୍ଜାବ ସମେତ ୫ଟି ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏଥିଲାଗି ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଗଲାଣି। ବିଶେଷକରି ଉତ୍ତରପ୍ରଦେଶ ଓ ପଞ୍ଜାବରେ ରାଜନୈତିକ ଉଷ୍ମତା ଜୋର ଧରିଲାଣି। ଏଥିସହ ୪ ରାଜ୍ୟର ୫ ଆସନ ଲାଗି ଉପନିର୍ବାଚନ ବି ଅନୁଷ୍ଠିତ ହେବ। ପାଞ୍ଚଟି ବିଧାନସଭା ଏବଂ ଗୋଟିଏ ଲୋକସଭା ଆସନ ପାଇଁ ଉପନିର୍ବାଚନ ଘୋଷଣା କରାଯାଇଛି। ଏହାକୁ ନେଇ ଏବେଠାରୁ ଛକାପଞ୍ଜା ଆରମ୍ଭ ହେଲାଣି। କେଉଁ ଦଳ କେତେ ଦମ୍ ଦେଖାଇବେ, ତାହା ଖୁବ୍‌ଶୀଘ୍ର ଜଣାପଡ଼ିବ।

ସୁଶାନ୍ତ କୁମାର ଦାସ

ଫେବୃଆରୀ-ମାର୍ଚ୍ଚରେ ନିର୍ବାଚନ

୫ଟି ରାଜ୍ୟରେ ଫେବୃଆରୀ- ମାର୍ଚ୍ଚ- ୨୦୨୬ରେ ନିର୍ବାଚନ ଏକକାଳୀନ ଅନୁଷ୍ଠିତ ହେବ। ନିର୍ବାଚନ ଆୟୋଗ ବିଧାନସଭା କାର୍ଯ୍ୟକାଳ ପୂର୍ବରୁ ନିର୍ବାଚନ ଶେଷ କରିବାର ପାରମ୍ପରିକ ପ୍ରକ୍ରିୟା ଗ୍ରହଣ କରିବାର ସମ୍ଭାବନା ରହିଛି। ଏହିପରି ଭାବରେ ୟୁପିରେ ବିଧାନସଭାର କାର୍ଯ୍ୟକାଳ ଶେଷ ହେବାର ପ୍ରାୟ ୨ ମାସ ପୂର୍ବରୁ ନିର୍ବାଚନ ଅନୁଷ୍ଠିତ ହେବ। ଏହା ଗତ ତିନୋଟି ନିର୍ବାଚନର ଢାଞ୍ଚା ସହିତ ମେଳ ଖାଉଛି। ନିର୍ବାଚନ ଆୟୋଗଙ୍କ ସାମ୍ବିଧାନିକ ଆଦେଶ ଅନୁଯାୟୀ ବିଧାନସଭାର କାର୍ଯ୍ୟକାଳ ଶେଷ ହେବାର ୬ ମାସ ପୂର୍ବରୁ ଯେକୌଣସି ସମୟରେ କୌଣସି ରାଜ୍ୟରେ ନିର୍ବାଚନ ଆୟୋଜନ କରାଯାଇପାରିବ। ସେଥିପାଇଁ ଏକକାଳୀନ ୟୁପି, ପଞ୍ଜାବ, ମଣିପୁର, ଉତ୍ତରାଖଣ୍ଡ ଓ ଗୋଆରେ ବିଧାନସଭା ନିର୍ବାଚନ ହେବ। ଏନେଇ ପ୍ରକ୍ରିୟା ଆରମ୍ଭ ହୋଇଗଲାଣି।

୫ ରାଜ୍ୟ ବିଧାନସଭାର କାର୍ଯ୍ୟକାଳ

ମଣିପୁର ବିଧାନସଭାର କାର୍ଯ୍ୟକାଳ ମାର୍ଚ୍ଚ ୧୩, ୨୦୨୭ରେ ଶେଷ ହେଉଛି। ସେଠାରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ମାର୍ଚ୍ଚ ୧୪, ୨୦୨୭ରେ ଗୋଆ ବିଧାନସଭାର କାର୍ଯ୍ୟକାଳ, ମାର୍ଚ୍ଚ ୧୬ରେ ପଞ୍ଜାବ ବିଧାନସଭା କାର୍ଯ୍ୟକାଳ ସରିବ। ଉତ୍ତରାଖଣ୍ଡରେ ମାର୍ଚ୍ଚ ୨୮ରେ ଶେଷ ହେବ। ସେହିପରି ମେ ୨୨ରେ ଉତ୍ତରପ୍ରଦେଶ ବିଧାନସଭାର କାର୍ଯ୍ୟକାଳ ଶେଷ ହେଉଛି। ୨୦୨୨ ନିର୍ବାଚନରେ ୟୁପି, ପଞ୍ଜାବ ସମେତ ସମସ୍ତ ୫ଟି ରାଜ୍ୟରେ ଏକାସାଙ୍ଗରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଉତ୍ତରପ୍ରଦେଶ ବିଧାନସଭାର ପ୍ରଥମ ବୈଠକ ମେ ୨୨, ୨୦୨୨ରେ ଅନୁଷ୍ଠିତ ହୋଇଥିଲା।

ଉତ୍ତରପ୍ରଦେଶରେ ଆଗୁଆ ନିର୍ବାଚନ

ଉତ୍ତରପ୍ରଦେଶ ପରି ଭଳି ବଡ଼ ଜନସଂଖ୍ୟା ବିଶିଷ୍ଟ ରାଜ୍ୟରେ ଅନେକ ପର୍ଯ୍ୟାୟରେ ମତଦାନ ହେବା ପ୍ରାୟ ନିଶ୍ଚିତ। ତେବେ ବିହାର ଓ ପଶ୍ଚିମବଙ୍ଗରେ ନିର୍ବାଚନ କମିଶନଙ୍କ ଉଦାହରଣକୁ ଦେଖିଲେ ମତଦାନ ସଂଖ୍ୟା ହ୍ରାସ ପାଇପାରେ। ଯଦି ନିର୍ବାଚନ ଆୟୋଗ ବିହାର ଭଳି ନିର୍ବାଚନକୁ ଦୁଇଟି ପର୍ଯ୍ୟାୟରେ ସୀମିତ ରଖିବାକୁ ନିଷ୍ପତ୍ତି ନିଅନ୍ତି, ତେବେ ଫେବୃଆରୀ କିମ୍ବା ମାର୍ଚ୍ଚ ଆରମ୍ଭରେ ମଧ୍ୟ ମତଦାନ ଆରମ୍ଭ ହୋଇପାରେ। ଜାନୁଆରୀ ୨୦୨୬ ରେ ନିର୍ବାଚନ ଘୋଷଣା କରାଯିବାର ସମ୍ଭାବନା ରହିଛି। ଏହି ରାଜ୍ୟଗୁଡ଼ିକର ବିଧାନସଭା ନିର୍ବାଚନକୁ ଅବାଧ ଓ ନିରପେକ୍ଷ ଭାବେ କରିବା ଲାଗି ନିର୍ବାଚନ କମିଶନଙ୍କ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି।

୩ ରାଜ୍ୟରେ ଏସ୍‌ଆଇଆର୍ ସରିଲାଣି

ନିର୍ବାଚନ ହେବାକୁ ଥିବା ୩ଟି ରାଜ୍ୟରେ ଏସ୍‌ଆଇଆର୍ ସମାପ୍ତ ହୋଇସାରିଛି। ଅବଶିଷ୍ଟ ଦୁଇଟି ରାଜ୍ୟରେ ଚାଲିଛି। ତେଣୁ ବିଧାନସଭା ନିର୍ବାଚନ ତାରିଖ ଘୋଷଣା ପୂର୍ବରୁ ନିର୍ବାଚନ ଆୟୋଗ ସେଠାରେ ଏସ୍‌ଆଇଆର୍ ସାରିବା ସମ୍ଭାବନା ନାହିଁ। ଏସ୍‌ଆଇଆର୍ ଶେଷରେ, ୟୁପିରେ ଭୋଟରଙ୍କ ସଂଖ୍ୟା ୧୩.୪ କୋଟି (୧୩.୨% ହ୍ରାସ), ଗୋଆରେ ୧୦.୬ ଲକ୍ଷ (୧୦.୨% କମ୍) ଏବଂ ମଣିପୁରରେ ୧୯.୩ ଲକ୍ଷ (୭.୬% ହ୍ରାସ) ଥିଲା। ଆସନ୍ତା କିଛି ମାସ ମଧ୍ୟରେ ପଞ୍ଜାବ ଏବଂ ଉତ୍ତରାଖଣ୍ଡ ପାଇଁ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ।

ୟୁପିରେ ବିଜେପିକୁ ଶକ୍ତି ଧକା

ଉତ୍ତର ପ୍ରଦେଶ ବିଜେପିର ବରିଷ୍ଠ ନେତା ଏବଂ ପୂର୍ବତନ ବିଧାନସଭା ପରିଷଦ ସଦସ୍ୟ ହୀରା ଠାକୁର ସୋମବାର)କଂଗ୍ରେସରେ ସାମିଲ ହୋଇଛନ୍ତି। ଜାତି ଜନଗଣନା ପ୍ରସଙ୍ଗରେ ପଛୁଆ ବର୍ଗଙ୍କ ସହ ପ୍ରତାରଣା ହୋଇଥିବା ଅଭିଯୋଗ ଆଣି ସେ ବିଜେପି ଛାଡିଥିବା କହିଛନ୍ତି। କଂଗ୍ରେସ ଉତ୍ତର ପ୍ରଦେଶ ପ୍ରଭାରୀ ରାଜେନ୍ଦ୍ର ପାଲ ଗୌତମ, ଦଳର ଓବିସି ବିଭାଗ ସଭାପତି ଅନିଲ ଜୟହିନ୍ଦ ଏବଂ ସାଂସଦ ରାକେଶ ରାଠୋରଙ୍କ ଉପସ୍ଥିତିରେ ସେ ଦଳରେ ଯୋଗ ଦେଇଛନ୍ତି। ଠାକୁରଙ୍କୁ ଦଳରେ ସ୍ୱାଗତ କରି କଂଗ୍ରେସ ଓବିସି ବିଭାଗ ଅଧ୍ୟକ୍ଷ ଅନିଲ ଜୟହିନ୍ଦ କହିଛନ୍ତି ଯେ, ଜାତି ଜନଗଣନା ସମୟରେ 'ବିଭ୍ରାନ୍ତି' ଦ୍ୱାରା ଓବିସି ସମ୍ପ୍ରଦାୟ ଆଘାତ ପାଇଥିଲା ଏବଂ ଏହା 'ମାନବତାବାଦୀ ମାନସିକତା' ଥିଲା। ରାହୁଲ ଗାନ୍ଧୀ ଜାତିଗତ ଜନଗଣନା ପାଇଁ ଏକ ମହାନ ଲଢ଼େଇ ଲଢ଼ିଥିଲେ, କିନ୍ତୁ ଯେତେବେଳେ ଜନଗଣନା ଏଜେଣ୍ଡା ଆସିଥିଲା, ପଛୁଆ ଜାତିମାନଙ୍କ ସହିତ ବିଶ୍ୱାସଘାତକତା କରାଯାଇଥିଲା। ପ୍ରାୟ ୧୨ ବର୍ଷ ଧରି ବିଧାନସଭା ପରିଷଦର ସଦସ୍ୟ ଥିଲେ ହୀରା ଠାକୁର। ସେ ଉତ୍ତର ପ୍ରଦେଶ ରାଜ୍ୟ ପଛୁଆ ବର୍ଗ କମିଶନର ଉପାଧ୍ୟକ୍ଷ ମଧ୍ୟ ଥିଲେ ଏବଂ ରାଜ୍ୟ ମନ୍ତ୍ରୀ ପଦବୀରେ ମଧ୍ୟ ରହିଥିଲେ। ସେ ସବୁଠାରୁ ପଛୁଆ ବର୍ଗଙ୍କ ଅଧିକାର ପାଇଁ ଓକିଲାତି କରନ୍ତି।

୪ ରାଜ୍ୟର ୬ ଆସନରେ ଉପନିର୍ବାଚନ

ନିର୍ବାଚନ କମିଶନ ଚାରୋଟି ରାଜ୍ୟର ପାଞ୍ଚଟି ବିଧାନସଭା ଏବଂ ଗୋଟିଏ ଲୋକସଭା ଆସନ ପାଇଁ ଉପନିର୍ବାଚନ ଘୋଷଣା କରିଛନ୍ତି। ଅକ୍ଟୋବର ୬ ତାରିଖରେ ଆସାମର ନାଗାଓଁ ଲୋକସଭା ଆସନ ସହିତ ପଶ୍ଚିମବଙ୍ଗର ରେଜିନଗର-ନନ୍ଦିଗ୍ରାମ ନିର୍ବାଚନମଣ୍ଡଳୀ, ତାମିଲନାଡୁର ମଦୁରନ୍ତକମ୍-ଧାରପୁରମ ନିର୍ବାଚନମଣ୍ଡଳୀ ଏବଂ ପୁଡୁଚେରୀର ଥଟ୍ଟାଞ୍ଚାଭାଡି ନିର୍ବାଚନମଣ୍ଡଳୀରେ ଭୋଟ୍ ଗ୍ରହଣ କରାଯିବ। ଫଳାଫଳ ୯ ତାରିଖରେ ଘୋଷଣା କରାଯିବ। ନନ୍ଦିଗ୍ରାମ ନିର୍ବାଚନମଣ୍ଡଳୀ

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ଗଡ଼ ହୋଇଆସିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ୨୦୨୧ ବିଧାନସଭା ନିର୍ବାଚନରେ ଅଧିକାରୀଙ୍କ ଠାରୁ ପରାସ୍ତ ହୋଇଥିଲେ। ଏହି ବିଧାନସଭା ନିର୍ବାଚନରେ ଶୁଭେନ୍ଦୁ ଦୁଇଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ, ଭବାନୀପୁର ଏବଂ ନନ୍ଦୀଗ୍ରାମ। ସେ ଭବାନୀପୁରରେ ମମତା ବାନାର୍ଜୀଙ୍କୁ ପରାସ୍ତ କରି ଉଭୟ ଆସନରେ ବିଜୟୀ ହୋଇଥିଲେ। ମମତାଙ୍କ ଦଳ, ଟିଏମସି ମଧ୍ୟ ଏହି ନିର୍ବାଚନରେ ଏକ ବଡ଼ ପରାଜୟ ବରଣ କରିଛି। ଏକ ବଡ଼ ବିଜୟ ପରେ ଶୁଭେନ୍ଦୁ ତାଙ୍କର ପାରମ୍ପରିକ ନନ୍ଦିଗ୍ରାମ ଆସନ ଛାଡିଛନ୍ତି। ଏବେ କୁହାଯାଉଛି ଯେ, ମମତା ବାନାର୍ଜୀ ପୁଣି ନିର୍ବାଚନ ମଇଦାନକୁ ଫେରି ଦଳୀୟ କର୍ମୀଙ୍କୁ ପୁନର୍ଜୀବିତ କରିବେ।

ସକ୍ରିୟ ହେଲେଣି ଡିଜିଟାଲ ଗ୍ରୁପ

ଏହି ନିର୍ବାଚନକୁ ଦୃଷ୍ଟିରେ ରଖି ରାଜନୈତିକ ଦଳଗୁଡ଼ିକ ଏବେଠାରୁ ପ୍ରଚାର ପାଇଁ ନୂଆ ରଣନୀତି ବନାଇବାରେ ଲାଗିପଡ଼ିଲେଣି। ସୋସିଆଲ ମିଡିଆ ଯୁଗର ଫାଇଦା ନେବାକୁ ଯାଇ ଦଳଗୁଡ଼ିକ ଇନ୍‌ଫ୍ଲୁଏନ୍ସରଙ୍କୁ ନେଇ ନେଟୱର୍କ ପ୍ରସ୍ତୁତ କରୁଥିବା ଜଣାପଡ଼ିଛି । ବିଭିନ୍ନ ଦଳ କଣ୍ଟେଣ୍ଟ କ୍ରିଏଟର, ମାଇକ୍ରୋ ଇନ୍‌ଫ୍ଲୁଏନ୍ସରଙ୍କୁ ନେଇ 'ଡିଜିଟାଲ ସେନା' ଛିଡ଼ା କରାଉଛନ୍ତି। ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସରଙ୍କ ପାଖରେ ନା ଦଳୀୟ ପଦବୀ ଅଛି ନା ପଡାକା। ତଥାପି ସେମାନେ ଲକ୍ଷ ଲକ୍ଷ ଲୋକଙ୍କ ସ୍କ୍ରିନ୍‌ରେ ପହଞ୍ଚି ପାରୁଛନ୍ତି। ତେଣୁ ସେମାନଙ୍କୁ ନେଇ ନିର୍ବାଚନ ପ୍ରଚାର ରଣନୀତି ବନାଉଛନ୍ତି ଦଳ। ଯୁବା ଆନ୍ଦୋଳନ ଏହାର ଶକ୍ତି ଦେଖାଇ ସାରିଛି। ତେବେ ଆନ୍ଦୋଳନର ସୂଚନା, ସରକାରଙ୍କୁ ପ୍ରଶ୍ନ ଏବେ କେବଳ ସଭା ସମିତି, ପୋଷ୍ଟର କିମ୍ବା ସାମ୍ବାଦିକ ସମ୍ମିଳନୀରେ ସୀମିତ ରହିନାହିଁ। କେବଳ ଗୋଟିଏ ରିଲ୍, ମିମ୍ ଅଥବା ସର୍ଟ ଭିଡିଓ ହିଁ କିଛି ଘଣ୍ଟା ମଧ୍ୟରେ ଲକ୍ଷ ଲକ୍ଷ ଲୋକଙ୍କ ପର୍ଯ୍ୟନ୍ତ ପହଞ୍ଚି ପାରୁଛି। ଉତ୍ତରପ୍ରଦେଶ, ପଞ୍ଜାବ ଏବଂ ଉତ୍ତରାଖଣ୍ଡ ବିଧାନସଭା ନିର୍ବାଚନ ପୂର୍ବରୁ ଦଳଗୁଡ଼ିକ ୧୦ରୁ ୫୦ ହଜାର ଫଲୋଅର୍ ଥିବା ସ୍ଥାନୀୟ ଇନ୍‌ଫ୍ଲୁଏନ୍ସରଙ୍କ ନେଟ୍‌ୱର୍କ ଗଢ଼ିବାରେ ଲାଗିପଡ଼ିଛନ୍ତି।

ଦଳଗୁଡ଼ିକ ଇନ୍‌ଫ୍ଲୁଏନ୍ସରଙ୍କ ସାମାଜିକ ପହଞ୍ଚ, ବିଚାରଧାରା ଏବଂ କହିବାର ଠାଣି ଆଦି ପରଖୁଛନ୍ତି। ୧୫ ହଜାର ଫଲୋଅର୍ ଥିବା ଶିକ୍ଷକ, ଚାଷୀ, ହାସ୍ୟ ଅଭିନେତା ବେଳେବେଳେ ଜାତୀୟ ସ୍ତରର ସେଲିବ୍ରିଟିଙ୍କଠାରୁ ଅଧିକ ପ୍ରଭାବୀ ହୋଇପାରନ୍ତି। ଡ୍ରାଇଡ ନ୍ୟାରେଟିଭ୍ ନିମନ୍ତେ ଜନଷ୍ଟାଗ୍ରାମ ଇନ୍‌ଫ୍ଲୁଏନ୍ସର ଏବଂ ନେତାଙ୍କ ଛବି ଗଢ଼ିବା ଲାଗି ପଡ଼କାଷ୍ଟର ବ୍ୟବହାର କରାଯାଉଛି। ରାଜନୈତିକ ଦେଶନେଶ ନଗଦରେ ହେଉଛି। ନିର୍ବାଚନ କମିଶନ ସୋସିଆଲ ମିଡିଆ ରାଜନୈତିକ ବିଜ୍ଞାପନ ଏବଂ ନିର୍ବାଚନୀ ଖର୍ଚ୍ଚକୁ ନିୟମ ପରିସରରେ ରଖିଛନ୍ତି। ରିଲ୍ସ ଦ୍ୱାରା କାର୍ଯ୍ୟକର୍ତ୍ତାଙ୍କଠାରୁ ଅଧିକ ପ୍ରସିଦ୍ଧି ମିଳିଥାଏ। କିନ୍ତୁ ଭୋଟରଙ୍କୁ ବୁଥ୍ ପର୍ଯ୍ୟନ୍ତ ପହଞ୍ଚାଇବା କାମ କାର୍ଯ୍ୟକର୍ତ୍ତା ହିଁ କରିପାରିବେ। ତେଣୁ ସେମାନଙ୍କର ବେଶ୍ ଗୁରୁତ୍ୱ ରହିବ।

ପଶ୍ଚିମ ଓଡ଼ିଶା

ପୃଷ୍ଠା ୩

ବେଆଇନ ମଦ କାରବାର ବିରୋଧରେ ଗର୍ଜିଲେ ନାରୀଶକ୍ତି

ଥାନାର ଦ୍ୱାରସ୍ଥ ହେଲେ ଗୁଲୁଣ୍ଡାର ଶତାଧିକ ମହିଳା

ସୁବର୍ଣ୍ଣପୁର(ଅମୃତ ମିଡିଆ): ସୁବର୍ଣ୍ଣପୁର ଜିଲ୍ଲା ବିନିକା ଥାନା ଅନ୍ତର୍ଗତ ଭଣ୍ଡାର ପଞ୍ଚାୟତର ଗୁଲୁଣ୍ଡା ଗାଁରେ ଏବେ ବେଆଇନ ନିଶା କାରବାର ଚରମ ସୀମାରେ ପହଞ୍ଚିଛି । ଗୁଲୁଣ୍ଡା ଛକଠାରୁ ଆରମ୍ଭ କରି ଗାଁର ଗଳିକନ୍ଦିରେ ଦେଶୀ ରନ୍ଧା ମଦ, ବିଦେଶୀ ମଦ ସହ କଫ ସିରପ ଓ ନିଶା ବଟିକା ବିକ୍ରି ହେଉଥିବା ଅଭିଯୋଗ ହୋଇଛି ।

ନିଶା କାରଣରୁ ଅନେକ ପରିବାର ଉଜୁଡ଼ି ଯିବା ସହ କେତେକ ଲୋକଙ୍କ ଅକାଳରେ ଜୀବନ ମଧ୍ୟ ଯାଇଛି । ଛୋଟ ପିଲାମାନେ ମାଦକ ଦ୍ରବ୍ୟ ଆଡ଼କୁ ଟାଣି ହେଉଥିବା ବେଳେ ଗାଁର ଝିଅ-ବୋହୂମାନେ ନିର୍ଭୟରେ ଚଳପ୍ରଚଳ କରିପାରୁ ନାହାନ୍ତି ।

ଏହି ସମସ୍ୟାର ସମାଧାନ ପାଇଁ ଗାଁର ଶତାଧିକ ମହିଳା ଏକାଠି ହୋଇ ବିନିକା ଥାନାରେ ପହଞ୍ଚି ଏସଆଇ ପ୍ରଭାତୀ ଦାସଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି । ଯଦି ପ୍ରଶାସନ ତୁରନ୍ତ ଏହି ବେଆଇନ କାରବାର ବନ୍ଦ ନ କରେ, ତେବେ ଆଗାମୀ ଦିନରେ ରାଜରାସ୍ତା ଅବରୋଧ ସହ ସରକାରୀ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି

ମହିଳାମାନେ ସ୍ପଷ୍ଟ ଚେତାବନୀ ଦେଇଛନ୍ତି ।

ଏହି ପ୍ରତିବାଦରେ କଲ୍ୟାଣୀ ଦାଶ, ରଶ୍ମିତା ମେହେର, ବାସନ୍ତୀ ମେହେର, ଦ୍ରୌପଦୀ ହୋତା, ପିଙ୍କି ରଣା, ମୌସୁମୀ ମେହେର, ସୌଦାମିନୀ ମେହେର, ପ୍ରମୋଦିନୀ ଦାଶଙ୍କ ସମେତ ଗ୍ରାମର ଶତାଧିକ ମହିଳା ଉପସ୍ଥିତ ଥିଲେ।

ଜିଲ୍ଲା ସିନିୟର ନକ୍ ଆଉଟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ
ସେମିଫାଇନାଲରେ ନକ୍‌ଟାସର

ବଲାଙ୍ଗୀର(ଅମୃତ ମିଡିଆ): ଜିଲ୍ଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଗାନ୍ଧୀ ଷ୍ଟାଡିୟମ ଠାରେ ପ୍ରଥମ କ୍ୱାଟର ଫାଇନାଲ ଖେଳ ହୋଇଯାଇଛି । ଜିଖ୍ୱାଇଡିସି ନକଟାସର ୫-୧ ଗୋଲରେ ରାଇଜିଂ ଷ୍ଟାର ଟିଟିଲାଗଡକୁ ହରାଇ ପ୍ରଥମ ଦଳ ଭାବେ ସେମିଫାଇନାଲକୁ ପ୍ରବେଶ କରିଛି । ନକଟାସର ତରଫରୁ ଶଙ୍କର ଭୁଏ ୩ଟି ଓ ବିକାଶ ଧରୁଆ ୨ଟି ଗୋଲ ଦେଇଥିବା ବେଳେ ଟିଟିଲାଗଡ ତରଫରୁ ଅଜୟ ସରାଫ ଗୋଟିଏ ଗୋଲ ସ୍କୋର କରିଥିଲେ। ଓଡିଶା ଫୁଟବଲ ଏସୋସିଏସନ ତଥା ଜିଲ୍ଲା କ୍ରୀଡା ସଂସଦ କାର୍ଯ୍ୟକାରୀ ସଭାପତି ଡ.

ଶ୍ରୀକର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ସମ୍ମାନିତ ଅତିଥି ଭାବେ କ୍ରୀଡା ସଂସଦ ର ଉପ-ସଭାପତି କୃଷ୍ଣ ଚନ୍ଦ୍ର ମିଶ୍ର, ଯୁଗ୍ମ ସଂପାଦକ ଶତ୍ରୁଘ୍ନ ସିଂ, କ୍ରୀଡା ସଂପାଦକ ବିଭୁତି ଭୂଷଣ ପଣ୍ଡା, ବରିଷ୍ଠ ସଦସ୍ୟ ଜୟରାମ ମିଶ୍ର, ଶିଶିର କୁମାର ବହିଦାର ଓ ଡା. ସିଦ୍ଧେଶ୍ୱର ମିଶ୍ର ଯୋଗ ଦେଇଥିଲେ । ଜିଲ୍ଲା କ୍ରୀଡାଧିକାରୀ ପରାଶର ବାଗ ଓ ଶ୍ରୀକାନ୍ତ ରାଉତ ମଂଚାସିନ ଥିଲେ । କ୍ରୀଡା ସଂସଦର ସାଧାରଣ ସଂପାଦକ ହରିନାରାୟଣ ପୁଜାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଖେଳରେ କୋଷାଧ୍ୟକ୍ଷ ତଥା ଟୁର୍ଣ୍ଣାମେଣ୍ଟ କମିଟି ଅଧ୍ୟକ୍ଷ ହେମନ୍ତ କୁମାର ବେହେରା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଫୁଟବଲ ସଂପାଦକ ଶରତ କୁମାର ନନ୍ଦ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇ ଥିଲେ । ଖେଳକୁ ସଂଜିବ ମହାରଣା, ଉମେଶ ଭୋଇ, ସୁଶାନ୍ତ ନାଗ, ଜ୍ୟୋତି ରଂଜନ ମହାନନ୍ଦ ଓ ଜିତୁ ଦଲାଇ ପରିଚାଳନା କରିଥିଲେ । ବୁଧବାର ଆର.ଏନ୍.ସିଂଦେଓ ସ୍କୋର୍ଟ କମ୍ପ୍ଲେସ ଠାରେ ସ୍କୋର୍ଟ ହଷ୍ଟେଲ ବନାମ ରିଜର୍ଭ ପୋଲିସ ଏବଂ ଗାନ୍ଧୀ ଷ୍ଟାଡିୟମ ଠାରେ ବିକେସି ୟୁନାଇଟେଡ୍ ବନାମ ଜରାସିଂହା ମଧ୍ୟରେ ଖେଳ ହେବ ବୋଲି ସଂସଦ ପକ୍ଷରୁ ସୂଚନା ଦିଆଯାଇଛି ।

ଧାରୋଲରେ ଗୋଟାରୀ ମାର୍କେଟ୍‌ର ଶୁଭାରମ୍ଭ

ବରଗଡ(ଅମୃତ ମିଡିଆ): ବରଗଡ଼ ଜିଲ୍ଲା ପଦ୍ମପୁର ଅଞ୍ଚଳର ଧାରୋଲ ଗ୍ରାମସ୍ଥିତ ଆରଏମସି ମଣ୍ଡି ପରିସରରେ ଆଜି ନୂତନ ଗୋଟାରୀ ମାର୍କେଟ୍‌ର ଶୁଭାରମ୍ଭ ହୋଇଛି । ଏହି ମାର୍କେଟ୍‌ରେ ଛେଳି , ମେଣ୍ଢା, ବତକ ଓ କୁକୁଡ଼ା ଆଦି ପଶୁପକ୍ଷୀଙ୍କର କ୍ରୟବିକ୍ରୟ ନିର୍ଦ୍ଧାରିତ ଭାଉ ମୁତାବକ କରଯାଇଛି । ଏହି ଅବସରରେ ବରଗଡ଼ ଲୋକସଭା ସାଂସଦ ଶ୍ରୀ ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୋଟାରୀ ମାର୍କେଟ୍‌ର ଶୁଭ ଉଦ୍‌ଘାଟନ କରିଥିଲେ। ମାଣ୍ଡୋସିଲ ସରପଞ୍ଚ ଶ୍ରୀ ଓମପ୍ରକାଶ ନାୟକ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିବାବେଳେ, ପଦ୍ମପୁର ଆରଏମସିର ସଚିବ ଶ୍ରୀ ରବିନାରାୟଣ ପଣ୍ଡା ମଧ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଗ୍ରାମ୍ୟ କମିଟିର ସଦସ୍ୟମାନେ ମଧ୍ୟ ଯୋଗଦେଇଥିଲେ। ଧାରୋଲ ଅଞ୍ଚଳରେ ଏଭଳି ଏକ ସୁବ୍ୟବସ୍ଥିତ ଗୋଟାରୀ ମାର୍କେଟ୍‌ର ଶୁଭାରମ୍ଭ ହେବା ଦ୍ୱାରା ସ୍ଥାନୀୟ ବ୍ୟବସାୟୀ, ଚାଷୀ ଓ ପଶୁପକ୍ଷୀ ପାଳନକାରୀମାନେ ଉପକୃତ ହେବେ ବୋଲି ଆଶା ପ୍ରକାଶ ପାଇଛି।

ମହିଳାଙ୍କ ଅକାଳମୃତ୍ୟୁ, ଆତ୍ମହତ୍ୟା ସନ୍ଦେହ

କାରଣ ଅସ୍ପଷ୍ଟ; ପୋଲିସର ତଦନ୍ତ ଜାରି

ଖପ୍ରାଖୋଲ(ଅମୃତ ମିଡିଆ)
ଅଶୋକ କୁମାର ବାଗ : ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ଅଞ୍ଚଳରେ ଜଣେ ମହିଳାଙ୍କ ଅକାଳ ମୃତ୍ୟୁ ଘଟଣା ଅଞ୍ଚଳବାସୀଙ୍କୁ ମର୍ମାହତ କରିଛି। ମୃତା ମହିଳା ହେଲେ ଖପ୍ରାଖୋଲ ନିବାସୀ କଷ୍ଣେଶ୍ୱର ବଗର୍ତ୍ତୀଙ୍କ ପତ୍ନୀ କାମିନୀ ବଗର୍ତ୍ତୀ (୪୦)। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, କାମିନୀ ଘରେ ଥିବା ସମୟରେ ଏକ କୋଠରୀରେ ନିଜକୁ ଅଲଗା କରି ରହିଥିଲେ। ପରେ ତାଙ୍କୁ ଅଚେତନ ଅବସ୍ଥାରେ ଉଦ୍ଧାର କରାଯାଇ ଡାକ୍ତରଖାନା ନିଆଯାଇଥିବା ବେଳେ ତାଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ପ୍ରାଥମିକ ଭାବେ ଏହା



ଆତ୍ମହତ୍ୟା ଘଟଣା ବୋଲି ସନ୍ଦେହ କରାଯାଉଥିଲେ ମଧ୍ୟ ଏହାର ପ୍ରକୃତ କାରଣ ଏଯାବତ୍ ସ୍ପଷ୍ଟ ହୋଇନାହିଁ। କାମିନୀଙ୍କ ପରିବାରରେ ସ୍ୱାମୀ, ଜଣେ ଝିଅ ଓ ଜଣେ ପୁଅ ଅଛନ୍ତି। ଘଟଣା ସମୟରେ ପରିବାରର ଅନ୍ୟ ସଦସ୍ୟମାନେ ଘରେ ଉପସ୍ଥିତ ଥିବା ଜଣାପଡ଼ିଛି। ହଠାତ୍ ଘଟିଥିବା ଏହି ଘଟଣାରେ ପରିବାର ଲୋକେ ଗଭୀର ଭାବେ ଭାଙ୍ଗିପଡ଼ିଛନ୍ତି। ପଡ଼ୋଶୀମାନଙ୍କ କହିବା ଅନୁଯାୟୀ, କାମିନୀ ଜଣେ ମିଶୁକ ଓ ଭଲ ସ୍ୱଭାବର ମହିଳା ଥିଲେ। ତେଣୁ ଏଭଳି ଏକ ଅପ୍ରତ୍ୟାଶିତ ଘଟଣା କାହିଁକି ଘଟିଲା, ତାହାକୁ ନେଇ ଅଞ୍ଚଳରେ ମଧ୍ୟ ଚର୍ଚ୍ଚା ଜୋର ଧରିଛି। ଘଟଣା ସମ୍ପର୍କରେ ଖବର ପାଇ ଖପ୍ରାଖୋଲ ପୋଲିସ ଡାକ୍ତରଖାନାରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଏନେଇ ଖପ୍ରାଖୋଲ ଥାନାରେ ୟୁଡି କେସ୍ ନଂ-୧୦/୨୦୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ଖପ୍ରାଖୋଲ ପୋଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି।

ଉଷୁରେ ପଦକ ବିଜେତାଙ୍କୁ ମହିଳା କଲେଜ ତରଫରୁ ସମ୍ବର୍ଦ୍ଧନା

ବଲାଙ୍ଗୀର(ଅମୃତ ମିଡିଆ): ୩୨ତମ ଓଡିଶା ରାଜ୍ୟ ଉଷୁ ପ୍ରତିଯୋଗିତା ୨୧ ରୁ ୨୩ ପର୍ଯ୍ୟନ୍ତ ଝାରସୁଗୁଡା ଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବଲାଙ୍ଗିରର ମହିଳା

କଲେଜ ର ଦୁଇ ଛାତ୍ରୀ ସନ୍ଧ୍ୟା ନାଗ ସ୍ୱର୍ଣ୍ଣ ପଦକ ଓ ଦିୟା ସାଗର ସ୍ୱର୍ଣ୍ଣ ପଦକ ସହିତ ପ୍ରତିଯୋଗିତା ର ଶ୍ରେଷ୍ଠ ଖେଳାଳି ପୁରସ୍କାର ମନୋନିତ ହୋଇଥିଲେ । ଆଜି ମହିଳା କଲେଜର ଅଧ୍ୟକ୍ଷ ଡ. ଅରବିନ୍ଦ କୁମାର ଓଝା, କଲେଜ ପିଇଟି ଉପେନ୍ଦ୍ର ସାହୁ ଉଷୁ ପଦକ ବିଜେତାଙ୍କୁ ସମ୍ବର୍ଦ୍ଧନା କରିଥିଲେ । ଉଷୁ କୋଚ ଯୁଧିଷ୍ଠିର ଗୁରାଣ୍ଡା ମଧ୍ୟ ଉପସ୍ଥିତ ଥିଲେ ।

ବନ୍ଦୋବସ୍ତ ବିଭାଗର ଶିରୋସ୍ତାଦାର ମୁରଲୀଧର ଶତପଥୀଙ୍କ ପରଲୋକ

ସୋନପୁର(ଅମୃତ ମିଡିଆ): ସୋନପୁର ବ୍ଲକ ବିଶିମୁଣ୍ଡା ଗାଁ ର ଅବସର ପ୍ରାପ୍ତ ବନ୍ଦୋବସ୍ତ କର୍ମଚାରୀ ମୁରଲୀ ଧର ଶତପଥୀ ଙ୍କ ଦେହାନ୍ତ ଘଟିଛି । ଏ ଖବର ରେ ବିଶିମୁଣ୍ଡା ପଞ୍ଚାୟତ ତଥା ସମଗ୍ର ଅଞ୍ଚଳରେ ଶୋକ ର ଛାୟା ଖେଳିଯାଇଛି। ଶ୍ରୀ ଶତପଥୀ ଜଣେ ଖୁବ୍ ଶାନ୍ତ ସରଳ ନିଷ୍ପଟ ଓ ଅମାୟିକ ବ୍ୟକ୍ତିତ୍ୱ ଥିବା ବେଳେ ସେ ବନ୍ଦୋବସ୍ତ କର୍ମଚାରୀ ଭାବେ ବଲାଙ୍ଗୀର ଜିଲ୍ଲା ରେ ଚାକିରୀରେ ଯୋଗ ଦାନ କରି ପରେ ସମ୍ବଲପୁର , କଳାହାଣ୍ଡି ଓ ସୁବର୍ଣ୍ଣପୁର ଜିଲ୍ଲା ଖାରୀ କାର୍ଯ୍ୟାଳୟରେ ସଚ୍ଚୋଟ ଓ ଶୃଂଖଳା ନିଷ୍ଠାପର ଭାବେ କାର୍ଯ୍ୟ ତୁଲାଇ ସଧାରଣ ଲୋକଙ୍କ ପ୍ରିୟ ଭାଜନ ହୋଇ ପାରିଥିଲେ। ଗାଁ ଶ୍ମଶାନ ଘାଟରେ ଆଜି ସକାଳେ ଶ୍ରୀ ଶତପଥୀଙ୍କ ମର ଶରୀର ର ଅନ୍ତିମ ସଂସ୍କାର କରାଯାଇଥିଲା । ଶ୍ରୀ ଶତପଥୀଙ୍କ ବଡ ପୁଅ ତଥା ବଲାଙ୍ଗିର ଜିଲ୍ଲାର ବିଭିନ୍ନ ମହା ବିଦ୍ୟାଳୟ ରେ କାର୍ଯ୍ୟ କରିଥିବା ଇଂରାଜୀ ବିଭାଗ ପ୍ରାଧାପକ କୃଷ୍ଣ ଚନ୍ଦ୍ର ଶତପଥୀ ପିତାଙ୍କୁ ମୁଖାଗ୍ନି ଦେଇଥିଲେ । ବଡ଼ ଭଉଣୀ ବିଶାଖା ତ୍ରିପାଠୀ, ଭାଇ ହରିହର ଶତପଥୀ, ମଝିଆ ପୁଅ ରାମ ଚନ୍ଦ୍ର, ସାନ ପୁଅ ଶ୍ୟାମ ସୁନ୍ଦର, ଝିଅ ସନ୍ତୋସିନି, ଜ୍ୱାଇଁ , ଭଣଜା ନିରଞ୍ଜନ ତ୍ରିପାଠୀ, ମନୋରଞ୍ଜନ ତ୍ରିପାଠୀ, ଦେବ ରଞ୍ଜନ ତ୍ରିପାଠୀଙ୍କ ସମେତ ସମସ୍ତ ପୁତ୍ର ବଧୂ, ନାତି ନାତୁଣୀ ଆତ୍ମୀୟ ସ୍ୱଜନ ଅନ୍ତିମ ବିଦାୟ ବେଳେ ଉପସ୍ଥିତ ଥିଲେ । ଜ୍ୱାଇଁ ପଦ୍ମ ନେତ୍ର ଗୁରୁ, ଆଡଭୋକେଟ୍ ରାଜ କିଶୋର ମିଶ୍ର, ଘଡ଼ି ଗୋପାଳ ମିଶ୍ର, ଛନ୍ଦା ଚରଣ ମିଶ୍ର, ଅଧ୍ୟାପକ ସୀତାରାମ ଶତପଥୀ, ଅମ୍ଲୁଜ ବିହାରୀ ଶତପଥୀ, ପ୍ରଭାତ ଶତପଥୀ, ଗୋପୀ ନାଥ ମିଶ୍ର, ମନରଞ୍ଜନ ମିଶ୍ର , ବିଦ୍ୟାଧର ମିଶ୍ର, ସଞ୍ଜୀବ ମିଶ୍ର, ଜିଲ୍ଲା ବିଜେପି ଯୁବ ମୋର୍ଚ୍ଚା ସଭାପତି ସନ୍ତୋଷ ପଧାନ ପ୍ରମୁଖ ସୋନପୁର ବଲାଂଗୀର ଅଞ୍ଚଳ ର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇ ସ୍ୱର୍ଗୀୟ ଶତପଥୀଙ୍କ ଅନ୍ତିମ ଦର୍ଶନ ସହ ଅନ୍ତିମ ସଂସ୍କାର ରେ ଯୋଗ ଦେଇଥିଲେ ।

ନୂଆଁଖାଇ ପାଇଁ ୩ ଦିନ ଛୁଟି

କେନ୍ଦ୍ରୀୟ ବିଦ୍ୟାଳୟ ଚୟନ ପରୀକ୍ଷା ତାରିଖ ଘୁଞ୍ଚାଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ବଲାଙ୍ଗୀର(ଅମୃତ ମିଡିଆ): ନୂଆଁଖାଇ ପାଇଁ ପଶ୍ଚିମ ଓଡିଶା ସାରା ଚଳଚଞ୍ଚଳ ହେଉଥିବା ବେଳେ, ଆଉ କିଛି ଦିନ ପରେ ନୂଆଁଖାଇ ପାଳିତ ହେ । ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳ ଙ୍କ ଜରିଆରେ ଦେବାଳୟ ଓ ଐତିହ୍ୟ ସୁରକ୍ଷା କମିଟି ନିମ୍ନ ରେ ଦାବି ଉପସ୍ଥାପନ କରିଛନ୍ତି। ପାଟଣା ରାଜ୍ୟର ଇଷ୍ଟଦେବୀ ମାଁ ପାଟଣେଶ୍ୱରୀ, ମାଁ ସମଲେଶ୍ୱରୀ ନୂଆଁଖାଇ ଉପଲକ୍ଷେ ଆଲୋକ ସଜ୍ଜା, ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିବା, ଆଗାମୀ ସେପ୍ଟେମ୍ବର ୧୫ ନୂଆଁଖାଇ ପର୍ବ ଅନୁଷ୍ଠିତ ହେବାକୁ ଯାଉଛି । କେବଳ ବଲାଙ୍ଗିର ନୁହେଁ ବିଭିନ୍ନ ମନ୍ଦିର ମାନଙ୍କୁ ଆଲୋକସଜ୍ଜା କରିବା ପାଇଁ ଦେବାଳୟ ସୁରକ୍ଷା କମିଟି ଦାବି କରୁଛି । ରାଜ୍ୟ ବାହାରୁ

ବେସରକାରୀ କର୍ମଚାରୀ କାର୍ଯ୍ୟରେ ରହୁଥିବା ବେଳେ ଏ ମାନଙ୍କ ସୁବିଧା ପାଇଁ ତିନି ଦିନ ଛୁଟି ଘୋଷଣା କରିବା ପାଇଁ ଦାବି । ଆଗାମୀ ୧୫ ତାରିଖ ଦିନ ଗଣପର୍ବ ନୂଆଁଖାଇ ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ଏ ଦିନ ବିଭିନ୍ନ କାର୍ଯ୍ୟକର୍ମରେ ସରକାରୀ ବା କେନ୍ଦ୍ରୀୟ ବିଦ୍ୟାଳୟ ଓ ନବୋଦୟ ରେ ଚୟନ ପ୍ରକ୍ରିୟା ରଖାଯାଇଛି । ଏ ବାବଦକୁ ରାଜ୍ୟ ସରକାର ଗମ୍ଭିର ସହ ବିଚାର କରି ତାରିଖ ଘୁଂଚାଇବା ପାଇଁ ଦାବି। ଯେଭଳି ପଶ୍ଚିମ ଓଡିଶାର ଶିତଳ ଷଷ୍ଠୀ ପାଇଁ ପ୍ୟାକେଜ ଘୋଷଣା କରାଯାଉଛି ସେଭଳି ନୂଆଁଖାଇ ପାଇଁ ବିଭିନ୍ନ ଦେବାଦେବୀ ମନ୍ଦିରକୁ ସ୍ୱତନ୍ତ୍ର ପ୍ୟାକେଜ ଅନୁଦାନ ଦେବା ପାଇଁ ଦାବି। ଏ ବିଷୟରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଦାବି କରିଛନ୍ତି । ଆଜିର ଏହି ଦାବିପତ୍ର ସଭାପତି ଜୟକୃଷ୍ଣ ମିଶ୍ରଙ୍କ ନେତୃତ୍ୱରେ ସଂପାଦକ ପ୍ରଶାନ୍ତ ମହାକୁର, କୋଷାଧ୍ୟକ୍ଷ ଭବାନୀ ଶଙ୍କର ଭୋଇ, ବିଭୁ କଲ୍ୟାଣ ଗଡତ୍ୟା, ଶୁଶାନ୍ତ କୁମାର ପ୍ରଧାନ, ଅଶୋକ ମେହେର ପ୍ରମୁଖ ସାମିଲ ଥିଲେ ।

ବିଶ୍ୱ ଫିଜିଓଥେରାପି ଦିବସ ପାଳିତ

ସୁବର୍ଣ୍ଣପୁର(ଅମୃତ ମିଡିଆ): ସହରର ଲେପ୍ରା ସୋସାଇଟି ଫିଜିଓଥେରାପି କେନ୍ଦ୍ର ଆନୁକୂଲ୍ୟରେ ଆଜି ବିଶ୍ୱ ଫିଜିଓଥେରାପି ଦିବସ ପାଳିତ ହୋଇଯାଇଛି । ଚଳିତ ବର୍ଷର ଥିମ୍ ଥିଲା "The role of physiotherapy and physical activity in the prevention, management and rehabilitation of cardiovascular disease and stroke". ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ଲେପ୍ରା ସୋସାଇଟିର ଓଡ଼ିଶା ରାଜ୍ୟ ପାଇଁ ନିଯୁକ୍ତ ଆମ୍ବାସାଡର ବରିଷ୍ଠ ସାମ୍ବାଦିକ ଗୋରେଖନାଥ ସାହୁ ଅଧ୍ୟକ୍ଷତା କରି ଉପସ୍ଥିତ ଜନତାଙ୍କୁ ସ୍ୱାଗତ ସମ୍ଭାଷଣ ଜଣାଇଥିଲେ। ଲେପ୍ରା ସୋସାଇଟି ସୁପରଭାଇଜର ନୃସିଂହ ଚରଣ ମିଶ୍ର ଲେପ୍ରା ସୋସାଇଟି ସମ୍ପର୍କରେ ଏକ ସଂକ୍ଷିପ୍ତ ବିବରଣୀ ଉପସ୍ଥାପିତ କରିଥିଲେ। ଫିଜିଓଥେରାପିଷ୍ଟ ବାଲ ଗୋପାଳ ନାଗ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ କହିବା ସହ କେତେକ ରୋଗୀ ଓ ରୋଗମୁକ୍ତ ରୋଗୀଙ୍କୁ ନେଇ ସଫଳ ଭୌତିକ ଚିକିତ୍ସାର ପ୍ରଦର୍ଶନ କରିଥିଲେ।

ମଞ୍ଚାସୀନ ସମ୍ମାନିତ ଅତିଥି ଡ. ସନ୍ତୋଷ କୁମାର ପାଢ଼ୀ ଓ ମୃତ୍ୟୁଞ୍ଜୟ ଦାଶଙ୍କ ବକ୍ତବ୍ୟ ପରେ ସମ୍ମାନିତ ବକ୍ତାଭାବେ ପ୍ରଦୀପ କୁମାର ପୁରୋହିତ, ଜ୍ୟୋତିରଞ୍ଜନ ପଟ୍ଟନାୟକ, ସତ୍ୟନାରାୟଣ ବଣ୍ଡିଆ ପ୍ରମୁଖ ନିଜସ୍ୱ ବକ୍ତବ୍ୟ ରଖିଥିଲେ। ବିଘ୍ନରାଜ ପାଣ୍ଡିଆ, ଦିଲ୍ଲୀପ କୁମାର ପାତ୍ର, ପ୍ରମୋଦ କୁମାର ଚାନ୍ଦ, ଅର୍ଜୁନ ଲୁଗୁନ, ଗୁରୁଦେବ ସୁନା ପ୍ରମୁଖ ସେମାନଙ୍କ ବ୍ୟକ୍ତିଗତ ଅଭିଜ୍ଞତା ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ବର୍ଷାରାଣୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

୨୧୦ କୋଟିର ଟେଣ୍ଡରକୁ ନେଇ ବଢୁଛି ପ୍ରଶ୍ନ

ବାରମ୍ବାର ସଂଶୋଧନ, ବୈଧତା ଅବଧି, 'ଲଟେରୀ' ଚୟନ ଓ ଠିକାଦାରଙ୍କୁ ସୁବିଧା

ହାଇକୋର୍ଟରେ ଦୁଇ ରିଟ୍ ଫାଇଲିଂ ପରେ ତଦନ୍ତ ଦାବି ଜୋରଦାର

କଳାହାଣ୍ଡି(ଅମୃତ ମିଡିଆ): ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ପ୍ରାୟ ୨୧୦ କୋଟି ଟଙ୍କା ମୂଲ୍ୟର ଟେଣ୍ଡର ପ୍ରକ୍ରିୟାକୁ ନେଇ କଳାହାଣ୍ଡିରେ ଏବେ ଗୁରୁତର ପ୍ରଶ୍ନ ଉଠିଛି। ଟେଣ୍ଡର ପ୍ରକ୍ରିୟାରେ ବାରମ୍ବାର ସଂଶୋଧନ ବା କରିଜେଣ୍ଡମ୍ ଜାରି, ଟେଣ୍ଡରର ବୈଧତା ଅବଧି ଶେଷ ହେବା ପରେ ପ୍ରକ୍ରିୟା ଆଗକୁ ବଢ଼ିଥିବା ଅଭିଯୋଗ, ଚୟନ ପ୍ରକ୍ରିୟାରେ 'ଲଟେରି' ବ୍ୟବସ୍ଥାର ବ୍ୟବହାର ଏବଂ ମାତ୍ର ୩–୪ ଜଣ ନିର୍ଦ୍ଦିଷ୍ଟ ଠିକାଦାରଙ୍କୁ ବାରମ୍ବାର ସୁଯୋଗ ମିଳୁଥିବା ଅଭିଯୋଗ ଏବେ ଚର୍ଚ୍ଚାର କେନ୍ଦ୍ରରେ। ଅଭିଯୋଗକାରୀଙ୍କ ପକ୍ଷରୁ ଟେଣ୍ଡର ପ୍ରକ୍ରିୟାର ସ୍ୱଚ୍ଛତା, ସମାନ ପ୍ରତିସ୍ପର୍ଦ୍ଧା ଓ ନିୟମାନୁସାରେ ଚୟନ ହୋଇଛି କି ନାହିଁ, ସେନେଇ ସରକାରୀ ଦଲିଲ ଆଧାରରେ ଯାଞ୍ଚ ଦାବି କରାଯାଇଛି। ବିଶେଷକରି ପ୍ରତ୍ୟେକ କରିଜେଣ୍ଡମ୍ କେଉଁ ତାରିଖରେ ଜାରି ହୋଇଥିଲା, କାହିଁକି ଜାରି ହୋଇଥିଲା, ତାହାର ପ୍ରଭାବରେ ଟେଣ୍ଡରର ଶେଷ ତାରିଖ ବା ବିଡ୍ ସର୍ତ୍ତ ବଦଳିଥିଲା କି ନାହିଁ, ବିଡ୍ ବୈଧତା କେତେ ଦିନ ଥିଲା ଏବଂ ସେହି ଅବଧି ଶେଷ ହୋଇଥିଲେ ତାହା ବୃଦ୍ଧି ପାଇଁ କେଉଁ ଅଧିକାରୀଙ୍କ ଅନୁମୋଦନ ନିଆଯାଇଥିଲା—ଏସବୁ ଦଲିଲ ସାର୍ବଜନୀନ ହେଲେ ହିଁ ପ୍ରକ୍ରିୟାର ପ୍ରକୃତ ଚିତ୍ର ସ୍ପଷ୍ଟ ହେବ ବୋଲି ମତ ପ୍ରକାଶ ପାଇଛି।

'ଲଟେରି' ଚୟନକୁ ନେଇ ମଧ୍ୟ ପ୍ରଶ୍ନ

ଯେଉଁ ଟେଣ୍ଡରରେ ଏକାଧିକ ଠିକାଦାର ସମାନ କିମ୍ବା ସମାନ ସ୍ଥିତିରେ ରହିଥାନ୍ତି, ସେଠାରେ ଲଟେରି ବା ଡ୍ର' ମାଧ୍ୟମରେ ଚୟନ ହୋଇଥିଲେ ତାହାର ନିୟମ, ଅନୁମୋଦନ, ଉପସ୍ଥିତ ଅଧିକାରୀ, ଭିଡିଓ/ରେକର୍ଡ, ଡ୍ର'ର ତାରିଖ ଓ ଫଳାଫଳ ସମ୍ପର୍କିତ ଦଲିଲ ଯାଞ୍ଚ କରାଯିବା ଆବଶ୍ୟକ। କାହାରି ପ୍ରତି ବିଶେଷ ସୁବିଧା ଦିଆଯାଇଛି କି, ସମସ୍ତ ଯୋଗ୍ୟ ବିଡରଙ୍କୁ ସମାନ ସୁଯୋଗ ମିଳିଛି କି ଏବଂ ଚୟନ ପ୍ରକ୍ରିୟା ପୂର୍ବନିର୍ଦ୍ଧାରିତ ନିୟମ ଅନୁସାରେ ହୋଇଛି କି—ଏହାର ଉତ୍ତର ଦଲିଲରୁ ମିଳିପାରିବ। ୩–୪ ଜଣ ଠିକାଦାରଙ୍କୁ ନେଇ ବାରମ୍ବାର ଟେଣ୍ଡର ସୁଯୋଗ କିମ୍ବା କାର୍ଯ୍ୟାଦେ

ସମ୍ପାଦକୀୟ...

ବର୍ତ୍ତମାନରୁ ହଟିବ ପୁରାତନ

ଗତ ରବିବାର ଦକ୍ଷିଣ ଦିଲ୍ଲୀରେ ଅଚାନକ ଗୋଟାଏ ପାଞ୍ଚ ମହଲା ବିଶିଷ୍ଟ ପିଜି ହଷ୍ଟେଲ କୋଠା ଭୁଶୁଡ଼ିବା ଘଟଣାରେ ବ୍ୟଥିତ ସାରା ଭାରତ କାରଣ ସେହି କୋଠା ଭୁଶୁଡ଼ିବା ଫଳରେ ଅତି କମ୍‌ରେ ଏଯାବତ୍ ସାତଜଣଙ୍କ ପ୍ରାଣହାନି ଘଟିସାରିଲାଣି ଯେଉଁଥିରେ ସେତେବେଳେ ସେହି କୋଠାରେ କାର୍ଯ୍ୟରତ କିଛି ଶ୍ରମିକଙ୍କ ସମେତ ଅନ୍ୟ ତେତେକ ହଷ୍ଟେଲ୍ ଅନ୍ତେବାସୀ ଛାତ୍ର ମଧ୍ୟ ସାମିଲ୍ ଯେଉଁମାନଙ୍କର ସେହି ଦୁର୍ଘଟଣାରେ ଲିଭିଯାଇଛି ଜୀବନଦୀପ। ଯେଉଁଥିରେ ବିଲ୍ଲିଙ୍ଗ୍ ଓନର୍ ହରିରାମ୍ ଗୁପ୍ତାଙ୍କ୍ ସମେତ ତାଙ୍କ ପୂରା ପରିବାରକୁ ବାନ୍ଧିଛି ଦିଲ୍ଲୀ ପୋଲିସ୍। ଅବଶ୍ୟ ଏଇଟା ଗୋଟାଏ କଡ଼ା ଆକ୍‌ସନ୍ । ହେଲେ ସେହି ମୃତ ବ୍ୟକ୍ତିଙ୍କ ଜୀବନକୁ କେହି ଫେରାଇପାରିବେ କି ? ଆଜିର ସମୟର ଏହା ସବୁଠାରୁ ବଡ଼ ପ୍ରଶ୍ନ। ଏଭଳି ପ୍ରଶ୍ନ କେବଳ ଆଜିର ନୁହେଁ, ବହୁ ପୂର୍ବର .ଏଭଳି ପ୍ରଶ୍ନ କେବଳ ବର୍ତ୍ତମାନର ନୁହେଁ.. ଅତୀତର ମଧ୍ୟ । ଏଣୁ ଅତୀତରୁ ବର୍ତ୍ତମାନ ପର୍ଯ୍ୟନ୍ତ ସବୁ ସମୟରେ . କୌଣସି ବି ସ୍ଥାନରେ ଯେତେବେଳେ କୌଣସି କାରଣରୁ କିଛି ନା କିଛି ଦୁର୍ଘଟଣା ଘଟିଯାଇଛି ଏବଂ ସେହି ଦୁର୍ଘଟଣାର ଦୁଷ୍ପରିଣାମ ସ୍ୱରୂପ କିଛି ଲୋକଙ୍କ ଜୀବନ ବି ଯାଇଛି, ସେବେ ତାହା ହିଁ ସବୁଠାରୁ ହୋଇଛି ଚର୍ଚ୍ଚିତ ବିଷୟ। ସେବେ ସେହି ମୃତ୍ୟୁ ଘଟଣା ହିଁ ନେଇଛି ବହୁତ ବଡ଼ ଦୁର୍ଘଟଣାର ରୂପ ଯାହାକୁ କୌଣସି ଭିନ୍ନ ରୂପ ଦେବା ପାଇଁ ନା ସରକାରଙ୍କ ପାଖରେ କିଛି ରଙ୍ଗ ଥାଏ ନା ଥାଏ ତୂଳୀ । ଦୁର୍ଘଟଣା ପରର ଜୀବନ ବେଳେବେଳ ହୋଇଯାଏ ଅତି ବିପର୍ଯ୍ୟସ୍ତ ଆଉ ବିପଜ୍ଜନକ। ଅତି ମର୍ମନ୍ତୁଦ ଏବଂ ମରଣାନ୍ତକ ପରିସ୍ଥିତିରୁ ଅନେକ ସମୟରେ ଦୁର୍ଘଟଣା ପରର ଜୀବନ ବର୍ତ୍ତିଯାଏ ଅବା ସେହି ଦୁର୍ଘଟଣା ଭିତରେ ଫସିଯାଏ ଜୀବନ...ଚାଲିଯାଏ ଜୀବନ ଯାହାପରେ ସରକାରଙ୍କ୍ ଚେତାପଶେ ଏବଂ ସରକାର ନାନାଦି ଘୋଷଣା କରନ୍ତି ଏଇ ଯେମିତି ଆହତଙ୍କ ପାଇଁ ଚିକିତ୍ସା ସହାୟତା ରାଶି ଘୋଷଣା ଏବଂ ମୃତକଙ୍କ ପାଇଁ ମଧ୍ୟ ସହାୟତା ରାଶି ଘୋଷଣା କରନ୍ତି ଏବଂ ପରେ ପରେ ତୁରନ୍ତ କିଛି ଆଖିଦୃଶିଆ ପଦକ୍ଷେପ ମଧ୍ୟ ନେଇଯାଆନ୍ତି। ହୁଏତ ଅଭିଯୁକ୍ତଙ୍କ ବିରୋଧରେ। ହେଲେ ଜୀବନ କି ଫେରିବ। ଦୁର୍ଘଟଣାରେ ଆହତମାନଙ୍କୁ ସରକାରଙ୍କ ସହାୟତା ରାଶି ହୁଏତ ସେମାନଙ୍କୁ ସୁସ୍ଥ କରିପାରେ ଅଥବା ନୂଆ ଜୀବନ ଦେଇପାରେ ହେଲେ କୌଣସି ବି ପରିସ୍ଥିତିରେ ମୃତକମାନଙ୍କୁ କେହି ବି ପୁନର୍ଜନ୍ମ ଦେଇନପାରେ। ଏଣୁ ସରକାର ହଜାରେ ଟିଲେଇଲେ କି ଲାଭ ? ସରକାରଙ୍କ ହଜାରେ ଘୋଷଣାରେ କି ଲାଭ ? ସବୁ କିଛି ବେକାର ! ଏଇ ହେଉଛି ଆମର ସରକାରୀ ବ୍ୟବସ୍ଥା ଯାହାକି ସମାଜ ପାଇଁ, ଦେଶ ପାଇଁ ଅତି ଘାତକ । ତେବେ ଏଇ ନିକଟରେ ଦକ୍ଷିଣ ଦିଲ୍ଲୀରେ ବହୁ ପୁରୁଣା ଏକ ପାଞ୍ଚ ମହଲା କୋଠା ଭୁଶୁଡ଼ି ସେଥିରେ ସାତଜଣଙ୍କ୍ ଜୀବନହାନି ପରେ ଚେତା ପଶିଛି ଉଭୟ କେନ୍ଦ୍ର ଏବଂ ଦିଲ୍ଲୀ ସରକାରଙ୍କର। ଯାହାପରେ ପୂରା ଆକୁନ ମୁଡ୍‌ରେ ଉଭୟ ସରକାର। ତୁରନ୍ତ ଦେଶର ସମସ୍ତ ସରକାରୀ ହେଉ ଅବା ବେସରକାରୀ ଅତି ପୁରୁଣା କୋଠାକୁ ଭାଙ୍ଗିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି ହୋଇଛି ନିର୍ଦ୍ଦେଶନାମା। ସବୁ ପୁରୁଣା କୋଠା ଏବେ ମିଶିଯିବ ମାଟିରେ । ତେବେ ତାହା ପୂର୍ବରୁ ସଂପୃକ୍ତ କୋଠାର ମାନ ଯାଞ୍ଚ ଅବଶ୍ୟ ଜରୁରୀ। ସରକାରଙ୍କ ଏଭଳି ପଦକ୍ଷେପ ଅତି ସୁନ୍ଦର ଏବଂ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏବେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶରେ ସାରା ଭାରତରେ ପୁରୁଣାରୁ ଅତି ପୁରୁଣା କୋଠାକୁ ଚିହ୍ନଟ କରାଯାଇ ସେସବୁକୁ ତୁରନ୍ତ ଭାଙ୍ଗିବା ପାଇଁ ନିର୍ଦ୍ଦେଶ ଜାରି ହେଲାପରେ ଏବେ ଦେଶର ବିଭିନ୍ନ ପ୍ରାନ୍ତରୁ ଦାୟିତ୍ୱସମ୍ପନ୍ନ ଅଧିକାରୀମାନେ ଆରମ୍ଭ କରିଦେଇଛନ୍ତି ଜୋରସୋର ସର୍ଭେ କାର୍ଯ୍ୟ। ଯେଉଁଥିରେ ଓଡ଼ିଶା ବି ସାମିଲ୍। ତେବେ ସରକାରଙ୍କୁ ଏଭଳି ପଦକ୍ଷେପ ବହୁ ପୂର୍ବରୁ ନେବାର ଥିଲା । ଯାହାଦ୍ୱାରା ହୁଏତ ଆଉ ଘଟିନଥାନ୍ତା ଦିଲ୍ଲୀ ଭଳି ଟ୍ରାଜେଡ଼ି; ସେଭଳି ଟ୍ରାଜେଡ଼ି ପୂର୍ବରୁ ବି ଘଟିସାରିଛି ଦେଶରେ ଅନେକ ଥର। ତେବେ ବିଳମ୍ବରେ ହେଲେ ବି ଚେତା ପଶିଛି ସରକାରଙ୍କର । ଏ ଦିଗରେ କିନ୍ତୁ କିଛି ସଠିକ୍ ଏବଂ ସଶକ୍ତ ପଦକ୍ଷେପ ନିଅନ୍ତୁ ରାଜ୍ୟ ସରକାର। ରାଜ୍ୟର ବଡ଼ ବଡ଼ ସହରମାନଙ୍କରେ ଥିବା ଅତି ପୁରାତନ ଏବଂ ସମ୍ବେଦନଶୀଳ କୋଠାକୁ ତୁରନ୍ତ ଭାଙ୍ଗି ମାଟିରେ ମିଶାଇ ଦିଅନ୍ତୁ ସରକାର। ନଚେତ ଦିଲ୍ଲୀ ଭଳି ଘଟଣାର ପୁନରାବୃତ୍ତି ଫଳରେ ଅକାଳରେ ଝଡ଼ିପଡ଼ିବ ଅନେକ ଜୀବନ.. ମାଟିରେ ମିଶିଯିବ ଅନେକ ଜୀବନ ।

ନ୍ୟାୟର ଦ୍ୱାର ନାରୀ ପାଇଁ ଖୋଲା

ନିବେଦିତା ପ୍ରିୟଦର୍ଶିନୀ ଶୁକ୍ଲା

ନାରୀ ହେଉଛି ସମାଜର ଅର୍ଦ୍ଧାଙ୍ଗିନୀ। ସେ ମା', ଝିଅ, ଭଉଣୀ, ସ୍ତ୍ରୀ ଓ ଜଣେ ସ୍ୱତନ୍ତ୍ର ମଣିଷ ଭାବରେ ସମାଜରେ ନିଜର ଅସ୍ତିତ୍ୱ ରଖିଛି। ଆଜି ନାରୀ ଘରର ଚାରିକାନ୍ଥ ଭିତରେ ସୀମିତ ନୁହେଁ। ଶିକ୍ଷା, ଚାକିରି, ବ୍ୟବସାୟ, ଆଇନ, ପ୍ରଶାସନ, ରାଜନୀତି ଓ ବିଜ୍ଞାନ—ସବୁ କ୍ଷେତ୍ରରେ ସେ ନିଜ ପ୍ରତିଭାର ପରିଚୟ ଦେଉଛି। କିନ୍ତୁ ଏହି ପ୍ରଗତି ସତ୍ତ୍ୱେ ଅନେକ ନାରୀ ଆଜି ମଧ୍ୟ ହିଂସା, ନିର୍ଯାତନା, ଦାହେଜ, ଯୌନ ଉତ୍ପୀଡ଼ନ ଓ ଆର୍ଥିକ ଅସୁରକ୍ଷାର ଶିକାର ହେଉଛନ୍ତି। ଏପରି ସମୟରେ ତାଙ୍କ ପାଇଁ ସବୁଠାରୁ ବଡ଼ ଆଶ୍ୱାସନ—ନ୍ୟାୟର ଦ୍ୱାର ଖୋଲା ଅଛି।

ଭାରତୀୟ ସମ୍ବିଧାନ ନାରୀଙ୍କୁ ସମାନତା ଓ ସମ୍ମାନର ଅଧିକାର ଦେଇଛି। ଆଇନ ଆଗରେ ନାରୀ ଓ ପୁରୁଷ ସମାନ। ତାଙ୍କ ଜୀବନ, ସ୍ୱାଧୀନତା ଓ ମର୍ଯ୍ୟାଦାର ସୁରକ୍ଷା କରିବା ରାଜ୍ୟର ମୌଳିକ ଦାୟିତ୍ୱ। ତେଣୁ ଅନ୍ୟାୟ ସହି ଚୁପ୍ ରହିବା ନୁହେଁ, ଆବଶ୍ୟକ ସମୟରେ ଆଇନର ଆଶ୍ରୟ ନେବା ହେଉଛି ନାରୀଙ୍କ ଅଧିକାର।

୧ ଜୁଲାଇ ୨୦୨୪ରୁ ଭାରତରେ ନୂଆ ଅପରାଧିକ ଆଇନ ଭାରତୀୟ ନ୍ୟାୟ ସଂହିତା, ୨୦୨୩ (BNS) କାର୍ଯ୍ୟକାରୀ ହୋଇଛି। ଏଥିରେ ନାରୀ ଓ ଶିଶୁଙ୍କ ବିରୋଧରେ ହେଉଥିବା ବିଭିନ୍ନ ଅପରାଧ ପାଇଁ ବ୍ୟବସ୍ଥା ରହିଛି। BNSର ଧାରା ୬୩ରେ ବଳାତ୍କାର ସମ୍ପର୍କିତ ଅପରାଧର ପରିଭାଷା ଓ ଧାରା ୬୪ରେ ଏହାର ଦଣ୍ଡ ସମ୍ପର୍କିତ ବ୍ୟବସ୍ଥା ରହିଛି। ନାରୀଙ୍କ ଇଚ୍ଛା ଓ ସମ୍ମତିକୁ ଆଇନଗତ ଭାବରେ ଗୁରୁତ୍ୱ ଦିଆଯାଇଛି।ବିବାହିତ ନାରୀଙ୍କ ଉପରେ ନିର୍ଯାତନା ମଧ୍ୟ ଆଇନର ଦୃଷ୍ଟିରୁ ଗୁରୁତର ବିଷୟ। BNS ଧାରା ୮୫ ଓ ୮୬ରେ ସ୍ୱାମୀ କିମ୍ବା ତାଙ୍କ ସମ୍ପର୍କୀୟଙ୍କ ଦ୍ୱାରା ନାରୀଙ୍କୁ ନିର୍ଯାତନା ସମ୍ପର୍କିତ ବ୍ୟବସ୍ଥା ରହିଛି। ସେହିପରି ଧାରା ୮୦ରେ ଦାହେଜ ମୃତ୍ୟୁ ସମ୍ପର୍କିତ ଦଣ୍ଡନୀୟ ବ୍ୟବସ୍ଥା ରହିଛି।

ନାରୀଙ୍କ ଆର୍ଥିକ ସୁରକ୍ଷା ପାଇଁ ମଧ୍ୟ ଆଇନ ତାଙ୍କ ସହିତ ରହିଛି। BNSS ଧାରା ୧୪୪ ଅନୁଯାୟୀ, ନିର୍ଦ୍ଦିଷ୍ଟ ଆଇନଗତ ସର୍ତ୍ତ ପୂରଣ ହେଲେ ସ୍ୱାମୀଙ୍କ ଠାରୁ ସ୍ତ୍ରୀ ଭରଣପୋଷଣ ଦାବି କରିପାରନ୍ତି। ଏହା ନାରୀଙ୍କ ଆର୍ଥିକ ଅସୁରକ୍ଷା କମାଇବାରେ ଏକ ଗୁରୁତ୍ୱପୂର୍ଣ୍ଣ ଆଇନଗତ ସୁରକ୍ଷା।

ଘରୋଇ ହିଂସାର ଶିକାର ନାରୀଙ୍କ ପାଇଁ Protection of Women from Domestic Violence Act, ୨୦୦୫ ଏକ ଗୁରୁତ୍ୱପୂର୍ଣ୍ଣ ଆଇନ। ଶାରୀରିକ ହିଂସା ସହିତ ମାନସିକ, ଯୌନ ଓ ଆର୍ଥିକ ନିର୍ଯାତନା ମଧ୍ୟ ଏହି ଆଇନର ପରିସରରେ ଆସିପାରେ। ଯୋଗ୍ୟ ମାମଲାରେ ନାରୀ ସୁରକ୍ଷା ଆଦେଶ, ବାସସ୍ଥାନ ସୁରକ୍ଷା, ଆର୍ଥିକ ପ୍ରତିକାର ଓ ଅନ୍ୟାନ୍ୟ ରିଲିଫ୍ ଚାହିଁପାରନ୍ତି।

କାର୍ଯ୍ୟସ୍ଥଳରେ ନାରୀଙ୍କ ସମ୍ମାନ ରକ୍ଷା ପାଇଁ Sexual Harassment of Women at Workplace Act, 2013 (POSH Act) ରହିଛି। କାର୍ଯ୍ୟସ୍ଥଳରେ ଯୌନ ଉତ୍ପୀଡ଼ନ ହେଲେ ନାରୀ ଆଇନ ଅନୁଯାୟୀ ଅଭିଯୋଗ କରିପାରନ୍ତି। ଅନୁଷ୍ଠାନରେ ଥିବା ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଏପରି ଅଭିଯୋଗର ତଦନ୍ତ କରିଥାଏ।

ଆଜି ସାଇବର ଜଗତ ମଧ୍ୟ ନାରୀଙ୍କ ଜୀବନର ଏକ ବଡ଼ ଅଂଶ। ନକଲି ପ୍ରୋଫାଇଲ୍, ଅଶ୍ଳୀଳ ଫଟୋ ପ୍ରସାରଣ, ଅନଲାଇନ୍ ଧମକ, ବ୍ଲାକମେଲ୍ ଓ ଅପମାନଜନକ ସନ୍ଦେଶ ଭଳି ଘଟଣାରେ ନାରୀ ପୋଲିସ କିମ୍ବା ସାଇବର କ୍ରାଇମ୍ ବ୍ୟବସ୍ଥାର ଆଶ୍ରୟ ନେଇପାରନ୍ତି। ଡିଜିଟାଲ୍ ପ୍ରମାଣକୁ ସୁରକ୍ଷିତ ରଖି ଶୀଘ୍ର ଅଭିଯୋଗ କରିବା ଏଠାରେ ଗୁରୁତ୍ୱପୂର୍ଣ୍ଣ।ଅନେକ ନାରୀ ଆର୍ଥିକ ସମସ୍ୟା କିମ୍ବା ଆଇନର ଭୟରେ ନ୍ୟାୟାଳୟକୁ ଯିବାକୁ ଭୟ କରନ୍ତି। କିନ୍ତୁ ଯୋଗ୍ୟ ବ୍ୟକ୍ତିମାନେ ଜିଲ୍ଲା ଆଇନ ସେବା ପ୍ରାଧିକରଣ (DLSA) ମାଧ୍ୟମରେ ମାଗଣା ଆଇନଗତ ସହାୟତା ପାଇପାରନ୍ତି। ତେଣୁ ଟଙ୍କା ନଥିବା କାରଣରୁ ନ୍ୟାୟର ଦ୍ୱାର ବନ୍ଦ ହୋଇଯାଏ ନାହିଁ।

ନାରୀ ସୁରକ୍ଷାର ପ୍ରକୃତ ଶକ୍ତି କେବଳ ଆଇନରେ ନୁହେଁ, ଆଇନ ବିଷୟରେ ନାରୀଙ୍କ ସଚେତନତାରେ ରହିଛି। ଅନ୍ୟାୟକୁ ଭାଗ୍ୟ ବୋଲି ମାନିନେବା ନୁହେଁ; ନିଜ ଅଧିକାର ଜାଣି ନ୍ୟାୟ ଦାବି କରିବା ଦରକାର। ଶେଷରେ ଏତିକି କୁହାଯାଇପାରେ—ନାରୀର ନୀରବତା ଅନ୍ୟାୟକୁ ଶକ୍ତି ଦିଏ, କିନ୍ତୁ ଆଇନର ଜ୍ଞାନ ତାଙ୍କ ସ୍ୱରକୁ ଶକ୍ତି ଦିଏ। ଯେଉଁ ଦିନ ପ୍ରତ୍ୟେକ ନାରୀ ନିଜ ଅଧିକାର ବିଷୟରେ ସଚେତନ ହେବେ, ସେହି ଦିନ ନାରୀ ସୁରକ୍ଷା କେବଳ ଆଇନର କଥା ନୁହେଁ, ସମାଜର ବାସ୍ତବତା ହେବ।

କଟକ, ଓଡ଼ିଶା
୭୩୨୭୮୨୦୯୪୯

ତାଳଗଛ ଓ ବାଇଚଢ଼େଇ ହଜିଯାଉଥିବା ପ୍ରକୃତିର ଏକ ଚିତ୍ର

ସୁବ୍ରତ କୁମାର ଦାସ

ଗ୍ରାମୀଣ ଜୀବନରେ ଚିରପରିଚିତ ଦୃଶ୍ୟ ଥିଲା ତାଳଗଛ। ଗାଁ ଦାଣ୍ଡ ଠାରୁ ନଦୀ ପଠା, ବିଲ ହୁଡ଼ା ଠାରୁ ବାଡ଼ି ବଗିଚା, ଯେଉଁଆଡ଼େ ଦେଖିଲେ ଆକାଶକୁ ମୁହଁ କରି ଠିଆ ହୋଇଥିବା ତାଳଗଛ ଦେଖାଯାଉଥିଲା। ଆଉ ସେହି ତାଳଗଛର ଅଗ୍ରରେ ଝୁଲୁଥିବା ବାଇଚଢ଼େଇର ବସା ଥିଲା ଗାଁର ସୌନ୍ଦର୍ଯ୍ୟର ଏକ ନିଆରା ଚିତ୍ର।

ପ୍ରକୃତି ତା'ର ଅପୂର୍ବ ସୃଜନଶୀଳତାର ପରିଚୟ ଦେଇଥାଏ। ସେହି ଆଶ୍ଚର୍ଯ୍ୟଜନକ ସୃଷ୍ଟି ମଧ୍ୟରେ ବାଇଚଢ଼େଇର ବସା ଏକ ଅନନ୍ୟ ଶିଳ୍ପକଳା। ପ୍ରକୃତିର କୋଳରେ ଅସଂଖ୍ୟ ଆଶ୍ଚର୍ଯ୍ୟ ଲୁଚି ରହିଛି। କେଉଁଠି ଫୁଲର ରଙ୍ଗରେ, କେଉଁଠି ପ୍ରଜାପତିର ଡେଣାରେ, ଆଉ କେଉଁଠି ପକ୍ଷୀର ବସାରେ । କୌଣସି ଯନ୍ତ୍ର ନାହିଁ, କୌଣସି ନକ୍ସା ନାହିଁ, କୌଣସି ମାପକାଠି ବି ନାହିଁ , ତଥାପି ନିଜ ଥଣ୍ଟରେ ଘାସ, କୁଟା ,କାଠି ଓ ପତ୍ରର ସୂକ୍ଷ୍ମ ଅଂଶକୁ ବୁଣି ଏହି ଛୋଟ ପକ୍ଷୀଟି ତିଆରି କରେ ଏକ ଅଦ୍ଭୁତ ନୀଡ଼।

ବାଇଚଢ଼େଇର ବସାକୁ ଦେଖିଲେ ପ୍ରଥମେ ମନରେ ଆସେ,ଏତେ ନିଖୁଣ ଭାବରେ ଏହି ଛୋଟ ପକ୍ଷୀଟି କିପରି ତା'ର ଘର ତିଆରି କରେ ? ଗୋଟିଏ ଗୋଟିଏ କୁଟା , କାଠି, ଥଣ୍ଟରେ ଧରି, ଯତ୍ନରେ ଗୁନ୍ଥି ଗୁନ୍ଥି ସେ ତାର ବସା ଟିକୁ ଆକାର ଦିଏ। କେତେବେଳେ ତା'ର ନିର୍ମାଣ କାମ ସରିବ, କେତେ ଲମ୍ବା ହେବ, କେଉଁଠି ପ୍ରବେଶଦ୍ୱାର ରହିବ—ଏସବୁର କୌଣସି ଲିଖିତ ଯୋଜନା ନଥାଏ। ପ୍ରକୃତି ତା'କୁ ଯେପରି ଜନ୍ମରୁ ଏହି ଅଦୃଶ୍ୟ ଶିକ୍ଷା ଦେଇଛି ।ତାଳଗଛର ଉଚ୍ଚ ତାଳରେ ଝୁଲୁଥିବା ଏହି ନୀଡ଼ଟି ଦୂରରୁ ଦେଖିଲେ ଯେପରି ଗୋଟିଏ ଛୋଟ ଝୁଲନ୍ତା ଘର ଭଳି ଦେଖା ଯାଏ। ପବନ ବହିଲେ ଏହା ଦୋଳି ଖେଳୁ ଥାଏ। ଝଡ଼ ଆସିଲେ ତାଳପତ୍ର ଶବ୍ଦ କରେ, ଗଛର ଡାଳ ଦୋହଲିଯାଏ; କିନ୍ତୁ ନୀଡ଼ଟି ଗଛ ସହିତ ତାଳ ମିଳାଇ ଦୋଳିଦୋଳି ନିଜକୁ ସମ୍ଭାଳିନିଏ। ପ୍ରକୃତିର ନିୟମକୁ ବୁଝି ନିଜକୁ ତା ସହିତ ଖାପ ଖୁଆଇବାର ଏହି କଳା ମଣିଷ ପାଇଁ ମଧ୍ୟ ଶିକ୍ଷଣୀୟ ଅଟେ।

ବାଇଚଢ଼େଇ ର ଏହି ବସାର ଆଉ ଏକ ବିଶେଷତା ହେଉଛି ତା'ର କାରିଗରୀ। ବାହାରୁ ଦେଖିଲେ ଯେତେ ସରଳ ଲାଗେ,ତା ଭିତରେ ସେତେ ଯୋଜନାବଦ୍ଧ। ବସା ଭିତରେ ପ୍ରବେଶପଥ, ଅଣ୍ଡା ରଖିବା ସ୍ଥାନ, ଛୁଆମାନଙ୍କ ପାଇଁ ନିରାପଦ ଆଶ୍ରୟ, ସବୁକିଛି ଯେପରି ଅଦୃଶ୍ୟ ଏକ କାରିଗରୀ ର ନକ୍ସା ଅନୁସାରେ ତିଆରି ହୋଇଥାଏ। ଏହି ନୀଡ଼ ଆମକୁ ବୁଝାଇଦିଏ ଯେ, ବଡ଼ ଘର ତିଆରି କରିବା ହିଁ ସ୍ଥାପତ୍ୟର ଶ୍ରେଷ୍ଠତା ନୁହେଁ; ଅଳ୍ପ ସାଧନରେ ନିଜର ଆବଶ୍ୟକତାକୁ ପୂରଣ କରିପାରିବା ହିଁ ପ୍ରକୃତ ଦକ୍ଷତା।

ବାଇଚଢ଼େଇ ନିଜ ଘର ତିଆରି କରିବାବେଳେ ପ୍ରକୃତିକୁ ନଷ୍ଟ କରେ ନାହିଁ। ଗଛ କାଟେ ନାହିଁ, ମାଟି ଖୋଳେ ନାହିଁ, ପ୍ଲାଷ୍ଟିକ କିମ୍ବା କୃତ୍ରିମ ଉପାଦାନର ଆବଶ୍ୟକତା ପଡ଼େ ନାହିଁ। ପ୍ରକୃତିରୁ ଯାହା ପାଏ, ସେତିକି ନେଇ ନିଜର ଆବଶ୍ୟକତା ଅନୁଯାୟୀ ଘର ତିଆରି କରେ। ଆଜିର ଭୋଗବାଦୀ ଜୀବନରେ ଏହାଠାରୁ ବଡ଼ ପରିବେଶ ଶିକ୍ଷା ଆଉ କ'ଣ ହୋଇପାରେ ?। ଏହି ଛୋଟ ପକ୍ଷୀର ଧୈର୍ଯ୍ୟ ଓ ଅକ୍ଲାନ୍ତ ପରିଶ୍ରମ ଦେଖି ମଣିଷ ମଧ୍ୟ ଶିଖିପାରେ, ବଡ଼ ସଫଳତା ଗୋଟିଏ ଦିନରେ ଆସେ ନାହିଁ; ଛୋଟ ଛୋଟ ପ୍ରୟାସର ସମାହାର ରେ ହିଁ ଗଢ଼ିଉଠେ ଏକ ସୁନ୍ଦର ସୃଷ୍ଟି।

ବାଇଚଢେଇ ର ଏହି ବସା ଭିତରେ ରହିଥାଏ ମମତା। ଛୁଆମାନଙ୍କ ପାଇଁ ବାଇଚଢ଼େଇ ଏତେ ଯତ୍ନରେ ଘର ତିଆରି କରେ। ଛୋଟ ଛୁଆମାନଙ୍କ ଆଗମନକୁ ଅପେକ୍ଷା କରି ତା'ର ପ୍ରତ୍ୟେକ ତନ୍ତୁରେ ଯେପରି ମିଶିଯାଏ ମାତୃତ୍ୱର ମମତା। ସେଥିପାଇଁ ଏହି ବସା କେବଳ ଏକ ଘର ନୁହେଁ, ଏହା ଏକ ଛୋଟ ସଂସାର, ଏକ ନିରାପଦ ଆଶ୍ରୟ ଓ ଭବିଷ୍ୟତର ସ୍ୱପ୍ନ।

କିନ୍ତୁ ଆଜି ଏହି ଦୃଶ୍ୟ ଧୀରେଧୀରେ ଦୁର୍ଲଭ ହୋଇଯାଉଛି। ତାଳଗଛ କମୁଛି, ପୁରୁଣା ବଗିଚା ହଜିଯାଉଛି, ଗାଁର ପ୍ରାକୃତିକ ପରିବେଶ ବଦଳିଯାଉଛି । ଫଳରେ ବାଇଚଢ଼େଇ ପାଇଁ ନୀଡ଼ ତିଆରି କରିବାର ଉପଯୁକ୍ତ ଆଶ୍ରୟ ମଧ୍ୟ କମିଯାଉଛି। ଯେଉଁ ଗାଁରେ ଦିନେ ତାଳଗଛର ମୁଣ୍ଡରେ ଅନେକ ବସା ଝୁଲୁଥିଲା, ଆଜି ସେଠାରେ ଗୋଟିଏ ନୀଡ଼ ଦେଖିବା ମଧ୍ୟ ଅନେକ ସମୟରେ ଆଶ୍ଚର୍ଯ୍ୟର ବିଷୟ। ଏହି ବସା ହଜିଯିବା ମାନେ କେବଳ ଗୋଟିଏ ପକ୍ଷୀର ଘର ହଜିଯିବା ନୁହେଁ। ଏହା ସହିତ ହଜିଯାଏ ପ୍ରକୃତିର ଏକ ନିଖୁଣ ଶିଳ୍ପକଳା, ଆମ ଗ୍ରାମୀଣ ସ୍ମୃତିର ଏକ ଅଧ୍ୟାୟ ଏବଂ ମଣିଷ ଓ ପକ୍ଷୀର ସହାବସ୍ଥାନର ଏକ ସୁନ୍ଦର ଦୃଶ୍ୟ।

ରାଜେନ୍ଦ୍ରପୁର, ବାରିକପୁର
ବଜାର,ଭଦ୍ରକ ।
ମୋ:୯୪୩୭୭୩୧୯୦୩

ଜ୍ଞାନାମୃତ

ପରାମର୍ଶ

ଯୁବକଙ୍କ ଗୁରୁ ବହୁତ ଚିନ୍ତିତ ଥିଲେ। ଯେହେତୁ ଯୁବକ ଜଣଙ୍କ କୌଣସି ଏକ ଆଶ୍ରମରେ ରହୁଥିଲେ, ସେଣୁ ସେ ଆଶ୍ରମରୁ ବାହାରିଯିବା ପୂର୍ବରୁ ତାଙ୍କ୍ ଗୁରୁଙ୍କ୍ ପରାମର୍ଶ ନେବାକୁ ଭୁଲିନଥିଲେ। ଗୁରୁଜୀ ସେହି ଯୁବକଙ୍କୁ ତାଙ୍କ୍ ସାଙ୍ଗରେ ଆଉ ଜଣେ ସାଧାରଣ ଯୁବକଙ୍କୁ ସାଙ୍ଗରେ ନେବାକୁ ପରାମର୍ଶ ଦେଇଥିଲେ ଯାହାକୁ ସହଜରେ ଗ୍ରହଣ କରି ପାରିନଥିଲେ ଯୁବକ। ଯେହେତୁ ଯୁବକ ଜଣଙ୍କ ଥିଲେ ଅତି ଦୁର୍ବଳ ମାନେ ତାଙ୍କ୍ ଶରୀର ଥିଲା ଦୁର୍ବଳ। ସେଣୁ ସାହସୀ ଯୁବକ ଜଣଙ୍କ ତାଙ୍କୁ ନିଜ ସାଙ୍ଗରେ କିଛି ନେବାକୁ ନେଇ କିଛି କହିପାରିନଥିଲେ। ତଥାପି ଗୁରୁଙ୍କ ଆଦେଶ ଉପରେ ଯୁବକ ଜଣଙ୍କ୍ କିଛି କହିପାରିନଥିଲେ କି କିଛି ପ୍ରତିବାଦ କରି ପାରି ନଥିଲେ। ମନ କଥା ମନରେ ମାରି ଯୁବକ ଜଣଙ୍କ ଗୁରୁଙ୍କ କଥାକୁ ନୀରବରେ ମାନିନେଇଥିଲେ। ପରେ ଦୁଇ ଜଣ ମିଶି ସେହି ଯାତ୍ରାରେ ବାହାରି ଗଲେ। ତେବେ ବାଟରେ ଯାଉ ଯାଉ ସେମାନେ ଗୋଟାଲ ପାଠୁଶାଳାରେ ଅଟକିଗଲେ। ସାମୟିକ ବିଶ୍ରାମ ନେଇ ସେମାନେ ଆଗକୁ ବାହାରିଯିବାର ଥିଲା କିନ୍ତୁ ସେହି ପାଠୁଶାଳାରେ ହିଁ ଘଟିଗଲା ବହୁତ ବଡ଼ ଦୁର୍ଘଟଣା। ଅବଶ୍ୟ ଅଳ୍ପକେ ବଂଚିଯାଇଥିଲେ ସେଦିନ। ଯେହେତୁ ସେହି ଯୁବକଙ୍କ ଉପରେ ସେହି ପାଠୁଶାଳାରେ କିଛି ଆକ୍ରମଣର ଆଶଙ୍କା ରହିଥିଲା। ସେମାନେ ବାହାରିଯିବା ପୂର୍ବରୁ କେତେକ ବଦମାସ ପ୍ରକୃତିର ମଣିଷ ସେହି ଯୁବକ ଉପରେ ଆକ୍ରମଣ କରିବାର ଯୋଜନା ନେଇ ଆଗେଇ ଆସୁଥିବାର ଦେଖି ସାହସୀ ଯୁବକ କିନ୍ତୁ କିଛି ବି ଜାଣିପାରି ନଥିଲା କିନ୍ତୁ ତା' ସାଙ୍ଗରେ ଥିବା ସେହି ଦୁର୍ବଳ ଯୁବକ ଜଣଙ୍କ୍ କିନ୍ତୁ ପାଠୁଶାଳା ଆଡ଼କୁ ମାଡ଼ି ଆସୁଥିବା ଯୁବକ ମାନଙ୍କ ହାବଭାବକୁ ଅନୁଭବ କରି, ତା'ର ପୂର୍ବାନୁମାନ କରି ସେଠାରୁ ପଳାୟନ କରିବାର ସୁଯୋଗ ଉଣ୍ଡି ସେଠାରୁ ଖସିଯିବାର ବାଟ ବାହାର କଲେ ଏବଂ ସେଠାରୁ ପଳାୟନ କରିବାରେ ସଫଳ ହେଲେ। ବୀର ତଥା ସାହସୀ ଯୁବକ ଜଣଙ୍କ ତାଙ୍କ ଯାତ୍ରା ପଥରେ ଆଉ ଆଗକୁ ନ ଯାଇ ଧୀରେ ଧୀରେ ପଛକୁ ଫେରିବାରେ ଲାଗିଲେ। ପରେ ସେହି ଦୁଇଜଣ ଯାଇ ଶେଷରେ ପହଞ୍ଚିଗଲେ ସେହି ସାଧୁଙ୍କ ଆଶ୍ରମରେ ଯେଉଁ ସାଧୁଙ୍କ ଆଶ୍ରମରୁ ସେମାନେ ବାହାରିଥିଲେ, ସେହି ଆଶ୍ରମରେ ଗୁରୁଜୀ ତାଙ୍କ୍ ଯାତ୍ରା ସମ୍ବନ୍ଧରେ ପଚାରିବାରୁ ଯୁବକ ଜଣଙ୍କ ତାଙ୍କୁ ବିଫଳତାର କଥା

୪ ମାସ ହେବ ସରିଲାଣି କାର୍ଯ୍ୟ, ଚାଲୁନାହିଁ ଛାତ୍ରବାସ

ଛାତ୍ରବାସରେ ଚାଲିଛି କ୍ଲାସ

ନୀଳଗିରି (ଅମୃତ ମିଡିଆ) : ଦୁଇ ମହଲା ବିଶିଷ୍ଟ ଚକ ଚକିଆ କୋଠା ନିର୍ମାଣ କରାଯାଇଛି ସତ,ହେଲେ ଛାତ୍ରୀବାସ ପାଇଁ ନିର୍ମାଣ କରାଯାଇଥିବା ଉକ୍ତ କୋଠାରେ ରହୁନାହାନ୍ତି କୌଣସି ଛାତ୍ରୀ।ଛାତ୍ରୀନିବାସ ପାଲଟିଛି ଶ୍ରେଣୀଗୃହ,ଛାତ୍ରୀମାନେ ରହିବା ପରିବର୍ତ୍ତେ ସେଠାରେ ଚାଲିଛି କ୍ଲାସରୁମ୍ । ଏଭଳି ଏକ ଅବ୍ୟବସ୍ଥିତ ଘଟଣା ଦେଖିବାକୁ ମିଳିଛି ନୀଳଗିରି ମହାବିଦ୍ୟାଳୟରେ। ପାଖାପାଖି ତିନି ବର୍ଷ ହେବ ନିର୍ମାଣ ସରିଥିବା ଛାତ୍ରୀବାସରେ ରହୁନାହାନ୍ତି କୌଣସି ଛାତ୍ରୀ। ୟୁଜିସି ଦ୍ୱାରା ଅନୁମୋଦିତ ହୋଇଥିବା ଏହି ଛାତ୍ରୀବାସ ନିମନ୍ତେ ୪୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଉକ୍ତ ଟଙ୍କାରେ ଯେତିକି କାର୍ଯ୍ୟ ହେବ କଥା ଠିକା ସଂସ୍ଥା ସେତିକି କାର୍ଯ୍ୟ ସମ୍ପନ୍ନ କରିଥିଲା ବୋଲି କଲେଜ କତୃପକ୍ଷ କହିଛନ୍ତି। ଛାତ୍ରୀବାସ କାର୍ଯ୍ୟର ପର୍ଯ୍ୟବେକ୍ଷଣ ନିମନ୍ତେ ୟୁଜିସି ଏକ ଟିମ ଉକ୍ତ ମହାବିଦ୍ୟାଳୟକୁ ପଠାଇଥିଲା । ମାତ୍ର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନାହିଁ ବୋଲି ପର୍ଯ୍ୟବେକ୍ଷଣରେ ଆସିଥିବା ଟିମ୍ ଦର୍ଶାଇଥିଲା । ନୀଳଗିରି କଲେଜକୁ ୟୁଜିସି ତରଫରୁ ଏକ ନୋଟିସ କରାଯାଇଥିଲା ସେମାନେ ଛାତ୍ରୀବାସର ସମ୍ପର୍ଣ୍ଣ କାର୍ଯ୍ୟ କରି ରିପୋର୍ଟ ଦିଅନ୍ତୁ ଅଥବା ଦିଆଯାଇଥିବା ୪୦ ଲକ୍ଷ ଟଙ୍କାକୁ ସୁଧ ସହିତ ଫେରାନ୍ତୁ ବୋଲି କହିଥିଲେ। । ତା ସହିତ ୟୁଜିସି ପ୍ରତିଶୃତି ଦେଇଥିଲା କି ସମସ୍ତ କାର୍ଯ୍ୟ ସରିଲା ପରେ ଖର୍ଚ୍ଚ ହୋଇଥିବା ବଳକା ଟଙ୍କା ପ୍ରଦାନ କରିବ। ତେଣୁ କଲେଜ କତୃପକ୍ଷ ଏକ ବୈଠକ କରି କାର୍ଯ୍ୟ ସମାପନ କରିବା ପାଇଁ ନିଷ୍ପତି ନେଇଥିଲେ । ପରେ କଲେଜ ଫଣ୍ଡରୁ ଟଙ୍କା ଖର୍ଚ୍ଚ କରି ଛାତ୍ରୀବାସର କାର୍ଯ୍ୟ ସମାପନ କରି ୟୁଜିସିକୁ ଏକ ରିପୋର୍ଟ ଦାଖଲ କରିଥିଲେ। ସେ ସମ୍ପର୍କରେ ତିନି ଥର ଛାତ୍ରୀମାନେ ଅଭିଯୋଗ କରିଛନ୍ତି। ଛାତ୍ରୀମାନଙ୍କ ପାଇଁ ନିର୍ମାଣ ହୋଇଥିବା ଘର ଗୁଡ଼ିକ ଏବେ ଶ୍ରେଣୀଗୃହରେ ପରିବର୍ତ୍ତନ ହୋଇଛି। ଅନ୍ୟ କେତୋଟି କଲେଜରେ ସମାନ ୪୦ ଲକ୍ଷ ଟଙ୍କାରେ କାର୍ଯ୍ୟ ସମାପନ ହୋଇଥିଲେ ମଧ୍ୟ ନୀଳଗିରି କଲେଜରେ କାହିଁକି ହୋଇପାରିଲାନାହିଁ ବୋଲି ପ୍ରଶ୍ନ ସୃଷ୍ଟି ହୋଇଛି। ୟୁଜିସି କେବଳ କାର୍ଯ୍ୟ ପାଇଁ ଟଙ୍କା ପ୍ରଦାନ କଲା ହେଲେ କୌଣସି ମେଟ୍ରନ, କି ସେମାନଙ୍କ ତଦାରଖ ପାଇଁ କୌଣସି ଶିକ୍ଷକ ପ୍ରଦାନ କଲେ ନାହିଁ,ଆହୁରି ଅନେକ କାମ ମଧ୍ୟ ବାକି ରହିଛି ଯାହା ପାଇଁ ସେଠାରେ ଛାତ୍ରୀମାନଙ୍କୁ ରଖାଯାଉ ନାହିଁ ,ଯେହେତୁ ବର୍ଷବର୍ଷ ବିତିଲାଣି ଅନେକ ଜିନିଷ ମଧ୍ୟ ଭଗ୍ନ ଅବସ୍ଥାକୁ ଆସିଗଲାଣି ସେଗୁଡିକୁ ମରାମତି କରି ଛାତ୍ରୀବାସ ଚାଲୁ କରିବା କଷ୍ଟସାଧ୍ୟ ବୋଲି ମହାବିଦ୍ୟାଳୟର ଅଧ୍ୟକ୍ଷା ଅର୍ନ୍ତଯାମୀ ରାଉଳ କହିଛନ୍ତି। ସେହିପରି ୨୦୨୩ ମସିହାରେ ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇ ଆଇଟିଡିଏ ବିଭାଗ ପକ୍ଷରୁ ଏକ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ର ନିବାସ ପ୍ରସ୍ତୁତ କରାଯାଇଛି। ଏହି ଛାତ୍ରନିବାସର କାର୍ଯ୍ୟ ୪ ମାସ ହେବ ସମ୍ପନ୍ନ ହୋଇଥିଲେ ମଧ୍ୟ ଏଯାବତ ଏହା କାର୍ଯ୍ୟକ୍ଷମ ହୋଇନାହିଁ। ଚଳିତ ବର୍ଷ ନୂତନ ଭାବେ ଛାତ୍ରମାନେ ନାମ ଲେଖାଇଥିଲେ ମଧ୍ୟ ହଷ୍ଟେଲର ସୁବିଧା ପାଇପାରିନାହାନ୍ତି। ଯେହେତୁ ନୀଳଗିରି ଏକ ବଣପାହାଡ ଅଞ୍ଚଳ ଛାତ୍ରମାନେ ଯାତାୟତରେ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥାଆନ୍ତି। ସେହିପରି ଦୂରଦୂରାନ୍ତରୁ ପାଠ ପଢିବାକୁ ଆସୁଥିବା ଛାତ୍ରମାନେ ମଧ୍ୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଘର ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଛି ହେଲେ କାହିଁକି ଚାଲୁ କରାଯାଉନାହିଁ ବୋଲି ପଚାରିବାରୁ ବିଦ୍ୟୁତ ବିଭାଗ ପକ୍ଷରୁ ବିଦ୍ୟୁତ ସଂଯୋଗୀକରଣ କରାଯାଇ ନାହିଁ କି ଶଯ୍ୟା ବ୍ୟବସ୍ଥା କରାଯାଇନାହିଁ ଫଳରେ ଏହା ଚାଲୁ ହୋଇନାହିଁ ଖୁବଶୀଘ୍ର ଏହା କାର୍ଯ୍ୟକ୍ଷମ ହେବେ ବୋଲି କହିଛନ୍ତି ଅଧକ୍ଷ ଶ୍ରୀ ରାଉଳ।

ବାଲିଅନ୍ତା ବ୍ଲକରେ 'ପ୍ରଗତି ପଥେ ପଞ୍ଚାୟତ ସମିତି' କାର୍ଯ୍ୟକ୍ରମ

ବାଲିଅନ୍ତା (ଅମୃତ ମିଡିଆ) : ବାଲିଅନ୍ତା ପଞ୍ଚାୟତ ସମିତି ପରିସରରେ ଥିବା ପ୍ରତିନିଧି ଭବନରେ ଆଜି ବ୍ଲକ ଅଧକ୍ଷା ବାସନ୍ତୀ ଖଟୁଆଙ୍କ ଅଧକ୍ଷତାରେ 'ପ୍ରଗତି ପଥେ ପଞ୍ଚାୟତ ସମିତି' କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ଏକ ବିଶେଷ କାର୍ଯ୍ୟକ୍ରମରେ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ ଯୋଜନା ଓ ବିକାଶମୂଳକ କାର୍ଯ୍ୟର ସବିଶେଷ ବିବରଣୀ ଉପସ୍ଥିତ ଗଣମାଧମ ପ୍ରତିନିଧି ମାନଙ୍କ ସମ୍ମୁଖରେ ଉପସ୍ଥାପନ କରାଯାଇଥିଲା। ଗ୍ରାମାଞ୍ଚଳର ମୌଳିକ ଭିତ୍ତିଭୂମିର ସୁଦୃଢ଼ୀକରଣ, ପାନୀୟ ଜଳ, ଗମନାଗମନ, ଶିକ୍ଷା ଓ ସ୍ୱାସ୍ଥ୍ୟ ସେବାର ବିକାଶ ସହ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ ଲୋକଙ୍କ ପାଖରେ ପହଞ୍ଚାଇବା ଉପରେ ଅଧକ୍ଷା ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ବିଭିନ୍ନ ପଞ୍ଚାୟତରେ ହେଉଥିବା ବିକାଶମୂଳକ କାର୍ଯ୍ୟ ବ୍ଲକ ଉନ୍ନୟନ ଅଧିକାରୀ ଏବଂ ବିଭାଗୀୟ ଯନ୍ତୀ ମାନଙ୍କ ସହଯୋଗ ଯୋଗୁଁ ସମ୍ଭବ ହୋଇପାରିଛି । ଏପରିକି ବିଡ଼ିଓଙ୍କ ପ୍ରଚେଷ୍ଟାରେ ଗତ ଗୋଟିଏ ବର୍ଷ ମଧ୍ୟରେ ବିଭିନ୍ନ ପଞ୍ଚାୟତରେ ସାଢେ ୫ କୋଟି ଟଙ୍କା ବ୍ୟୟରେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ପ୍ରକଳ୍ପ ନିର୍ମାଣ କରି ସମଗ୍ର ଖୋର୍ଦ୍ଧା ଜିଲାରେ ବାଲିଅନ୍ତା ବ୍ଲକ ପ୍ରଥମ ସ୍ଥାନ ଅଧିକାର କରିପାରିଛି ବୋଲି ଉପସ୍ଥିତ ଜନପ୍ରତିନିଧି ମାନେ ମତ ରଖିଥିଲେ । ଏହି ପରିପ୍ରେକ୍ଷୀରେ ଜନପ୍ରତିନିଧି ମାନେ ବିଡ଼ିଓ ରଶ୍ମିତା ନାଥଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବାଲିଅନ୍ତା ସରପଞ୍ଚ କୃଷ୍ଣକେଶବ ଆପଟ ମଞ୍ଚ ପରିଚାଳନା କରିଥିବା ବେଳେ ପୁରୋହିତପୁର ସରପଞ୍ଚ ଭଗବାନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧକ୍ଷା ଇତିଶ୍ରୀ ଜେନା, ଜିଲା ପରିଷଦ ସଭ୍ୟା କୁନମୁନ ଲେଙ୍କା, ସଭ୍ୟ ମହେଶ୍ୱର ଦାସ, ସରପଞ୍ଚ ଅଜିତ ପାତ୍ର, ସମିତିସଭ୍ୟ ଗଙ୍ଗାଧର ମାହାରୀ, ସରପଞ୍ଚ ବିଷ୍ଣୁପ୍ରିୟା ସାହୁ, ଦୁର୍ଯ୍ୟଧନ ମଲ୍ଲିକ, ବିଶ୍ୱଜିତ ଭୋଇ, ଶୁଦ୍ଧୋୟା ପାତ୍ର ସମେତ ବିଭିନ୍ନ ପଞ୍ଚାୟତ ସରପଞ୍ଚ ଓ ସମିତିସଭ୍ୟ ଯୋଗଦେଇଥିଲେ ।

ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଜଙ୍ଗ'ର ଟାଇଟଲ ଘୋଷଣା

ବାଲିଅନ୍ତା (ଅମୃତ ମିଡିଆ) : ଶଗୁନ ଏଣ୍ଟରଟେନମେଣ୍ଟ ବ୍ୟାନରରେ ନିର୍ମାଣ ହେବାକୁ ଯାଉଥିବା ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଜଙ୍ଗ'ର ଟାଇଟଲ ଘୋଷଣା ହୋଇଛି । ଭୁବନେଶ୍ୱର ଉପକଣ୍ଠ ଧଉଳି ସ୍ଥିତ ଏକ ତାରକା ହୋଟେଲରେ ମହାଡମ୍ବରରେ ଟାଇଟଲ ଘୋଷଣା ଅବସରରେ ଫିଲ୍ମର ସମସ୍ତ କ୍ରିୟୁ ମେମ୍ବର ଏବଂ ଗଣମାଧମ ବନ୍ଧୁ ଯୋଗଦେଇଥିଲେ । ନୂଆ ପୀଢ଼ିର ପ୍ରଯୋଜକ, ନିର୍ଦ୍ଦେଶକ, ଲେଖକଙ୍କ ଭିନ୍ନ ଏକ ପରିକଳ୍ପନା 'ଜଙ୍ଗ' । ଅନେକ ମୌଳିକ କାହାଣୀକୁ ନେଇ ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣର ଧାରା ଚାଲିଥିବା ବେଳେ ପ୍ରଯୋଜକ ଶୁଭ୍ରଜିତ ଜେନା ମଧ୍ୟ ସେହିଭଳି ପରିକଳ୍ପନା କରିଛନ୍ତି । ଯାହାକୁ ନିର୍ଦ୍ଦେଶନା ଦେଇଛନ୍ତି ଶୁଭ୍ରଜିତ ଜେନା ଏବଂ ରାହୁଲ ରାୟ । ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିଛନ୍ତି ବହୁ ଅଭିଜ୍ଞ ସିଦ୍ଧାର୍ଥ ଗୌତମ । ବିଶ୍ୱଜିତ କୁଲଡି (ଡିଓପି) ଦାୟିତ୍ୱ ନେଇଛନ୍ତି । ପ୍ରଚାର ଓ ପ୍ରସାରରେ ମିଡ଼ିଆ ପ୍ଲାନର ପ୍ରଣୟ ଜେଠୀ ରହିଛନ୍ତି । ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ସମ୍ବିତ କୁମାର ମହାନ୍ତି, ମହାଦେବ ରାଉତ ଏବଂ ମୃନ୍ମୟ ଏମ ଏସ । କଣ୍ଠଦାନ କରିଛନ୍ତି ଅନ୍ତରା ଚକ୍ରବର୍ତ୍ତୀ, କୁଲଦୀପ ପଟ୍ଟନାୟକ, ସତ୍ୟଜିତ୍ ପ୍ରଧାନ, ସୌରଭ ଭରଦ୍ୱାଜ, ଗୌରବ ଆନନ୍ଦ ଏବଂ ମ୍ରିନ୍ମୟ ଏମ୍.ଏସ୍ । ଅନେକ ଯୁବ ଅଭିଜ୍ଞ କଳାକାର ଏହି ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି । ଏସଡି ମଣ୍ଡଳ, ପାର୍ଥ ସାରଥୀ ରାୟ, ବିଶ୍ୱରୂପା ରାଉତ, ଜଗନ୍ନାଥ ସେଠ, ଉମାକାନ୍ତଙ୍କ ଭଳି ଆହୁରି ଅନେକ କଳାକାର । ତେବେ 'ଜଙ୍ଗ' ବିଷୟରେ ଅନେକ ଆଈ ମାଆ କାହାଣୀ ବା ଲୋକକଥା ଭାବନ୍ତି ତ କେହି ପୌରାଣିକ କଥା ବସ୍ତୁ ଭାବିଥାନ୍ତି । ଏହି କାହାଣୀକୁ ଦୀର୍ଘ ଦୁଇବର୍ଷ ଧରି ଗବେଷଣା କରିଛନ୍ତି ସିଦ୍ଧାର୍ଥ ଗୌତମ । ଏଥିରେ ଆମ ଜଗନ୍ନାଥ ସଂସ୍କୃତିର କଥା ରହିଛି, ଆମ ରାଜ ରାକୁଡା ସମୟର କଥା ରହିଛି । ଖୁବ ଶୀଘ୍ର ସୁଟିଂ ଫ୍ଲୋର କୁ ଯିବ ଏବଂ ଏହା ଆସନ୍ତା ୨୦୨୭ ରେ ନୂଆ ବର୍ଷ ଅବସରରେ ମୁକ୍ତିଲାଭ କରିବ ।

ଭତ୍ତା ବାଣ୍ଟିବାକୁ ଚିଠିରେ ବଦଳି ଅଧିକାରୀଙ୍କ ନାମ

କେବଳ ଚିଠିରେ ଭୁଲ ନା ସବୁକ୍ଷେତ୍ରରେ ଆଖି ବନ୍ଦକରି ଦସ୍ତଖତ କରୁଛନ୍ତି ବିଡିଓ

ନୀଳଗିରି (ଅମୃତ ମିଡିଆ) : ନୀଳଗିରି ବ୍ଲକର ଏକ ଚିଠି ଏବେ ଅଧିକାରୀ ଓ ବିଡିଓଙ୍କ ଦାୟିତ୍ୱହୀନତାକୁ ପଦାରେ ପକାଇଛି । ଯାହାକୁ ନେଇ ଏବେ ନୀଳଗିରିରେ ଚର୍ଚ୍ଚା ଜୋର ଧରିଛି ଯେ ବିଡିଓ ବାବୁ କେବଳ ଏହି ଚିଠିରେ ନା ସବୁ କାର୍ଯ୍ୟର ବିଲ୍‌ଗୁଡିକୁ ମଧ୍ୟ ନଦେଖି ବଡବଡିଆଙ୍କ କଥାରେ ଆଖି ବନ୍ଦ କରି ଦସ୍ତଖତ କରୁଛନ୍ତି। ସୂଚନା ମୁତାବକ ନୀଳଗିରି ଗୋଷ୍ଠିଉନ୍ନୟନ ଅଧିକାରି ପତ୍ର ସଂଖ୍ୟା ୩୨୨୪ ମୂଳେ ଭଉଁରିଆବାଡ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମାନସୀ ସେଠୀଙ୍କୁ ଓପଦାକୁ ବଦଳି କରାଯାଇଥିଲା। ତେବେ କିପରି ଚଳିତ ମାସ ୧୦ ତାରିଖରେ ଉକ୍ତ ଅଧିକାରିଣୀଙ୍କୁ ଭତ୍ତା ଟଙ୍କା ବଣ୍ଟନ କରିବା ପାଇଁ ଚିଠି ସଂଖ୍ୟା ୩୪୫୯ ମୂଳେ ଆଦେଶ ପ୍ରଦାନ କରାଯାଇଛି। ଯାହା ବିଡିଓ ଓ ଅନ୍ୟ କର୍ମଚାରୀଙ୍କ ଦାୟିତ୍ୱହୀନତାକୁ ପଦାରେ ପକାଇଛି । କେବଳ ଏହି ଚିଠି କ୍ଷେତ୍ରରେ ଏପରି ହେଉଛି ନା କାର୍ଯ୍ୟର ବିଲ୍‌ଗୁଡିକ ସମୟରେ ଅଣଦେଖା ଭାବରେ ଦସ୍ତଖତ ମରାଯାଉଛି ବୋଲି ଲୋକେ ପ୍ରଶ୍ନ କରିଛନ୍ତି ।ଜଣେ ପ୍ରଶାସନିକ ଅଧିକାରୀ ହିସାବରେ ଏହା କରିବା ବାତଚୀମି ର ପରିଚୟ ଅଟେ ବୋଲି ଚର୍ଚ୍ଚା ଜୋର ଧରିଛି । ଏ ନେଇ ପିଇଓ ମାନସୀ ସେଠୀଙ୍କୁ ପଚାରିବାରୁ ମୋର ଆଜ୍ଞା ବଦଳି ସରିଛି ମୁଁ ଓପଦାରେ ୨୦ ଦିନ ହେବ କାର୍ଯ୍ୟ କଲିଣି ମତେ ଭତ୍ତା ବାଣ୍ଟିବା ପାଇଁ ମଧ୍ୟ ନୀଳଗିରି ବ୍ଲକରୁ କିଛି ଆଦେଶ ପ୍ରଦାନ କରାଯାଇନାହିଁ ,ଚିଠି କରିଛନ୍ତି ମୁଁ ଆଜ୍ଞା ଏତେ ଦୂର ଏଠି କାମ ଛାଡି କିପରି ଯିବି ବୋଲି କହିଛନ୍ତି ।ଏ ନେଇ ବିଡିଓ ବିକ୍ରମ କିଶୋର ପରିଡାଙ୍କୁ ପଚାରିବାରୁ ସେ ଅଧିକାରିଣୀ ରିଲିଫ୍ ହୋଇସାରିଛନ୍ତି,ଭୁଲ ବସତଃ ଏପରି ହୋଇଥିବ କିମ୍ବା ଏରିଅର ଯଦି ଥିବା ତାଙ୍କ ନାଁ ଆସିଥିବ ତାକୁ ପରିବର୍ତ୍ତନ କରାଯିବ ବୋଲି କହିଛନ୍ତି।

ମାଇକ୍ରୋ ଲର୍ନିଙ୍ଗ ସେଣ୍ଟର ସମୀକ୍ଷା ବୈଠକ

ଆଠମଲ୍ଲିକ (ଅମୃତ ମିଡିଆ) : ଆଠମଲ୍ଲିକ ବ୍ଲକ କାର୍ଯ୍ୟାଳୟ ନିକଟରେ ଥିବା ସଭା ଗୃହ ରେ ମାଲାବାର ଗ୍ରୁପ ର ସି ଏସ ଆର ସହାୟତା ରେ ଥାନାଲ ଦୟା, ରିହାବିଲଟେସନ ଟ୍ରଷ୍ଟ ଓ ବ୍ଲକ ପ୍ରଶାସନ ର ମିଳିତ ସହଯୋଗ ରେ ମାଇକ୍ରୋ ଲର୍ନିଙ୍ଗ ସେଣ୍ଟ ର ପ୍ରକଳ୍ପ ବାବଦ ରେ ଆନ୍ତଃ କ୍ରିୟା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକ ରେ ମୁଖ୍ୟ ଅତିଥି ଭାବରେ ଆଠମଲ୍ଲିକ ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା, ସମ୍ମାନିତ ଅତିଥି ଭାବରେ ବିଡ଼ିଓ ଟିଟସ ମହାନନ୍ଦିଆ, ଜାତୀୟ ଥାନାଲ ହେଡ ହୋମରାଜ, ଥାନାଲ ରାଜ୍ୟ ହେଡ଼ ଇରସାଦ ଅଲ୍ଲୀ , ଠାକୁରଗଡ଼ ମହାବିଦ୍ୟାଳୟ ର ଅଧକ୍ଷା ପ୍ରତିମା ବାଘ, ବ୍ଲକ ଶିକ୍ଷାଅଧିକାରୀ ସୁନୀଲ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ପ୍ରଥମ ରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ର ଛାତ୍ରୀ ମାନଙ୍କ ର ଡ୍ରପ ଆଉଟ ବନ୍ଦ କରିବା ଓ ପୁଷ୍ଟିକର ଖାଦ୍ୟ ଯୋଗାଇ ଦେବା ଓ ନିୟମିତ ଭାବରେ ଲର୍ନିଙ୍ଗ ସେଣ୍ଟ ର ରେ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ଦ୍ୱାରା ଶିକ୍ଷା ଦାନ ଦେବା ଓ ସ୍କୁଲ କୁ ନିୟମିତ ଛାତ୍ର ଛାତ୍ରୀ ଙ୍କୁ ପଠାଇବା, ପ୍ରଭୃତି କାର୍ଯ୍ୟକ୍ରମ ହାତ କୁ ନେଇ ଥିବାରୁ ମାଲାବାର ଗ୍ରୁପ ର ଏହି ଉଦ୍ୟମ କୁ ପ୍ରଶଂସା କରା ଯାଇଥିଲା କ୍ଷ ସୂଚନା ଥାଉ କି ଆଠମଲ୍ଲିକ ଓ କିଶୋରନଗର ବ୍ଲକ ର ସମୁଦାୟ ୧୮ ଟି ଗ୍ରାମ ରେ ଏହି କାର୍ଯ୍ୟକ୍ରମ ଚାଲୁ ରହିଛି କ୍ଷ ଏହି କାର୍ଯ୍ୟକ୍ରମ କୁ ଅନୁଗୋଳ ଜିଲ୍ଲା ଜୋନାଲ ହେଡ଼ ତାଥାଗନ୍ଦ ମହାପାତ୍ର ପରିଚାଳନା କରିଥିଲେ କ୍ଷ ଜୋନାଲ ହେଡ ବିଶ୍ୱଜିତ ଜେନା, ଏମ ଏଲ ସି ଟିଚର କ୍ଷୀରୋଦ ମଲ୍ଲିକ, ବଚନ ଖଣ୍ଡଗିରି ,ସୁଜାତା ବିଶି, ଜ୍ଞାନା ନାଏକ, ବିନୋଦିନୀ ରାଉଳ, ଭାର୍ଗବୀ ସେଠୀ, ସାବିତ୍ରୀ ପ୍ରଧାନ, ମମତା ସାହୁ ଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

ଗଛକୁ ବାଡେଇ ଜଣେ ମୃତ ଜଣେ ଗୁରୁତର

ନୀଳଗିରି (ଅମୃତ ମିଡିଆ) : ବେପରୁଆ ଗାଡ଼ିଚଳାଇବା ଫଳରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇଥିବା ଜଣାଯାଇଛି । ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ନିକଟସ୍ଥ ଟାଙ୍ଗିରିଆ ଗ୍ରାମର ବାଜୁନ୍ କିସ୍କୁଙ୍କ ଦୁଇପୁଅ ଫାଦୁ କିସ୍କୁ(୨୦) ଏବଂ ବୁଦ୍ଧିରାମ କିସ୍କୁ (୨୫) ଓଡି- ୧୧ଏକେ -୭ ୩୧୬ନାମକ ମଟରସାଇକେଲରେ ନୀଳଗିରି ଅଭିମୁଖେ ଆସୁଥିବା ବେଳେ ଦିନ ପ୍ରାୟ ୧୨.୩୦ମିନିଟ ସମୟରେ ୧୯ନଂ ରାଜ୍ୟରାଜପଥ ଭାଲୁକାଶୁଣି ନିକଟବର୍ତ୍ତୀ ଦେବଯାନୀ ଢକ ନିକଟରେ ଏକ ଗଛକୁ ଧକ୍କା ଦେଇ ଛିଟିକି ପଡ଼ିଥିଲେ। ଫଳରେ ଘଟଣାସ୍ଥଳରେ ଫାଦୁ କିସ୍କୁର ମୃତ୍ୟୁ ହୋଇଥିବା ବେଳେ ବୁଦ୍ଧିରାମ ଗୁରୁତର ହୋଇପଡିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ୧୦୮ଆମ୍ବୁଲାନ୍ସ ଯୋଗେ ନୀଳଗିରି ହସ୍ପିଟାଲକୁ ଅଣାଯାଇଥିଲେ ହେଁ ଫାଦୁକୁ ଡାକ୍ତର ମୃତଘୋଷଣା କରିଥିବାବେଳେ ବୁଦ୍ଧିରାମଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଫକୀରମୋହନ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ଆସନ୍ତାକାଲି ଶବବ୍ୟବଚ୍ଛେଦ କରାଯିବ ବୋଲି ଜଣାଯାଇଛି।

ସିନ୍ଧିଚୋରି ମାମଲାରେ ପେଶାଦାର ଅପରାଧୀ ନିଲୁ ବେହେରା ଓରଫ ବାଜାକୁ ୧୦ ମାସର କାରାଦଣ୍ଡ

ବାଲିଅନ୍ତା (ଅମୃତ ମିଡିଆ) : ସିନ୍ଧିଚୋରୀ ମାମଲାରେ ପେସାଦାର ଅପରାଧୀ ନିଲୁ ବେହେରା ଓରଫ ବାଜାକୁ ଦୋଷୀ ସାବ୍ୟସ୍ତ କରିବା ସହ ୧୦ ମାସର କାରାଦଣ୍ଡ ଶୁଣାଇଛନ୍ତି ମାନ୍ୟବର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ-୫ ର ବିଚାରପତି ସୁଶ୍ରୀ ଇତିଶ୍ରୀ ମହାପାତ୍ର। ପ୍ରକାଶ ଥାଉକି ଗତ ଅପ୍ରେଲ ମାସରେ ଧଉଳି ଥାନା ଅଞ୍ଚଳରେ ହୋଇଥିବା ଏକ ସିନ୍ଧିଚୋରୀ ର ଶିକାର ହୋଇଥିବା ଅଭିଯୋଗକାରୀ ସର୍ବେଶ୍ୱର ମାଝି ପରିବାର ସହ ଧଉଳି ଥାନା ଅନ୍ତର୍ଗତ ଶିଶୁପାଳଗଡର ତୈଳ ସାହିରେ ରୁହନ୍ତି ।୧୮.୦୩.୨୦୨୬ ରେ ସେ ପତ୍ନୀଙ୍କ ସହ ମିଶି ଓଲୁ ଟାଉନ ଅଞ୍ଚଳରେ ଥିବା ଭାଇଙ୍କ ଘରକୁ କୌଣସି ଏକ ଜରୁରୀ କାମରେ ଯାଇଥିଲେ ଏବଂ ସେହିଦିନ ରାତିରେ ସେହିଠାରେ ରହିଯାଇଥିଲେ । ଏପଟେ ଘରେ କେହି ନଥିବାର ସୁଯୋଗ ନେଇ ଅଭିଯୁକ୍ତ ନିଲୁ ବେହେରା ଓରଫ ବାଜା ବିଜନ୍ଧିତ ରାତିରେ ଅଭିଯୋଗକାରୀଙ୍କ ଘରର ତାଲା ଭାଙ୍ଗି ଭିତରେ ପଶିବା ସହ ଭିତରେ ଲାଗିଥିବା ଏକ ଏଲଇଡି ଟିଭି, ଦୁଇଟି ମ୍ୟୁଜିକ ବକ୍ସ, ଦୁଇଟି ଗ୍ରାଇଣ୍ଡର, ଦୁଇଟି ଷ୍ଟାଣ୍ଡ ଫ୍ୟାନ, ଗୋଟିଏ ମୋଟର ପାଣିପମ୍ପ ଏବଂ ନଗଦ ୧୫,୦୦୦ ଟଙ୍କା ଚୋରୀକରି

ଫେରାର ହୋଇଯାଇଥିଲେ । ତା ପରଦିନ ଅର୍ଥାତ ୧୯.୦୩.୨୦୨୬ ସକାଳେ ଅଭିଯୋଗକାରୀ ଘରେ ଆସି ପହଞ୍ଚିବା ପରେ, ଘର ଭିତରୁ ମୂଲ୍ୟବାନ ସାମଗ୍ରୀ ସବୁ ଚୋରୀ ହୋଇଯାଇଥିବା ଜାଣିବାକୁ ପାଇଥିଲେ । ପରେ ସେ ଏନେଇ ଧଉଳି ଥାନାରେ ଲିଖିତ ଅଭିଯୋଗ କରିଥିଲେ । କ ଅଭିଯୋଗକୁ ଆଧାର କରି ଧଉଳି ଥାନା କେସ ନଂ-୬୦/୨୦୨୬ ରେ ମାମଲା ରୁଜୁ ହୋଇଥିଲା ଏବଂ ସବ୍-ଇନ୍‌ସପେକ୍ଟର ଶ୍ରୀ ବିଭୁ ନାରାୟଣ ସାହୁ ଏହାର ତଦନ୍ତଭାର ବହନ କରିଥିଲେ । ତଦନ୍ତ ପ୍ରକ୍ରିୟା ଶେଷରେ ସେ ଅଭିଯୁକ

ଜିଲ୍ଲା ସିନିୟର ନକ୍‌ଆଉଟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

ସେମିଫାଇନାଲରେ ରିଜର୍ଭ ପୋଲିସ ଓ ବିକେସି ୟୁନାଇଟେଡ୍

ବଲାଙ୍ଗୀର (ଅମୃତ ମିଡିଆ) : ଜିଲ୍ଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଆରଏନ୍ ସିଂଦେଓ ସ୍ପୋର୍ଟ୍ସ କମ୍ପ୍ଲେସ ଠାରେ ଦ୍ୱିତୀୟ କ୍ୱାଟର ଫାଇନାଲ ଖେଳରେ ରିଜର୍ଭ ପୋଲିସ ୪-୩ ଗୋଲରେ ସ୍ପୋର୍ଟ୍ସ ହଷ୍ଟେଲକୁ ହରାଇ ସେମିଫାଇନାଲକୁ ପ୍ରବେଶ କରିଛି। ଅତିଥି ଭାବେ ରିଜର୍ଭ ପୋଲିସ ଇନସପେକ୍ଟର ଲୋକନାଥ ଭୋଇ, କ୍ରୀଡା ସଂସଦର କାର୍ଯ୍ୟକାରୀ ସଭାପତି ଡ.ଶ୍ରୀକର ମିଶ୍ର, ଯୁଗ୍ମ ସଂପାଦକ ଶତ୍ରୁଘନ ସିଂ, କ୍ରୀଡା ସଂପାଦକ ବିଭୁତି ଭୂଷଣ ପଣ୍ଡା, ବରିଷ୍ଠ ସଦସ୍ୟ ଡା. ସିଦ୍ଧେଶ୍ୱର ମିଶ୍ର ଓ ପୂର୍ବତନ ସଦର ବ୍ଲକ ଚେୟାରମେନ ଗୋଲାପ ବାଗ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲା କ୍ରୀଡାବାସ ଫୁଟବଲ କୋଚ ପରାଶର ବାଗ ଓ ପୂର୍ବତନ ଖେଳାଳି ଶ୍ରୀକାନ୍ତ ରାଉତ ଉପସ୍ଥିତ ଥିଲେ। ଖେଳକୁ ସଂଜନ କୁଦେଇ, ବିକି ବିଶି, ମଳୟ ଘିବେଲା ଓ ସୁଦର୍ଶନ ସେଠ ପରିଚାଳନା କରିଥିବା ବେଳେ ଅବଦୁଲ ମୁଜିବ ମ୍ୟାଚ କମିଶନର ଥିଲେ। ସେହିପରି ଗାନ୍ଧୀ ଷ୍ଟାଡିୟମ ଠାରେ ତୃତୀୟ କ୍ୱାଟର ଫାଇନାଲ ଖେଳରେ ବିକେସି ୟୁନାଇଟେଡ ଟ୍ରାଇବ୍ରେକର ୪-୨ ଗୋଲରେ ବିଏନ୍‌ଏଏ ଜରାସିଂହା କୁ ହରାଇ ସେମିଫାଇନାଲକୁ ଉନ୍ନିତ ହୋଇଛି । ଅତିଥି ଭାବେ ଡିପିଇଓ ପ୍ରଦୀପ କୁମାର ପାତ୍ର, କ୍ରୀଡା ସଂସଦ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, କୋଷାଧ୍ୟକ୍ଷ ହେମନ୍ତ କୁମାର ବେହେରା, ବରିଷ୍ଠ ସଦସ୍ୟ ଜୟରାମ ମିଶ୍ର ଓ ଶିଶିର କୁମାର ବହିଦାର ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସଂସଦର କାଉନସିଲ ସଭ୍ୟ ପ୍ରଭାତ କୁମାର ମିଶ୍ର ଓ ସଦସ୍ୟ କୈଳାସ ଚନ୍ଦ୍ର କର୍ଦ୍ଦି ଉପସ୍ଥିତ ଥିଲେ। ଖେଳକୁ ଜିତେନ୍ଦ୍ର ପାତ୍ର, ଅଭିଷେକ ପ୍ରଧାନ, ଶ୍ରବଣ ବାଗ ଓ ପୁରୁଷୋତ୍ତମ ବୁଡେକ ପରିଚାଳନା କରିଥିବା ବେଳେ ସଂସଦର ଫୁଟବଲ ସଂପାଦକ ଶରତ କୁମାର ନନ୍ଦ ମ୍ୟାଚ କମିଶନର ଥିଲେ। ଗୁରୁବାର ଆରଏନ୍ ସିଂଦେଓ ସ୍ପୋର୍ଟ୍ସ କମ୍ପ୍ଲେସ ଠାରେ ଚତୁର୍ଥ କ୍ୱାଟର ଫାଇନାଲ ଖେଳ ବାଦିବାହାଲ ବନାମ ଗୁଲମି ଏବଂ ଗାନ୍ଧୀ ଷ୍ଟାଡିୟମ ଠାରେ ନକଟାସର ବନାମ ରିଜର୍ଭ ପୋଲିସ ମଧ୍ୟରେ ପ୍ରଥମ ସେମିଫାଇନାଲ ଖେଳ ହେବ ବୋଲି କ୍ରୀଡା ସଂସଦ ପକ୍ଷରୁ ସୂଚନା ଦିଆଯାଇଛି ।

ଅଳ୍ପଦିନରେ ଧରାଶାୟୀ ୪ ଲକ୍ଷର ଗାର୍ଡୱାଲ

ଝାରସୁଗୁଡା (ଅମୃତ ମିଡିଆ) : ସରକାରୀ ଯୋଜନାରେବ୍ୟୟହେଉଥିବା ଲକ୍ଷ ଲକ୍ଷ ଟଙ୍କାର କାର୍ଯ୍ୟର ମାନ ଓ ତଦାରଖକୁ ନେଇ ଲଇକେରା ବ୍ଲକରେ ପୁଣି ପ୍ରଶ୍ନ ଉଠିଛି। ପାକେଲପଡ଼ା ପଞ୍ଚାୟତ ଅନ୍ତର୍ଗତ ତାଲମୁଣ୍ଡା ସୁନାପଡ଼ା ଗ୍ରାମର ବସ୍ତି ପୋଖରୀରେ ପ୍ରାୟ ୪ ଲକ୍ଷ ଟଙ୍କା ଅଟକଳରେ ନିର୍ମିତ ଗାର୍ଡୱାଲ କାମ ସରିବାର କେଇ ଦିନ ମଧ୍ୟରେ ଭୁଶୁଡ଼ି ପଡ଼ିଛି। ଏହାକୁ ନେଇ ନିର୍ମାଣର ଗୁଣବତ୍ତା ସହ ବ୍ଲକ ପ୍ରଶାସନର ତଦାରଖ ବ୍ୟବସ୍ଥା ଉପରେ ଗୁରୁତର ପ୍ରଶ୍ନ ଉଠିଛି। ଗ୍ରାମବାସୀଙ୍କ ଅଭିଯୋଗ, ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର ଯୋଗୁଁ ଗାର୍ଡୱାଲ ଭୁଶୁଡ଼ିଛି। ତେବେ ନିର୍ମାଣ ସମୟରେ ଦାୟିତ୍ୱରେ ଥିବା ଯନ୍ତ୍ରୀ, ଏଇ, କନିଷ୍ଠ ଯନ୍ତ୍ରୀ ଓ ବିଡିଓଙ୍କ ତଦାରଖ କେଉଁଠି ଥିଲା ବୋଲି କହିଛନ୍ତି ଗ୍ରାମର ଜନସାଧାରଣ। ଯଦି ନିୟମିତ ତଦାରଖ ହୋଇଥିଲା ତେବେ ଏଭଳି କାମ କିପରି ଅନୁମୋଦନ ପାଇଲା ? ସହକାରୀ ଯନ୍ତ୍ରୀ ସିଦ୍ଧାର୍ଥ ମାଝୀ ତଦନ୍ତ କରାଯିବ ବୋଲି କହିଛନ୍ତି। ତଦନ୍ତ ହେବ' କହି ଦାୟିତ୍ୱ ଶେଷ ନକରି, ଦୋଷ ନିର୍ଦ୍ଧାରଣ କରି ଦାୟୀ ଠିକାଦାର ଓ ତଦାରଖରେ ଅବହେଳା କରିଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନେବାକୁ ଦାବି ହୋଇଛି। ଅନ୍ୟପକ୍ଷରେ, ବନ୍ୟା କ୍ଷତିଗ୍ରସ୍ତ ମରାମତି ଯୋଜନାରୁ ପୋଖରୀରେ ଗାର୍ଡୱାଲ ନିର୍ମାଣ ପାଇଁ କେଉଁ ନିୟମରେ ଅନୁମୋଦନ ମିଳିଲା, ତାହା ସ୍ପଷ୍ଟ କରିବାକୁ ମଧ୍ୟ ଦାବି ହୋଇଛି । ଘଟଣାରେ ଜିଲ୍ଲାପାଳ ହସ୍ତକ୍ଷେପ କରି ବ୍ଲକ ବାହାରର ସ୍ୱାଧୀନ ବୈଷୟିକ ଟିମ୍ ଦ୍ୱାରା ଯାଞ୍ଚ କରାଇବା ସହ ଅନିୟମିତତା ପ୍ରମାଣିତ ହେଲେ ଠିକାଦାରଙ୍କ ବିରୋଧରେ କଠୋର ଆଇନଗତ ପଦକ୍ଷେପ ଓ ଦାୟୀ ଅଧିକାରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିଆଯାଉ। ସରକାରୀ ଅର୍ଥ ହେରଫେର ପ୍ରମାଣିତ ହେଲେ ଭିଜିଲାନ୍ସ ତଦନ୍ତ କରାଯାଉ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି।

କର୍ମଚାରୀଙ୍କ ୧ କୋଟି ୧୫ଲକ୍ଷ ଟଙ୍କା ଦରମା ଓ ଭତ୍ତା ହଡ଼ପ

ଫାସିମାଲ କନିଷ୍ଠ ସହାୟକ ଗିରଫ

ସମ୍ବଲପୁର (ଅମୃତ ମିଡିଆ) : ନିଜର ସାଥୀ କର୍ମଚାରୀଙ୍କ ଦରମା, ଅଗ୍ରିମ ଭତ୍ତା, ବଳକା ଛୁଟିକୁ ନଗଦରେ ପରିଣତ କରିବା ବିଲ୍‌ରେ ହେରଫେର କରି ୧ କୋଟି ୧୫ଲକ୍ଷ ଟଙ୍କା ହଡ଼ପ କରିଥିବା ଅଭିଯୋଗରେ ସମ୍ବଲପୁରଜିଲ୍ଲା ଫାସିମାଲ ଓ ଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର କନିଷ୍ଠ ସହାୟକ ମୀର ଇମ୍‌ତିଆଜ୍ ଅଲ୍ଲୀ ଆଜି (ମଙ୍ଗଳବାର) ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ହାତରେ ଗିରଫ ହୋଇଛନ୍ତି। ଭିଜିଲାନ୍ସ ବିଭାଗ ନିକଟରୁ ମିଳିଥିବା ସୂଚନାନୁସାରେ, ଆର୍ଥିକ ବର୍ଷ ୨୦୨୧-୨୨ରୁ ୨୦୨୬-୨୭ ମଧ୍ୟରେ କର୍ମଚାରୀଙ୍କ ବକୟା ଦରମା, ବଳକା ଛୁଟିର ନଗଦ ପରିବର୍ତ୍ତନ ଅର୍ଥରାଶି ଓ ଅଗ୍ରିମ ଅବସରକାଳୀନ ଭତ୍ତା ଟଙ୍କାକୁ ହଡ଼ପ କରାଯାଇଥିଲା। ଏଥିପାଇଁ ମିଥ୍ୟା ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ବିଲ୍ ପ୍ରସ୍ତୁତ କରାଯାଇଥିଲା। ହଡ଼ପ ଟଙ୍କା ମଧ୍ୟରୁ ଫାସିମାଲ ସିଏଚ୍‌ସିର ୭୦ଲକ୍ଷ ୫୭ ହଜାର ୪୫୦ଟଙ୍କା ନିଜର ବ୍ୟାଙ୍କ୍ ଜମାଖାତାକୁ ମୀର ଇମ୍‌ତିଆଜ୍ ଟ୍ରାନ୍‌ସଫର କରିଥିଲେ। ସେହିଭଳି ବାମରା ବ୍ଲକର ଗୋବିନ୍ଦପୁର ସିଏଚ୍‌ସିର ୪୪ଲକ୍ଷ ୫୭ହଜାର ୮୯ଟଙ୍କା ମଧ୍ୟ ନିଜ ଆକାଉଣ୍ଟକୁ ଟ୍ରାନ୍‌ସଫର କରିଥିଲେ। ଏହି ଘଟଣାରେ ଓଡ଼ିଶା ଭିଜିଲାନ୍ସ ସମ୍ବଲପୁର ଭିଜିଲାନ୍ସ ଥାନାରେ ଦୁର୍ନୀତି ନିବାରଣ ଆଇନର ଧାରା ୧୩(୨) ସହ ୧୩(୧)(କ) ଓ ବିଏନ୍‌ଏସ୍‌ର ଧାରା ୩୧୬(୫)ରେ ନଂ ୧୪ ଓ ୧୫/୮-୯-୨୦୨୬ରେ ଦୁଇଟି ପୃଥକ୍ ମାମଲା ରୁଜୁ କରିବା ସହ ଦୁର୍ନୀତିଖୋର କର୍ମଚାରୀଙ୍କୁ ଗିରଫ କରିଛି। ଆବଶ୍ୟକ ବିଧିବିଧାନ ପରେ ସମ୍ବଲପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ମାମଲାରେ ଆୟବହିର୍ଭୂତ ସମ୍ପତ୍ତି ଠୁଳ ଓ ଅନ୍ୟ ଦିଗଗୁଡ଼ିକର ତଦନ୍ତ ଜାରି ରହିଛି ବୋଲି ବିଭାଗୀୟ ସୂତ୍ରରୁ ପ୍ରକାଶ।

ଯୌତୁକ ନିଷେଧ ଆଇନ ଉପରେ ସଚେତନତା ତାଲିମ କାର୍ଯ୍ୟକ୍ରମ

କଳାହାଣ୍ଡି (ଅମୃତ ମିଡ଼ିଆ) : ଯୌତୁକ ପ୍ରଥାର ନିରାକରଣ, ମହିଳାଙ୍କ ସୁରକ୍ଷା ଓ ଅଧିକାର ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଯୌତୁକ ନିଷେଧ ଆଇନ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଭବାନୀପାଟଣାସ୍ଥିତ ଷ୍ଟାଟିଷ୍ଟିକାଲ୍ ସମ୍ମିଳନୀ ଗୃହ ଠାରେ ବୁଧବାର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡ଼ ନିହା ରେନ୍ଦ୍ର ପଣ୍ଡା, ଉପନିର୍ଦ୍ଦେଶକ, ଜିଲ୍ଲା ପ୍ଲାନିଂ ଓ ମନିଟରିଂ ୟୁନିଟ୍ ଶ୍ରୀକାନ୍ତ ଦଲେଇ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୃଜ୍ଜିବିନ ନିଶା, ସମାଜ କଲ୍ୟାଣ ଅଧିକାରୀ ନିୟତି ବାଳା ସୋରେନ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର, ଶିଶୁ ମଙ୍ଗଳ କମିଟିର ଅଧକ୍ଷ ସ୍ୱର୍ଣ୍ଣଲତା ମହାନ୍ତି ଓ ସଦସ୍ୟ ବିଶ୍ୱନାଥ ଦାଶ ଉପସ୍ଥିତ ଥିଲେ। ଏହି ଅବସରରେ ତାଲିମଦାତା ଲକ୍ଷ୍ମୀପ୍ରିୟା ସାହୁ ଯୌତୁକ ନିଷେଧ ଆଇନର ବିଭିନ୍ନ ଦିଗ, ଯୌତୁକ ଦାବି ଓ ଗ୍ରହଣର ଆଇନଗତ ପରିଣାମ, ମହିଳାଙ୍କ ଆଇନଗତ ଅଧିକାର ଏବଂ ଯୌତୁକ ପ୍ରଥା ବିରୋଧରେ ସମାଜର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ସିଡ଼ିପିଓ, ୱାନ ଷ୍ଟପ ସେଣ୍ଟର ଓ ଶକ୍ତି ସଦନ କର୍ମଚାରୀ, ଏନ୍‌ଜିଓ ପ୍ରତିନିଧି, ଏସଏଚଜି ସଦସ୍ୟ, କାର୍ଯ୍ୟାଳୟ କର୍ମଚାରୀ ଏବଂ ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ଯୋଗଦେଇଥିଲେ। ଯୌତୁକ ପ୍ରଥାକୁ ରୋକିବା ସହିତ ମହିଳାଙ୍କୁ ସମ୍ମାନ, ସୁରକ୍ଷା ଓ ସମାନ ଅଧିକାର ପ୍ରଦାନ ପାଇଁ ସମସ୍ତଙ୍କ ସମନ୍ୱିତ ପ୍ରୟାସର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଇଥିଲା।

ନୂଆ ଡିଆଇପିଆର୍‌ଓଙ୍କ ଯୋଗଦାନ

କଳାହାଣ୍ଡି (ଅମୃତ ମିଡ଼ିଆ) : କଳାହାଣ୍ଡି ଜିଲାର ନୂତନ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ମନୋଜ କୁମାର ବେହେରା ବୁଧବାର ଯୋଗଦେଇଛନ୍ତି। ଭବାନୀପାଟଣାସ୍ଥିତ ଡିଆଇପିଆରଙ୍କ କାର୍ଯ୍ୟାଳୟରେ ଭାରପ୍ରାପ୍ତ ଡିଆଇପିଆରଓ ତଥା ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଦିନେଶ କୁମାର କହଁରଙ୍କ ଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ନବରଙ୍ଗପୁର ଜିଲାରେ କାର୍ଯ୍ୟରତ ଥିଲେ। ଜିଲାର ଖବରଦାତାମାନଙ୍କ ସହିତ ସୁସମ୍ପର୍କ ରଖି ଜିଲାର ବିକାଶ ଦିଗରେ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ। ବିଶେଷ କରି ସରକାରଙ୍କ ସଚେତନତା ମୂଳକ କାର୍ଯ୍ୟକ୍ରମଗୁଡ଼ିକୁ ଲୋକଲୋଚନକୁ ପହଞ୍ଚାଇବା ପାଇଁ ଖବରଦାତା ଜରିଆରେ ପ୍ରୟାସ ଜାରି ରହିବ ବୋଲି ନୂତନ ଡିଆଇପିଆରଓ ବେହେରା ପ୍ରକାଶ କରିଛନ୍ତି। ଦାୟିତ୍ୱ ଗ୍ରହଣ ସମୟରେ ପୂର୍ବତନ ଡିଆଇପିଆରଓ ଦିନେଶ କୁମାର କହଁର ଓ କନିଷ୍ଠ ସହାୟକ ନିଳାୟର ଶବର ପ୍ରମୁଖ ଉପସ୍ଥିତ ଥିଲେ।

ଜିଲ୍ଲାସ୍ତରୀୟ 'ବେଟୀ ବଚାଓ ବେଟୀ ପଢ଼ାଓ' ସମନ୍ୱୟ ବୈଠକ

କଳାହାଣ୍ଡି (ଅମୃତ ମିଡ଼ିଆ) : ଆଜି(ବୁଧବାର) ସ୍ଥାନୀୟ ପରିସଂଖ୍ୟାନ ସଭାଗୃହ, ଭବାନୀପାଟଣା ଠାରେ ବାଳିକାଙ୍କ ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ, ପୋଷଣ ଓ ସଶକ୍ତିକରଣ ସହିତ ବାଲ୍ୟ ବିବାହ ନିରୋଧ ଏବଂ ବାଳିକାଙ୍କ ପ୍ରତିଥିବା ସାମାଜିକ ଭେଦଭାବ ଦୂର କରିବା ଉଦ୍ଦେଶ୍ୟରେ 'ବେଟୀ ବଚାଓ, ବେଟୀ ପଢ଼ାଓ' ଅଭିଯାନର ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଳିକାଙ୍କ ସୁରକ୍ଷା, ଶିକ୍ଷା ଓ ସର୍ବାଙ୍ଗୀନ ବିକାଶ ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱିତ ପ୍ରୟାସର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିବା ସହ ଅଭିଭାବକ ମାନଙ୍କୁ ନିଜର କନ୍ୟାସନ୍ତାନଙ୍କୁ ସୁରକ୍ଷିତ ରଖିବା ଏବଂ କୌଣସି ଭେଦ ଭାବ ନ ରଖି ସ୍ୱାବଲମ୍ବୀ କରିବାକୁ ଆହ୍ୱାନ କରିଥିଲେ। ଏହି ଅବସରରେ ଉପନିର୍ଦ୍ଦେଶକ, ଜିଲ୍ଲା ପ୍ଲାନିଂ ଓ ମନିଟରିଂ ୟୁନିଟ୍ ଶ୍ରୀକାନ୍ତ ଦଲେଇ, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡ଼ ନିହାରେନ୍ଦ୍ର ପଣ୍ଡା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର, ଶିଶୁ ମଙ୍ଗଳ କମିଟି ଅଧକ୍ଷା ସ୍ୱର୍ଣ୍ଣଲତା ମହାନ୍ତି, ଶିଶୁ ମଙ୍ଗଳକମିଟି ସଦସ୍ୟ ବିଶ୍ୱନାଥ ଦାସ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୃଜ୍ଜିବୁନ ନିଶା, ନିୟତି ବାଳା ସୋରେନ ପ୍ରମୁଖ ଉପସ୍ଥିତ ରହି ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଆଲୋଚନା କରିଥିଲେ ଏବଂ ବେଟୀ ବଚାଓ ବେଟୀ ପଢ଼ାଓର ଜିଲାସ୍ତରୀୟ ଯୋଜନା ପ୍ରସ୍ତୁତି ଏବଂ ବିଭିନ ସରକାରୀ ବିଭାଗର ସମନ୍ୱୟରେ କାର୍ଯ୍ୟକାରିତା ଉପରେ ଯୋଗେଶ୍ୱର ବୁଦ୍ଧିଆ, ଜିଲ୍ଲା ସଂଯୋଜକ ଜିଲ୍ଲା ମହିଳା ହବ ମାଧ୍ୟମରେ ପ୍ରଦର୍ଶନ କରିଥିଲେ। ଏହି ଅବସର ରେ କଳାହାଣ୍ଡି ଜିଲ୍ଲାର ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ,ୱାନଷ୍ଟପ ସେଣ୍ଟରର କର୍ମଚାରୀ ଓ ଶକ୍ତି ସଦନର କର୍ମଚାରୀ, ବେସରକାରୀ ଅନୁଷ୍ଠାନର ପ୍ରତିନିଧି, ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା, ବିଭିନ୍ନ ପଂଚାୟତର ଜନପ୍ରତିନିଧି, ବିଭିନ୍ନ ଧାର୍ମିକ ପ୍ରତିନିଧି ସଦସ୍ୟ, ଜେଣ୍ଡର ସିଆରପି ଏବଂ ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବାଳିକା ଶିକ୍ଷାକୁ ପ୍ରୋତ୍ସାହନ, ବାଲ୍ୟ ବିବାହ ନିରୋଧ, ସୁରକ୍ଷା, ସ୍ୱାସ୍ଥ୍ୟ ଓ ପୋଷଣ ଏବଂ ସରକାରୀ ଯୋଜନାର ସୁଫଳ ବାଳିକାମାନଙ୍କ ନିକଟରେ ପହଞ୍ଚାଇବା ନେଇ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୃଜ୍ଜିବୁନ ନିଶା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଯୋଗେଶ୍ୱର ବୁଦ୍ଧିଆ, ଜିଲ୍ଲା ସଂଯୋଜକ ଜିଲ୍ଲା ମହିଳା ହବ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଶେଷରେ କାର୍ଯ୍ୟକ୍ରମ ଅଧିକାରିଣୀ ତଥା ସୁରକ୍ଷା ଅଧିକାରିଣୀ ସନ୍ଧ୍ୟାରାଣୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ଜିଲ୍ଲା ମହିଳା ହବର ସମସ୍ତ କର୍ମଚାରୀ ଓ ଜିଲ୍ଲା ପ୍ରକଳ୍ପ ସହଯୋଗୀ ଆଭା ପ୍ରମୁଖ ସହଯୋଗ କରିଥିଲେ।

ଭୂଷଲାଡ ଯୁବା ମଞ୍ଚ ତରଫରୁ ଗାଁ'ରେ ସଫେଇ କାର୍ଯ୍ୟକ୍ରମ

ବଲାଙ୍ଗୀର (ଅମୃତ ମିଡିଆ) : ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ର ବଙ୍ଗୋମୁଣ୍ଡା ବ୍ଲକ ଭୂଷଲାଡ ଯୁବା ମଞ୍ଚ ତରଫରୁ ଆଜି ଗାଁରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ସଞ୍ଜିତ ସାହୁଙ୍କ ଆହ୍ୱାନ ତଥା ତେଜଭାନୁ ସାହୁଙ୍କ ନେତୃତ୍ୱରେ ଯୁବବର୍ଗ ମିଳିତ ହୋଇ ଗାଁର ରାସ୍ତାଘାଟ ସଫା କରିଥିଲେ। ସଫେଇ ଅଭିଯାନ, ସ୍ୱାସ୍ଥ୍ୟ ଓ ପରିବେଶକୁ ସ୍ୱଚ୍ଛ ଏବଂ ସୁନ୍ଦର ରଖିବା ପାଇଁ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଚାରିପାଖ ଅଳିଆ-ଆବର୍ଜନାମୁକ୍ତ ରହିଲେ ଡେଙ୍ଗୁ, ମ୍ୟାଲେରିଆ, ହଇଜା ଭଳି ରୋଗବ୍ୟାଧି ବ୍ୟାପିବାର ଆଶଙ୍କା କମିଯାଏ, ପ୍ଲାଷ୍ଟିକ୍ ଓ ଅନ୍ୟାନ୍ୟ କ୍ଷତିକାରକ ବର୍ଜ୍ୟବସ୍ତୁକୁ ସଠିକ୍ ଭାବେ ନଷ୍ଟ କରିବା ଦ୍ୱାରା ମୃତ୍ତିକା, ଜଳ ଓ ବାୟୁ ପ୍ରଦୂଷଣ ହ୍ରାସ ପାଏ, ଲୋକଙ୍କ ମଧ୍ୟରେ ସ୍ୱଚ୍ଛତା ପ୍ରତି କର୍ତ୍ତବ୍ୟବୋଧ ଏବଂ ନିଜ ଅଞ୍ଚଳକୁ ପରିଷ୍କାର ରଖିବାର ଅଭ୍ୟାସ ଗଢ଼ିତୋଳିବା, ନିଜ ଘର, ଗଳି ଓ ସାର୍ବଜନୀନ ସ୍ଥାନଗୁଡ଼ିକୁ ପରିଷ୍କାର ରଖିବା। ଓଦା ଓ ଶୁଖିଲା ଆବର୍ଜନାକୁ ଅଲଗା ଅଲଗା ଡଷ୍ଟବିନ୍‌ରେ ପକାଇବା। ଏକକ-ବ୍ୟବହାର ପ୍ଲାଷ୍ଟିକ୍‌ର ବ୍ୟବହାର ବନ୍ଦ କରିବା, ପ୍ରତିସପ୍ତାହରେ ବୃକ୍ଷରୋପଣ ଓ ସଫେଇ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ଲୋକମାନଙ୍କୁ ସଚେତନତା କରିଥିଲେ। ଏଥିରେ ସୁନିଲ ସାହୁ, ମହେଶ୍ୱର ସାହୁ, ମୁକେଶ ସାହୁ, ସୁଧୀର ସାହୁ ପ୍ରମୁଖ ସହଯୋଗ କରିଥିଲେ। ପରିଶେଷରେ ଭୂଷଲାଡ ଯୁବା ମଞ୍ଚର ସଙ୍ଗଠକ ଲୋଚନ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

ସିନିୟର୍ ଫୁଟବଲ୍ ଲିଗ୍ ଚାମ୍ପିୟନ୍ ରାମଧୂନ କ୍ଲବକୁ ସମ୍ବର୍ଦ୍ଧନା

ସୁବର୍ଣ୍ଣପୁର (ଅମୃତ ମିଡିଆ) : ରାମଧୂନ କ୍ଲବ୍‌ର ଫୁଟବଲ୍ ଟିମ୍ ଚମ୍ପିଆନ୍ ହେବା ପରେ ବିଜୟ ଉତ୍ସବ ପାଳନ କରିଛନ୍ତି ଏହାର ସଦସ୍ୟବୃନ୍ଦ। ସୁବର୍ଣ୍ଣପୁର ଚାଲିଥିବା ଫୁଟବଲ ମହାକୁମ୍ଭ ସରିଥିବା ବେଳେ ଏବେ ପାଳନ ହଉଛି ବିଜୟ ଉତ୍ସବ। ଏଥିରେ ସିନିଅର୍ ଫୁଟବଲ୍ ଲିଗ୍ ୨୦୨୬ରେ ସୋନପୁର ପୌର ପରିଷଦ ଅନ୍ତର୍ଗତ ମଝିପଡ଼ା ରାମଧେନୁ କ୍ଲବ୍‌ର ଫୁଟବଲ୍ ଦଳ ଚମ୍ପିଆନ୍ ହୋଇଛନ୍ତି। ଏହି ବିଜୟ ଉତ୍ସବ ଜିଲ୍ଲା କ୍ରୀଡା ସଂଘ ସମ୍ପାଦକ ପୀୟୁଷ ପଣ୍ଡାଙ୍କ ଅଧକ୍ଷତାରେ ସ୍ଥାନୀୟ ସୁରେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଫୁଟବଲ ଖେଳାଳି ଚନ୍ଦନଙ୍କ ସହ ତାଙ୍କ ଟିମ୍‌ର ସମସ୍ତ ଖେଳାଳିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଖେଳପ୍ରେମୀ ସହ ସ୍ଥାନୀୟ ଯୁବକ ସହରବାସୀ, ବୁଦ୍ଧିଜୀବୀଙ୍କ ସହ ଅନେକ ଲୋକ ସମାଗମ ହୋଇଥିଲା।

ସଂସ୍କୃତ ସପ୍ତାହୋତ୍ସବ ଆୟୋଜିତ

ଜାଲ୍ ପ୍ରମାଣପତ୍ର ବଳରେ ୨୬ ବର୍ଷ ଧରି ଚାକିରି

ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କଲେ ସୂଚନା ଅଧିକାର କର୍ମୀ

ବାରିପଦା(ଅମୃତମିଡିଆ): ଯଶିପୁର ବ୍ଲକରେ କାର୍ଯ୍ୟରତ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଜାଲ୍ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ଦାଖଲ କରି ଆଜକୁ ୨୬ ବର୍ଷ ଧରି ଚାକିରି କରୁଥିବା ନେଇ ଯଶିପୁରର ସୂଚନା ଅଧିକାର କର୍ମୀ ଜନାର୍ଦ୍ଦନ ମହାନ୍ତ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁସାରେ ବ୍ଲକରେ କାର୍ଯ୍ୟରତ ଚତୁର୍ଥ ଶ୍ରେଣୀ କର୍ମଚାରୀ ପ୍ରଫୁଲ୍ଲ କୁମାର ମହାନ୍ତଙ୍କ ଶିକ୍ଷାଗତ ପ୍ରମାଣପତ୍ର ସମ୍ପର୍କିତ ତଥ୍ୟାବଳୀ ଯଥା- ସ୍କୁଲ ଟ୍ରାନ୍ସଫର ସାର୍ଟିଫିକେଟ, ରେଜିଷ୍ଟାରରେ ଉଲ୍ଲେଖ ଥିବା ଜନ୍ମ ତାରିଖର ନକଲ, ଅଷ୍ଟମ ଶ୍ରେଣୀରେ ନାମ ଲେଖାଇବା ସମୟରେ ସାନନଈ ମଧ୍ୟ ଇଂରାଜୀ ସ୍କୁଲରେ ଆଡମିଶନ ହୋଇଥିଲେ ଏବଂ ୭ମ ପାସ ପରେ ୨୧.୫.୧୯୭୧ରେ ଅନ୍ୟତ୍ର ପଢ଼ିବା ପାଇଁ ଟ୍ରାନ୍ସଫର ସାର୍ଟିଫିକେଟ୍ ନେଇଥିଲେ । ଉକ୍ତ ସାର୍ଟିଫିକେଟରେ ପ୍ରଫୁଲ୍ଲ କୁମାର ମହାନ୍ତଙ୍କ ଜନ୍ମ ତାରିଖ ତା. ୦୨.୧୦.୧୯୫୬ ଲେଖାଥିବା ଜଣାପଡ଼ିଥିଲା । ଏହାପରେ ସେ ବାକରତଳା ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୧.୭.୧୯୭୪ରେ ନାମ ଲେଖାଇ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ି ତା. ୩୧.୫.୧୯୭୭ରେ ଟ୍ରାନ୍ସଫର ସାର୍ଟିଫିକେଟ୍ ନେଇଥିଲେ । ବାକରତଳା ଟ୍ରାନ୍ସଫର ସାର୍ଟିଫିକେଟରେ ମଧ୍ୟ ପ୍ରଫୁଲ୍ଲ ମହାନ୍ତଙ୍କ ଜନ୍ମ ତାରିଖ ତା.୦୨.୧୦.୧୯୫୬ ଲେଖାଥିବା ଜଣାପଡ଼ିଥିଲା । ଦୁଇଗୋଟି ବିଦ୍ୟାଳୟର ସାର୍ଟିଫିକେଟରେ ଜନ୍ମ ତାରିଖ ଅନୁଯାୟୀ ପ୍ରଫୁଲ୍ଲ ମହାନ୍ତ ୨୦୧୬ ମସିହାରେ ଅବସର ନେବା ପରିବର୍ତ୍ତେ ଅଦ୍ୟାବଧି କାର୍ଯ୍ୟ କରୁଥିବା ନେଇ ଜନାର୍ଦ୍ଦନ ଯଶିପୁର ବିଡିଓ ମାଧବ ଚନ୍ଦ୍ର ବିରୁଆଙ୍କ ନିକଟରେ ୧୨.୬.୨୬ରେ ଲିଖିତ ଅଭିଯୋଗ କରିଥିଲେ। ଏଥିସହ ସୂଚନା ଅଧିକାର ଆଇନ ବଳରେ ପ୍ରଫୁଲ୍ଲ କୁମାର ମହାନ୍ତଙ୍କ ଚାକିରିରେ ଯୋଗଦେବା ବେଳେ ଦାଖଲ କରିଥିବା ଦସ୍ତାବିଜ ମାଗିଥିଲେ । ମାତ୍ର ବିଡିଓ ବିଭିନ୍ନ ଆଳ ଦେଖାଇ କୌଣସି ଦସ୍ତାବିଜ ନଦେବା କାରଣରୁ ଜନାର୍ଦ୍ଦନ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ । ଅଭିଯୋଗର ତଦନ୍ତ ପାଇଁ କରଞ୍ଜିଆ ଉପଜିଲ୍ଲାପାଳଙ୍କୁ ଜିଲ୍ଲାପାଳ ଦାୟିତ୍ୱ ଦେଇଥିଲେ । ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ ବଳରେ ଗତ ୧୪.୮.୨୬ ତାରିଖରେ ବିଡିଓ ଦେଇଥିବା ଦସ୍ତାବିଜ ଅନୁଯାୟୀ ପ୍ରଫୁଲ୍ଲ ମହାନ୍ତ ସରକାରୀ ସେବାରେ ୧.୧.୨୦୦୦ରେ ଯୋଗଦାନ ଏବଂ କପଣ୍ଡସ୍ଥିତ ଆଦିବାସୀ ହରିଜନ ଉଚ୍ଚ ବିଦ୍ୟାଳୟରୁ ୧୯୮୫ ମସିହାରେ ୧୦ମ ପରୀକ୍ଷା ଦେଇ ଫେଲ୍ ହୋଇଥିବା ଓ ଉକ୍ତ ବିଦ୍ୟାଳୟର ପ୍ରମାଣପତ୍ର ଅନୁଯାୟୀ ପ୍ରଫୁଲ୍ଲଙ୍କ ଜନ୍ମ ତାରିଖ ତା. ୦୨.୧୦.୧୯୬୯ ଲେଖାଥିବା ଜଣାଯାଇଥିଲା । ସୂଚନା ଅଧିକାର ଆଇନ ବଳରେ ଉକ୍ତ ସ୍କୁଲର ପ୍ରଧାନଶିକ୍ଷକଙ୍କ ନିକଟରୁ ଜଣାପଡ଼ିଥିଲା ଯେ ଆଦିବାସୀ ହରିଜନ ଉଚ୍ଚ ବିଦ୍ୟାଳୟ ୧୯୮୭ରେ ସ୍ଥାପିତ ହୋଇଥିବା ବେଳେ ପ୍ରଫୁଲ୍ଲ ମହାନ୍ତଙ୍କ ନାମ ଆଡ୍‌ମିଶନ ରେଜିଷ୍ଟାରରେ ନ ଥିବା ଏବଂ ୧୯୮୫ରେ ୧୦ମ ପରୀକ୍ଷା ଦେଇଥିବା ତଥ୍ୟ ସମ୍ପୂର୍ଣ୍ଣ ମିଥ୍ୟା । ମିଥ୍ୟା ପ୍ରମାଣପତ୍ର ଦାଖଲ କରି ୨୬ ବର୍ଷ କାଳ ଚାକିରି କରି ସରକାରୀ ତହବିଲରୁ ଦରମା ନେବା ଏବଂ ବିଡିଓ ତାଙ୍କୁ ଘଣ୍ଟ ଘୋଡାଇବା ନେଇ ବିଡିଓଙ୍କ ପାରଦର୍ଶିତା ଓ ସଚ୍ଚୋଟତା ଉପରେ ଜନାର୍ଦ୍ଦନ ମହାନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।

ପୋଖରୀରେ ବୁଡ଼ି ଶିଶୁକନ୍ୟା ମୃତ

ବାରିପଦା(ଅମୃତମିଡିଆ): ମୟୂରଭଞ୍ଜ ଜିଲ୍ଲା,ମହୁଲଡିହା ଥାନା ସାତକୋଶିଆ ଗ୍ରାମ ପଞ୍ଚାୟତର ଘୁଲୁଘୁଳିଆ ଗ୍ରାମରେ ମଙ୍ଗଳବାର ଅପରାହ୍ନ ପ୍ରାୟ ୫ ଟାରେ ଘରପାଖ ପୋଖରୀରେ ବୁଡ଼ି ଏକ ଶିଶୁକନ୍ୟାର ମୃତ୍ୟୁ ହୋଇଛି । ମୃତ ଶିଶୁ ଜଣକ ଘୁଲୁଘୁଳିଆ ଗ୍ରାମ ଜାଗାଇ ସାହିର ଶ୍ୟାମସୁନ୍ଦର ଜାମୁଦାଙ୍କ ଏକ ମାତ୍ର ଝିଅ ର ଶୁଶ୍ରି ତା । ଜାମୁଦା (୧ ବର୍ଷ) । ଘଟଣା ରୁ ପ୍ରକାଶ ଯେ, ଘର ନିକଟରେ ଥିବା ପୋଖରୀ କୂଳରେ ସାହିର ପିଲାମାନଙ୍କ ସହ ରଖ୍ଖିତା ଖେଳୁଥିଲା ।ଛୁଆର ମା ପାଟି ଶୁଣି ନ ପାରି ପୋଖରୀ କୂଳକୁ ଆସି ଦେଖନ୍ତି ତ ତାଙ୍କ ଝିଅ ପାଣିରେ ପଡ଼ି ଉବୁଟୁବୁ ହେଉଛି । ପରିବାର ଲୋକେ ପାଣିରୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଡାକ୍ତର ପରୀକ୍ଷା କରି ଶିଶୁଟିକୁ ମୃତ ଘୋଷଣା କରିଥିଲେ। ସନ୍ଧ୍ୟାରେ ମହୁଲଡିହା ଥାନାରେ ଅଭିଯୋଗ ପରେ କେଶ ନଂ ୨୦/୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ଶବ ଜବତ କରିଥିଲା। ଆଜି ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି ପୁଲିସ।

କୁକୁର ଆକ୍ରମଣରେ ଆହତ ହରିଣର ମୃତ୍ୟୁ

ବାରିପଦା(ଅମୃତମିଡିଆ): କୁକୁର ଆକ୍ରମଣରେ ଗୁରୁତର ଭାବେ ଆହତ ହୋଇଥିବା ଏକ ମାଈ ହରିଣର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି । ମୟୂରଭଞ୍ଜ ଜିଲ୍ଲା,କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ରରୁଆଁ ସେକ୍ସନର ଭଞ୍ଜବେଡ଼ା ଗ୍ରାମପଞ୍ଚାୟତ ଅଧୀନ ଝୁମକାପାଳ ଅଞ୍ଚଳରୁ ବନ ବିଭାଗ ପକ୍ଷରୁ ଏହି ଆହତ ହରିଣକୁ ମଙ୍ଗଳବାର ଦିନ ଭୋର ସମୟରେ ଉଦ୍ଧାର କରାଯାଇଥିଲା। ପ୍ରାଥମିକ ସୂଚନା ଅନୁଯାୟୀ, ବୁଲା କୁକୁରମାନେ ହରିଣଟିକୁ ଆକ୍ରମଣ କରି ତା'ର ପଛ ଗୋଡ଼ରେ

କାମୁଡ଼ି ଗୁରୁତର କ୍ଷତ ସୃଷ୍ଟି କରିଥିଲେ। ଆହତ ଅବସ୍ଥାରେ ହରିଣଟି ଅସହାୟ ଭାବେ ପଡ଼ିଥିବା ଖବର ପାଇ ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ତାକୁ ଉଦ୍ଧାର କରିଥିଲେ। ପରେ ହରିଣଟିର ଚିକିତ୍ସା ଆରମ୍ଭ କରାଯାଇଥିଲେ ମଧ୍ୟ ଅବସ୍ଥାରେ ସୁଧାର ନଆସିବାରୁ ଶେଷରେ ତା'ର ମୃତ୍ୟୁ ଘଟିଥିଲା। ମୃତ୍ୟୁ ପରେ ବନ ବିଭାଗ ପକ୍ଷରୁ ହରିଣଟିର ବ୍ୟବଚ୍ଛେଦ କରାଯାଇଥିଲା। ବ୍ୟବଚ୍ଛେଦ ପ୍ରକ୍ରିୟା ସମ୍ପନ୍ନ ହେବା ପରେ ରରୁଆଁ ସେକ୍ସନ କାର୍ଯ୍ୟାଳୟ ପରିସରରେ ଗର୍ତ୍ତ ଖୋଳି ହରିଣଟିକୁ ନିୟମାନୁସାରେ ପୋତି ଦିଆଯାଇଥିଲା। ଏହି ସମୟରେ କରଞ୍ଜିଆ ବନାଞ୍ଚଳ ଅଧିକାରୀ ପ୍ରଶାନ୍ତ କୁମାର ସ୍ୱାଇଁଙ୍କ ସମେତ ସ୍ଥାନୀୟ ବନପାଳ ଓ ବନ ବିଭାଗର କର୍ମଚାରୀମାନେ ଉପସ୍ଥିତ ରହି ସମସ୍ତ ପ୍ରକ୍ରିୟା ତଦାରଖ କରିଥିଲେ। ଘଟଣାଟି ସ୍ଥାନୀୟ ଅଞ୍ଚଳରେ ବନ୍ୟଜନ୍ତୁଙ୍କ ସୁରକ୍ଷା ନେଇ ଚିନ୍ତା ବଢ଼ାଇଛି।

ମିଶନ ତାଳ ପକ୍ଷରୁ ବ୍ୟାପକ ଅଂଚଳରେ ତାରା ରୋପଣ

ବାରିପଦା /ଉଦଳା (ଅମୃତମିଡିଆ):



ତାଳ ମଞ୍ଜି ରୋପଣ କାର୍ଯ୍ୟକ୍ରମ ଜାରି ରହିଛି । ଚଳିତ ବର୍ଷ କପ୍ତିପଦା ବ୍ଲକର ଦେବଳା ଗ୍ରାମ ପଂଚାୟତ ଅଧିନ ଡାଙ୍ଗରବୁଆ ପାହାଡ଼ରେ ବ୍ୟାପକ ଅଂଚଳରେ ତାଳ ମଂଜି ରୋପଣ କରାଯାଇଥିବାର ଜଣାଯାଇଛି । ସ୍ଥାନୀୟ ବିଧାୟକ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ । ବନସୁରକ୍ଷା ସମିତିର ସଦସ୍ୟ ବଳରାମ ସିଂ ଯୋଗଦେଇ ତାଳ ଗଛ ମୃତିକାକ୍ଷୟକୁ ରୋକିବା ସହ ଆଜକୁ ୧୫ ବର୍ଷ ପୂର୍ବେ ଶିକ୍ଷକ ସନ୍ତୋଷ କୁମାର ସାହୁଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ମିଶନ ତାଳ ତରଫରୁ ପ୍ରତିବର୍ଷ କିପରି ବଜ୍ରପାତରୁ ରକ୍ଷା କରିଥାଏ ସେ ସମ୍ପର୍କରେ ଅବଗତ କରାଇଥିଲେ । କପ୍ତିପଦା ବନପାଳ ଲକ୍ଷ୍ମୀଧର ବେହେରା, ଶାଳିଆପଡିନି ଓ ବାୟା ଚଢ଼େଇଙ୍କ ସମେତ ବହୁ ଜୀବଜନ୍ତୁଙ୍କର ଆଶ୍ରୟସ୍ଥଳ କିପର୍ଣି ତାଳଗଛ ପାଲଟି ଥାଏ ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହାପରେ ସ୍ୱେଚ୍ଛାସେବୀମାନେ ମିଳିମିଶି ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ତାଳମଞ୍ଜି ରୋପଣ କରିଥିଲେ ।

ବର୍ଦ୍ଧିତ ଭତା ପାଇଁ ଗୁହାରି ଜଣାଇଲେ ୮୧ ବର୍ଷୀୟ ବିଧବା ମା'

ବାରିପଦା /ଉଦଳା (ଅମୃତମିଡିଆ): ଖୁଂଟା ବ୍ଲକର ଗଡ଼ିଗାଁ ପଂଚାୟତ ଅନ୍ତର୍ଗତ

କାହୁପୁର ଗ୍ରାମର ବାସିନ୍ଦା ସ୍ୱର୍ଗତଃ ହେମେନ୍ଦ୍ର ପାତ୍ରଙ୍କର ସହଧର୍ମିଣୀ ଅମୃତି ପାତ୍ର ଚଳିତ ବର୍ଷ ୮୧ବର୍ଷ ବୟସରେ ପଦାର୍ପଣ କଲେ । ଆଧାର କାର୍ଡ଼ରେ ଉଲ୍ଲେଖ ଥିବା ଜନ୍ମ ତାରିଖ ଅନୁସାରେ ତାଙ୍କୁ ୮୧ବର୍ଷ ବୟସ ଛୁଇଁଥିବାର ଜଣାଯାଇଛି । ୮୦ ବର୍ଷ ବୟସରୁ ଊର୍ଦ୍ଧ୍ୱ ବ୍ୟକ୍ତି ବିଶେଷଙ୍କୁ ମାସିକ ୩୫୦୦ଟଙ୍କା ଭତା ପ୍ରଦାନ କରାଯାଉଛି ବୋଲି ସରକାର ଘୋଷଣା କରିଛନ୍ତି । କିନ୍ତୁ ବିଧବା ମା' ଅମୃତି ବର୍ତମାନ ମାସିକ ୧୦୦୦ଟଙ୍କା ଭତା ପାଉଥିବାର ଜଣାଇଛନ୍ତି । ଅମୃତିଙ୍କୁ ବର୍ତମାନ ବୟସ ୯୦ ବର୍ଷରୁ ଅଧିକ ହେବ ବୋଲି ପରିବାରର ଲୋକେ କହିଛନ୍ତି । ତାଙ୍କର ଆଧାର ଓ ଭୋଟ ପରିଚୟପତ୍ରରେ ବୟସ କମ୍ ଦର୍ଶାଯାଇଛି ବୋଲି ଅଭିଯୋଗ କରିଛନ୍ତି । ତାଙ୍କୁ ବର୍ଦ୍ଧିତ ମାସିକ ଭତା ୩୫୦୦ଟଙ୍କା ପ୍ରଦାନ କରିବାକୁ ଅମୃତି ଗୁହାରି ଜଣାଇଛନ୍ତି । ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବା ବେଳେ ସରକାର ଯୋଗାଇ ଦେଉଥିବା ଚାଉଳ ଓ ଭତା ଉପରେ ପୁରା ପରିବାର ନିର୍ଭରଶୀଳ ଅଟେ । ବିଭାଗୀୟ କର୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

ବଏମ୍‌ସିଏଏମ୍ କଲେଜରେ ବିଦ୍ୟୁତ୍ ସଚେତନତା କାର୍ଯ୍ୟକ୍ରମ

ବାରିପଦା(ଅମୃତମିଡିଆ): ଟିପି ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ ଓ ମହାରାଜପୁର ସ୍ଥିତ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟ (ଏମସିଏଏମ) ମିଳିତ ଆନୁକୂଲ୍ୟରେ କଲେଜ ପରିସରରେ ଜାଗୃତି ଶୀର୍ଷକ ଏକ ବିଦ୍ୟୁତ ଉପଭୋକ୍ତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଲେଜର ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ କୁମାର ନାୟକ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ବିଦ୍ୟୁତ ଆମ ଦୈନନ୍ଦିନ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ । ତେଣୁ ବିଦ୍ୟୁତ ବ୍ୟବହାର ସହିତ ଉପଭୋକ୍ତାଙ୍କ ଅଧିକାର, ଦାୟିତ୍ୱ ଓ ସେବା ସମ୍ପର୍କରେ ସଚେତନତା ରହିବା ଆବଶ୍ୟକ ବୋଲି କହିଥିଲେ । ଟିପିଏନଓଡିଏଲର କଷ୍ଟମର କେୟାର ରିଲେସନ ଅଫିସର ବିଷ୍ଣୁପ୍ରିୟା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପଭୋକ୍ତାଙ୍କ ସହ କମ୍ପାନୀର ସୁସମ୍ପର୍କ, ଗ୍ରାହକ ସେବାର ବିଭିନ୍ନ ଦିଗ ଓ ଅଭିଯୋଗ ନିରାକରଣ ପ୍ରକ୍ରିୟା ସମ୍ପର୍କରେ

ଆଲୋକପାତ କରିଥିଲେ । ମୁଖ୍ୟ ବକ୍ତା ଭାବେ ଟିପିଏନଓଡିଏଲର ନିଡ୍ ଇଞ୍ଜିନିୟର ପ୍ରକାଶ ଚନ୍ଦ୍ର ସାହୁ ଯୋଗଦେଇ ପାୱାରପଏଣ୍ଟ ପ୍ରେଜେଣ୍ଟେସନ ମାଧ୍ୟମରେ ବିଦ୍ୟୁତ ବିଲ ପ୍ରସ୍ତୁତି ଓ ବିଲିଂ ପ୍ରକ୍ରିୟାର ବିଭିନ୍ନ ଦିଗ, ଡିଜିଟାଲ ମାଧ୍ୟମରେ ବିଦ୍ୟୁତ ବିଲ ପେଠ, ଗ୍ରାହକ ସମ୍ପର୍କ ଏବଂ ସୌର ଶକ୍ତି ସମ୍ବନ୍ଧୀୟ ପିଏମ ସୂର୍ଯ୍ୟ ଘର ଯୋଜନା ବିଷୟରେ ବିସ୍ତୃତ ଭାବେ ବୁଝାଇଥିଲେ। ଏହି ଅବସରରେ ପ୍ରଶ୍ନୋତ୍ତର ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ବିଦ୍ୟୁତ୍ ବିଲ୍, ଡିଜିଟାଲ ପେମେଣ୍ଟ, ଗ୍ରାହକ ସେବା ଓ ସୌର ଶକ୍ତି ସମ୍ପର୍କିତ ବିଭିନ୍ନ ସନ୍ଦେହର ସମାଧାନ କରାଯାଇଥିଲା । ବାଣିଜ୍ୟ ବିଭାଗର ମୁଖ୍ୟା ସବିତାରାଣୀ ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆଇନ ବିଭାଗର ମୁଖ୍ୟ ଜ୍ଞାନରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ

ରାଜକମାଲ କିଡ୍‌ସ ହେପି ସେଣ୍ଟରରେ କୁନିକୁନି ଶିଶୁ ସାଜିଲେ ରାଧାକୃଷ୍ଣ

ବାରିପଦା(ଅମୃତମିଡିଆ): ବାରିପଦା ମୁନିସିପାଲିଟି ଅନ୍ତର୍ଗତ ୧ନଂ ୱାର୍ଡ ସ୍ଥିତ ରାଜକମଲ ହେପି କିଡ୍‌ସ ସେଣ୍ଟରରେ କୁନିକୁନି ଶିଶୁ ମାନେ ରାଧାକୃଷ୍ଣ ବେଶ ସାଜି ପାଳିଲେ ନନ୍ଦ ଉତ୍ସବ ଓ ଆଶ୍ୱଥ ସାମଲ, ଆର କେ ପାତ୍ର, ଦକ୍ଷିତରାଜ ମଲ୍ଲିକ, ଯାନିଶା ବେହେରା, ଚେତନଦୀପ ସାହୁ, ଆରାଧ୍ୟା କିଶୋରୀ, ମୟନ ନାୟକ, କ୍ରିତିକା ମୁର୍ମୁ ଓ ଶିବାନ୍ୱି ବେହେରା ରାଧାକୃଷ୍ଣ ବେଶରେ ଅଭିନୟ କରି ବେଶ ଆନନ୍ଦିତ ହେବାର ଲକ୍ଷ୍ୟ କରାଯାଇଥିଲା ଓ ସାନ ବେଳୁ ଭାରତୀୟ ଆଧ୍ୟାତ୍ମିକ ଓ ସାଂସ୍କୃତିକ ପରମ୍ପରା ସହିତ ଯୋଡିବା ପାଇଁ ଏହା ଏକ ପ୍ରୟାସ ବୋଲି ଶିକ୍ଷୟତ୍ରୀ ତପସ୍ୱୀ ପଟ୍ଟନାୟକ ଓ ଅନୁପମା ଦାସ ବେହେରା ପ୍ରକାଶ କରିଥିଲେ ଓ ଏହି କାର୍ଯ୍ୟକ୍ରମରେ ପିଲାମାନଙ୍କର ପିତା ମାତା ମଧ୍ୟ ଉତ୍ସାହର ସହ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ ଓ ଶେଷରେ ବିଦ୍ୟାଳୟ ତରଫରୁ ପିଲାମାନଙ୍କୁ ମିଷ୍ଠାନ୍ନ ବଣ୍ଟନ କରାଯାଇଥିଲା ।

ଶ୍ରୀପଦଗଞ୍ଜ ପ୍ରାଥମିକ ବିଦ୍ୟାଳୟରେ ଗୁରୁଦିବସ ଓ ସମ୍ବର୍ଦ୍ଧନା ଉତ୍ସବ

ବାରିପଦା(ଅମୃତମିଡିଆ): ବାରିପଦା ମୁନିସିପାଲିଟି ଅନ୍ତର୍ଗତ ୧୩ ନମ୍ବର ୱାର୍ଡ ସ୍ଥିତ ଶ୍ରୀପଦଗଞ୍ଜସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପବିତ୍ର ଗୁରୁ ଦିବସ ଉପଲକ୍ଷେ ଗୁରୁପୂଜନ ଓ ସମ୍ବର୍ଦ୍ଧନା ଉତ୍ସବ ମହାସମାରୋହରେ ପ୍ରଧାନ ଶିକ୍ଷୟିତ୍ରୀ ପାର୍ବତୀ ଦେଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ଯୋଗ ଦେଇଥିବା ବେଳେ ଅବସରପ୍ରାପ୍ତ ଅଧ୍ୟକ୍ଷ, ତଥା ବିଶିଷ୍ଟ ଲେଖକ ରାଜେନ୍ଦ୍ର ବଦ୍ୟାଳୟର ସଭାପତି ପ୍ରଣତି ଯୋଗ ଦେଇ ପିଲାମାନଙ୍କୁ ପୂଜନର ମହତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ ।

ସି ଅତିଥି ପରିଚୟ ଓ ମଂଚ ପରିଚାଳନା କରିଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ ସୋନାଲି ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଗୁରୁପୂଜନ କରିବା ସଂଗେ ସଂଗେ ଗୁରୁଦିବସର ମହତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ ଏବଂ ଉତ୍ସବର ମୁଖ୍ୟ ଅତିଥି ପ୍ରତିଭା ଶତପଥୀଙ୍କୁ ଉକ୍ତ ବିଦ୍ୟାଳୟରେ ତାଙ୍କର ତ୍ୟାଗପୂତ ଶିକ୍ଷାଦାନ ପାଇଁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନପୂର୍ବକ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏହି ଉତ୍ସବରେ ପରିଚାଳନା ସମିତିର ସଭ୍ୟସଭ୍ୟାମାନେ ଯୋଗ ଦେଇଥିଲେ । ଉତ୍ସବରେ ବିଦ୍ୟାଳୟର ପ୍ରାକ୍ତନ ଶତପଥୀ ମୁଖ୍ୟ ଅତିଥି ଭାବରେ ଗତିଆ ମହାବିଦ୍ୟାଳୟର ତତ୍ତ୍ୱମସୀ ପ୍ରତିଷ୍ଠାନର ସଭାପତି ସାମଲ ମୁଖ୍ୟ ବକ୍ତା ଭାବରେ ଓ ଜେନା ସମ୍ମାନିତ ଅତିଥି ଭାବରେ ଭାରତୀୟ ପରମ୍ପରାରେ ଗୁରୁ ବିଭିନ୍ନ ଉଦାହରଣ ଦେଇ ସହକାରୀ ଶିକ୍ଷକ ଲଲାଟ କିଶୋର

ଶିଳ୍ପ ପାର୍କ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍ ପାଲଟିଛି ପ୍ରହସନ

ମଜୁରି ପାଇ ନାହାନ୍ତି ଶ୍ରମିକ; ଜିଲ୍ଲାପାଳଙ୍କ ନିକଟରେ ଫେରାଦ

ବାରିପଦା(ଅମୃତମିଡିଆ): ମାରଡା ବ୍ଲକ, ନୂହାଝାଳିଆ ପଞ୍ଚାୟତର କାନ୍ଦଣା ଗ୍ରାମରେ ଆଦିବାସୀ ଯୁବପିଢିଙ୍କ କ୍ଷମତା ବିକାଶ ସହ ରୋଜଗାରକ୍ଷମ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ଅନୁଦାନରେ ଜିଲ୍ଲା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ଶିଳ୍ପ ପାର୍କ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ପ୍ରକଳ୍ପ ପ୍ରତିଷ୍ଠା କରାଯାଇଥିଲା । ହେଲେ ସେହି ବିକାଶର ସ୍ୱପ୍ନ ଏବେ ଅଧା ବାଟରେ ଅଟକିଛି । ସୂଚନାଯୋଗ୍ୟ,ମୋରଡା ବିଧାୟକ ତଥା ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା.କୃଷ୍ଣଚନ୍ଦ୍ର ମହାପାତ୍ର ୨୦୨୪ ନଭେମ୍ବର ୫ତାରିଖରେ ଉକ୍ତ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହି ପ୍ରକଳ୍ପ ମାଧ୍ୟମରେ ବେରୋଜଗାର ଥିବା ସ୍ଥାନୀୟ ଯୁବକ ମାନେ କାମ ପାଇବେ ବୋଲି ଆଶାସଂଚାର ହୋଇଥିଲା । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ପ୍ରକଳ୍ପ ବାହାନାରେ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ମନରେଗା ଯୋଜନାରେ କେବଳ କଦଳୀ, ଲଙ୍କା, ଫୁଲ, ସପୁରୀ, ସଜନା ଗଛ ଲଗାଯାଇଥିଲା । ହେଲେ ରକ୍ଷଣାବେକ୍ଷଣ ଅଭାବରୁ ଗଛରେ ଫୁଲ ଫଳ ଧରିବା ପୂର୍ବରୁ ସବୁକିଛି ନଷ୍ଟ ହୋଇଯାଇଛି । ବୃଷ ମୂଳରେ ପାଣି ଯୋଗାଣ ପାଇଁ ସୋଲାର ସିଷ୍ଟମରେ ବୋରିଙ୍ଗ ଖୋଳା ଯାଇଥିବା ବେଳେ ଏବେ କେବଳ ବୋରିଙ୍ଗ ଭିତରେ ଥିବା ମଟର ବ୍ୟତୀତ ଆଉ କିଛି ନାହିଁ । ଏପରିକି ମନରେଗା ଯୋଜନାରେ

୨୦୨୬ ମାର୍ଚ୍ଚରେ ବାଜିବ ପଞ୍ଚାୟତ ନିର୍ବାଚନ ବିଗୁଲ୍ !

- ପାଟଣା ରାଜନୀତିରେ ତ୍ରିମୁଖୀ ଲଢ଼େଇର ଆଭାସ
- ଗୋଷ୍ଠୀ କନ୍ଦଳରେ ବିଜେପି
- ସଙ୍ଗଠନ ସମ୍ଭାଳିବାକୁ ବିଜେଡିର ପ୍ରୟାସ
- ଜନସମସ୍ୟାକୁ ଅସ୍ତ୍ର କରି ଆଗକୁ ବଢୁଛି କଂଗ୍ରେସ

ସାହାରପଡା (ଅମୃତ ମିଡିଆ): ଆଗାମୀ ୨୦୨୬ ମାର୍ଚ୍ଚ ମାସରେ ପଞ୍ଚାୟତ ନିର୍ବାଚନର ବିଗୁଲ୍ ବାଜିବାକୁ ଥିବା ବେଳେ କେନ୍ଦୁଝର ଜିଲ୍ଲାର ପାଟଣା ନିର୍ବାଚନ ମଣ୍ଡଳୀରେ ଏବେ ଠାରୁ ରାଜନୈତିକ ସମୀକରଣ ଜଟିଳ ଓ ରୋଚକ ହେବାରେ ଲାଗିଛି। ଗୋଟିଏ ପଟେ ରାଜ୍ୟର ଶାସକ ଦଳ ଭାରତୀୟ ଜନତା ପାର୍ଟି ସଙ୍ଗଠନକୁ ତୃଣମୂଳସ୍ତରରେ ମଜବୁତ କରିବାରେ ଲାଗିଥିବା ବେଳେ, ଅନ୍ୟପଟେ ଦଳ ଭିତରେ ଗୋଷ୍ଠୀ କନ୍ଦଳ ଓ କର୍ମୀ ଅସନ୍ତୋଷକୁ ନେଇ ଚର୍ଚ୍ଚା ଜୋର ଧରିଛି।ସେହିପରି ଦୀର୍ଘଦିନ ଧରି ପାଟଣା ଅଞ୍ଚଳରେ ନିଜର ସାଙ୍ଗଠନିକ ପ୍ରଭାବ ରଖିଥିବା ବିଜେଡି ଶାସନ ପରିବର୍ତ୍ତନ ପରେ କିଛି ଆଗଧାଡ଼ିର କର୍ମୀ ଓ ପୂର୍ବତନ ଜନପ୍ରତିନିଧିଙ୍କ ଦଳ ପରିବର୍ତ୍ତନ ଯୋଗୁଁ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଛି। ଏହାରି ମଧ୍ୟରେ ସ୍ଥାନୀୟ ଜନସମସ୍ୟା, ଉନ୍ନୟନ କାର୍ଯ୍ୟ, ଦୁର୍ନୀତି ଅଭିଯୋଗ ଓ ସାଧାରଣ ଲୋକଙ୍କ ଅସନ୍ତୋଷକୁ ପ୍ରସଙ୍ଗ କରି କଂଗ୍ରେସ ମଧ୍ୟ ନିରବରେ ନିଜର ରାଜନୈତିକ ଜମି ମଜବୁତ କରିବାକୁ ଉଦ୍ୟମ ଚଳାଇଛି।

ଫଳରେ ଆଗାମୀ ପଞ୍ଚାୟତ ନିର୍ବାଚନରେ ପାଟଣା ରାଜନୀତିରେ ତ୍ରିମୁଖୀ ଲଢ଼େଇର ଚିତ୍ର ଦେଖାଦେବାର ସମ୍ଭାବନା ନେଇ ରାଜନୈତିକ ମହଲରେ ଆଲୋଚନା ଆରମ୍ଭ ହୋଇଛି।

ପଞ୍ଚାୟତ ନିର୍ବାଚନର ଚିତ୍ର ସବୁବେଳେ ଭିନ୍ନ

ପାଟଣା ନିର୍ବାଚନମଣ୍ଡଳୀର ଗ୍ରାମାଞ୍ଚଳ ରାଜନୀତିରେ ପଞ୍ଚାୟତ ନିର୍ବାଚନ ସବୁବେଳେ ଭିନ୍ନ ସମୀକରଣ ସୃଷ୍ଟି କରିଥାଏ। ବିଧାନସଭା କିମ୍ବା ଲୋକସଭା ନିର୍ବାଚନ ତୁଳନାରେ ପଞ୍ଚାୟତ ନିର୍ବାଚନରେ ଦଳୀୟ ପରିଚୟ ସହ ପ୍ରାର୍ଥୀଙ୍କ ବ୍ୟକ୍ତିଗତ ଗ୍ରହଣୀୟତା, ସ୍ଥାନୀୟ ସମ୍ପର୍କ, ସାମାଜିକ ସମୀକରଣ, ଉନ୍ନୟନ କାର୍ଯ୍ୟ ଏବଂ ଜନସମସ୍ୟାର ପ୍ରଭାବ ଅଧିକ ରହିଥାଏ। ତେଣୁ କେବଳ ରାଜ୍ୟରେ କେଉଁ ଦଳ ଶାସନରେ ଅଛି, ସେହି ଗୋଟିଏ ସମୀକରଣ ଉପରେ ପଞ୍ଚାୟତ ନିର୍ବାଚନର ଫଳାଫଳ ନିର୍ଭର କରିବ ନାହିଁ। ପ୍ରତ୍ୟେକ ପଞ୍ଚାୟତରେ ସ୍ଥାନୀୟ ନେତୃତ୍ୱ ଓ ପ୍ରାର୍ଥୀଙ୍କ ପ୍ରଭାବ ହିଁ ଶେଷ ମୁହୂର୍ତ୍ତରେ ନିର୍ଣ୍ଣାୟକ ହୋଇପାରେ।

ବିଜେପି ପାଇଁ ସୁଯୋଗ ସହ ବଡ଼ ଚ୍ୟାଲେଞ୍ଜ

ଶାସକ ଦଳ ଭାବେ ବିଜେପି ପାଖରେ ସରକାରୀ ଯୋଜନା ଓ ଉନ୍ନୟନମୂଳକ କାର୍ଯ୍ୟକ୍ରମକୁ ସିଧାସଳଖ ଲୋକଙ୍କ ପାଖରେ ପହଞ୍ଚାଇବାର ସୁଯୋଗ ରହିଛି। ବିଭିନ୍ନ ଅଞ୍ଚଳରୁ ଅନ୍ୟ ଦଳର କିଛି କର୍ମୀ ଓ ପୂର୍ବତନ ଜନପ୍ରତିନିଧି ବିଜେପିରେ ଯୋଗଦେବା ଦଳର ସାଙ୍ଗଠନିକ ଶକ୍ତି ବଢ଼ାଇପାରେ। ହେଲେ ଦଳର ଶକ୍ତି ବୃଦ୍ଧି ସହିତ ପୁରୁଣା ଓ ନୂଆ କର୍ମୀଙ୍କ ମଧ୍ୟରେ ସମନ୍ୱୟ, ନେତୃତ୍ୱକୁ ନେଇ ଅସନ୍ତୋଷ, ପଦପଦବୀ ବଣ୍ଟନ ଏବଂ ଗୋଷ୍ଠୀ କନ୍ଦଳ ଭଳି ପ୍ରସଙ୍ଗ ବିଜେପି ପାଇଁ ଚ୍ୟାଲେଞ୍ଜ ହୋଇପାରେ। ରାଜନୈତିକ ପର୍ଯ୍ୟବେକ୍ଷକଙ୍କ ମତରେ, ଯଦି ନିର୍ବାଚନ ପୂର୍ବରୁ ଦଳ ଭିତରର ଅସନ୍ତୋଷକୁ ସମାଧାନ କରାଯାଇ ପାରେ, ତେବେ ଶାସକ ଦଳର ସାଙ୍ଗଠନିକ ଶକ୍ତି ଆହୁରି ସୁଦୃଢ଼ ହୋଇ ପାରିବ। କିନ୍ତୁ ଅସନ୍ତୋଷ ଯଦି ତୃଣମୂଳସ୍ତରରେ ବଢ଼ିଚାଲେ, ତେବେ ପଞ୍ଚାୟତ ସ୍ତରରେ ଏହାର ପ୍ରଭାବ ପଡ଼ିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ପାରିବ ନାହିଁ।

ବିଜେଡି ପାଇଁ ସଙ୍ଗଠନ ସଜଡ଼ିଗାର ସମୟ ଦୀର୍ଘ ସମୟ ଧରି ପାଟଣା ଅଞ୍ଚଳରେ ବିଜେଡିର ଏକ ମଜବୁତ ତୃଣମୂଳ ସଙ୍ଗଠନ ରହି ଆସିଥିଲା। ଗ୍ରାମ ପଞ୍ଚାୟତ ସ୍ତରରେ ଦଳ ସହ ଜଡ଼ିତ ଅନେକ ପୂର୍ବତନ ଜନପ୍ରତିନିଧି, କର୍ମୀ ଓ ସମର୍ଥକ ଆଜି ମଧ୍ୟ ରହିଛନ୍ତି। ହେଲେ ଶାସନ ପରିବର୍ତ୍ତନ ପରେ କିଛି ପ୍ରମୁଖ କର୍ମୀଙ୍କ ଦଳ ପରିବର୍ତ୍ତନ ଦଳର ସଙ୍ଗଠନ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏବେ ବିଜେଡି ସମ୍ମୁଖରେ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି—ଦଳଛାଡ଼କୁ କିପରି ରୋକାଯିବ ଏବଂ ନୂଆ ନେତୃତ୍ୱ ସୃଷ୍ଟି କରି ତୃଣମୂଳ ସଙ୍ଗଠନକୁ କିପରି ପୁଣି ସକ୍ରିୟ କରାଯିବ। ତଥାପି ବିଜେଡିକୁ ସମ୍ପୂର୍ଣ୍ଣ ଭାବେ ଦୁର୍ବଳ ବୋଲି କହିବା ଏବେ ଅତ୍ୟନ୍ତ ଶୀଘ୍ର ହେବ। ପୁରୁଣା ଭୋଟ ବ୍ୟାଙ୍କ, ଗ୍ରାମାଞ୍ଚଳରେ ରହିଥିବା ଦଳୀୟ ସମ୍ପର୍କ ଓ ଦୀର୍ଘଦିନର ସାଙ୍ଗଠନିକ ଅଭିଜ୍ଞତା ଆଗାମୀ ନିର୍ବାଚନରେ ବିଜେଡି ପାଇଁ ସହାୟକ ହୋଇପାରେ।

ନିରବରେ ଜମି ମଜବୁତ କରୁଛି କଂଗ୍ରେସ ବିଜେପି ଓ ବିଜେଡିର ରାଜନୈତିକ ଟଣାଓଟରା ମଧ୍ୟରେ କଂଗ୍ରେସ ମଧ୍ୟ ନିଜ ପାଇଁ ସମ୍ଭାବନାର ରାସ୍ତା ଖୋଜୁଛି। ସ୍ଥାନୀୟ ସମସ୍ୟା, ରାସ୍ତାଘାଟ, ପାନୀୟଜଳ, ସରକାରୀ ଯୋଜନାରେ ଅନିୟମିତତା ନେଇ ଅଭିଯୋଗ, ଦୁର୍ନୀତି ପ୍ରସଙ୍ଗ ଓ ସାଧାରଣ ଲୋକଙ୍କ ସମସ୍ୟାକୁ ନେଇ କଂଗ୍ରେସ ନେତା ଓ କର୍ମୀମାନେ ମୁଖର ହେବାକୁ ଚେଷ୍ଟା କରୁଛନ୍ତି। ଦୀର୍ଘଦିନ ଧରି ପାଟଣା ରାଜନୀତିରେ ତୃତୀୟ ବିକଳ୍ପ ଭାବେ ରହି ଆସିଥିବା କଂଗ୍ରେସ ଯଦି ସଠିକ୍ ପ୍ରାର୍ଥୀ ଚୟନ କରିବା ସହ ବୁଥ୍ ଓ ପଞ୍ଚାୟତ ସ୍ତରରେ ସଙ୍ଗଠନକୁ ସକ୍ରିୟ କରିପାରେ, ତେବେ କିଛି ଅଞ୍ଚଳରେ ଚମକ ସୃଷ୍ଟି କରିବାର ସମ୍ଭାବନା ରହିଛି। ଯୁବ, ଛାତ୍ର, ଚାଷୀ ଓ ସାଧାରଣ ଲୋକଙ୍କ ସମସ୍ୟାକୁ ରାଜନୈତିକ ପ୍ରସଙ୍ଗରେ ପରିଣତ କରି କଂଗ୍ରେସ ଯଦି ଏକ ସୁଦୃଢ଼ ବିକଳ୍ପ ନେତୃତ୍ୱ ଦେଇପାରେ, ତେବେ ତ୍ରିମୁଖୀ ଲଢ଼େଇ ଆହୁରି ସ୍ପଷ୍ଟ ହୋଇପାରେ।

କାହାର ହାତରେ ପାଟଣା ପଞ୍ଚାୟତ ରାଜନୀତିର ଚାବି ?

ଆଗାମୀ ୨୦୨୬ ପଞ୍ଚାୟତ ନିର୍ବାଚନରେ ପାଟଣା ନିର୍ବାଚନମଣ୍ଡଳୀର ଫଳାଫଳ କେବଳ ଦଳୀୟ ଶକ୍ତି ଉପରେ ନିର୍ଭର କରିବ ନାହିଁ। ପ୍ରାର୍ଥୀଙ୍କ ଗ୍ରହଣୀୟତା, ଦଳୀୟ ଏକତା, ସ୍ଥାନୀୟ ସମସ୍ୟାର ସମାଧାନ, ସାମାଜିକ ସମୀକରଣ ଏବଂ ସାଧାରଣ ଭୋଟରଙ୍କ ମନୋଭାବ ହିଁ ଶେଷ ପର୍ଯ୍ୟନ୍ତ ନିର୍ଣ୍ଣାୟକ ଭୂମିକା ନେବ।ବିଜେପି ନିଜର ଆଭ୍ୟନ୍ତରୀଣ ଅସନ୍ତୋଷ ଓ ଗୋଷ୍ଠୀ କନ୍ଦଳକୁ ଦୂର କରି ପାରିଲେ ଶାସକ ଦଳର ସୁବିଧାକୁ ଭୋଟରେ ପରିଣତ କରିପାରିବ। ବିଜେଡି ନିଜର ସଙ୍ଗଠନକୁ ସଜାଡ଼ି ପୁରୁଣା ଭୋଟ ବ୍ୟାଙ୍କକୁ ଏକଜୁଟ କରି ପାରିଲେ ଲଢ଼େଇକୁ କଡ଼ା କରି ପାରିବ। ଆଉ କଂଗ୍ରେସ ଯଦି ଜନସମସ୍ୟାକୁ କେବଳ ସମାଲୋଚନାରେ ସୀମିତ ନରଖି ସାଙ୍ଗଠନିକ ଭାବେ ମଜବୁତ ହୋଇପାରେ, ତେବେ ପାଟଣା ରାଜନୀତିରେ ନୂଆ ସମୀକରଣ ସୃଷ্টି ହେବାର ସମ୍ଭାବନା ରହିଛି। ଏବେ ପ୍ରଶ୍ନ ଗୋଟିଏ—

୨୦୨୬ ମାର୍ଚ୍ଚରେ ପଞ୍ଚାୟତ ନିର୍ବାଚନ ବିଗୁଲ୍ ବାଜିବା ପରେ ପାଟଣା ରାଜନୀତିରେ କିଏ ମାରିବ ବାଜି ? ଶାସକ ବିଜେପି ନିଜର ଗଡ଼ ଆହୁରି ମଜବୁତ କରିବ କି ? ବିଜେଡି ପୁଣି ନିଜର ହରାଇଥିବା ରାଜନୈତିକ ଜମି ଫେରି ପାଇବ କି ? ନା ଜନସମସ୍ୟାକୁ ଅସ୍ତ୍ର କରି କଂଗ୍ରେସ ନୂଆ ରାଜନୈତିକ ଚମକ ସୃଷ୍ଟି କରିବ ? ଏହି ସବୁ ପ୍ରଶ୍ନର ଉତ୍ତର ଦେବେ ପାଟଣା ନିର୍ବାଚନମଣ୍ଡଳୀର ସାଧାରଣ ଭୋଟର। ଆଗାମୀ କିଛି ମାସରେ ଦଳୀୟ ସମୀକରଣ କେଉଁ ଦିଗକୁ ମୋଡ଼ ନେଉଛି, ତାହା ହିଁ ନିର୍ଣ୍ଣୟ କରିବ ୨୦୨୬ ପାଟଣା ପଞ୍ଚାୟତ ରାଜନୀତିର ଭବିଷ୍ୟତ।

ନାବାଳିକା ନିଖୋଜ ଘଟଣାରେ ଯୁବକ ଗିରଫ

ଯୋଡ଼ା (ଅମୃତ ମିଡିଆ):ଟାଟା ଟିସ୍କୋ ମେଡିକାଲରୁ ନିଖୋଜ ହୋଇଥିବା ଜଣେ ନାବାଳିକାଙ୍କୁ ଯୋଡ଼ା ଥାନା ପୋଲିସ ତତ୍ପରତାର ସହ ନୂଆମୁଣ୍ଡି ଅଞ୍ଚଳରୁ ଗତକାଲି ଉଦ୍ଧାର କରିଥିଲେ । ପରେ ନାବାଳିକାଙ୍କ ବୟାନ ଓ ତଦନ୍ତରୁ ସାମ୍ନାକୁ ଆସିଥିବା ତଥ୍ୟ ଆଧାରରେ ମାମଲାରେ ଗୁରୁତର ଧାରା ଯୋଡ଼ାଯାଇଛି । ଏହି ଘଟଣାରେ ଜଣେ ଯୁବକଙ୍କୁ ପୋଲିସ ଗିରଫ କରି ଆଜି ମାନ୍ୟବର ଅଦାଲତକୁ ପଠାଇଛି ।

ପୋଲିସ ସୂଚନା ଅନୁଯାୟୀ, ଗତ ୫ ସେପ୍ଟେମ୍ବର ୨୦୨୬ ଦିନ ପ୍ରାୟ ୭ଟା ସମୟରେ କୁନି ପାତ୍ର ଯୋଡ଼ା ଥାନାରେ ଏକ ଲିଖିତ ଅଭିଯୋଗ ଦାଖଲ କରିଥିଲେ । ଅଭିଯୋଗ ଅନୁଯାୟୀ, ତାଙ୍କ ନାବାଳିକା ଝିଅ ନିଜ ବାପାଙ୍କ ଦେଖାଶୁଣା କରିବା ପାଇଁ ଟାଟା ଟିସ୍କୋ ମେଡିକାଲରେ ରହୁଥିବା ସମୟରେ କାହାକୁ କିଛି ନଜଣାଇ ସେଠାରୁ କୁଆଡ଼େ ଚାଲିଯାଇଥିଲେ । ଝିଅ ନିଖୋଜ ହେବା ପରେ ପରିବାର ପକ୍ଷରୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରାଯାଇଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳିନଥିଲା । ଶେଷରେ ମା' ଯୋଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏହାକୁ ଆଧାର କରି ଯୋଡ଼ା ଥାନା କେସ୍ ନମ୍ବର- ୩୨୦, ତା. ୦୫/୦୯/୨୦୨୬, ବିଏନ୍ଏସ୍ ଧାରା ୧୩୭(୨) ଅନୁଯାୟୀ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା । ମାମଲା ରୁଜୁ ପରେ ଯୋଡ଼ା ପୋଲିସ ନାବାଳିକାଙ୍କୁ ଖୋଜିବା ପାଇଁ ବିଭିନ୍ନ ସ୍ଥାନରେ ତଲାସ ଓ ଅନୁସନ୍ଧାନ ଜାରି ରଖିଥିଲା । ପୋଲିସର ନିରନ୍ତର ପ୍ରୟାସ ପରେ ଗତକାଲି ନାବାଳିକାଙ୍କୁ ନୂଆମୁଣ୍ଡି ଅଞ୍ଚଳରୁ ଉଦ୍ଧାର କରାଯାଇଥିଲା । ଉଦ୍ଧାର ପରେ ନାବାଳିକାଙ୍କ ବୟାନକୁ ବିଏନ୍ଏସ୍ ଧାରା ୧୮୦ ଅନୁସାରେ ରେକର୍ଡ କରାଯାଇଥିଲା । ବୟାନରେ ନାବାଳିକା ଜଣେ ଯୁବକଙ୍କ ସହ ନୂଆମୁଣ୍ଡିକୁ ଯାଇଥିବା ସଂପର୍କରେ କହିଥିଲେ। ଏଥିସହ ସେ ବର୍ତ୍ତମାନ ଗର୍ଭବତୀ ଥିବା କଥା ମଧ୍ୟ ପ୍ରକାଶ କରିଥିବା ପୋଲିସ ପକ୍ଷରୁ କୁହାଯାଇଛି । ନାବାଳିକାଙ୍କ ବୟାନ ଏବଂ ତଦନ୍ତ ସମୟରେ ସଂଗୃହୀତ ତଥ୍ୟ ଆଧାରରେ ପୂର୍ବରୁ ରୁଜୁ ହୋଇଥିବା ବିଏନ୍ଏସ୍ ଧାରା ୧୩୭(୨) ମାମଲାରେ ପରବର୍ତ୍ତୀ ସମୟରେ ବିଏନ୍ଏସ୍ ଧାରା ୧୩୭(୨)/୬୪(୨)(ଏମ୍) ସହ ପୋକ୍ସୋ ଆଇନର ଧାରା ୬ ଯୋଡ଼ାଯାଇଥିଲା । ଏହାପରେ ମାମଲାର ତଦନ୍ତକୁ ଆହୁରି ଗୁରୁତ୍ୱ ଦିଆଯାଇ ଅଭିଯୁକ୍ତ ବାବାଜୀ ଗୋପଙ୍କୁ ଧରିବା ପାଇଁ ପୁଲିସ ପଦକ୍ଷେପ ନେଇଥିଲା। ତଦନ୍ତ ସମୟରେ ଯୋଡ଼ା ପୁଲିସ ତାଙ୍କୁ ଧରିବାରେ ସଫଳ ହୋଇଥିଲା । ଅଭିଯୁକ୍ତକୁ ଗିରଫ କରିବା ପରେ ଆବଶ୍ୟକ ଆଇନଗତ ପ୍ରକ୍ରିୟା ସମ୍ପନ୍ନ କରାଯାଇଛି । ଆଜି ଅଭିଯୁକ୍ତ ବାବାଜୀ ଗୋପଙ୍କୁ ବିଚାର ପ୍ରକ୍ରିୟା ପାଇଁ ମାନ୍ୟବର ଅଦାଲତକୁ ପଠାଯାଇଛି ।

ଦୀର୍ଘଦିନ ଫେରାର ଥିବା ୱାରେଣ୍ଟୀ ଗିରଫ

ଯୋଡ଼ା (ଅମୃତ ମିଡିଆ): ଦୀର୍ଘଦିନ ଧରି ପୋଲିସ ନଜରରୁ ଦୂରେ ରହିଥିବା ଏବଂ ଗିରଫ ପରୱାନା ଜାରି ହୋଇଥିବା ଜଣେ ଅଭିଯୁକ୍ତଙ୍କୁ ଯୋଡ଼ା ଥାନା ପୁଲିସ ଆଜି ଗିରଫ କରିବାରେ ସଫଳ ହୋଇଛି । ଗିରଫ ଅଭିଯୁକ୍ତ ହେଲେ ସ୍ଥାନୀୟ ବାବୁହାଟିଂର ଜିତୁ ଖାନ (୨୫) ।

ସୂଚନା ଅନୁଯାୟୀ, ଅଭିଯୁକ୍ତ ଜିତୁ ଖାନଙ୍କ ବିରୋଧରେ ଯୋଡ଼ା ଥାନା କେସ୍ ନମ୍ବର- ୧୯/୨୦୨୫ ଏବଂ ବଡ଼ବିଲ ଥାନା କେସ୍ ନମ୍ବର- ୩୨୪/୨୪ ଅନୁଯାୟୀ ମାମଲା ରହିଥିବାର ଜଣାପଡ଼ିଛି । ସେଥିମଧ୍ୟରୁ ଏସଟି କେସ୍ ନମ୍ବର- ୧୩୩/୨୦୨୩ ମାମଲାଟି ବିଏନ୍ଏସ୍ ଧାରା ୩୧୦(୪)/୩୧୦(୫) ସହ ଆର୍ମ୍ସ ଆକ୍ଟର ଧାରା ୨୫/୨୨ ଅନୁଯାୟୀ ରୁଜୁ ହୋଇଥିବା ବେଳେଏସଟି କେସ୍ ନମ୍ବର- ୧୩୪/୨୦୨୫ ମାମଲାଟି ବିଏନ୍ଏସ୍ ଧାରା ୩୦୯(୬)/୧୦୯(୨) ଅନୁଯାୟୀ ରୁଜୁ ହୋଇଥିବା ଉଲ୍ଲେଖ ରହିଛି । ଉକ୍ତ ମାମଲାଗୁଡ଼ିକରେ ଅଭିଯୁକ୍ତଙ୍କ ନାମରେ ଅଦାଲତ ପକ୍ଷରୁ ଗିରଫ ପରୱାନା ଜାରି କରାଯାଇଥିଲା । ତେବେ ଅଭିଯୁକ୍ତଙ୍କ ନାମରେ ଗିରଫ ପରୱାନା ଥିବା ସତ୍ତ୍ୱେ ସେ ପୋଲିସ ଆଖିରେ ଧୂଳି ଦେଇ ଦୀର୍ଘଦିନ ଧରି ଫେରାର ରହିଥିଲା । ଯୋଡ଼ା ଥାନା ପୋଲିସ ଅଭିଯୁକ୍ତଙ୍କୁ ଧରିବା ପାଇଁ ତାଙ୍କ ଗତିବିଧି ଉପରେ ନଜର ରଖିବା ସହ ତଦନ୍ତ ଜାରି ରଖିଥିଲା । ଶେଷରେ ପୋଲିସ ତାଙ୍କୁ ଚିହ୍ନଟ କରି ଗିରଫ କରିବାରେ ସଫଳ ହୋଇଛି । ଗିରଫ ପରେ ଅଭିଯୁକ୍ତଙ୍କୁ ଆଇନାନୁସାରେ ମାନ୍ୟବର ଅଦାଲତରେ ହାଜର କରାଯିବା ପାଇଁ ପଠାଯାଇଛି । ଦୀର୍ଘଦିନ ଧରି ଗିରଫ ପରୱାନା ଜାରି ଥିବା ଅଭିଯୁକ୍ତଙ୍କୁ ଧରିବାରେ ଯୋଡ଼ା ଥାନା ପୋଲିସର ଏହି ପଦକ୍ଷେପକୁ ଗୁରୁତ୍ୱପୂର୍ଣ୍ଣ ସଫଳତା ବୋଲି ମନେ କରାଯାଉଛି ।

ମୁଖ୍ୟମନ୍ତ୍ରୀ ଓ ଖାଦ୍ୟଯୋଗାଣ ମନ୍ତ୍ରୀଙ୍କୁ ମହେଶ୍ୱର ସାହୁଙ୍କ କୃତଜ୍ଞତା

ଆନନ୍ଦପୁର (ଅମୃତ ମିଡିଆ): ବ୍ୟାପକ କୃଷକ କଲ୍ୟାଣକାରୀ ଯୋଜନା ଓ ସରଳୀକୃତ ପଞ୍ଜୀକରଣ ପ୍ରକ୍ରିୟା ବଳରେ ଓଡ଼ିଶାରେ ଖରିଫ ଧାନ ସଂଗ୍ରହ ପାଇଁ ଚାଷୀଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ଦେଖିବାକୁ ମିଳିଛି। ରାଜ୍ୟରେ ଗତ ବର୍ଷ ୧୯,୬୭,୮୬୨ ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ଚଳିତ ବର୍ଷ ରେକର୍ଡ ସଂଖ୍ୟକ ୨,୧୩,୬୮୨ ଜଣ ଚାଷୀ ନାମ ପଞ୍ଜୀକୃତ କରିଛନ୍ତି, ଯାହା ଗତ ବର୍ଷଠାରୁ ଦୁଇ ଲକ୍ଷରୁ ଅଧିକ ଅଟେ।

ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜିଲ୍ଲା କେନ୍ଦୁଝରରେ ମଧ୍ୟ ବ୍ୟାପକ ସଫଳତା ମିଳିଛି। ଗତ ବର୍ଷ ୭୯,୧୦୮ ଜଣ ଚାଷୀ ପଞ୍ଜୀକରଣ କରିଥିବା ସ୍ଥଳେ ଚଳିତ ବର୍ଷ ୯୫ଟି ସେବା ସମବାୟ ସମିତି ମାଧ୍ୟମରେ ୯୪,୧୩୭ ଜଣ ଚାଷୀ ଅର୍ଥାତ୍ ଅତିରିକ୍ତ ୧୫,୦୨୯ ଜଣ ଚାଷୀ ନାମ ଲେଖାଇ ନୂତନ ରେକର୍ଡ ସୃଷ୍ଟି କରିଛନ୍ତି। ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା ଏବଂ ସେମାନଙ୍କ ଧାନ ସୁରୁଖୁରୁରେ ବିକ୍ରି କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏବଂ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଗ୍ରହଣ କରିଥିବା ସଫଳ ପଦକ୍ଷେପ ପାଇଁ ବିଜେପି କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି ମହେଶ୍ୱର ସାହୁ ଉଭୟଙ୍କୁ କୃତଜ୍ଞତା ଜଣାଇବା ସହ ମୋହନ ମାଝୀ ସରକାର ଚାଷୀ ମାନଙ୍କ ସରକାର ବୋଲି ପ୍ରମାଣିତ ହୋଇଛି ବୋଲି ବିଜେପି କୃଷକମୋର୍ଚ୍ଚା ପୂର୍ବତନ ରାଜ୍ୟ ସଭାପତି ମହେଶ୍ୱର ସାହୁ କହିଛନ୍ତି।

ଜିଲ୍ଲାସ୍ତରୀୟ ମିଳିତ ଜନଅଭିଯୋଗ ଶୁଣାଣି

୧୮୮ ଅଭିଯୋଗ, ୧୦ ଟିର ତ୍ୱରିତ୍ ସମାଧାନ

ଭଞ୍ଜନଗର (ଅମୃତ ମିଡିଆ): ସ୍ଥାନୀୟ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାସ୍ତରୀୟ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କୀର୍ତ୍ତି ଭାସନ.ଭି , ଆରକ୍ଷୀ ଅଧୀକ୍ଷକ ହରିଶ ବିଶି, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ଉପଜିଲ୍ଲାପାଳ ଉମାଶଙ୍କର ବେହେରା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରଞ୍ଜନ କୁମାର ଦେ ଏବଂ ଏସଡିପିଓ ଡ. ଦୀପକ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ରହି ମୋଟ ୧୮୮ଟି ଅଭିଯୋଗର ଶୁଣାଣି କରିଥିଲେ।

ମିଳିଥିବା ୧୮୮ ଟି ଅଭିଯୋଗ ମଧ୍ୟରୁ ୧୮୬ଟି ବ୍ୟକ୍ତିଗତ, ୨ଟି ସାମୂହିକ ଥିବାବେଳେ ଏଥିମଧ୍ୟରୁ ୧୦ଟି ଅଭିଯୋଗର ତୁରନ୍ତ ସମାଧାନ ଏହି ଶିବିରରେ ହିଁ କରାଯାଇଥିଲା। ଅବଶିଷ୍ଟ ଅଭିଯୋଗ ଗୁଡ଼ିକର ଶୀଘ୍ର ଏବଂ ଫଳପ୍ରଦ ସମାଧାନ ପାଇଁ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ୧୦ ଜଣ ହିତାଧିକାରୀଙ୍କୁ ମୋଟ ୬୭ ହଜାର ୫ ଶହ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଶିବିରରେ ଉପସ୍ଥିତ ଜନସାଧାରଣ ଶିକ୍ଷା, କୃଷି, ସ୍ୱାସ୍ଥ୍ୟ, ସାମାଜିକ ସୁରକ୍ଷା, ଭତ୍ତା, ଖାଦ୍ୟ ସୁରକ୍ଷା, ଗୃହ ନିର୍ମାଣ, ଜୀବିକା ମିଶନ, ରାଜସ୍ୱ ଏବଂ ଜମିଜମା ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରିଥିଲେ।

ଏହି ଜନ ଅଭିଯୋଗ ଶୁଣାଣୀ ଶିବିରରେ ଭଞ୍ଜନଗର ଅତିରିକ୍ତ ଉପଜିଲ୍ଲାପାଳ ପ୍ରଧାନ ତୁଲିଆମା, ସହାୟକ ଉପଜିଲ୍ଲାପାଳ ରାମଚନ୍ଦ୍ର ମହାପାତ୍ର , ତହସିଲଦାର ଅଭିପ୍ସା ପଟ୍ଟନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାରତୀ ଦେବୀ, ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀ ସନ୍ତୋଷ କୁମାର ନାୟକ, ଜଳସମ୍ପଦ ଅଧୀକ୍ଷଣ ଯନ୍ତ୍ର

■ ପୁରୀବାସୀଙ୍କ ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନ ଅଧିକାର

ମିଳିତ ବୈଠକରେ ପ୍ରଶାସନକୁ ଶେଷ ଚେତାବନୀ ଦେଲା ସ୍ୱତନ୍ତ୍ର ବ୍ୟବସ୍ଥା ମଞ୍ଚ

ସ୍ଥାୟୀ ବ୍ୟବସ୍ଥା ଘୋଷଣା ନ ହେଲେ ଅହୋରାତ୍ର ଗଣଧାରଣା ଓ ପୁରୀ ବନ୍ଦ

ପୁରୀ (ବ୍ୟୁରୋ): ପୁରୀ କେବଳ ଏକ ସହର ନୁହେଁ, ଏହା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ଧାମ ଏବଂ ଓଡ଼ିଆ ଜାତିର ଆତ୍ମା, ଭାବନା ଓ ସଂସ୍କୃତିର ଅନନ୍ୟ ପରିଚୟ। ଏହି ପବିତ୍ର ଧାମରେ ପିଢ଼ି ପରେ ପିଢ଼ି ବସବାସ କରିଆସୁଥିବା ପୁରୀବାସୀଙ୍କ ନିଜ ଆରାଧ୍ୟ ମହାପ୍ରଭୁଙ୍କୁ ସମ୍ମାନର ସହ ଦର୍ଶନ କରିବା ପାଇଁ ସ୍ୱତନ୍ତ୍ର ଓ ସ୍ଥାୟୀ ବ୍ୟବସ୍ଥା ଦାବି କୌଣସି ଅନୁଗ୍ରହ କିମ୍ବା ଦୟା ନୁହେଁ; ଏହା ସେମାନଙ୍କ ଦୀର୍ଘଦିନର ନ୍ୟାୟସଙ୍ଗତ ଦାବି। ଏହି ଦାବିକୁ ନେଇ ପୁରୀବାସୀଙ୍କ ଶାନ୍ତିପୂର୍ଣ୍ଣ

ସଚେତନତା ପଦଯାତ୍ରା ଓ ନିରବ ସତ୍ୟାଗ୍ରହ ପାଞ୍ଚ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଅବିରତ ଭାବେ ଜାରି ରହିଛି। ଗତ ଏପ୍ରିଲ ୧, ଉତ୍କଳ ଦିବସ ଅବସରରେ ଶ୍ରୀଗୁଣ୍ଡିଚା ମନ୍ଦିରଠାରୁ ଏହି ପଦଯାତ୍ରାର ଶୁଭାରମ୍ଭ ହୋଇଥିଲା। ପରବର୍ତ୍ତୀ ଦିନଠାରୁ ଭକ୍ତ ସାଲବେଗ ପାଠଠାରୁ ପ୍ରତିଦିନ ପଦଯାତ୍ରା ଶ୍ରୀମନ୍ଦିର ଅଭିମୁଖେ ଆଗେଇ ଚାଲିଛି। ଏହି ପଦଯାତ୍ରା ପୁରୀବାସୀଙ୍କ ଆତ୍ମା, ଅଧିକାର, ସ୍ୱାଭିମାନ ଓ ଶାନ୍ତିପୂର୍ଣ୍ଣ ଗଣତାନ୍ତ୍ରିକ ସଂଘର୍ଷର ପ୍ରତୀକ ପାଲଟିଛି। ଆନ୍ଦୋଳନକୁ ଆହୁରି ବ୍ୟାପକ କରିବା ଏବଂ ଆଗାମୀ ଦିନର କାର୍ଯ୍ୟପନ୍ଥା ସ୍ଥିର କରିବା ଉଦ୍ଦେଶ୍ୟରେ ଆଜି ପୁରୀ ବଡ଼ଦାଣ୍ଡ, ଭୋଳାନାଥ ବିଦ୍ୟାପୀଠ ନିକଟସ୍ଥ ରାଣୀସତୀ ଭବନଠାରେ "ପୁରୀବାସୀଙ୍କ ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ମଞ୍ଚ" ପକ୍ଷରୁ ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପୁରୀ ସହରର ବଜାର କମିଟି, ସାମାଜିକ ଅନୁଷ୍ଠାନ, ବୁଦ୍ଧିଜୀବୀ, ଶିକ୍ଷାବିତ୍, ବରିଷ୍ଠ ନାଗରିକ, ସଚେତନ ନାଗରିକ, ମହିଳା ସମିତି, ବ୍ୟବସାୟୀ ସଂଘ ଓ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗଦେଇ ଦାବି ଉପରେ ବିସ୍ତୃତ ଆଲୋଚନା କରିଥିଲେ। ବୈଠକରେ ସର୍ବଶ୍ରୀ ହରିଶଙ୍କର ମିଶ୍ର ଅଧ୍ୟକ୍ଷତା କରିଥିବା ବେଳେ ମଞ୍ଚର ଆବାହକ ସ୍ୱାଧୀନ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ସମାଜସେବୀ ଚକ୍ରଧର ମହାପାତ୍ର ବୈଠକର ଉଦ୍ଦେଶ୍ୟ ଓ ପୁରୀବାସୀଙ୍କ ଶ୍ରୀମନ୍ଦିର ପ୍ରବେଶ ଓ ମହାପ୍ରଭୁଙ୍କ ଦର୍ଶନ ଅଧିକାର ପାଇଁ ଚାଲିଥିବା ଦୀର୍ଘ ସଂଘର୍ଷ ସମ୍ପର୍କରେ ବିସ୍ତୃତ ମତ ରଖିଥିଲେ। ସେ କହିଥିଲେ ଯେ, ଦୀର୍ଘଦିନ ଧରି ପୁରୀବାସୀ ସଚେତନତା ପଦଯାତ୍ରା, ଜନସମ୍ପର୍କ ଓ ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ ମାଧ୍ୟମରେ ନିଜର ଦାବି ଉପସ୍ଥାପନ କରୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଏପର୍ଯ୍ୟନ୍ତ ଆବଶ୍ୟକ ଗୁରୁତ୍ୱ ଦିଆଯାଇନାହିଁ। ଏହି ଦାବି ପୂରଣ ନହେବା ପର୍ଯ୍ୟନ୍ତ ନିରବ ସତ୍ୟାଗ୍ରହ ଅହିଂସା ଓ ଗଣତାନ୍ତ୍ରିକ ପଦ୍ଧତିରେ ଜାରି ରହିବ ବୋଲି ସେ ମତ ଦେଇଥିଲେ। ବୈଠକରେ ପୁରୀ ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର ସଭାପତି ପ୍ରଫେସର କାର୍ତ୍ତିକ ଦାସ, ପୁରୀ ଜିଲ୍ଲା ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘର ସଭାପତି ବିଶ୍ୱନାଥ ବେହେରା, ଶିକ୍ଷାବିତ୍ ଶିବସୁନ୍ଦର ମିଶ୍ର, ପୂର୍ବତନ ବିଧାୟକ ଉମା ବଲ୍ଲଭ ରଥ, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ପୁରୀ ଜିଲ୍ଲା କଂଗ୍ରେସ ସଭାପତି ରାଜେଶ କୁମାର ମିଶ୍ର, ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ଓ ସମାଜସେବୀ ଅମରେନ୍ଦ୍ର ପାଇକରାୟ ପ୍ରମୁଖ ମଞ୍ଚାସୀନ ରହି ନିଜ ନିଜର ମତ ରଖିଥିଲେ। ବୈଠକରେ ସର୍ବସମ୍ମତି କ୍ରମେ ଆନ୍ଦୋଳନକୁ ଆହୁରି ସଂଗଠିତ ଓ ବ୍ୟାପକ କରିବା ପାଇଁ ପୁରୀ ସହରର ବଜାର କମିଟି, ସାମାଜିକ ଅନୁଷ୍ଠାନ, ବୁଦ୍ଧିଜୀବୀ, ସଚେତନ ନାଗରିକ, ମହିଳା ସଂଗଠନ, ବ୍ୟବସାୟୀ ସଂଘ ଓ ସମସ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କୁ ନେଇ ସ୍ୱତନ୍ତ୍ର ବ୍ୟବସ୍ଥା ମଞ୍ଚ ନେତୃତ୍ୱରେ ଏକ ମିଳିତ ସମନ୍ୱୟ କମିଟି ଗଠନ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଆଗାମୀ ୨–୩ ଦିନ ମଧ୍ୟରେ ଏହି କମିଟି ଗଠନ କରାଯାଇ ଜିଲ୍ଲାପାଳ, ଶ୍ରୀମନ୍ଦିର ପ୍ରଶାସକ ଓ ଆରକ୍ଷୀ ଅଧ୍ୟକ୍ଷଙ୍କୁ ସାକ୍ଷାତ କରାଯିବ। ପୁରୀବାସୀଙ୍କ ପାଇଁ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ପ୍ରବେଶ ଓ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ସ୍ୱଷ୍ଟ, ସ୍ଥାୟୀ ଓ ସମ୍ମାନଜନକ ବ୍ୟବସ୍ଥା ଘୋଷଣା କରିବାକୁ ପ୍ରଶାସନକୁ ଶେଷ ଚରମପତ୍ର ଦିଆଯିବ। ଏହି ସମୟସୀମା ମଧ୍ୟରେ କୌଣସି ସ୍ୱଷ୍ଟ ଓ ସ୍ଥାୟୀ ନିଷ୍ପତ୍ତି ନନିଆଗଲେ ଆନ୍ଦୋଳନକୁ ଆହୁରି ତୀବ୍ର ଓ ବ୍ୟାପକ କରାଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ଆହୋରାତ୍ର ଗଣଧାରଣା ଏବଂ ଆବଶ୍ୟକ ହେଲେ ପୁରୀବନ୍ଦ ଭଳି ଗଣତାନ୍ତ୍ରିକ ପ୍ରତିବାଦ କାର୍ଯ୍ୟକ୍ରମ ନିଆଯିବ ବୋଲି ଘୋଷଣା କରାଯାଇଥିଲା।

॥ ରୋଗୀ କଲ୍ୟାଣ ସମିତି ଗଭର୍ଣ୍ଣିଂ ବଡି କମିଟି ବୈଠକ ॥

ଜୀର୍ଣ୍ଣ ଡାଇରିଆ ୱାର୍ଡର ମରାମତି ଓ ନବୀକରଣକୁ ନେଇ ଆଲୋଚନା

ପୁରୀ (ବ୍ୟୁରୋ): ଜୀର୍ଣ୍ଣ ଅବସ୍ଥାରେ ଯକ୍ଷ୍ମା ଓ ସଂକ୍ରାମକ ରୋଗ ଚିକିତ୍ସାଳୟ (ଆଇଡିଏଚ)ର ଡାଇରିଆ ୱାର୍ଡ। ଟିବି ୱାର୍ଡ ସ୍ଥାନାନ୍ତର ହୋଇଛି, ମାତ୍ର ଡାଇରିଆ ୱାର୍ଡ ଜୀର୍ଣ୍ଣ ଅବସ୍ଥାରେ ରହିଛି। କୋଠା ଓ ଛାତର ଅବସ୍ଥା ଦୟନୀୟ ହେଲାଣି। ଡାଇରିଆ ୱାର୍ଡରେ ୩୮ଟି ବେଡ ମହଜୁଦ ରହିଛି। ମାତ୍ର ବର୍ଷା ସମୟରେ ଝାଡ଼ାବାନ୍ତି ବ୍ୟାପିଲେ ଦୈନିକ ୫୦ ପର୍ଯ୍ୟନ୍ତ ରୋଗୀ ମଧ୍ୟ ଡାଇରିଆ ଚିକିତ୍ସା ପାଇଁ ଆସୁଛନ୍ତି। ଏହାର ମରାମତି ଓ ନବୀକରଣ ନିତାନ୍ତ ଜରୁରି। ସର୍ବିତ ହାଉସରେ ଅନୁଷ୍ଠିତ 'ରୋଗୀ କଲ୍ୟାଣ ସମିତି' ଗଭର୍ଣ୍ଣିଂ ବଡି କମିଟି ବୈଠକରେ ଏହି ମତ ରଖିଛନ୍ତି ହସ୍ପିଟାଲ କର୍ତ୍ତୃପକ୍ଷ। କେବଳ ସେତିକି ନୁହେଁ ହସ୍ପିଟାଲ ପରିସରରେ ଅକ୍ସିଜେନ ପ୍ଲାଣ୍ଟ ରହିଛି, କିନ୍ତୁ ୫୦% ବେଡକୁ ପାଇପଲାଇନ୍ ସଂଯୋଗ ହୋଇଛି। ଅନ୍ୟ ବେଡକୁ ଅକ୍ସିଜେନ ଯୋଗାଣ ପାଇଁ ପ୍ଲାଣ୍ଟରେ ଅକ୍ସିଜେନ ରହିଛି, କିନ୍ତୁ ପାଇପ ଲାଇନ ସଂଯୋଗ ନଥିବାରୁ ଏହାକୁ ଯୋଗାଇବା ସମ୍ଭବ ହେଉନାହିଁ। ଏନେଇ ପ୍ରାୟ ୧୦ଲକ୍ଷ ଟଙ୍କାର ଆବଶ୍ୟକତା ରହିଛି। ଏନେଇ

ସରକାରଙ୍କୁ ଅବଗତ କରାଯାଇଛି। ମାତ୍ର ଏଯାଏ ବଜେଟ୍ ମିଳିନଥିବାରୁ, ଅକ୍ସିଜେନ ପ୍ଲାଣ୍ଟ ଥାଇ ମଧ୍ୟ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଅନ୍ୟ ରୋଗୀଙ୍କ ପାଇଁ ବାହାରୁ ଅକ୍ସିଜେନ ମଗାଇବାକୁ ପଡୁଛି। ହସ୍ପିଟାଲକୁ ୧୧୦ ବର୍ଷ ବିତିଲାଣି, ଅଥଚ ବିଲ୍ଡିଂର ନିଜସ୍ୱ ଜାଗାର ସୀମା ଏଯାଏ ଚିହ୍ନଟ ହେଲା ନାହିଁ। ବେଆଇନ ଅବରୋଧ ହସ୍ପିଟାଲ ପରିସରକୁ ସଙ୍କୁଚିତ କରୁଛି। ହସ୍ପିଟାଲର ସୀମାକୁ ଲାଗି ରହିଥିବା କିଛି ଘରର କାନ୍ଥ ଏବଂ ଘର ହସ୍ପିଟାଲ ଜମି ଉପରେ ଛିଡ଼ା ହୋଇଛି। ଏପରିକି କିଛି ବ୍ୟକ୍ତି ନିଜ ଘର କାନ୍ଥ ହସ୍ପିଟାଲ ପାଚେରି ଉପରେ ନିର୍ମାଣ କରିଛନ୍ତି। ଘରର ନାଳ ହସ୍ପିଟାଲ ପରିସରକୁ ମୁହାଁଇଛନ୍ତି। ଅଳିଆ ଆବର୍ଜନା ହସ୍ପିଟାଲ ପରିସରରେ ପକାଉଛନ୍ତି। ଅର୍ଥାତ ରୋଗୀଙ୍କ ଆଗମନ ବଢ଼ିଚାଲିଛି। ମାତ୍ର ବେଡ୍ ସଂଖ୍ୟା ଏବେ ବି ୧୦୮ରେ ସୀମିତ ରହିଛି। ଫଳରେ ବହୁ ରୋଗୀଙ୍କୁ ନିରାଶ ହେବାକୁ ପଡୁଛି। ବିଧାୟକ ସୁନୀଲ ମହାନ୍ତିଙ୍କ ଅଧ୍ୟକ୍ଷତାରେ ରୋଗୀ କଲ୍ୟାଣ ସମିତି ଗଭର୍ଣ୍ଣିଂ ବଡି କମିଟି ସଦସ୍ୟ ଘନଶ୍ୟାମ ମର୍ଦ୍ଦରାଜ, ମେଡିକାଲ ସୁପରିଟେଣ୍ଡେଣ୍ଟ ଡାକ୍ତର ରଶ୍ମୀରଂଜନ ବେହେରା, ଡାକ୍ତର ଉତ୍ପଳ ନନ୍ଦୀ ଏବଂ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ମେଡିକାଲର ସମସ୍ୟା ଓ ସମାଧାନ ଦିଗରେ ଆଲୋଚନା କରିଛନ୍ତି। ହସ୍ପିଟାଲ ଜମିର ସୀମା ନିର୍ଦ୍ଧାରଣ, ପରିସରରୁ ମୋବାଇଲ ଟାୱାର ଉଚ୍ଛେଦ, ଓପିଡି ଓ ଆଇଡି ବିଲ୍ଡିଂର ନିର୍ମାଣ ଓ ନବୀକରଣ, ବାଉଣ୍ଡରି ୱାଲ ନିର୍ମାଣ, ଗ୍ୟାସ ପ୍ଲାଣ୍ଟ ରୁମ୍‌ର ମରାମତି ଓ ନବୀକରଣ, ୱାର୍ଡକୁ ଗ୍ୟାସ ପାଇପଲାଇନ ସଂଯୋଗ, ପ୍ରାର୍ଥନା ହଲ୍ ଓ ଯୋଗ କକ୍ଷ ନିର୍ମାଣ ଆଦି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଛି। ଏହା ବ୍ୟତୀତ ହସ୍ପିଟାଲ ପରିସର ଓ ବାହାରେ ହାଇମାଷ୍ଟ ଓ ଷ୍ଟ୍ରିଟ ଲାଇଟ୍, କର୍ମଚାରୀଙ୍କ ପାଇଁ ପାର୍କିଂ ସେଡ୍ ନିର୍ମାଣ, ମେଡିସିନ ଷ୍ଟୋର ହାଉସ ପାଇଁ ଭିନ୍ନ ଫାଟକ ନିର୍ମାଣ, ଖୋଲା ନାଳଗୁଡ଼ିକରେ ସ୍ଲାବ ଆଦି ପକାଇବା ନେଇ ଉପସ୍ଥାପନ କରାଯାଇଥିଲା। ହସ୍ପିଟାଲ ପାଇଁ ୨୦୨୬ ଏପ୍ରିଲରୁ ୨୦୨୭ ମାର୍ଚ୍ଚ ପର୍ଯ୍ୟନ୍ତ ୬ଲକ୍ଷ ୧୮ ହଜାର ୯୫୦ ଟଙ୍କା ଅନୁମୋଦନ ହୋଇଛି। ବୈଠକ ପରେ ଗଭର୍ଣ୍ଣିଂ ବଡି କମିଟି ସଦସ୍ୟମାନେ ହସ୍ପିଟାଲ ପରିସର ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ।

ଆଜି ବିଶ୍ୱନିୟନ୍ତାଙ୍କ 'ରଥ ସେବା ସମ୍ମାନ' ସମାରୋହ

ପୁରୀ (ବ୍ୟୁରୋ): ସାଂସ୍କୃତିକ ଅନୁଷ୍ଠାନ ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ପକ୍ଷରୁ ୧୦ ତାରିଖ ଗୁରୁବାର ସନ୍ଧ୍ୟାରେ ପୌରସଦନଠାରେ ୬ଷ୍ଟ ବିଶ୍ୱନିୟନ୍ତାଙ୍କ ରଥ ସେବା ସମ୍ମାନ–୨୦୨୬ ସମାରୋହ ଅନୁଷ୍ଠିତ ହେବ। ଏହି ସମାରୋହରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଅବସରରେ ନିଷ୍ଠା ଓ ସମର୍ପଣର ସହ ସେବା ପ୍ରଦାନ କରିଥିବା ସେବାୟତ, ପ୍ରଶାସକ ଏବଂ ରଥ ନିର୍ମାଣରେ ନିୟୋଜିତ ବିଶ୍ୱକର୍ମାଙ୍କୁ ସମ୍ମାନିତ କରାଯିବ। ଏଥି ?ରେ ମୁଖ୍ୟ ଅତିଥି ଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, କ୍ରୀଡ଼ା ଓ ଯୁବସେବା ଏବଂ ଉଚ୍ଚଶିକ୍ଷା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବିଶେଷ ଅତିଥି ଭାବେ ଯୋଗଦେବାକୁ ସମ୍ମତି ପ୍ରଦାନ କରିଛନ୍ତି। ଏଥିସହ ପୁରୀ ଏସ୍ ?ପି ଡ. ସମିତ୍ ପାତ୍ର, ରାଜ୍ୟ ସଭା ସଦସ୍ୟା ଶୁଭାଶିଷ ଖୁଣ୍ଟିଆ, ପୁରୀ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଛତିଶା ନିଯୋଗ ନାୟକ ପାଟଯୋଶୀ ଜନାର୍ଦ୍ଦନ ମହାପାତ୍ର, ମା' ସୁଭଦ୍ରାଙ୍କ ବାଡ଼ଗ୍ରାହୀ ରାମଚନ୍ଦ୍ର ଦାସ ମହାପାତ୍ର, ବରିଷ୍ଠ ସେବାୟତ ଭଗବାନ୍ ପୁଯକାର, ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀ, ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ, ଆଇଜି କେନ୍ଦ୍ରୀୟ ତିଡିଜନ ଡ. ସତ୍ୟଜିତ୍ ନାୟକ, ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏବଂ ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂ ପ୍ରମୁଖ ବିଶିଷ୍ଟ ଅତିଥି ଭାବେ ଯୋଗଦେବେ ବୋଲି ସାଧାରଣ ସମ୍ପାଦକ ରାଜେଶ କୁମାର ମହାନ୍ତି ସୂଚନା ଦେଇଛନ୍ତି।

୧୦୦ ସ୍ୱେଚ୍ଛାସେବୀଙ୍କୁ ରଥଯାତ୍ରା ସେବା ମାନପତ୍ର ପ୍ରଦାନ

ପୁରୀ (ବ୍ୟୁରୋ): ଜିଲ୍ଲା ରେଡକ୍ରସ ଶାଖା ତରଫରୁ ଆଜି ଅପରାହ୍ନରେ ସଦଭାବନା ସଭା ଗୃହରେ ରଥଯାତ୍ରା ୨୦୨୬ରେ ସେବା ପ୍ରଦାନ କରିଥିବା ଓ ରଥଯାତ୍ରା ପାଇଁ ଅନୁଷ୍ଠିତ ଏକଦିନିକିଆ ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣ କରିଥିବା ଆଜୀବନ ସଦସ୍ୟଙ୍କୁ ଫାଷ୍ଟ ଏଡ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ସଭା ରେ ୧୦୦ ସ୍ୱେଚ୍ଛାସେବୀଙ୍କୁ ରଥଯାତ୍ରା ସେବା ପାଇଁ ମାନପତ୍ର ପ୍ରଦାନ କରାଯାଇଥିଲା । ଆଜିର ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ରହି ରଥଯାତ୍ରା ସମ୍ପାଦନ ରେ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଇଁ କୃତଜ୍ଞତା ଜ୍ଞାପନ କରିଥିଲେ । ଜିଲ୍ଲା ଶାଖା ସମ୍ପାଦକ ଅନୁଶ୍ରବ ଗନ୍ତାୟତ ଉପସ୍ଥିତ ସମସ୍ତ ସଦସ୍ୟକୁ ଧନ୍ୟବାଦ ପ୍ରଦାନ କରିବା ସହ ସଭା ଶେଷ ଘୋଷଣା କରିଥିଲେ ।

ପୁରୀବାସୀଙ୍କୁ ଘାରିଛି ଅସୁରକ୍ଷିତ କୋଠାଭୟ

ପୁରୀ (ବ୍ୟୁରୋ): ମହାପ୍ରଭୁ ଜଗନ୍ନାଥଙ୍କ ପାଇଁ ସର୍ବଦା ଚଳଚଞ୍ଚଳ ରହିଥାଏ ପୁରୀ ଶ୍ରୀକ୍ଷେତ୍ର । ପ୍ରତିଦିନ ଏଠାକୁ ହଜାର ହଜାର ଭକ୍ତ ଏବଂ ପର୍ଯ୍ୟଟକ ଆସୁଥିବା ବେଳେ, ଦିନଠୁ ରାତି ଲାଗି ରହିଥାଏ ଜନଗହଳି । ବାହାର ଲୋକ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ଚଳପ୍ରଚଳ ଚାଲିଥିବା ବେଳେ, ରାସ୍ତା କଡ଼ରେ ଠିଆ ହୋଇଥିବା ପୁରୁଣା ଏବଂ ବିପଦ ସଙ୍କୁଳ କୋଠା ବିପଦ ଆଶଙ୍କା ସୃଷ୍ଟି କରିଛି । ଦିଲ୍ଲୀରେ ଏକ କୋଠା ଭୁଶୁଡ଼ି ୭ ଜଣ ଛାତ୍ରଙ୍କ ମୃତ୍ୟୁ ପରେ, ପୁରୀରେ ରହିଥିବା ଅସୁରକ୍ଷିତ କୋଠାଗୁଡ଼ିକକୁ ନେଇ ଭୟ ସୃଷ୍ଟି ହୋଇଛି । ଚଳିତ ସେପ୍ଟେମ୍ବର ୬ ତାରିଖରେ ଦକ୍ଷିଣ-ପଶ୍ଚିମ ଦିଲ୍ଲୀ ସତ୍ୟ ନିକେତନ ନିକଟରେ ଏକ ବହୁତଳ କୋଠା ଭୁଶୁଡ଼ି ପଡ଼ିବାରୁ ୭ ଜଣ ଛାତ୍ରଙ୍କ ମୃତ୍ୟୁ ଘଟିଥିଲା । ଭୁବନେଶ୍ୱର ଡେଲଟା ଛକରେ ଏକ ନିର୍ମାଣଧୀନ ବିଲଡିଂ ଦବି ଯାଇଥିବା ଘଟଣା ନଜରକୁ ଆସିଥିଲା । ଏହି ଘଟଣା ପରେ ରାଜ୍ୟ ସରକାର ତତ୍ପର ହୋଇ ଉଠିଛନ୍ତି । ପୁରୀ ସମେତ ଓଡ଼ିଶାର ସହରାଞ୍ଚଳଗୁଡ଼ିକରେ ଥିବା ବିପଦ ଶଙ୍କୁଳ କୋଠାଗୁଡ଼ିକୁ ଚିହ୍ନଟ କରାଯାଇ, ଏହାକୁ ସୁରକ୍ଷିତ ଭାବେ ଉଚ୍ଛେଦ କରିବାକୁ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୁରୀ ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ସୂଚନା ଅନୁସାରେ ସହରରେ ପାଖାପାଖି ୪୮ଟି ଅସୁରକ୍ଷିତ କୋଠା ରହିଛି । ମାର୍କେଟ ଛକ ନିକଟ ଚୁଡ଼ାପଟି ଗଳି ଏବଂ ନରେନ୍ଦ୍ର କୋଣ ଏବଂ ବଡ଼ଦାଣ୍ଡର ଉଭୟ ପାର୍ଶ୍ୱ ସମେତ ବିଭିନ୍ନ ସାହିରେ କିଛି ପୁରୁଣା କୋଠା ରହିଛି, ସେଥିରୁ କିଛି ଭୁଶୁଡ଼ି ପଡ଼ିବାର ଆଶଙ୍କା ମଧ୍ୟ ରହିଛି। ପର୍ଯ୍ୟଟନ ସହର ପୁରୀରେ ଭକ୍ତ ଓ ପର୍ଯ୍ୟଟକମାନେ ସହରର ସାହି ଓ ଗଳି ରାସ୍ତାରେ ଯାତାୟତ କରୁଥିବା ବେଳେ, ରାସ୍ତା କଡ଼ରେ ରହିଥିବା ବିପଦ ଶଙ୍କୁଳ କୋଠାଗୁଡ଼ିକ ଧନ ଜୀବନ ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି । ପୁରୀ ବାସିନ୍ଦା ଚକ୍ରଧର ମହାପାତ୍ର କହିଛନ୍ତି, ' ପୁରୀରେ କିଛି ପୁରୁଣା କୋଠାକୁ ପ୍ରଶାସନ ଅସୁରକ୍ଷିତ ଘୋଷଣା କରିଛି । ହେଲେ ଏଗୁଡ଼ିକର ଉଚ୍ଛେଦ ପ୍ରକ୍ରିୟା ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ । ଯାହାକି ଚିନ୍ତା ଜନକ ପ୍ରସଙ୍ଗ । ପୁରୀ ମହାନଗର ନିଗମ ଯଥାଶୀଘ୍ର ଅସୁରକ୍ଷିତ କୋଠାଗୁଡ଼ିକୁ ଉଚ୍ଛେଦ କରିବା ଆବଶ୍ୟକ। ।' ପ୍ରତିବର୍ଷ କେବଳ ରଥଯାତ୍ରା ପୂର୍ବରୁ ବଡ଼ଦାଣ୍ଡରେ ଥିବା ଅସୁରକ୍ଷିତ କୋଠା ଉପରେ ଶ୍ରଦ୍ଧାଳୁମାନେ ନ ବାସିବାକୁ ନିର୍ଦ୍ଦେଶ ଦିଆଯାଏ । ମାତ୍ରହେର କାହିଁକି ଉଚ୍ଛେଦ କରାଯାଉନାହିଁ ? ବୋଲି ସେ ପ୍ରଶ୍ନ କରିଛନ୍ତି । ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି, ' ଆମେ ରଥଯାତ୍ରା ସମୟରେ ବଡଦାଣ୍ଡରେ ୪୮ ଟି କୋଠା ଚିହ୍ନଟ କରିଥିଲୁ । ଯାହାକି ବିପଦ ଶଙ୍କୁଳ ଅବସ୍ଥାରେ ରହିଛି । ଏ ନେଇ ଘର ମାଲିକମାନଙ୍କୁ ନୋଟିସ ଦିଆଯାଇଛି । ନୋଟିସ ଉତ୍ତର ଆସିବା ପରେ ଆମେ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରିବୁ । ଯଦି କୌଣସି କୋଠା ଅତ୍ୟନ୍ତ ଅସୁରକ୍ଷିତ ରହିଛି ଓ ଏହାଦ୍ୱାରା ଧନଜୀବନ ହାନୀ ଆଶଙ୍କା ରହିଛି, ତେବେ ଆମେ ଉକ୍ତ କୋଠା ଉଚ୍ଛେଦ ପାଇଁ ପଦକ୍ଷେପ ଗ୍ରହଣ କରିବୁ ।' ପୁରୀ ଏକ ପୁରାତନ ସହର । ଏଠାରେ ଥିବା ବିଭିନ୍ନ ସାହି ଓ ଗଳି କନ୍ଦିରେ ୮୦ରୁ ଶହେ ବର୍ଷ ଊର୍ଦ୍ଧ୍ୱ ପର୍ଯ୍ୟନ୍ତ ଅନେକ ପୁରାତନ କୋଠା ଘର ରହିଛି । ଘର ମାଲିକଙ୍କ ଦ୍ୱାରା ଏହି କୋଠା ଗୁଡ଼ିକର ସଠିକ ରକ୍ଷଣାବେକ୍ଷଣ କରାଯାଉ ନାହିଁ । ତେଣୁ କୌଣସି ଅଘଟଣ ଘଟିବା ପୂର୍ବରୁ ଜିଲ୍ଲା ପ୍ରଶାସନ ତତ୍ପର ହୋଇ ଏହି ପୁରାତନ ବିପଦ ସଙ୍କୁଳ କୋଠା ଗୁଡ଼ିକୁ ଉଚ୍ଛେଦ କରିବାକୁ ଦାବି କରିଛନ୍ତି ପୁରୀର ପୂର୍ବତନ ନଗରପାଳ ଗୌରହରି ପ୍ରଧାନ।

ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ଯୋଗଦାନ

ପୁରୀ (ବ୍ୟୁରୋ): ପୁରୀର ନୂତନ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକା

୮ ମାସରେ ୩୯ କିଲୋ ଓଜନ ହ୍ରାସ

ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ସହିତ ବ୍ୟାୟାମ ବି କରୁଛନ୍ତି। ଏହି କ୍ରମରେ ଦେଖିବାକୁ ଗଲେ ଯେଉଁମାନେ ଓଜନ ହ୍ରାସ କରିବାକୁ ଚାହୁଁଛନ୍ତି କିନ୍ତୁ ନିଜକୁ ପ୍ରସ୍ତୁତ କରିପାରୁ ନାହାନ୍ତି ସେମାନଙ୍କ ପାଇଁ ଡାକ୍ତର ମହିରା ମେଘାନି ପ୍ରେରଣା ପାଲଟିଛନ୍ତି। ମୁମ୍ବାଇର ବାସିନ୍ଦା ମାହିରା ବୃତ୍ତିରେ ସ୍ୱାସ୍ଥ୍ୟ ଏବଂ ଫିଟନେସ୍ ପ୍ରଶିକ୍ଷକ ଅଟନ୍ତି। ତେବେ କାର୍ଯ୍ୟ ବ୍ୟସ୍ତତା ହେତୁ ଧୀରେଧୀରେ ତାଙ୍କ ଓଜନ ବଢ଼ିବଢ଼ି ୧୦୫ କିଲୋଗ୍ରାମରେ ପହଞ୍ଚି ଯାଇ ଥିଲା। ସମସ୍ୟା କେବଳ ଓଜନ ନୁହେଁ। ତାଙ୍କର ପିସିଓସି ଏବଂ କୋଲେଷ୍ଟ୍ରଲ ପରି ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ରହିଥିଲା । ଆମକୁ ଜାଣି ରଖିବାକୁ ହେବ ଯେ ମୋଟାପଣ ସମସ୍ତ ରୋଗର ମୂଳ କାରଣ । ତେଣୁ ଏହାକୁ ମୂଳରୁ ନିପାତ କରି ଦେଲେ ଆମେ ସୁସ୍ଥ ଜୀବନଯାପନ କରି ପାରିବା। ଏହି ସମସ୍ତ ସମସ୍ୟାର ସାମ୍ନା କରି ଡାକ୍ତର ମାହିରା ମାତ୍ର ୮ ମାସରେ ୩୯ କିଲୋ ଓଜନ ହ୍ରାସ କରିଥିବା ଜଣାପଡ଼ିଛି। ମାହିରାଙ୍କ ଓଜନ ହ୍ରାସ ଖବର ସୋସିଆଲ ମିଡିଆରେ ପୋଷ୍ଟ ହେବାପରେ ଲୋକେ ଉକ୍ତ ଡାକ୍ତରଙ୍କ ଖାଦ୍ୟ ଓ ଜୀବନଶୈଳୀ କେମିତି ରହିଛି ଜାଣିବା ପାଇଁ ଚାହିଁଛନ୍ତି। ଡାକ୍ତର ମାହିରା ଓଜନ ହ୍ରାସ ଯାତ୍ରା ଆରମ୍ଭ କରିବାକୁ ନିଷ୍ପତ୍ତି ନେବା ପରେ ପ୍ରଥମେ ସେ ନିଜ ଖାଦ୍ୟ ଉପରେ ଧ୍ୟାନ ରଖିଥିଲେ। ଖାଦ୍ୟରେ ତେଲର ବ୍ୟବହାର କମ କରିବା ସହିତ ଅଣ୍ଡା, ପନୀର, ଦହି ଓ ପ୍ରୋଟିନ ଯୁକ୍ତ ଖାଦ୍ୟ ସାମିଲ କରିଲେ। ମିଠା ଓ ଛଣା ଜାତୀୟ ଖାଦ୍ୟକୁ ସମ୍ପୂର୍ଣ୍ଣ ଭାବେ ସେ ନିଜ ଖାଦ୍ୟ ତାଲିକାରୁ ବାହାର କରି ଦେଇଥିଲେ। ଯେବେଳେ ଭୋକ ଲାଗିଲା ଫଳ ଓ ସବୁଜ ପନିପରିବା ପ୍ରଚୁରମାତ୍ରାରେ ଖାଇଥିଲେ। ନିୟମିତ ବ୍ୟାୟାମ କରିଥିଲେ। ଆପଣ ବି ଡାକ୍ତରଙ୍କ ଭଳି ଏହି ସରଳ ଉପାୟ ଆପଣାଇ କିଛିମାତ୍ରାରେ ନିଜର ଓଜନ ହ୍ରାସ କରି ପାରିବେ। ତେବେ ଓଜନ ହ୍ରାସ କରିବା ପୂର୍ବରୁ ଆପଣ ନିଜର ସୁବିଧା ଅନୁଯାୟୀ ଡାକ୍ତରଙ୍କ ପରାମର୍ଶ ନେବା ନିହାତି ଆବଶ୍ୟକ ରହିଛି।



ନାଚଗୀତରେ ପାଠ ପଢ଼ାନ୍ତି

ଖୁସବୁ ମ୍ୟାଡାମ୍...

ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ଓଏସଡି ସଞ୍ଜୟ କୁମାର, ବାଙ୍କାର କାଟୋରିଆନ ବ୍ଲକରେ ଅବସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କଠୋନର ଶିକ୍ଷୟିତ୍ରୀଙ୍କ 'ଚହକ' କାର୍ଯ୍ୟକ୍ରମର ଭିଡିଓକୁ ପ୍ରଶଂସା କରିଛନ୍ତି।



ଶିକ୍ଷା ହେଉଛନ୍ତି ମଣିଷର ମାନଦଣ୍ଡ। ଶିକ୍ଷା ବିନା ମଣିଷ କେବେ ଉନ୍ନତି କରିବା ସମ୍ଭବ ନୁହେଁ। ତେଣୁ ମଣିଷ ଶିକ୍ଷାକୁ ଗୁରୁତ୍ୱ ଦେଇଆସିଛି ସବୁବେଳେ । ତେବେ ଆଜି ଆମେ ଏହି ଶିକ୍ଷକୁ ଗୁରୁତ୍ୱ ଦେଇ ପିଲାମାନଙ୍କୁ ଏକ ଭିନ୍ନ ଢଙ୍ଗରେ ଶିକ୍ଷା ପ୍ରଦାନ କରୁଛନ୍ତି ବିହାରର ଜଣେ ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦାନ କରୁଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ଓଏସଡି ସଞ୍ଜୟ କୁମାର, ବାଙ୍କାର କାଟୋରିଆନ ବ୍ଲକରେ ଅବସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କଠୋନର ଶିକ୍ଷୟିତ୍ରୀଙ୍କ 'ଚହକ' କାର୍ଯ୍ୟକ୍ରମର ଭିଡିଓକୁ ପ୍ରଶଂସା କରିଛନ୍ତି। ବାସ୍ତବରେ, ଭାରତ ସରକାରଙ୍କ ଦ୍ୱାରା ଆୟୋଜିତ ଏହି ପ୍ରଶିକ୍ଷଣରେ, ବିଦ୍ୟାଳୟକୁ ନ ଆସୁଥିବା ସମସ୍ତ ପିଲାଙ୍କୁ ସ୍କୁଲ ପ୍ରତି ଆକର୍ଷିତ କରାଇବା ପାଇଁ ଶିକ୍ଷକଙ୍କୁ 'ଚହକ' ତାଲିମ ଦିଆଯାଉଛି। ସେହି ପିଲାମାନଙ୍କୁ 'ଚହକ' ମାଧ୍ୟମରେ ସଚେତନ କରାଇବା ଏବଂ ସେମାନଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବା ପାଇଁ କାର୍ଯ୍ୟ କରାଯାଉଛି । ଛାତ୍ରଛାତ୍ରୀମାନଙ୍କୁ ଏକ ଭିନ୍ନ ଢଙ୍ଗରେ ଶିକ୍ଷା ଦେବା ପାଇଁ ଖୁସବୁ ମ୍ୟାଡାମ୍‌ଙ୍କୁ ନେଇ ଏବେ ଦେଶ ସାରା ଚର୍ଚ୍ଚା ହେଉଛି। କୌତୁହଳର ବିଷୟ ହେଉଛି ପିଲାମାନେ ଖୁସିରେ ବିଦ୍ୟାଳୟକୁ ଆସୁଛନ୍ତି ଏବଂ ଖୁସବୁ ମ୍ୟାଡାମ୍ ଯାହା ଶିଖାଉଛନ୍ତି ସେମାନେ ସେସବୁକୁ ସହଜରେ ବୁଝିପାରୁଛନ୍ତି। ଲୋକମାନେ ଖୁସିଙ୍କ ମ୍ୟାଡାମଙ୍କ ପାଠପଢ଼ା ଶୈଳୀକୁ ପସନ୍ଦ କରୁଛନ୍ତି। ବାଙ୍କାର କାଟରିଆନ ବ୍ଲକରେ ପିଲାମାନଙ୍କ ମଧ୍ୟରେ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି କରିବା ଏବଂ ପାଠ୍ୟକ୍ରମକୁ ସହଜରେ ବୁଝିବା ପାଇଁ ଚହକ୍ ଏଫଏଲଏନ ଅନ୍ତର୍ଗତ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି।

ଶିକ୍ଷୟିତ୍ରୀ ଖୁସବୁ କୁମାରୀ କହିଛନ୍ତି ଯେ ଯଦି ମୋ ବାପା ଥାଆନ୍ତେ, ତେବେ ସେ ଏହି ଚହକ କାର୍ଯ୍ୟକ୍ରମ ଦେଖି ବହୁତ ଖୁସି ହୋଇଥାନ୍ତେ ଏବଂ ମୋତେ ନାଚିବାକୁ ପ୍ରେରଣା ଦେଇଥାନ୍ତେ। ଏଥିରେ ମୋ ସ୍ୱାମୀ ମଧ୍ୟ ମତେ ସହଯୋଗ କରନ୍ତି। ସରକାରଙ୍କ ଚହକ କାର୍ଯ୍ୟକ୍ରମରେ ପିଲାମାନଙ୍କର ଉପସ୍ଥିତି ବଢ଼ାଇବାକୁ ମୁଁ କାର୍ଯ୍ୟ କରୁଛି। ସତରେ ଏହି ମହିଳା ଶିକ୍ଷୟିତ୍ରୀଙ୍କ ପରି ଶିକ୍ଷା କ୍ଷେତ୍ରରେ କାର୍ଯ୍ୟ କରୁଥିବା ସମସ୍ତ ଶିକ୍ଷକ ହେବା ଜରୁରୀ।

ହାଇଡ୍ରା ଫେସିଆଲ୍‌ର

ଆଜିକାଲିର ଆଧୁନିକା ତରୁଣୀ ଓ ମହିଳାମାନେ ଉଜ୍ଜ୍ୱଳ, ମସୃଣ ତ୍ୱଚା ପାଇଁ ଅଧିକ ଆଗ୍ରହ ପ୍ରକାଶ କରୁଛନ୍ତି। ମୁହଁରୁ କଳା, ଧଳା ଦାଗ ଦୂର କରିବା, ଓପନ୍‌ପୋରସ ଟ୍ରିଟ୍‌ମେଣ୍ଟ, ଆଖି ତଳୁ କଳାଦାଗ ଦୂର ପାଇଁ ଅଣ୍ଡର ଆଇ ଟ୍ରିଟ୍‌ମେଣ୍ଟ, କଳା ଓଠକୁ ସୁନ୍ଦର କରିବାକୁ ଲିପ୍ ଲାଇଟ୍‌ନିଂ ଟ୍ରିଟ୍‌ମେଣ୍ଟ, ତ୍ୱଚାକୁ ଦାଗମୁକ୍ତ ଓ ଉଜ୍ଜ୍ୱଳ କରିବାକୁ ସ୍କିନ୍ ଗ୍ଲୋ ଟ୍ରିଟ୍‌ମେଣ୍ଟ ଆଦି ଏବେ ସହରର ବିଭିନ୍ନ ପାର୍ଲରଗୁଡ଼ିକରେ କରାଯାଉଛି। ଏଥିସହ ତ୍ୱଚାର ସେନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିବାକୁ ଏବେ ହାଇଡ୍ରା ଫେସିଆଲ୍, ମେଡିକାଲ୍ ଗ୍ରେଡ୍ ଫେସିଆଲ୍, କେମିକାଲ୍ ପିଲ୍, ଏଲ୍‌ଇଡି ଲାଇଟ୍ ଥେରାପି ଇତ୍ୟାଦି ବିଭିନ୍ନ ଟ୍ରିଟ୍‌ମେଣ୍ଟ କରୁଛନ୍ତି। ତେବେ ଏସବୁ ଭିତରୁ ହାଇଡ୍ରା ଫେସିଆଲ୍‌ର ଚାହିଦା ବଢୁଛି। ଏହି ଫେସିଆଲ୍‌ରେ ବୈଦ୍ୟୁତିକ ସେନ୍ଦର୍ଯ୍ୟ ଉପକରଣ ସାହାଯ୍ୟରେ ଚେହେରାରୁ ମୃତ କୋଷଗୁଡ଼ିକୁ ବାହାର କରାଯାଇଥାଏ। ଚର୍ମ ଭିତରେ ଆଣ୍ଟିଅକ୍ସିଡାଣ୍ଟ୍ ସେରମ୍ ଭର୍ତ୍ତି କରାଯାଇଥାଏ। ଯେଉଁଥିପାଇଁ ଚର୍ମର ଚମକ ଫେରି ଆସେ। ଏହାଦ୍ୱାରା କେଶସିପାର୍ଶ୍ୱ ପ୍ରତିକ୍ରିୟା ଦେଖାଦିଏ ନାହିଁ। ଏହି ଫେସିଆଲ୍ ଦ୍ୱାରା ମୁହଁରୁ କଳାଦାଗ, ବାର୍ଦ୍ଧକ୍ୟ, ତ୍ୱଚାର କୁଞ୍ଚନ, ମୁଖକ୍ରଣ, ଆକ୍‌ନେ ଆଦି ସମସ୍ୟାର ସମାଧାନ ହୋଇଥାଏ। ସମ୍ପୂର୍ଣ୍ଣ ମେସିନ୍ ସାହାଯ୍ୟରେ ଏହି ଫେସିଆଲ୍ କରାଯାଇଥାଏ। ଏଥିରେ ଏଲ୍‌ଇଡି ମାସ୍କ୍ ବ୍ୟବହାର କରାଯାଏ ଏବଂ ପରେ ବିଭିନ୍ନ ସେରମ୍, କ୍ରିମ୍ ଆଦି ଲଗାଯାଏ। ମସାଜ୍, କ୍ଲିନ୍‌ଜିଙ୍ଗ୍, ସ୍କ୍ରବିଙ୍ଗ୍, ଆଖି ଓ ନାକ ତଳ ସଫା ପାଇଁ ସୁପରସୋନିକ୍ ମେସିନ୍ ବ୍ୟବହାର କରାଯାଏ। 'ହେୟା ହାର୍କ' ପାର୍ଲରର କର୍ମଚାରୀ ଦୟାନନ୍ଦ ଠାକୁର କୁହନ୍ତି, ତାଙ୍କ ପାର୍ଲର ୯ ମାସ ହେଲାଣି ଏହି ଫେସିଆଲ୍ ଆରମ୍ଭ ହୋଇଛି। ଗ୍ରାହକଙ୍କ ରୁଚି ଅନୁଯାୟୀ ଓ ତ୍ୱଚା ଅନୁଯାୟୀ ଆମେ ଫେସିଆଲ୍ କିଟ୍ ବ୍ୟବହାର କରିଥାଉ। ଏହାର ଦାମ୍ ୩୫୦୦ରୁ ଆରମ୍ଭ ହୋଇ ୫୦୦୦ ପର୍ଯ୍ୟନ୍ତ ରହିଛି। ୩୍+, ଲାଲୁସା ଓ ମେଟ୍ ଫେସିଆଲ୍‌ର ଚାହିଦା ଅଧିକ ରହିଛି। ପ୍ରତି ୨୦ ଦିନରେ ଥରେ ହାଇଡ୍ରା ଫେସିଆଲ୍ କରିବାଦ୍ୱାରା ମୁହଁର ମୃତ ଚର୍ମକୋଷଗୁଡ଼ିକ ନଷ୍ଟ ହୋଇ ଚର୍ମରେ ଆର୍ଦ୍ରତା ଭରିଥାଏ। ଏଥିରେ ଆମକୁ ହାତ ମାରିବାକୁ ପଡ଼ି ନ ଥାଏ। ସମ୍ପୂର୍ଣ୍ଣ କାର୍ଯ୍ୟ ମେସିନ୍ ହିଁ କରିଥାଏ। ତ୍ୱଚାରେ ଚର୍ମର ଆବଶ୍ୟକତା ଅନୁଯାୟୀ ମେସିନ୍‌ଟି ତା'ର କାର୍ଯ୍ୟ କରିଥାଏ।



ଏଣ୍ଡୋମେଟ୍ରିଓସିସ୍

ଏଣ୍ଡୋମେଟ୍ରିଓସିସ୍ ହେଉଛି ସ୍ତ୍ରୀରୋଗ ଯାହା ଦ୍ୱାରା ମହିଳାମାନଙ୍କୁ ଜୀବନ ତଳିପେଟରେ ଅସହ୍ୟ ଯନ୍ତ୍ରଣା ଦେଖାଦେଇଥାଏ। ଭାରତୀୟ ମହିଳାଙ୍କ କ୍ଷେତ୍ରରେ ଏହି ରୋଗର ନିରୂପଣ ବିଳମ୍ବିତ ହେଉଥିବାରୁ ସେମାନଙ୍କ ଉପରେ ତାହାର ନକାରାତ୍ମକ ପ୍ରଭାବ ପଡୁଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସୂଚନାନୁଯାୟୀ, ବିଶ୍ୱର ପ୍ରାୟ ୧୦ ପ୍ରତିଶତ (ପ୍ରାୟ ୧୯ କୋଟି) ପ୍ରଜନନକ୍ଷମ ବୟସର ମହିଳା ଓ ବାଳିକା ଏହି ରୋଗରେ ପୀଡ଼ିତ। ଏହା ମହିଳାଙ୍କ ଋତୁସ୍ରାବ, ସମ୍ଭୋଗ, ଅନ୍ତନାଳୀ କ୍ରିୟା ଓ ପରିସ୍ରା ବେଳେ ଭୀଷଣ ପେଟ ଯନ୍ତ୍ରଣା ଦେଇଥାଏ। ପୀଡ଼ିତାମାନଙ୍କ ମଧ୍ୟରୁ ୩୦ରୁ ୫୦ ପ୍ରତିଶତଙ୍କ ଠାରେ ବନ୍ଧ୍ୟାଦୋଷ ମଧ୍ୟ ଦେଖାଦେଇଥାଏ। ମହିଳାଙ୍କର ମାସିକ ଋତୁଚକ୍ର ବେଳେ



ତଳିପେଟରେ କିଛି ଜୀବକୋଷ ଏଣ୍ଡୋମେଟ୍ରିଆଲ୍ ତନ୍ତୁ ପରି ବଢ଼ିଥା'ନ୍ତି ଏବଂ ପରେ ଭାଙ୍ଗିଯାଇ ବାହାରକୁ ବାହାରି ନପାରିଲେ ସେଠି ରକ୍ତ ଝରାଇଥା'ନ୍ତି। ଋତୁସ୍ରାବ ବେଳେ ରକ୍ତ ବାହାରକୁ ନିଷ୍କାସିତ ହୋଇଥିବା ବେଳେ ଏହି ଏଣ୍ଡୋମେଟ୍ରିଓସିସ୍ ରକ୍ତ କିନ୍ତୁ ଭିତରେ ରହିଯାଇ ଜଳାପୋଡ଼ା କରିବା ସହ ଅନ୍ୟ ତନ୍ତୁକୁ ଫଟାଇଦେଇଥାଏ। ଏହା ହିଁ ଅସହ୍ୟ ଯନ୍ତ୍ରଣାର କାରଣ ହୋଇଥାଏ। ଏହାର କୌଣସି ଉପଚାର କି ନିରାକରଣ ନାହିଁ। କିନ୍ତୁ ଯନ୍ତ୍ରଣା ଓ ଅନ୍ୟାନ୍ୟ ଲକ୍ଷଣର ସୁପରିଚାଳନା ସମ୍ଭବ। ତେବେ ଆମ ଦେଶର ସାର୍ବଜନୀନ ସ୍ୱାସ୍ଥ୍ୟସେବାରେ ଏଣ୍ଡୋମେଟ୍ରିଓସିସ୍ ପରି ରୋଗକୁ ଆଦୌ ପ୍ରାଧାନ୍ୟ ଦିଆଯାଇନାହିଁ। ଦିଲ୍ଲୀ ସ୍ଥିତ 'ଦି ଜର୍ଜ ଇନ୍‌ଷ୍ଟିଚ୍ୟୁଟ୍ ଫର ଗ୍ଲୋବାଲ ହେଲ୍‌ଥ ଇଣ୍ଡିଆ', ଭାରତୀୟ ଭେଷଜ ଗବେଷଣା ପରିଷଦ ଓ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଦ୍ୱାରା ମିଳିତ ଭାବେ କରାଯାଇଥିବା ଏକ ଅନୁଧ୍ୟାନରୁ ଭାରତରେ ପ୍ରାୟ ୪.୩ କୋଟି ମହିଳା ଏହି ରୋଗରେ ଆକ୍ରାନ୍ତ ବୋଲି ଜଣାଯାଇଛି। ତେଣୁ ସରକାର ତାଙ୍କ ପ୍ରମୁଖ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଏହି ଦୁଃସାଧ୍ୟ ରୋଗକୁ ଅନ୍ତର୍ଭୁକ୍ତ କରିବା ଲାଗି ପରାମର୍ଶ କରାଯାଇଛି। ଏହି ରୋଗରେ କେବଳ ମହିଳା ପୀଡ଼ିତ ହେଉଥିଲେ ହେଁ ଏହା ମହିଳାଙ୍କ ସମେତ ତାଙ୍କ ପୁରୁଷ ସାଥୀଙ୍କ ଲାଗି ମଧ୍ୟ ମାନସିକ ଓ ଆର୍ଥିକ ଆହ୍ୱାନ ସୃଷ୍ଟି କରିଥାଏ। ତେଣୁ ଏହି ରୋଗର ନିରାକରଣ ଲାଗି ତୁରନ୍ତ ଡାକ୍ତର ପରାମର୍ଶ ନେବା ନିହାତି ଜରୁରୀ । ତେବେ ଆମେ ରୋଗର ନିରାକରଣ କରିବା ଏବଂ ଏହାର ସଠିକ୍ ଚିକିତ୍ସା କରିବା ନିହାତି ଜରୁରୀ।

ବ୍ୟବସାୟୀଙ୍କ ଘରୁ ରୁପା ଅଳଙ୍କାର ଚୋରି: ୩ଗିରଫ

ଭୁବନେଶ୍ୱର(ବ୍ୟୁରୋ): ବ୍ୟବସାୟୀଙ୍କ ଘରୁ ରୁପା ଅଳଙ୍କାର ଚୋରି କରିବା ଅଭିଯୋଗରେ ଭରତପୁର ଥାନା ପୁଲିସ ୩ଜଣଙ୍କୁ ଗିରଫ କରିଛି । ଅଭିଯୁକ୍ତମାନେ ହେଲେ ଖଣ୍ଡଗିରିବାରିର ଅବିନାଶ ମହାନ୍ତି ଓରଫ ସିପା, ରାକେଶ କୁମାର ସେଠୀ ଓ ତାଙ୍କ ପତ୍ନୀ ରଞ୍ଜିତା ସେଠୀ। ଅଭିଯୁକ୍ତଙ୍କଠାରୁ ଲକ୍ଷାଧିକ ଟଙ୍କାର ରୁପା ଅଳଙ୍କାର ଜବତ କରାଯାଇଛି। ମାତ୍ର ସମସ୍ତ ଚୋରି ସାମଗ୍ରୀ ଉଦ୍ଧାର କରାଯାଇ ନଥିବାରୁ ପୁଲିସ ଅଭିଯୁକ୍ତଙ୍କୁ ୧୫ଦିନିଆ ରିମାଣ୍ଡରେ ଆଣିବାକୁ କୋର୍ଟରେ ଆବେଦନ କରିଛି। ସୂଚନା ଅନୁସାରେ, ଅଭିଯୋଗକାରୀ ପ୍ରଦୀପ୍ତ କୁମାର ଦାଶ ଖଣ୍ଡଗିରି ଅଞ୍ଚଳରେ ବୁଲାବୁଲି କରି ରୁପା ଅଳଙ୍କାର ବ୍ୟବସାୟ କରନ୍ତି। ଗତ ଜୁନ ମାସରେ

ତାଙ୍କ ପଡ଼ୋଶୀ ଅବିନାଶ ମହାନ୍ତି ଘରକୁ ଆସିଥିଲେ। ରୁପା ସାମଗ୍ରୀ ଓ ଅଳଙ୍କାର ଘରେ ଥିବାରୁ ଚୋରି ହେବା ଆଶଙ୍କାରେ ପ୍ରଦୀପ୍ତ ତାଙ୍କୁ ଘରକୁ ଆସିବାକୁ ବାରଣ କରିଥିଲେ। ପରେ ଅପରାହ୍ନରେ ପ୍ରଦୀପ୍ତ ଘର ତାଲା ପକାଇ କୌଣସି କାମରେ ବଜାରକୁ ଯାଇଥିଲେ। କିଛି ସମୟ ପରେ ଘରକୁ ଆସିବାରୁ କବାଟ ଭଙ୍ଗାଯାଇ ପ୍ରାୟ ୩ଲକ୍ଷ ଟଙ୍କାର ରୁପା ଅଳଙ୍କାର ଚୋରି ହୋଇଥିବା ଜଣାପଡ଼ିଥିଲା। ସନ୍ଦେହରେ ସେ ଏନେଇ ଭରତପୁର ଥାନାରେ ଅବିନାଶଙ୍କ ବିରୋଧରେ ଅଭିଯୋଗ କରିଥିଲେ। ପ୍ରାୟ ୩ମାସ କାଳ ଫେରାର ରହିବା ପରେ ପୁଲିସ ଗତକାଲି ରାତିରେ ଖଣ୍ଡଗିରି ବାରିରୁ ସିପାକୁ ଗିରଫ କରିଥିଲା। ତଦନ୍ତରୁ ଜଣାପଡ଼ିଥିଲା ଯେ ଅବିନାଶ ସ୍ଥାନୀୟ ଅଞ୍ଚଳର ରାକେଶ ଓ ତାଙ୍କ ପତ୍ନୀଙ୍କ ସହ ମିଶି ପ୍ରଦୀପ୍ତଙ୍କ ଘରୁ ଚୋରି କରିଥିବା ଜଣାପଡ଼ିଥିଲା।

ଭଙ୍ଗାଯିବ ବିପଦସଂକୁଳ କୋଠା, ୧୫ ଦିନରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର(ବ୍ୟୁରୋ): ଦିଲ୍ଲୀ ଅଘଟଣ ଦେଶବ୍ୟାପୀ ଚର୍ଚ୍ଚାର ବିଷୟ ପାଲଟିଛି। ଏକ ବିପଦପୂର୍ଣ୍ଣ କୋଠା ଭୁଶୁଡ଼ି ଏକାଧିକଙ୍କ ମୃତ୍ୟୁ ହେବା ଏବଂ ଅନେକ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବେଳେ ଓଡ଼ିଶା ସରକାର ଏହାକୁ ଗୁରୁତ୍ୱର ସହ ନେଇଛନ୍ତି। ରାଜ୍ୟର ବିଭିନ୍ନ ସହରାଞ୍ଚଳରେ ଯେଉଁ ସବୁ ସରକାରୀ ଓ ବେସରକାରୀ କୋଠା ବିପଦପୂର୍ଣ୍ଣ ରହିଛି, ତାକୁ ଭାଙ୍ଗିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଏ ଉପରେ ସମୀକ୍ଷା ବୈଠକ କରିବା ସହ ସବୁ ଅସୁରକ୍ଷିତ କୋଠାକୁ ତୁରନ୍ତ ଚିହ୍ନଟ ଓ ଭାଙ୍ଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୧୫ ଦିନ ଭିତରେ ଏଭଳି ବିପଦପୂର୍ଣ୍ଣ କୋଠା ତାଲିକା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ମନ୍ତ୍ରୀ ଶ୍ରୀ ମହାପାତ୍ର ଗଣମାଧ୍ୟମକୁ କହିଛନ୍ତି, ପୂର୍ବରୁ ବି

ଯେତେସବୁ ବିପଦପୂର୍ଣ୍ଣ ସରକାରୀ କୋଠା ଥିଲା, ତା'ର ଆକଳନ କରାଯାଇଥିଲା। ଏସବୁ କୋଠାକୁ ବି ନୋଟିସ୍ କରାଯାଇଥିଲା। ଦିଲ୍ଲୀ ଅଘଟଣ ପରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଗତକାଲି ଏ ସଂପର୍କରେ ସମୀକ୍ଷା କରାଯାଇଥିଲା। ସାରା ରାଜ୍ୟରେ ଯେଉଁଠି ବି ଏଭଳି ବିପଦପୂର୍ଣ୍ଣ କୋଠା ରହିଛି, ଖୁବ୍‌ଶୀଘ୍ର ଚିହ୍ନଟ କରି ନୋଟିସ୍ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁ କୋଠା ଆମ ବିଭାଗ ଅଧୀନରେ ରହିଛି, ସେ କୋଠାକୁ ଆମେ ଭାଙ୍ଗିବୁ। ଅନ୍ୟ ବିଭାଗ ଅଧୀନରେ ଥିବା କୋଠା ଭାଙ୍ଗିବାକୁ ସଂପୃକ୍ତ ବିଭାଗକୁ କୁହାଯିବ। ବିପଦସଂକୁଳ କୋଠା ଯାଞ୍ଚ ପାଇଁ ଏକ ଉଚ୍ଚସ୍ତରୀୟ ଯାଞ୍ଚ କମିଟି ଗଠନ କରାଯାଇଛି। କମିଟି ସେଭଳି କୋଠା ସଂପର୍କରେ ୧୫ଦିନ ଭିତରେ ଯାଞ୍ଚ କରି ରିପୋର୍ଟ ଦେବ। ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ନିଆଯିବ। କେବଳ ସରକାରୀ ନୁହେଁ, ବେସରକାରୀ କୋଠାକୁ ବି ଯାଞ୍ଚ ପରିସରଭୁକ୍ତ କରାଯାଇଛି। ମନ୍ତ୍ରୀ କହିଛନ୍ତି, ସହରାଞ୍ଚଳରେ ନାଗରିକଙ୍କ ଜୀବନ ଓ ସମ୍ପତ୍ତିର ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉଛି। ଅସୁରକ୍ଷିତ କୋଠା ଚିହ୍ନଟ କରିବାକୁ ନଗର ଉନ୍ନୟନ ବିଭାଗ ପକ୍ଷରୁ ପ୍ରକ୍ରିୟା ତ୍ୱରାନ୍ୱିତ କରାଯାଇଛି। ଦୁର୍ବଳ ତଥା ବିପଦଜନକ ଅବସ୍ଥାରେ ଥିବା କୋଠା ଚିହ୍ନଟ ପରେ ସମ୍ପୃକ୍ତ ମାଲିକଙ୍କୁ ନୋଟିସ୍ ଦିଆଯିବ ଓ ଆବଶ୍ୟକସ୍ଥଳେ କୋଠା ଭଙ୍ଗାଯିବ। ବିଶେଷକରି କଟକ ଓ ପୁରୀ ଭଳି ପୁରୁଣା ସହରରେ ଏହି ଯାଞ୍ଚ ପ୍ରକ୍ରିୟାକୁ ଜୋରଦାର କରାଯିବ। ଅମାନିଆଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ।

କ୍ରାଇମବ୍ରାଞ୍ଚରେ ସୌମ୍ୟଙ୍କ ବାପାଙ୍କ ଅଭିଯୋଗ

ଯୋଜନାବଦ୍ଧ ଭିଡ଼ହିଂସା କରି ମାରିଦେଲେ

ଭୁବନେଶ୍ୱର(ବ୍ୟୁରୋ): ଜିଆରପି କନେଷ୍ଟବଳ ସୌମ୍ୟରଞ୍ଜନ ସ୍ୱାଇଁଙ୍କ ହତ୍ୟା ଘଟଣା ନୂଆ ମୋଡ଼ ନେଇଛି। ସୌମ୍ୟଙ୍କ ପରିବାର ଏହାକୁ ଏକ ଯୋଜନାବଦ୍ଧ ହତ୍ୟା ଷଡ଼ଯନ୍ତ୍ର ବୋଲି ଖୋଲାଖୋଲି ଅଭିଯୋଗ ଆଣିଛନ୍ତି। ଏ ନେଇ କ୍ରାଇମବ୍ରାଞ୍ଚରେ ସେମାନେ ଆଜି ଫେରାଦ ହୋଇଛନ୍ତି। ହତ୍ୟାକାଣ୍ଡ ଦିନ ସୌମ୍ୟ ଭୁବନେଶ୍ୱର ଯାଉଥିବା ବେଳେ ଯୋଜନାବଦ୍ଧ ଭାବେ ଦୁର୍ଘଟଣା ଘଟାଇବା ଏବଂ ପରେ ଭିଡ଼ ସୃଷ୍ଟି କରି ହିଂସାକାଣ୍ଡ ଘଟାଇବା ଭଳି ଅଭିଯୋଗ ଆଣିଛନ୍ତି। ଏହି ଦିଗରେ ଘଟଣାର ତଦନ୍ତ ପାଇଁ ସୌମ୍ୟଙ୍କ ବାପା ଦାବି କରିଛନ୍ତି। ଜିଆରପି କନେଷ୍ଟବଳ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ମେ ୭ ତାରିଖରେ ବାଲିଅନ୍ତାରେ ହତ୍ୟା ଘଟଣାକୁ ନେଇ ଆଜି ତାଙ୍କ ବାପା ଦୁଃଶାସନ ସ୍ୱାଇଁ ଓ ବନ୍ଧୁ ନିଶିକାନ୍ତ ମହାନ୍ତି ପୁଣି ଥରେ କ୍ରାଇମବ୍ରାଞ୍ଚ କାର୍ଯ୍ୟାଳୟକୁ ଆସିଥିଲେ। ଏହି ହତ୍ୟା ଘଟଣାରେ ଆପରାଧିକ ଷଡ଼ଯନ୍ତ୍ର ଥିବା ନେଇ ପରିବାର ଲୋକେ କ୍ରାଇମବ୍ରାଞ୍ଚରେ ଖୋଲାଖୋଲି ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ହତ୍ୟାକାଣ୍ଡ ଦିନ ବନ୍ଧୁ ଓମ୍ ପ୍ରକାଶ ରାଉତ ବାଇକ୍ ଚଲାଉଥିବା ବେଳେ ପଛପଟେ ସୌମ୍ୟ ବସି ଭୁବନେଶ୍ୱର ଯାଉଥିଲେ। ପୂର୍ବ ଷଡ଼ଯନ୍ତ୍ର ଅନୁଯାୟୀ, ଦୁଇ ଜଣ ଯୁବତୀ ଉଦ୍ଦେଶ୍ୟମୂଳକ ଭାବେ ଓମ୍ ଚଲାଉଥିବା ବାଇକ୍ ସହିତ ଧକ୍କା ଦେଇଥିଲେ। ଏହି ଧକ୍କା କୌଣସି ଆକସ୍ମିକ ଦୁର୍ଘଟଣା ନଥିଲା, ବରଂ ସୌମ୍ୟଙ୍କୁ ଅଟକାଇବା ଏବଂ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଫସାଇବା ପାଇଁ ଯୋଜନାବଦ୍ଧ ଷଡ଼ଯନ୍ତ୍ର ଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ସେଠାରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାରୁ ଯେତେବେଳେ ସୌମ୍ୟ ଖସିଯିବାକୁ ଉଦ୍ୟମ କରିଥିଲେ ସେହି ସମୟରେ ବିରଞ୍ଚି ନାରାୟଣ ଜେନା ବଳପୂର୍ବକ ସୌମ୍ୟ ଆସିଥିବା ବାଇକ୍‌ର ଚାବି ଛଡ଼ାଇ ନେଇଥିଲେ। ଏହାଦ୍ୱାରା ସେ ସୌମ୍ୟଙ୍କୁ ଅଟକ ରଖିବାରେ ସଫଳ ହୋଇଥିଲା। ଏହି ସମୟରେ ଧକ୍କା ଦେଇଥିବା ଦୁଇ ପୀଡ଼ିତା ସେଠାରେ କାନ୍ଦିବା ସହିତ ସୌମ୍ୟ ତାଙ୍କୁ ଅସଦାଚରଣ କରିଥିବା ନେଇ ଅଭିଯୋଗ କରିଥିଲେ। ସାଧାରଣ ଜନତାଙ୍କୁ ଉସକାଇବାକୁ ଉକ୍ତ ଦୁଇ ଯୁବତୀ ଏଭଳି କରିଥିଲେ। ଏହାଫଳରେ ଉତ୍ତ୍ୟକ୍ତ ଲୋକେ ସୌମ୍ୟଙ୍କୁ ସେଠାରେ ପିଟିପିଟି ମାରିଦେଇଥିଲେ। ଷଡ଼ଯନ୍ତ୍ରକୁ ଲୁଚାଇବା ପାଇଁ ଉକ୍ତ ଦୁଇ ଯୁବତୀ ମୃତ ସୌମ୍ୟଙ୍କ ବିରୋଧରେ ବାଲିଅନ୍ତା ଥାନା ଓ କ୍ରାଇମବ୍ରାଞ୍ଚରେ ମିଛ ଅଭିଯୋଗ ଆଣିଥିଲେ। ଏହି ଘଟଣାରେ ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚ ନିକଟରେ ପରିବାର ଲୋକେ ଦାବି କରିଛନ୍ତି।

ବଙ୍ଗୋପସାଗରରେ ପୁଣି ଘୂର୍ଣ୍ଣିବଳୟ

ଭୁବନେଶ୍ୱର(ବ୍ୟୁରୋ) : ପୁଣି ଆସୁଛି ଲଘୁଚାପ, ବଢିବ ବର୍ଷାର ପରିମାଣ । ବଙ୍ଗୋପସାଗରରେ ପୁଣି ପାଣିପାଗରେ ପରିବର୍ତ୍ତନର ସଙ୍କେତ ମିଳିଛି। ଉତ୍ତର ଆଣ୍ଡାମାନ ସାଗର ଓ ଏହାର ଆଖପାଖ ଅଞ୍ଚଳରେ ଏକ ସକ୍ରିୟ ଘୂର୍ଣ୍ଣିବଳୟ ରହିଛି । ଏହା ସମୁଦ୍ର ପତ୍ତନଠାରୁ ପ୍ରାୟ ୫.୮ କିଲୋମିଟର ଉଚ୍ଚତା ପର୍ଯ୍ୟନ୍ତ ବ୍ୟାପିଥିବା ସୂଚନା ମିଳିଛି। ଏହି ଘୂର୍ଣ୍ଣିବଳୟର ପ୍ରଭାବରେ ୧୧ ତାରିଖ ବେଳକୁ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ପଶ୍ଚିମ-କେନ୍ଦ୍ରୀୟ ଓ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ସହ ସଂଲଗ୍ନ ଉତ୍ତର ଆନ୍ଧ୍ରପ୍ରଦେଶ ଏବଂ ଦକ୍ଷିଣ ଓଡ଼ିଶା ଉପକୂଳ ନିକଟରେ ଏହା ଦାନା ବାନ୍ଧିପାରେ । ଏହା ଫଳରେ ବଙ୍ଗୋପସାଗର ଉପରେ ବାଦଲ ସଂଗଠିତ ହେବା ସହ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶର କେତେକ ଅଞ୍ଚଳରେ ବର୍ଷାର ପରିମାଣ ବଢ଼ିପାରେ । ତେବେ ଲଘୁଚାପ ସୃଷ୍ଟି ପରେ ଏହା କେଉଁ ଦିଗକୁ ଗତି କରିବ ଏବଂ କେତେ ଶକ୍ତିଶାଳୀ ହେବ, ତାହା ପରବର୍ତ୍ତୀ ପାଣିପାଗ ସ୍ଥିତିରୁ ଅଧିକ ସ୍ପଷ୍ଟ ହେବ । ଏବେ ନଜର ରହିଛି ଆଣ୍ଡାମାନ ସାଗରରୁ ବଙ୍ଗୋପସାଗର ଆଡ଼କୁ ହେଉଥିବା ପାଣିପାଗ ପରିବର୍ତ୍ତନ ଉପରେ ।

ଓରାଙ୍ଗଉଟାନଙ୍କ ପାଇଁ ନନ୍ଦନକାନନରେ ଇଣ୍ଡୋନେସିଆ କ୍ୱାଇମେଟ୍

ଭୁବନେଶ୍ୱର(ବ୍ୟୁରୋ): ବାଲେଶ୍ୱର ବିଚିତ୍ରପୁର ଜଙ୍ଗଲରୁ ଉଦ୍ଧାର ହୋଇଥିବା ୫ ଓରାଙ୍ଗଉଟାନ ଏବେ ନନ୍ଦନକାନନରେ ଅଛନ୍ତି । ଉଦୟପୁର ଫରେଷ୍ଟ ଅଫିସରୁ ସେମାନଙ୍କୁ ନନ୍ଦନକାନନକୁ ଅଣାଯାଇଛି । ଗତକାଲି ରାତି ୧୦ଟା ୨୦ରେ ନନ୍ଦନକାନନରେ ସେମାନେ ପହଞ୍ଚିଥିଲେ। ଏବେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି । ସେମାନଙ୍କ ଦେହରେ ସାମାନ୍ୟ ଉଷୁତା ରହିଛି । ଓରାଙ୍ଗଉଟାନଙ୍କ ସ୍ୱାସ୍ଥ୍ୟାବସ୍ଥା ହିସାବରେ ସେମାନେ ରହୁଥିବା ସ୍ଥାନର ରୁମ୍ ତାପମାତ୍ରା ସ୍ଥିର କରାଯାଇଛି। ସେମାନେ ଏବେ ଏକ ବର୍ଷରୁ ଦେଢ଼ ବର୍ଷ ମଧ୍ୟରେ ଥିବାରୁ ଏବେ ସେମାନଙ୍କୁ କେବଳ ବୋତଲ କ୍ଷୀର ଦିଆଯାଉଛି । ଧୀରେ ଧୀରେ ସେମାନଙ୍କୁ ଫଳ ଖାଇବାକୁ ଦିଆଯିବ । ୫ରୁ ୬ ବର୍ଷ ହେବାପରେ ଫଳ ପତ୍ର ଖାଇପାରିବେ । ସେପଟେ ଓରାଙ୍ଗଓଟନଙ୍କୁ ନନ୍ଦନକାନନରେ ରଖିବା ପାଇଁ ସେଣ୍ଟାଲ୍ କୁ ଅଥରିଟିକୁ ଜଙ୍ଗଲ ପରିବେଶ ବିଭାଗ ଅନୁମତି ମାଗିଛି । ଓରାଙ୍ଗଉଟାନଙ୍କୁ ନନ୍ଦନକାନନରେ କ୍ୱାରେଣ୍ଟାଇନରେ ରଖାଯାଇଛି । ସେମାନଙ୍କ ପାଇଁ ଇଣ୍ଡୋନେସିଆ କ୍ୱାଇମେଟ୍ ପ୍ରସ୍ତୁତ କରାଯାଇଛି ବୋଲି ଜଙ୍ଗଲ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି । ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଖୁବଶୀଘ୍ର ନନ୍ଦନକାନନ ପରିଦର୍ଶନ ଯିବେ । ଏହା ସହ ବିଚିତ୍ରପୁର ଜଙ୍ଗଲରୁ ୫ ଓରାଙ୍ଗଉଟାନ୍ ମିଳିବା ଘଟଣାର ଏସଟିଏଫ୍ ତଦନ୍ତ କରୁଛି । ତଉଉଇ ସହ ମିଶି ୫ଜଣର ଟିମ୍ ତଦନ୍ତ ଚଳାଇଛନ୍ତି । ଭୋଗରାଇ ଜଙ୍ଗଲକୁ ଓରାଙ୍ଗଉଟାନ୍ କେଉଁଠାରୁ ଆସିଲେ ? କେଉଁ ଦେଶକୁ ଚାଲାଣ ହୋଇଥାନ୍ତେ ? ଓରାଙ୍ଗଉଟାନ୍ ତସ୍କରୀରେ କିଏ ସାମିଲ ଥିଲେ ? ଏସଟିଏଫ୍ ତାହର ତଦନ୍ତ କରୁଥିବା ମନ୍ତ୍ରୀ କହିଛନ୍ତି । ସୂଚନା ଥାଉକି, ମଙ୍ଗଳବାର ସକାଳେ ବାଲେଶ୍ୱରର ବିଚିତ୍ରପୁର ଜଙ୍ଗଲରୁ ୫ ଓରାଙ୍ଗଉଟାନ ଛୁଆଙ୍କୁ ଉଦ୍ଧାର କରାଯାଇଥିଲା । ଏଥିରେ ୩ଟି ଅଣ୍ଡିରା, ୨ଟି ମାଈ ଛୁଆ ଅଛନ୍ତି। ସମସ୍ତଙ୍କ ବୟସ ୧ ବର୍ଷରୁ ଦେଢ ବର୍ଷ ମଧ୍ୟରେ ରହିଛି । ଇଣ୍ଡୋନେସିଆ, ମାଲେସିଆ ଭଳି ଚିରହରିତ ଜଙ୍ଗଲରେ ଦେଖାଯାଉଥିବା ଏହି ବିରଳ ବନ୍ୟଜନ୍ତୁ କେଉଁଠୁ କେଉଁ ରୁଟ୍ ଦେଇ ଓଡ଼ିଶା ଆସିଲେ ତାହା ସଭିଙ୍କୁ ତାଜୁବ କରିଛି ।

ମୃଦ୍ୟୁ ପାନୀୟ ଦେଇ ଘରୋଇ ସହାୟିକାଙ୍କୁ ଦୁଷ୍କର୍ମ

ଭୁବନେଶ୍ୱର(ବ୍ୟୁରୋ) : ମୃଦ୍ୟୁ ପାନୀୟ ଦେଇ ଘରୋଇ ସହାୟିକାଙ୍କୁ ଦୁଷ୍କର୍ମ । ରାଜଧାନୀର ପଟିଆ ଅଞ୍ଚଳରେ ଚାଞ୍ଚଲ୍ୟ । କୋଲଡ ଡ୍ରିଙ୍କସ ପିଇବାକୁ ଦେଇ ଘରୋଇ ସହାୟିକାଙ୍କୁ ଦୁଷ୍କର୍ମ କରିଛି ଘର ମାଲିକ । ଅଭିଯୋଗ ପାଇବା ପରେ ଅଭିଯୁକ୍ତକୁ ଗିରଫ କରିଛି ଚନ୍ଦ୍ରଶେଖରପୁର ଥାନା ପୋଲିସ । ଗିରଫ ଅଭିଯୁକ୍ତ ହେଉଛି ବାଲେଶ୍ୱର ଜିଲ୍ଲା ସୋରୋ ଥାନା ଅଞ୍ଚଳର ରଞ୍ଜନ କୁମାର ମହାରଣା । ରଞ୍ଜନ ପଟିଆ ଅଞ୍ଚଳରେ ଭଡ଼ାରେ ରହୁଥିବା ବେଳେ ମହିଳା ଜଣକ ତା' ଘରେ ଘରୋଇ ସହାୟିକା ଭାବେ କାମ କରନ୍ତି । ମହିଳାଙ୍କ ସ୍ୱାମୀ ମଧ୍ୟ ଘରକୁ ଯିବାଆସିବା କରୁଥିବା ବେଳେ ପରସ୍ପରଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ରହିଥିଲା । କୋଲଡ ଡ୍ରିଙ୍କସରେ ନିଶା ଦେଇ ଅଭିଯୁକ୍ତ ତାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗ ପରେ ପୋଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି । ସେହିପରି ଗତକିଛି ଦିନ ତଳେ ରାଉରକେଲା ରେଳ ଷ୍ଟେସନ ପରିସରରୁ ଏକ ଅତ୍ୟନ୍ତ ସମ୍ବେଦନଶୀଳ ତଥା ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଥିଲା । କନଫର୍ମ ଟିକେଟ୍ ବାହାନାରେ ଯୁବତୀଙ୍କୁ ଭାଲ୍ ଭ ରୁମ୍ ରେ ଦୁଷ୍କର୍ମ କରି ରେଳ କର୍ମଚାରୀ ଗିରଫ ହୋଇଥିଲେ । ଜଣେ ୫୪ ବର୍ଷୀୟ ରେଳ କର୍ମଚାରୀ ଷ୍ଟେସନର ଏକ ଭାଲ୍ ଭ ରୁମ୍ ଭିତରେ ଯୁବତୀଙ୍କ ସହିତ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା । ଅଭିଯୋଗ ପରେ ରାଉରକେଲା ସରକାରୀ ରେଳବାଇ ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଅଭିଯୁକ୍ତ କର୍ମଚାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ।

୩୬ ଘଣ୍ଟା ପରେ ମିଳିଲା ଅଟୋଚାଳକଙ୍କ ମୃତଦେହ

ଭୁବନେଶ୍ୱର(ବ୍ୟୁରୋ): ବାଲିଅନ୍ତା କୁଆଖାଇ ନଦୀରେ ଅଟୋ ଚାଳକ ସଞ୍ଜୟ ସ୍ୱାଇଁ ନିଖୋଜ ଘଟଣାର ୩୬ ଘଣ୍ଟା ପରେ ତାଙ୍କ ମୃତଦେହ ଉଦ୍ଧାର ଉଦ୍ଧାର ହୋଇଛି । ବାଲିଅନ୍ତା ଅଗ୍ନିଶମ ବାହିନୀ ଦୀର୍ଘ ୩୬ ଘଣ୍ଟା କାଜ ସର୍ଚ୍ଚ ଅପରେସନ କରି ଶବ ଠାବ କରିବାରେ ସଫଳ ହୋଇଥିଲେ । ଘଟଣାସ୍ଥଳ ଟଙ୍କପାଣି ବ୍ରିଜ ଠାରୁ ପ୍ରାୟ ୨ କିମି ଦୂର ଲିଙ୍ଗିପୁର ପାର୍ଶ୍ୱରେ ମୃତଦେହ ଠାବ କରିଥିଲେ । ଖବର ପାଇ ବାଲିଅନ୍ତା ଥାନା ପୁଲିସ ପହଞ୍ଚିଥିଲା । ଏପଟେ ଖବର ପାଇ ପରିବାର ଲୋକ ପହଞ୍ଚିବା ପରେ ମୃତଦେହ ବ୍ୟବଚ୍ଛେଦ ନେଇ କ୍ୟାପିଟାଲ ହସ୍ପିଟାଲ ପଠାଯାଇଥିଲା । ଉଲ୍ଲେଖ ଯୋଗ୍ୟ ଗତ ୭ ତାରିଖ ରାତି ୧୦ଟା ସମୟରେ ହରଚଣ୍ଡୀ ସାହିର ସଞ୍ଜୟ ପତ୍ନୀଙ୍କ ସହ ଝଗଡ଼ା କରି ନିଖୋଜ ହୋଇଯାଇଥିଲେ । କିଛି ସମୟ ପରେ ଟଙ୍କପାଣି ବ୍ରିଜ ଉପରୁ ତାଙ୍କର ଅଟୋ ଚପଲ, ଗାଡ଼ି ଚାବି, ଏବଂ ମୋବାଇଲ ଫୋନ ମିଳିଥିଲା । ବାଲିଅନ୍ତା ଅଗ୍ନିଶମ ବାହିନୀ, ଭୁବନେଶ୍ୱର ଅଗ୍ନିଶମ ବାହିନୀ ଏବଂ ଓଡ୍ରାଫ ଟିମ ସର୍ଚ୍ଚ ଅପରେସନ ଜାରି ରଖିଥିଲେ ।

ଖାଲି ପଡ଼ିଛି ୮୪ ଖାଦ୍ୟ ନିରାପତ୍ତା ଅଧିକାରୀ ପଦବୀ

ଭୁବନେଶ୍ୱର(ବ୍ୟୁରୋ): ଭେଜାଲ ଓ ବାସିଖାଦ୍ୟ ସାମଗ୍ରୀ କେତେ ଶରୀର ପାଇଁ ମାରାତ୍ମକ ତାହା କାହାକୁ ଅଛପା ନାହିଁ । ହେଲେ ରାଜ୍ୟବାସୀଙ୍କ ସ୍ୱାସ୍ଥ୍ୟଗତ ସୁରକ୍ଷା ପାଇଁ ସ୍ୱାସ୍ଥ୍ୟ ବିଭାଗ ଅଣଦେଖା କରୁଛି । ବର୍ଷେ ହେଲାଣି ଜିଲ୍ଲାମାନଙ୍କରେ ୭୪ଟି 'ଖାଦ୍ୟ ନିରାପତ୍ତା ଅଧିକାରୀ' ପଦବି ପୂରଣ ପାଇଁ ନିଷ୍ପତ୍ତି ହୋଇଥିଲେ ହେଁ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନି । ଖାଦ୍ୟ ନିରାପତ୍ତା ଅଧିକାରୀ ଅଭାବରୁ କେବଳ କାମଚଳା ଭାବେ ଯାଞ୍ଚ ଚାଲିଛି । ବର୍ତ୍ତମାନ ରାଜ୍ୟରେ ମାତ୍ର ୬୧ ଖାଦ୍ୟ ନିରାପତ୍ତା ଅଧିକାରୀ ରହିଛନ୍ତି । ଜଣେ ଜଣେ ଅଧିକାରୀ ଏକାଧିକ ଜିଲ୍ଲା ଦାୟିତ୍ୱରେ ରହିଛନ୍ତି । ରାଜ୍ୟରେ ମୋଟ ୧୪୭ଟି ଖାଦ୍ୟ ନିରାପତ୍ତା ଅଧିକାରୀ ପଦବି ରହିଛି । ସେଥିରୁ ୮୪ଟି ପଦବି ମଧ୍ୟରୁ ପୂର୍ବରୁ ୧୦ଟି ପଦବି ଖାଲି ରହିଥିଲା । ହେଲେ ଗତ ବର୍ଷ ସ୍ୱାସ୍ଥ୍ୟ ବିଭାଗ ଆଉ ୭୪ଟି ନୂଆ ପଦବି ସୃଷ୍ଟି କରିଥିଲା । ଏହି ୭୪ଟି ନୂଆ ପଦବି ମଧ୍ୟରେ ଅନୁଗୁଳ ଜିଲ୍ଲାରେ ୨ ପଦବି ରହିଥିଲା ବେଳେ ନୂଆକରି ଗୋଟିଏ ପଦବି ସୃଷ୍ଟି କରାଯାଇଛି । ବଲାଙ୍ଗିରରେ ୩, ବାଲେଶ୍ୱରରେ ୩, ବରଗଡ଼ରେ ୩, ଭଦ୍ରକରେ ୩, କଟକରେ ୩, ଦେବଗଡ଼ରେ ୧, ଢେଙ୍କାନାଳରେ ୩, ଗଜପତିରେ ୧, ଗଞ୍ଜାମରେ ୧୦, ଯାଜପୁରରେ ୧, ଝାରସୁଗୁଡ଼ାରେ ୧, କଳାହାଣ୍ଡିରେ ୧, କେନ୍ଦ୍ରାପଡ଼ାରେ ୧, କେନ୍ଦୁଝରରେ ୩, ନୟାଗଡ଼ରେ ୪ ଆଦି ଜିଲ୍ଲାରେ ପଦବି ସୃଷ୍ଟି କରାଯାଇଛି । ଭୁବନେଶ୍ୱରରେ ଖାଦ୍ୟ ପରୀକ୍ଷାଗାର ରହିବା ସହିତ ଜିଲ୍ଲା ଖଣିଜ ପାଣ୍ଠରି ସହାୟତାରେ କେନ୍ଦୁଝର ଓ ସୁନ୍ଦରଗଡ, ସୁକିନ୍ଦା ଓ ରାଇରଙ୍ଗ

କେନ୍ଦ୍ର କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ

୭ ହାଇସ୍ପିଡ୍ ରେଳ କରିଡରକୁ ମଞ୍ଜୁରୀ

ନୂଆଦିଲ୍ଲୀ,୯।୯: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ବୁଧବାର କେନ୍ଦ୍ର କ୍ୟାବିନେଟ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ବୈଠକ ପରେ, କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କ୍ୟାବିନେଟ୍ ବ୍ରିଫିଙ୍ଗରେ ଘୋଷଣା କରିଛନ୍ତି ଯେ, କେନ୍ଦ୍ର ସରକାର ଦେଶର ୭ ଟି ପ୍ରମୁଖ ରେଳ କରିଡରରେ ଚାରି ଲେନ୍ ରେଳପଥ ନିର୍ମାଣକୁ ଅନୁମୋଦନ କରିଛନ୍ତି। ଏହି କରିଡର ବିକାଶିତ ହେବାପରେ ଦେଶର ପ୍ରମୁଖ ମହାନଗର ଭିତରେ ରେଳ କନେକ୍ଟିଭିଟି ଓ ମାଲ୍ ପରିବହନ ଉଭୟରେ ବଡ଼ ପରିବର୍ତ୍ତନ ଆସିବାର ଆଶା ରହିଛି। ଏହା ସହ ସେ କହିଛନ୍ତି ଯେ, ଯଦି ଆମେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ରେଳ କରିଡରଗୁଡ଼ିକୁ ଦେଖିବା, ତେବେ ୭ଟି ହାଇ-ଡେନସିଟି କରିଡର ଅଛି, ଯାହା ୧୧ ହଜାର କିଲୋମିଟର ଲମ୍ବା। ଏହି ହାଇଡେନସିଟି କରିଡରଗୁଡ଼ିକୁ ୪ ଲେନ୍ ସହିତ ନିର୍ମାଣ କରାଯାଉଛି, ଏବଂ ଅନ୍ୟ ଅନେକ କରିଡର ଉପରେ ମଧ୍ୟ କାମ ଚାଲିଛି। ଏଗୁଡ଼ିକ ଭବିଷ୍ୟତରେ ଟ୍ରାଫିକ୍ ପରିଚାଳନା କରିବ। ଦିଲ୍ଲୀରୁ ମୁମ୍ବାଇ, ମୁମ୍ବାଇରୁ ଚେନ୍ନାଇ, ଚେନ୍ନାଇରୁ କୋଲକାତା, ଏବଂ କୋଲକାତାରୁ ମୁମ୍ବାଇ - ଏହା 'ସ୍ୱର୍ଣ୍ଣ ଚତୁର୍ଭୁଜ'। ଏହି ୭ଟି କରିଡର ପ୍ରାୟ ୪୦% ରେଳ ଟ୍ରାଫିକ୍ ପରିଚାଳନା କରେ। ଏହି କରିଡର ମଧ୍ୟରୁ ପ୍ରାୟ ୨୦୦୦ କିଲୋମିଟର ପୂର୍ବରୁ ସମ୍ପୂର୍ଣ୍ଣ ହୋଇସାରିଛି।'

୭ ନୂଆ ହାଇସ୍ପିଡ୍ ରେଳ କରିଡର : ୧-ଦିଲ୍ଲୀ-ହାୱଡା (କୋଲକାତା) HDN କରିଡର ୨- ମୁମ୍ବାଇ-ହାୱଡା(କୋଲକାତା) HDN କରିଡର ୩-ଦିଲ୍ଲୀ-ମୁମ୍ବାଇ HDN କରିଡର ୪-ଦିଲ୍ଲୀ-ଗୌହାଟି HDN କରିଡର ୫-ଦିଲ୍ଲୀ-ଚେନ୍ନାଇ HDN କରିଡର ୬- ହାୱଡା-ଚେନ୍ନାଇ HDN କରିଡର - ୭ ମୁମ୍ବାଇ-ଚେନ୍ନାଇ HDN କରିଡର

ଭାରତରତ୍ନ ପାଇଥିବା ବୈଜ୍ଞାନିକଙ୍କୁ ଏସ୍‌ଆଇଆର୍ ନୋଟିସ୍

ନୂଆଦିଲ୍ଲୀ,୯।୯: ଦେଶର ଅନ୍ୟତମ ପ୍ରତିଷ୍ଠିତ ବୈଜ୍ଞାନିକ ସିଏନଆର ରାଓଙ୍କୁ ନିର୍ବାଚନ କମିଶନଙ୍କ ଏସ୍‌ଆଇଆର ନୋଟିସ। କର୍ଣ୍ଣାଟକାରେ ନିର୍ବାଚନ କମିଶନଙ୍କ ଭୋଟର ତାଲିକା ସଂଶୋଧନ ସମୟରେ ପ୍ରଫେସର ରାଓଙ୍କୁ ଏପରି ନୋଟିସ କରାଯାଇଛି। ଭୋଟର ତାଲିକାରେ ତାଙ୍କ ନାଁର ବନାମରେ ତ୍ରୁଟି ଦେଖାଯାଇଥିବାରୁ ତାଙ୍କୁ ହାଜର ହୋଇ ନିଜର ପରିଚୟ ପ୍ରମାଣ କରିବାକୁ ନୋଟିସରେ କୁହାଯାଇଛି। ବେଙ୍ଗାଲୁରୁରେ ଜନ୍ମିତ ୯୨ ବର୍ଷୀୟ ପ୍ରଫେସର ରାଓ ଦେଶର ବିଜ୍ଞାନିକ କ୍ଷେତ୍ରକୁ ଅନେକ କିଛି ଦେଇଛନ୍ତି। ବିଜ୍ଞାନ କ୍ଷେତ୍ର ପ୍ରତି ତାଙ୍କର ଅବଦାନ ପାଇଁ ଭାରତ ସରକାର ତାଙ୍କୁ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ ଭାରତ ରତ୍ନରେ ସମ୍ମାନୀତ କରିଥିଲେ। ୨୦୧୪ରେ ତାଙ୍କୁ ଭାରତ ରତ୍ନ ଦେଇଥିଲେ ସରକାର। ଦେଶର ତୃତୀୟ ବୈଜ୍ଞାନିକ ଭାବେ ତାଙ୍କୁ ଭାରତ ରତ୍ନ ମଧ୍ୟ ମିଳିଛି। ତଥାପି ସେ ଭାରତର ଭୋଟର କି ନୁହେଁ, ଏବେ ପ୍ରମାଣ କରିବାକୁ ନିର୍ବାଚନ କମିଶନ ନୋଟିସ କରିବା ସମସ୍ତଙ୍କୁ ଚକିତ କରିଛି।

ପ୍ରଫେସର ରାଓଙ୍କ ନାଁର ବନାମରେ ତ୍ରୁଟି ପରିଲକ୍ଷିତ ହେବାରୁ ତାଙ୍କୁ ନୋଟିସ ପଠାଯାଇଥିବା ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଛି। ପୁରୁଣା ଭୋଟର ତାଲିକାରେ ତାଙ୍କ ନାଁ ପ୍ରଫେସର ସିଏନଆର ରାଓ ରହିଥିଲା।

କିନ୍ତୁ ବର୍ତ୍ତମାନର ଭୋଟର ତାଲିକାରେ ପ୍ରଫେସରରେ ଅତିରିକ୍ତ ଏଫ ରହିଛି। ଭୋଟର ତାଲିକାରେ ତାଙ୍କ ନାଁ Proff CNR Rao ଉଲ୍ଲେଖ ଥିବାରୁ ନିର୍ବାଚନ କମିଶନ ତାଙ୍କୁ ବ୍ୟକ୍ତିଗତ ଭାବେ ହାଜର ହୋଇ ନିଜର ପରିଚୟ ପ୍ରମାଣ କରିବାକୁ କହିଛନ୍ତି।

୨୦୦୨ ମସିହା ଭୋଟର ତାଲିକାରେ ନାଁ ଥିବା ଜଣେ ଭୋଟର୍ ଏସଆଇଆର ଏନ୍ୟୁମେରେସନ୍ ଫର୍ମ ପୂରଣ କରିବା ସମୟରେ ନିଜର ବିବରଣୀକୁ ପୂରଣ କରନ୍ତି। କିନ୍ତୁ ସେହି ବିବରଣୀ ଯଦି ବର୍ତ୍ତମାନର ଭୋଟର ତାଲିକା ସହ ମେଳ ଖାଏ ନାହିଁ, ତା'ହେଲେ ଏହାକୁ ସେଲଫ ନେମ ମିସମ୍ୟାଚ୍ ବୋଲି କୁହାଯାଏ। ଏପରି ସ୍ଥିତିରେ ଯେଉଁ ବ୍ୟକ୍ତିଙ୍କ ବିରୋଧରେ ନୋଟିସ୍ ଜାରି ହୋଇଥାଏ, ତାଙ୍କୁ ବ୍ୟକ୍ତିଗତ ଭାବେ ହାଜର ହୋଇ ନିଜର ପରିଚୟ ପ୍ରମାଣ କରିବାକୁ ପଡ଼ିଥାଏ।

ଏହିକ୍ରମରେ ପ୍ରଫେସର ରାଓଙ୍କୁ ଭାରତୀୟ ବିଜ୍ଞାନ ପ୍ରତିଷ୍ଠାନ ନିକଟସ୍ଥ ମଲ୍ଲେଶ୍ୱରମରେ ହେବାକୁ ଥିବା ଏସ୍‌ଆଇଆର ଶୁଣାଣି ପାଇଁ ନୋଟିସ କରାଯାଇଛି। ସଲିଡ୍-ଷ୍ଟେଟ୍ ଏବଂ ଷ୍ଟ୍ରକ୍ଚରାଲ୍ କେମିଷ୍ଟ୍ରୀ କ୍ଷେତ୍ରରେ ଗବେଷଣା ପାଇଁ ପରିଚିତ ପ୍ରଫେସର ରାଓଙ୍କୁ ଜଣେ ସମ୍ମାନୀତ ବୈଜ୍ଞାନିକ ଭାବେ ବିବେଚନା କରାଯାଏ। ନୋବେଲ୍ ପୁରସ୍କାରକୁ ଛାଡ଼ିଦେଲେ, ସେ ପ୍ରାୟ ସମସ୍ତ ପ୍ରମୁଖ ପୁରସ୍କାର ପାଇଛନ୍ତି।

ସେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧିଙ୍କ ବୈଜ୍ଞାନିକ ପରାମର୍ଶଦାତା ପରିଷଦର ସଦସ୍ୟ ଥିଲେ। ପରେ ସେ ରାଜୀବ ଗାନ୍ଧି, ଏଚ୍.ଡି. ଦେବଗୌଡ଼ା, ଆଇକେ ଗୁଜରାଲ ଓ ମନମୋହନ ସିଂହଙ୍କ ବୈଜ୍ଞାନିକ ପରାମର୍ଶଦାତା ପରିଷଦର ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇଥିଲେ।

ପ୍ରତିଷ୍ଠିତ ଭାରତୀୟ ବିଜ୍ଞାନ ପ୍ରତିଷ୍ଠାନର ନିର୍ଦ୍ଦେଶକ ଥିଲେ। ଏଥିସହ ଜବ୍ବରଠାରେ ଜବାହରଲାଲ ନେହରୁ ସେଣ୍ଟର ଫର୍ ଆଡଭାନ୍ସଡ୍ ସାଇଣ୍ଟିଫିକ୍ ରିସର୍ଚ୍ଚ ପ୍ରତିଷ୍ଠା କରିଥିଲେ। ଭାରତ ରତ୍ନ ବ୍ୟତୀତ ପଦ୍ମ ବିଭୂଷଣ, ପଦ୍ମଶ୍ରୀ ଓ କର୍ଣ୍ଣାଟକା ରତ୍ନ ସମ୍ମାନରେ ମଧ୍ୟ ସେ ସମ୍ମାନୀତ ହୋଇଛନ୍ତି।

ଛାତ୍ରଙ୍କୁ ମାଜିଷ୍ଟ୍ରେଟଙ୍କ ନୋଟିସ୍‌କୁ ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ

ନୂଆଦିଲ୍ଲୀ,୯।୯: ଗ୍ରେଟର ନୋଏଡାର କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କ ଉପରେ କ୍ଷୁବ୍ଧ ହୋଇଛନ୍ତି ସୁପ୍ରିମକୋର୍ଟ। କକ୍ରୋଚ ଜନତା ପାର୍ଟି(ସିଜେପି)ର ଜୁଲାଇ ବିକ୍ଷୋଭରେ ଯୋଗ ଦେଇଥିବା ଜଣେ ଛାତ୍ରଙ୍କୁ ମାଜିଷ୍ଟ୍ରେଟ ନୋଟିସ କରିବାରୁ ଏହାକୁ ସହଜରେ ଗ୍ରହଣ କରି ନାହାନ୍ତି ସର୍ବୋଚ୍ଚ ଅଦାଲତ। ସିଜେପି ବିକ୍ଷୋଭ ସହ ଜଡ଼ିତ ଶିକ୍ଷାର୍ଥୀଙ୍କ ବିରୋଧରେ ରୁଜୁ ସମସ୍ତ ଏଫଆଇଆରକୁ ସୁପ୍ରିମକୋର୍ଟ ରଦ୍ଦ କରିଥିଲେ। ପରବର୍ତ୍ତୀ ସମୟରେ କୌଣସି ଶିକ୍ଷାର୍ଥୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିବ ନାହିଁ ବୋଲି ନିର୍ଦ୍ଦେଶ ଦେଇଥିଲେ। ଏହା ସତ୍ତ୍ୱେ କେମିତି କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ବିକ୍ଷୋଭରେ ସାମିଲ ଥିବା ଜଣେ ଆଇନ ଛାତ୍ରଙ୍କୁ ନୋଟିସ କଲେ ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି। ଅସନ୍ତୋଷ ପ୍ରକାଶ କରି ସୁପ୍ରିମକୋର୍ଟ କହିଛନ୍ତି ଯେ "କେମିତି ମାଜିଷ୍ଟ୍ରେଟ ନୋଟିସ କରିବେ ? ଦେଶର କୌଣସି ସ୍ଥାନରେ ଶିକ୍ଷାର୍ଥୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାକୁ ଆମେ ସ୍ପଷ୍ଟ ଭାବେ ନିର୍ଦ୍ଦେଶ ଜାରି କରିଥିଲୁ। ନୋଟିସ କରିବାକୁ କେମିତି ଜଣେ ମାଜିଷ୍ଟ୍ରେଟ ସାହାସ ଦେଖାଇଲେ ?" ସେପ୍ଟେମ୍ବର ୧ରେ ସୁପ୍ରିମକୋର୍ଟ ସନ୍ନିଧାନର ଧାରା ୧୪୨ରେ ଥିବା ସ୍ୱତନ୍ତ୍ର କ୍ଷମତାକୁ ବ୍ୟବହାର କରି ସିଜେପି ବିକ୍ଷୋଭ ସହ ଜଡ଼ିତ ଶିକ୍ଷାର୍ଥୀଙ୍କ ବିରୋଧରେ ରୁଜୁ ସମସ୍ତ ଏଫଆଇଆରକୁ ରଦ୍ଦ କରିଥିଲେ।

ଜୁଲାଇ ୨୦ରୁ ୨୫ ମଧ୍ୟରେ ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ରୁଜୁ ଏଫଆଇଆରକୁ ରଦ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲା। ସେହିପରି ଭବିଷ୍ୟତରେ ଆନ୍ଦୋଳନ ସହ ଜଡ଼ିତ ପିଲାମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ସ୍ପଷ୍ଟ ଭାବେ କହିଥିଲେ ସର୍ବୋଚ୍ଚ ଅଦାଲତ।

ତଥାପି ଗ୍ରେଟର ନୋଏଡାର ମାଜିଷ୍ଟ୍ରେଟ ଜଣେ ଛାତ୍ରଙ୍କୁ ନୋଟିସ କରିଥିଲେ। ଏହି ପ୍ରସଙ୍ଗ ବରିଷ୍ଠ ଆଇନଜୀବୀ ବିଶ୍ୱଜିତ ଭଟ୍ଟାଚାର୍ଯ୍ୟ ଆଜି କୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହା ଶୁଣି ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତ କହିଛନ୍ତି ଯେ ସେପ୍ଟେମ୍ବର ୪ରେ ଛାତ୍ରଙ୍କୁ ଜାରି ହୋଇଥିବା ନୋଟିସ ସମ୍ପର୍କରେ ଏବେ ଗୌତମ ବୁଦ୍ଧ ନଗର ଜିଲ୍ଲା ଓ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ସ୍ପଷ୍ଟୀକରଣ ଦିଅନ୍ତୁ। ଆମେ ତାଙ୍କ ସଫେଇ ଶୁଣିବାକୁ ଚାହୁଁଛୁ ବୋଲି ସେ କହିଛନ୍ତି।

ତେଲେଙ୍ଗାନା ବିଧାନସଭାରେ ତୃତୀୟ ଦିନରେ ପ୍ରବଳ ହଟ୍ଟଗୋଳ

ନିଲମ୍ବିତ ହେଲେ ବିଆରଏସର ୧୯ ବିଧାୟକ

ନୂଆଦିଲ୍ଲୀ,୯।୯: ବୁଧବାର ଦିନ ତେଲେଙ୍ଗାନା ବିଧାନସଭାରେ ଲଗାତାର ତୃତୀୟ ଦିନ ପାଇଁ ପ୍ରବଳ ହଟ୍ଟଗୋଳ ହୋଇଥିଲା, ଯାହା ଫଳରେ ମୌସୁମୀ ଅଧିବେଶନର ଅବଶିଷ୍ଟ ସମୟ ପାଇଁ ୧୯ ଜଣ ବିଆରଏସ ବିଧାୟକଙ୍କୁ ନିଲମ୍ବନ କରାଯାଇଛି। ଏଥିରେ ବରିଷ୍ଠ ନେତା କେ.ଟି. ରାମା ରାଓ ଏବଂ ଟି. ହରିଶ ରାଓ ସାମିଲ ଅଛନ୍ତି। ସଂସଦୀୟ ବ୍ୟାପାର ମନ୍ତ୍ରୀ ଡି. ଶ୍ରୀଧର ବାବୁ ଗୃହ କାର୍ଯ୍ୟକୁ ବାରମ୍ବାର ବାଧା ଦେବା ପାଇଁ ବିରୋଧୀ ସଦସ୍ୟଙ୍କ ବିରୋଧରେ ଏକ ପ୍ରସ୍ତାବ ଆଗତ କରିବା ପରେ ବିଧାନସଭା ବାଚସ୍ପତି ଗଦ୍ଦମ ପ୍ରସାଦ କୁମାର ନିଲମ୍ବନ ଘୋଷଣା କରିଥିଲେ। ବିଧାୟକ ମାନେ 'ଆମେ ନ୍ୟାୟ ଚାହୁଁଛୁ' ସ୍ଲୋଗାନ ଦେଇ ବାଚସ୍ପତିଙ୍କ ପୋଡିୟମ ନିକଟରେ ଏକାଠି ହୋଇଥିଲେ ଏବଂ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡ଼ିବା ଏବଂ ସେମାନଙ୍କ ମହିଳା ବିଧାୟକଙ୍କ ପ୍ରତି ହୋଇଥିବା ବ୍ୟବହାର ଉପରେ ଆଲୋଚନା ଦାବି କରିଥିଲେ। କେଟିଆରଙ୍କ ନେତୃତ୍ୱରେ ବିଆରଏସ ସଦସ୍ୟ ମାନେ ବିଧାନସଭା ବାହାରେ ଦଳର ମହିଳା ବିଧାୟକଙ୍କ ବିରୁଦ୍ଧରେ ପୋଲିସର କଥିତ 'ମନମାନୀ' ଏବଂ କିଛି କଂଗ୍ରେସ ବିଧାୟକଙ୍କ ଦ୍ୱାରା ବିଆରଏସ ସଭାପତି କେ. ଚନ୍ଦ୍ରଶେଖର ରାଓଙ୍କୁ ଦିଆଯାଇଥିବା ହତ୍ୟା ଧମକ ଉପରେ ଆଲୋଚନା ଦାବି କରି ମୁଲତବୀ ପ୍ରସ୍ତାବ ପାଇଁ ନୋଟିସ ଦାଖଲ କରିବା ପରେ ଏହି ନିଲମ୍ବନ କରାଯାଇଥିଲା। ଯଦିଓ ବାଚସ୍ପତି ଏବଂ ଶାସକ ଦଳର ମନ୍ତ୍ରୀମାନେ ବିରୋଧୀ ସଦସ୍ୟ ମାନଙ୍କୁ ସେମାନଙ୍କ ଆସନକୁ ଫେରିବା ଏବଂ ଉପଯୁକ୍ତ ପ୍ରକ୍ରିୟା ଅନୁସରଣ କରିବାକୁ ବାରମ୍ବାର ଅନୁରୋଧ କରିଥିଲେ, ତଥାପି ବିଆରଏସ ବିଧାୟକ ମାନେ ନିଜ ଜିଦ୍ ରେ ଅଟଳ ରହି ଗୃହର କୂଅରୁ ସେମାନଙ୍କର ପ୍ରତିବାଦ ଜାରି ରଖିଥିଲେ, ଯାହା ଫଳରେ ଏହି କାର୍ଯ୍ୟ ଆରମ୍ଭ ହୋଇଥିଲା।

ଚୁଟ୍‌କୀରେ...

ବନ୍ୟା କ୍ଷତିଗ୍ରସ୍ତଙ୍କୁ ଏକ୍ସପାରୀ କଫ୍ ସିରପ୍

ନୂଆଦିଲ୍ଲୀ,୯।୯: ଜଳବନ୍ଦୀ ହୋଇ ରହିଥିବା ଲୋକଙ୍କ ଜୀବନ ସହ ଖେଳ। ରିଲିଫ ନାଁରେ ସେମାନଙ୍କୁ ଦିଆଯାଉଛି ବିଷ। ରିଲଫର ମିଳିଥିବା କଫ ସିରପ ଖାଇ ଏବେ ବନ୍ୟା ଯୋଗୁ କଲବଲ ହେଉଥିବା ଲୋକଙ୍କ ଛୋଟ ଛୋଟ ପିଲାମାନେ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। କାରଣ ସେମାନଙ୍କୁ ମିଳିଥିବା କଫ ସିରପ ଏକ୍ସପାରୀ ହୋଇ ସାରିଛି। ଔଷଧ ନାଁରେ ସେମାନଙ୍କୁ ଏକ୍ସପାରୀ କଫ ସିରପ ଦିଆଯାଇଛି। ଉତ୍ତର ପ୍ରଦେଶର କାନପୁର ଜିଲ୍ଲାରୁ ଏପରି ସାଂଘାତିକ ଘଟଣା ସାମ୍ନାକୁ ଆସିଛି। କାନୁପରର ବିଭିନ୍ନ ଅଞ୍ଚଳରେ ବନ୍ୟାର ଭୟଙ୍କର ରୂପ ଦେଖିବାକୁ ମିଳିଛି। ହଜାର ହଜାର ଲୋକ ଏବେ ଜଳବନ୍ଦୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟା ଭିତରେ ଲୋକଙ୍କୁ ଆଶ୍ୱସ୍ତି ଦେବା ପାଇଁ ରିଲିଫ ସାମଗ୍ରୀ ସହ କଫ ସିରପ ମଧ୍ୟ ଦିଆଯାଇଥିଲା। ଗାଁ ଲୋକମାନେ ମଧ୍ୟ ଏହାକୁ ସହାୟତା ଭାବି ନିଜ ପିଲାଙ୍କୁ ଖାଇବାକୁ ଦେଇଥିଲେ। ହେଲେ କଫ ସିରପ ଖାଇ ଅନେକ ପିଲା ଏବେ ଅସୁସ୍ଥ ହୋଇ ଯାଇଛନ୍ତି। ସେମାନେ ରିଲିଫରେ ପାଇଥିବା କଫ ସିରପର ଏକ୍ସପାରୀ ୨୦୨୬ ଜୁଲାଇରୁ ଶେଷ ହୋଇଯାଇଥିବାରୁ ଏପରି ସ୍ଥିତି ସୃଷ୍ଟି ହୋଇଥିବା ଜଣାପଡ଼ିଛି।

ବିଶ୍ୱର ସବୁଠାରୁ ଅଧିକ ଦରମା ପାଉଥିବା ପ୍ରଧାନମନ୍ତ୍ରୀଙ୍କ ଦରମା ବୃଦ୍ଧି

ନୂଆଦିଲ୍ଲୀ,୯।୯: ବିଶ୍ୱରେ ସବୁଠାରୁ ଅଧିକ ଦରମା ପାଉଥିବା ପ୍ରଧାନମନ୍ତ୍ରୀ ହେଉଛନ୍ତି ସିଙ୍ଗାପୁର ପ୍ରଧାନମନ୍ତ୍ରୀ ଲୋରେନ୍ସ ୱାଙ୍ଗ। ତାଙ୍କ ଦରମା ଆହୁରି ବୃଦ୍ଧି ପାଇବ। ତାଙ୍କ ମନ୍ତ୍ରୀମାନଙ୍କର ଦରମା ମଧ୍ୟ ବୃଦ୍ଧି ପାଇବ। ତାଙ୍କ ଭଳି ତାଙ୍କ ମନ୍ତ୍ରୀମାନେ ବି ବିଶ୍ୱର ସବୁଠାରୁ ଅଧିକ ଦରମା ପାଉଥିବା ମନ୍ତ୍ରୀ। ଆଉ ଏହି ନେତାମାନଙ୍କର ଦରମାରେ ୬୦ ପ୍ରତିଶତରୁ ଅଧିକ ବୃଦ୍ଧି କରାଯିବ। ପ୍ରଧାନମନ୍ତ୍ରୀ ଲୋରେନ୍ସ ୱାଙ୍ଗ ମଙ୍ଗଳବାର ଦିନ ସଂସଦରେ ଏହି ଘୋଷଣା କରିଛନ୍ତି। ୱାଙ୍ଗ କହିଛନ୍ତି ଯେ ତାଙ୍କର ବାର୍ଷିକ ଦରମା ୨.୨ ନିୟୁତ (ମିଲିୟନ) ସିଙ୍ଗାପୁର ଡଲାର (୧୬.୫ କୋଟି ଟଙ୍କା) ରୁ ବୃଦ୍ଧି ପାଇ ୩.୬ ନିୟୁତ (୨୭ କୋଟି ଟଙ୍କା) ହେବ। ଉପ-ପ୍ରଧାନମନ୍ତ୍ରୀଙ୍କ ଦରମା ୧.୮୭ ନିୟୁତ ସିଙ୍ଗାପୁର ଡଲାର (୧୪.୦୨ କୋଟି ଟଙ୍କା) ରୁ ୩.୦୬ ନିୟୁତ ସିଙ୍ଗାପୁର ଡଲାର (୨୨.୯୪ କୋଟି ଟଙ୍କା) କୁ ବୃଦ୍ଧି ପାଇବ ସେହିପରି ମନ୍ତ୍ରିମଣ୍ଡଳର ସଦସ୍ୟମାନଙ୍କୁ ସେମାନଙ୍କ ବରିଷ୍ଠତା ଏବଂ ବିଭାଗର ଗୁରୁତ୍ୱ ଆଧାରରେ ୧.୮୦ ନିୟୁତ ସିଙ୍ଗାପୁର ଡଲାର (୧୩.୫ କୋଟି ଟଙ୍କା) ରୁ ୨.୮୮ ନିୟୁତ ସିଙ୍ଗାପୁର ଡଲାର (୨୧.୫୯ କୋଟି ଟଙ୍କା) ମଧ୍ୟରେ ଦରମା ମିଳିବ। ରାଜନେତାମାନଙ୍କ ଦରମାରେ ଏହି ଭଳି ବୃଦ୍ଧି ରାଜନୀତିକ ଦୃଷ୍ଟିକୋଣରୁ ସମ୍ବେଦନଶୀଳ। କାରଣ ମନ୍ତ୍ରିମଣ୍ଡଳର ସଦସ୍ୟମାନଙ୍କ ଆୟ ସାଧାରଣ ନାଗରିକଙ୍କ ଆୟ ତୁଳନାରେ ଯଥେଷ୍ଟ ଅଧିକ। ତେବେ ସିଙ୍ଗାପୁର ସରକାର ଏହାକୁ ଯୁକ୍ତିଯୁକ୍ତ ଦର୍ଶାଇଛନ୍ତି। ସରକାର କହିଛନ୍ତି ଯେ ଏହା ଦକ୍ଷ ବ୍ୟକ୍ତିମାନଙ୍କୁ ରାଜନୀତିକୁ ଆକର୍ଷିତ କରେ ଏବଂ ସୁଶାସନ ସୁନିଶ୍ଚିତ କରେ।

ବିହାରରେ ୮ ନଦୀରେ ଜଳସ୍ତର ବୃଦ୍ଧି

ନୂଆଦିଲ୍ଲୀ,୯।୯: ବିହାରରେ ଗଙ୍ଗା ନଦୀ ସମେତ ୮ଟି ନଦୀରେ ବନ୍ୟା ଜଳ ପ୍ରବାହିତ ହେଉଛି। ରାଜ୍ୟର ୧୪ଟି ଜିଲ୍ଲାରେ ବନ୍ୟା ପରିସ୍ଥିତି ଜାରି ରହିଛି। ପ୍ରାୟ ୩୫.୮୯ ଲକ୍ଷ ଲୋକ ଏଥିରେ ପ୍ରଭାବିତ ହୋଇଛନ୍ତି। ଗଙ୍ଗା, କୋଶୀ, ଗଣ୍ଡକ, ବୁଢ଼ୀ ଗଣ୍ଡକ, ପୁନ୍‌ପୁନ୍, ବାଗମତୀ ଓ ଘାଘରା ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ସାରଣରେ ମାହି ନଦୀ ଉପରେ ନିର୍ମିତ ବନ୍ଧ ଭାଙ୍ଗିଯିବାରୁ ପରିସ୍ଥିତି ଗମ୍ଭୀର ହୋଇଛି। ଗତ ପାଞ୍ଚ ଦିନ ଧରି ବିହାରରେ ପ୍ରବଳ ବର୍ଷା ହେବା ପରେ ୧୪ଟି ଜିଲ୍ଲାରେ ୪୦.୨୧ ନିୟୁତ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି। ଅନେକ ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ବିପର୍ଯ୍ୟୟ ପରିଚାଳନା ବିଭାଗ ଅନୁଯାୟୀ, ବନ୍ୟା ୧୪ଟି ଜିଲ୍ଲାର ୮୪ଟି ବ୍ଲକର ୫୧୪ଟି ପଞ୍ଚାୟତକୁ ପ୍ରଭାବିତ କରିଛି। ପ୍ରଭାବିତ ଜିଲ୍ଲାଗୁଡ଼ିକ ହେଉଛି ପାଟନା, ଭୋଜପୁର, ସରଣ, ବୈଶାଳୀ, ଭାଗଲପୁର, ବେଗୁସରାଇ, ବକ୍ସର, ସମସ୍ତିପୁର, ମୁଙ୍ଗେର, କାଟିହାର, ଲଖିସରାଇ, ଖଗରିଆ, ପୂର୍ଣ୍ଣିଆ ଓ ଅରୱାଲ। ପାଣିପାଗ ସେବା କେନ୍ଦ୍ର ଅନୁଯାୟୀ, ସେପ୍ଟେମ୍ବରରେ ରାଜ୍ୟରେ ୭୯.୬ ମିଲିମିଟର ବର୍ଷା ରେକର୍ଡ ହୋଇଛି, ଯାହା ସ୍ୱାଭାବିକଠାରୁ ୩୧ ପ୍ରତିଶତ ଅଧିକ।

ଉତ୍ତର ପ୍ରଦେଶରେ ବର୍ଷା ଯୋଗୁଁ ଲଖିମପୁର ଓ ବରେଲିରେ ୮ମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ସ୍କୁଲ ବନ୍ଦ ରଖାଯାଇଛି। ବାରାଣସୀରେ ପ୍ରି-ପ୍ରାଥମିକ ଠାରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ସ୍କୁଲ ବନ୍ଦ ରହିବ, ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ସକାଳ ୯ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଚାଲିବ। ବୁଧବାର ବାରାଣସୀ ଓ ପ୍ରୟାଗରାଜ ସମେତ ୨୩ ଜିଲ୍ଲାକୁ ବର୍ଷା ଆଲର୍ଟ ରହିଛି। ଉତ୍ତରାଖଣ୍ଡରେ ପୌଡିରେ ଭୂସ୍ଖଳନ ଯୋଗୁଁ ଘର ଓ ଅନେକ ଦୋକାନରେ ଫାଟ ସୃଷ୍ଟି ହୋଇଛି।

ନୀତି ଆୟୋଗ ରିପୋର୍ଟରେ ଗ୍ରାଜୁଏଟ୍‌ଙ୍କ ନିଯୁକ୍ତି ସଙ୍କଟର ବଡ଼ ଖୁଲାସା

ଡିଗ୍ରୀ ନୁହେଁ, ଦକ୍ଷତା ହିଁ ଚାକିରିର ଚାବିକାଠି

ନୂଆଦିଲ୍ଲୀ, ୯।୯: ଦିନ ଥିଲା ଡିଗ୍ରୀ ବଳରେ ମିଳୁଥିଲା ଚାକିରି । କିନ୍ତୁ ଏବେ ଆଉ ଏହି ସମୀକରଣ କାମ କରୁନାହିଁ । ଗୋଟିଏ ପଟେ ଦେଶରେ ଉଚ୍ଚ ଶିକ୍ଷାର ପ୍ରସାର ହେଉଥିବା ବେଳେ ଡିଗ୍ରୀଧାରୀ ଛାତ୍ରଛାତ୍ରୀ ଏବଂ ନିଯୁକ୍ତି ବଜା

ନୀରବ ସେବକଙ୍କ ମହାନ ସେବା

- ରାସ୍ତାରେ ବଞ୍ଚାଉଛନ୍ତି ଜୀବନ
- ପ୍ରଚାର ନୁହେଁ କାମରେ ବିଶ୍ୱାସ
- ଗୋପର ସେବକ ସଂଗଠନ ପ୍ରେରଣା

କାକଟପୁର/ଅନ୍ତରଙ୍ଗ(ଅମୃତ ମିଡିଆ): ଆଜିକାଲି ସେବା ମାନେ ଫଟୋ, ଫେସବୁକ୍ ଲାଇଭ୍ ଓ ପ୍ରଚାର। ହେଲେ ଏସବୁର ବ୍ୟତିକ୍ରମ ହେଉଛି ଗୋପ ବ୍ଲକ ଅଧୀନ ସେବକ ସଂଗଠନ। ବିନା ଢୋଲ, ବିନା ବାଜାରେ ଏହି ସଂଗଠନ ଦୀର୍ଘ ବର୍ଷ ହେଲା ଯେଉଁ ନୀରବ ସେବା କରି ଆସୁଛି, ତାହା ପୁରା ଜିଲ୍ଲା ପାଇଁ ଗର୍ବ। ପୁରୀ ଜିଲ୍ଲା କାକଟପୁର, ନୟାହାଟ, ଅନ୍ତରଙ୍ଗ ମୁଖ୍ୟ ବଜାର ହେଉ କି ଗ୍ରାମାଞ୍ଚଳ ରାସ୍ତା, ଦିନ ହେଉ କି ରାତି, ଶହ ଶହ ବୁଲା ଗାଈ ଗୋରୁ ଓ ଷଣ୍ଢ ରାସ୍ତା ମଝିରେ ଶୋଇ ରହୁଛନ୍ତି। ଫଳରେ ପ୍ରତିଦିନ ଛୋଟ ବଡ ଦୁର୍ଘଟଣା ଘଟୁଛି। ଗୋମାତା ମରୁଛି, ଗାଡି ଚାଳକ ମଧ୍ୟ ଗୁରୁତର ଆହତ ହେଉଛନ୍ତି। ଏହି ସମସ୍ୟା ସମସ୍ତେ ଦେଖୁଛନ୍ତି, ହେଲେ କେହି ସମାଧାନ କରୁନାହାନ୍ତି। ଏହି ସମୟରେ ଆଗେଇ ଆସିଲା ସେବକ ସଂଗଠନ। ସଂଗଠନର ସଭାପତି ଆଲୋକ ଜେନାଙ୍କ ଭୋଇ, ପାପୁନ ମଲ୍ଲିକ, ମିଲୁ ପାତ୍ର, ରାକେଶ ପାତ୍ର, ସ୍ୱାଧୀନ, ନିହାର, କିସାନ ମଲ୍ଲିକ, ବାଇନ, ଜୀବନ ବେହେରା ପ୍ରମୁଖ ସୋମବାର ଓ ମଙ୍ଗଳବାର ଦୁଇ ରାତି ଅନିଦ୍ରା ରହି କାକଟପୁର, ନୟାହାଟ ଓ ଅନ୍ତରଙ୍ଗ ଅଞ୍ଚଳର ଶହ ଶହ ଗାଈଙ୍କ ବେକରେ ନିଜ ଖର୍ଚ୍ଚରେ ରେଡିୟମ ବେଲ୍ଟ ଲଗାଇଛନ୍ତି। ଏହି ରେଡିୟମ ଦୂରରୁ ଗାଡି ଆଲୁଅରେ ଚମକିବ, ଚାଳକ ଆଗରୁ ସତର୍କ ହେବେ, ଦୁର୍ଘଟଣା କମିବ। ଗୋଟେ ଛୋଟ ରେଡିୟମ ଗୋଟେ ଜୀବନ ବଞ୍ଚାଇପାରେ, ଏହି ଚିନ୍ତା କେତେ ମହାନ। ଏହା ନୂଆ ନୁହେଁ। ସେବକ ସଂଗଠନର ଇତିହାସ ସେବାର ଇତିହାସ। କେଉଁଠି ଗରିବ ରୋଗୀ ଅର୍ଥ ଅଭାବରୁ ଚିକିତ୍ସା କରିପାରୁନି ବୋଲି ଖବର ପାଇଲେ, ଏହି ଯୁବକମାନେ ସିଧା ତା ପରିବାର ପାଖରେ ପହଞ୍ଚି ଯଥାସମ୍ଭବ ଅର୍ଥ ସାହାଯ୍ୟ କରନ୍ତି। କେବେ ରକ୍ତଦାନ ଶିବିର, କେବେ ଅସହାୟ ରେ ଲୋକଙ୍କୁ ସାହାଯ୍ୟ। ଆଜି ଯେତେବେଳେ ଯୁବପିଢି ମୋବାଇଲ ଓ ନିଶାରେ ବ୍ୟସ୍ତ, ଏହି ଯୁବକମାନେ ମାନବ ସେବାକୁ ହିଁ ମାଧବ ସେବା ମନେ କରି କାମ କରୁଛନ୍ତି।ଏଭଳି ନିସ୍ୱାର୍ଥପର ସେବା ନିଶ୍ଚୟ ପ୍ରଶଂସନୀୟ। ସେବକ ସଂଗଠନର ଏହି କାର୍ଯ୍ୟ ଅନ୍ୟ ଯୁବକଙ୍କ ପାଇଁ ପ୍ରେରଣା। ପ୍ରଶାସନ ମଧ୍ୟ ଏହି ଯୁବକଙ୍କୁ ସହଯୋଗ କରିବା ଉଚିତ। ସେପ୍ଟେମ୍ବର ମାସର ଅପରାଧ ସମୀକ୍ଷା ବୈଠକ

ପୁରୀ (ବ୍ୟୁରୋ): ପୁରୀ ପୋଲିସ ପକ୍ଷରୁ ସେପ୍ଟେମ୍ବର ମାସର ମାସିକ ଅପରାଧ ସମୀକ୍ଷା ବୈଠକ ଆଜି ତାଳବଣିଆ ଥାନାର କନଫରେନ୍ସ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି । ଏସ୍‌ପି ପ୍ରତୀକ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଶୀଲ ମିଶ୍ର, ଦେବ ପ୍ରତାପ, ସଚିନ ପଟେଲ, ସୌମ୍ୟ ରଞ୍ଜନ ମଲ୍ଲିକଙ୍କ ସମେତ ସମସ୍ତ ଏସ୍‌ଡିପିଓ, ସମସ୍ତ ଥାନା ଅଧିକାରୀ ଓ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ଅଗଷ୍ଟ ମାସର ଅପରାଧ ପରିସ୍ଥିତିର ସମୀକ୍ଷା କରାଯିବା ସହିତ ଜିଲ୍ଲାର ଆଇନ ଶୃଙ୍ଖଳା, ଅପରାଧ ନିୟନ୍ତ୍ରଣ, ତଦନ୍ତର ପ୍ରଗତି, ଚାର୍ଜସିଟ ଦାଖଲ, ନ୍ୟାୟାଳୟରେ ମାମଲାର ସ୍ଥିତି ଏବଂ ଥାନାସ୍ତରରେ ଜନ ସାଧାରଣଙ୍କୁ ଦିଆଯାଉଥିବା ପୋଲିସ ସେବା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା।

ଅନ୍ତରଙ୍ଗରେ ଲମ୍ପି ମୁକାବିଲା ପାଇଁ ୨ ରାପିଡ୍ ଟିମ୍ ଗଠନ

- ୨୫୦ ଗାଈଙ୍କ ପରୀକ୍ଷା, ୭ ଆକ୍ରାନ୍ତ ଚିହ୍ନଟ
- ୫ ସୁସ୍ଥ, ୧୦ ନମୁନା ପରୀକ୍ଷା ପାଇଁ ଗଲା

ଖବର ପ୍ରସାରଣ ପରେ ଚେଇଁଲା ବିଭାଗ

କାକଟପୁର/ଅନ୍ତରଙ୍ଗ(ଅମୃତ ମିଡିଆ): ଗଣମାଧ୍ୟମ ରେ 'ଗାଁ କୁ ଗାଁ ଲମ୍ପି ଆତଙ୍କ' ଖବର ପ୍ରକାଶିତ ପରେ ପ୍ରାଣୀ ସମ୍ପଦ ବିଭାଗ ଚେଇଁଛି। ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ପୁରୀ ଜିଲ୍ଲା ଅନ୍ତରଙ୍ଗ ବ୍ଲକରେ ଗୋରୁ ଗାଈଙ୍କୁ ଲମ୍ପି ଭାଇରସ ବା ଚର୍ମଗ୍ରନ୍ଥି ରୋଗ ଖବର ପ୍ରକାଶ ପାଇବା ପରେ, ଜିଲ୍ଲା ପ୍ରାଣୀ ଚିକିତ୍ସା ବିଭାଗର ଡାକ୍ତରୀ ଦଳ ପୁରୀ ଜିଲ୍ଲା ଅନ୍ତରଙ୍ଗ ବ୍ଲକର ବିଭିନ୍ନ ଗ୍ରାମ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ପ୍ରାୟ ୨୫୦ଟି ପ୍ରାଣୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବା ବେଳେ ୭ଟି ପ୍ରାଣୀ ଆକ୍ରାନ୍ତ ଥିବା ଚିହ୍ନଟ ହୋଇଛି। ଏଥିରୁ ୫ଟି ପ୍ରାଣୀ ସୁସ୍ଥ ହୋଇସାରିଛନ୍ତି। ବର୍ତ୍ତମାନ କେବଳ ବାଛୁରୀଙ୍କ ଠାରେ ଲକ୍ଷଣ ଦେଖା ଦେଇଛି ଏବଂ କୌଣସି ଦୁଧିଆଳୀ ଗାଈ ଆକ୍ରାନ୍ତ ହୋଇନାହାନ୍ତି। ରୋଗ ନିଶ୍ଚିତ ପାଇଁ ଆକ୍ରାନ୍ତ ପ୍ରାଣୀଙ୍କ ଠାରୁ ୧୦ଟି ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠା ଯାଇଛି। ପ୍ରାଣୀଙ୍କ ସୁରକ୍ଷା ପାଇଁ ପୂର୍ବରୁ ୧୬ଶହ ଡୋଜ୍ ଜିପିଭି ଟୀକା ଦିଆଯାଇଥିବା ବେଳେ ବର୍ତ୍ତମାନ ଆଉ ୧୦ ହଜାର ଡୋଜ୍ ଜିପିଭି ଟୀକା ଓ ଆବଶ୍ୟକ ଔଷଧ ଯୋଗାଇ ଦିଆଯାଇଛି। ଅନ୍ତରଙ୍ଗ ବ୍ଲକର ୧୫ଟି ପଞ୍ଚାୟତରେ ଟୀକାକରଣ ପାଇଁ ୨ଟି ରାପିଡ୍ ରେସପନ୍ସ ଟିମ୍ ଗଠନ କରାଯାଇଛି ବୋଲି ବିଭାଗ ସୂଚନା ଦେଇଛି।

ଓଡ଼ିଆ ଚଳଚ୍ଚିତ୍ର 'ଜଙ୍ଗ'ର ଶୁଭ ମହୂରତ ଓ ଟାଇଟଲ ଘୋଷଣା

ଜଗନ୍ନାଥ ସଂସ୍କୃତି ଓ ରାଜରାଜୁଡ଼ା ସମୟର କାହାଣୀକୁ ନେଇ ନୂଆପିଢ଼ିର ନୂଆ ପରିକଳ୍ପନା

ପିପିଲି(ଅମୃତ ମିଡିଆ): ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଯୋଡ଼ି ହେବାକୁ ଯାଉଛି ଆଉ ଏକ ନୂଆ ଚଳଚ୍ଚିତ୍ର। ଶଗୁନ ଏଣ୍ଟରଟେନମେଣ୍ଟ ବ୍ୟାନରରେ ନିର୍ମାଣ ହେବାକୁ ଥିବା ନୂଆ ଓଡ଼ିଆ ସିନେମା 'ଜଙ୍ଗ' ର ଶୁଭ ମହୂରତ ଓ ଟାଇଟିଲ ଘୋଷଣା ଆଜି ଉତ୍ତରା ଉପକଣ୍ଠର ଏକ ତାରକା ହୋଟେଲରେ ମହାଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଟାଇଟିଲ ଘୋଷଣା କାର୍ଯ୍ୟକ୍ରମରେ ଚଳଚ୍ଚିତ୍ରର ସକ୍ରିୟ ସଦସ୍ୟ, କଣ୍ଠଶିଳ୍ପୀ, କଳାକାରଙ୍କ ସମେତ ବହୁ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇ ଥିଲେ। ନୂଆ ପାଢ଼ିର ପ୍ରଯୋଜକ, ନିର୍ଦ୍ଦେଶକ ଓ ଲେଖକଙ୍କ ଏକ ଭିନ୍ନ ପରିକଳ୍ପନା ଭାବେ 'ଜଙ୍ଗ'କୁ ନେଇ ଚଳଚ୍ଚିତ୍ର ମହଲରେ ଉତ୍ସାହ ପ୍ରକାଶ ପାଇଛି। ଯୁବ ପ୍ରଯୋଜକ ଶୁଭ୍ରଜିତ ଜେନାଙ୍କ ପରିକଳ୍ପନାରେ ନିର୍ମିତ ହେବାକୁ ଥିବା ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦାୟିତ୍ୱ ଶୁଭ୍ରଜିତ ଜେନା ଓ ରାହୁଲ ରାୟ ନେଇଛନ୍ତି। ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ଅଭିଜ୍ଞ ସିଦ୍ଧାର୍ଥ ଗୌତମ। ଚଳଚ୍ଚିତ୍ରର ଡିଓପି ଭାବେ ବିଶ୍ୱଜିତ କୁଲଡି ଦାୟିତ୍ୱ ତୁଲାଇବେ। ସେହିପରି ସଙ୍ଗୀତ ନିର୍ଦ୍ଦେଶନା ଦାୟିତ୍ୱରେ ରହିଛନ୍ତି ସମିତ କୁମାର ମହାନ୍ତି, ମହାଦେବ ରାଉତ ଓ ପ୍ରିନ୍ସୁ ଏମ୍.ଏସ୍.। ଚଳଚ୍ଚିତ୍ରରେ କଣ୍ଠଦାନ କରିଛନ୍ତି ଅନ୍ତରା ଚକ୍ରବର୍ତ୍ତୀ, କୁଲଦୀପ ପଟ୍ଟନାୟକ, ସତ୍ୟଜିତ ପ୍ରଧାନ, ସୌରଭ ଭରଦ୍ୱାଜ, ଗୌରବ ଆନନ୍ଦ ଓ ପ୍ରିନ୍ସୁ ଏମ୍.ଏସ୍.। 'ଜଙ୍ଗ'ରେ ଅନେକ ଯୁବ ଓ ଅଭିଜ୍ଞ କଳାକାରଙ୍କ ଅଭିନୟ ଦେଖିବାକୁ ମିଳିବ। ଏସ୍.ଡି. ମଣ୍ଡଳ, ପାର୍ଥ ସାରଥୀ ରାୟ, ବିଶ୍ୱରୂପା ରାଉତ, ଜଗନ୍ନାଥ ସେଠ, ଉମାକାନ୍ତଙ୍କ ସମେତ ଅନେକ କଳାକାର ଏହି ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି। ତେବେ 'ଜଙ୍ଗ' ନାମ ଶୁଣିଲେ ଅନେକଙ୍କ ମନରେ ଆଇମା'ଙ୍କ କାହାଣୀ କିମ୍ବା ଲୋକକଥାର ଚିତ୍ର ଉଙ୍କି ମାରୁଥିବା ବେଳେ, କେହି ଏହାକୁ ପୌରାଣିକ କାହାଣୀ ସହ ଯୋଡ଼ି ଦେଖୁଛନ୍ତି। କିନ୍ତୁ ଏହି ଚଳଚ୍ଚିତ୍ରର କାହାଣୀ ପଛରେ ରହିଛି ଦୀର୍ଘ ଦୁଇବର୍ଷର ଗବେଷଣା। ଲେଖକ ସିଦ୍ଧାର୍ଥ ଗୌତମ ଦୀର୍ଘ ଦୁଇବର୍ଷ ଧରି ଏହି କାହାଣୀ ଉପରେ ଗବେଷଣା କରିବା ପରେ ଏହାକୁ ଚଳଚ୍ଚିତ୍ରର ରୂପ ଦେଇଛନ୍ତି। ଚଳଚ୍ଚିତ୍ରର କାହାଣୀରେ ଜଗନ୍ନାଥ ସଂସ୍କୃତି, ଓଡ଼ିଶାର ରାଜରାଜୁଡ଼ା ସମୟର ଘଟଣାବଳୀ ସହିତ ପାରିବାରିକ ଭାବନାକୁ ଗୁରୁତ୍ୱ ଦିଆଯାଇଛି। ଏକ ମୌଳିକ ଓ ଭିନ୍ନଧରଣର କାହାଣୀ ମାଧ୍ୟମରେ ଓଡ଼ିଆ ସିନେପ୍ରେମୀଙ୍କୁ ନୂଆ ଅନୁଭୂତି ଦେବା ଲକ୍ଷ୍ୟରେ ଚଳଚ୍ଚିତ୍ରଟି ନିର୍ମାଣ ହେଉଛି। ଖୁବ୍‌ଶୀଘ୍ର 'ଜଙ୍ଗ'ର ସୁଟିଂ ଫ୍ଲୋରକୁ ଯିବ ବୋଲି ପ୍ରଯୋଜକ ଶୁଭ୍ରଜିତ ଜେନା ସୂଚନା ଦେଇଛନ୍ତି। ଆସନ୍ତା ୨୦୨୭ ନୂଆବର୍ଷ ଅବସରରେ ଚଳଚ୍ଚିତ୍ରଟି ପରଦାକୁ ଆସିବାର ଯୋଜନା ରହିଛି।

ପୂଜା ଚାନ୍ଦାରେ ମଦ-ମାଂସର ଆସର

- କାର୍ଡ ଧରି ବେପାରୀଙ୍କୁ ଘେରୁଛନ୍ତି କ୍ଲବ ସଦସ୍ୟ
- ଭୋଜି ଭାତରେ ଉଡୁଛି ଟଙ୍କା !
- ପ୍ରଶାସନ ଚେଇଁ ଶୋଇଛି

କାକଟପୁର/ଅନ୍ତରଙ୍ଗ:(ଅମୃତ ମିଡିଆ): ପୂଜା ଆସିନି, ଚାନ୍ଦା ଆଦାୟ ସରିଲାଣି ! ଏହା ଏବେ ପୁରା ଜିଲ୍ଲା କାକଟପୁର ଓ ଅନ୍ତରଙ୍ଗ ବ୍ଲକର ଗାଁ ଗାଁର ସାଧାରଣ ଚିତ୍ର। ଗଣେଶ ପୂଜା ଆଗକୁ ଆସୁଛି , ଦୁର୍ଗା, ଲକ୍ଷ୍ମୀ, କାଳୀ ପୂଜା ଆଗରେ। ହେଲେ ଏବେଠୁ କ୍ଲବ କାର୍ଡ ଧରି ଗଳି ଗଳି ବୁଲୁଛନ୍ତି କିଛି ଯୁବକ। ଭକ୍ତି ନାହିଁ, ଦୌରାତ୍ମ୍ୟ ଚାଲିଛି। ଅଭିଯୋଗ ହେଉଛି, ପୂଜା ନାଁରେ ଅଲଗା ଅଲଗା କାର୍ଡ ଛପା ହୋଇଛି। ଗୋଟିଏ ଦୋକାନକୁ ୪-୫ ଥର ଚକ୍କର କାଟୁଛନ୍ତି। ଛୋଟ ପରିବା ବ୍ୟବସାୟୀ ଯିଏ ଦିନକୁ ୫୦୦ ଟଙ୍କା ରୋଜଗାର କରୁଛି, ସେ ୨୦୦ ଟଙ୍କା ଚାନ୍ଦା ଦେବାକୁ ବାଧ ହେଉଛି। ନ ଦେଲେ ଅପମାନ, ଗାଳିଗୁଲଜ, ଧମକ। କେହି କେହି କହୁଛନ୍ତି, ଦୋକାନ ବନ୍ଦ କରିଦେବୁ ବୋଲି ଧମକ ଦେଉଛନ୍ତି। ବ୍ୟବସାୟୀ ତ୍ରାହି ତ୍ରାହି ଡାକୁଛନ୍ତି। ସବୁଠୁ ବଡ ପ୍ରଶ୍ନ ଏଠି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଗୋଟିଏ ଗାଁରୁ ଲକ୍ଷେ-ଦେଢ ଲକ୍ଷ ଚାନ୍ଦା ଉଠୁଛି। ମୂର୍ତ୍ତି, ଲାଇଟ, ପୂଜା ଖର୍ଚ ମାତ୍ର ୫୦ ହଜାର। ବାକି ଟଙ୍କା କୁଆଡେ ଗଲା ? ଉତ୍ତର ସବୁ ଜାଣନ୍ତି, ହେଲେ କେହି କହୁନାହାଁନ୍ତି। ପୂଜା ପରେ ରାତି ଅନିଦ୍ରା ହୋଇ ଭୋଜି ଭାତ। ମଦ, ମାଂସ, ଡିଜେରେ ଉଡୁଛି ସବୁ ଚାନ୍ଦା ଟଙ୍କା। ଭକ୍ତିର ନାଁରେ ମଉଜ। ବୟସ୍କ ଲୋକେ କହୁଛନ୍ତି, ପୂଜାର ପବିତ୍ରତା ନଷ୍ଟ ହେଲାଣି। ଯୁବ ପିଢି ବିଗିଡି ଯାଉଛି। ସବୁ ଜାଣି ବି ପୋଲିସ ଓ ପ୍ରଶାସନ ନିରବ। ପୋଲିସର ଗୋଟିଏ ଉତ୍ତର - ଜବରଦସ୍ତ ଚାନ୍ଦା ମାଗିଲେ ୧୧୨ରେ କଲ କରନ୍ତୁ। ହେଲେ ଗାଁ ଲୋକେ ପଚାରୁଛନ୍ତି, ଗାଁରେ ରହି ପଡୋଶୀ ପିଲା ନାଁରେ ୧୧୨ରେ ଅଭିଯୋଗ କଲେ ପରଦିନ ଗାଁରେ ରହି ହେବ କି ? ଶତ୍ରୁତା ବଢିବନି କି ? ଲୋକେ ଦାବି କରୁଛନ୍ତି, ପୋଲିସ ନିଜେ ଗାଁକୁ ଗାଁ ପାଟ୍ରୋଲିଂ କରୁ, ପ୍ରତି ପଞ୍ଚାୟତରେ ସଚେତନତା ବୈଠକ କରୁ, କ୍ଲବର ଚାନ୍ଦା ଓ ଖର୍ଚ୍ଚର ହିସାବ ଅଡିଟ କରୁ। ନହେଲେ ଏ ଦୌରାତ୍ମ୍ୟ ବଢିବ। ପୂଜା ନାଁରେ ଗୁଣ୍ଡାଗର୍ଦ୍ଦ ବନ୍ଦ ହେବା ଦରକାର ବୋଲି ସାଧାରଣରେ ଦାବି ହେଉଛି।

ବରିଷ୍ଠଙ୍କ କାର୍ଡ଼ ପାଇଁ ୧୦୦ଟଙ୍କା ଆଦାୟ ଅଭିଯୋଗ

- ବରିଷ୍ଠ ନାଗରିକଙ୍କ ପାଇଁ ନାହିଁ ନିର୍ଦ୍ଦିଷ୍ଟ ଘର
- ଗଛମୂଳେ ବରିଷ୍ଠ ନାଗରିକ

କାକଟପୁର /ଅନ୍ତରଙ୍ଗ (ଅମୃତ ମିଡିଆ):ଯେଉଁ ଶିକ୍ଷକ ପୁରା ଜିଲ୍ଲା ଅନ୍ତରଙ୍ଗବ୍ଲକ ଅଂଚଳର ହଜାର ହଜାର ପିଲାଙ୍କୁ ଅକ୍ଷର ଶିଖାଇଲେ, ଯେଉଁ ସେନା ଯବାନ ଦେଶ ଜଗିଲେ, ଆଜି ସେମାନଙ୍କ ପାଇଁ ବସିବାକୁ ଗୋଟେ ଚୌକି ନାହିଁ। ଏହା ହେଉଛି ଅନ୍ତରଙ୍ଗ ବ୍ଲକ ବରିଷ୍ଠ ନାଗରିକ ସଂଘର ବାସ୍ତବ ଚିତ୍ର। ସଂଘର ସଭାପତି ପ୍ରମୋଦ କୁମାର ନାୟକ ଓ ସମ୍ପାଦକ କାଳିନ୍ଦୀ ଚରଣ ଛାଟୋଇଙ୍କ ସୂଚନା ଅନୁଯାୟୀ,ଅନ୍ତରଙ୍ଗ ବ୍ଲକର ୨୫୫ ଜଣ କାର୍ଡଧାରୀ ବରିଷ୍ଠଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଅବସରପ୍ରାପ୍ତ ଶିକ୍ଷକ ଓ କିଛି ଅବସରପ୍ରାପ୍ତ ସେନା କର୍ମଚାରୀ। ଅନେକ ଙ୍କୁ ମଧ୍ୟ କାର୍ଡ ମିଳିନାହିଁ। ସାରା ଜୀବନ ସମାଜ ସେବା କଲେ, ଏବେ ବାର୍ଦ୍ଧକ୍ୟରେ ସହାୟତା ପାଇବା ବଦଳରେ ସମସ୍ୟା ରେ ପଡୁଛନ୍ତି। ସରକାର କହୁଛନ୍ତି ବରିଷ୍ଠଙ୍କୁ ସମ୍ମାନ ଦିଅ। ହେଲେ ଅନ୍ତରଙ୍ଗ ବ୍ଲକ, ତହସିଲ, ଡାକ୍ତରଖାନା,ବ୍ୟାଙ୍କ ଅସ୍ଥାୟୀ ବସ୍ ଷ୍ଟାଣ୍ଡରେ ବରିଷ୍ଠଙ୍କ ବସିବା ପାଇଁ ସ୍ୱତନ୍ତ୍ର ବେଞ୍ଚ କି ଲାଇନ ନାହିଁ। ଘଣ୍ଟା ଘଣ୍ଟା ଠିଆ ହୋଇ ପେନସନ, ଚିକିତ୍ସା ପାଇଁ ଅପେକ୍ଷା କରୁଛନ୍ତି। ନିଜର ବୈଠକ ଘର ତ ଦୂରର କଥା, ଗଛ ମୂଳେ ସଭା କରୁଛନ୍ତି। ତହସିଲଦାରଙ୍କୁ ମୌଖିକ ଜଣାଇ ବି ଫଳ ମିଳିନି। ଥାନାରେ ବରିଷ୍ଠ ନାଗରିକ ହେଲ୍ପ ଡେସ୍କ କେବଳ କାଗୁରେ ଲେଖା ହୋଇ ରହିଛି। ବାସ୍ତବରେ ସହାୟତା ମିଳୁନି। ବୟସ୍କ ଲୋକ ଅଭିଯୋଗ ନେଇ ଗଲେ ଘଣ୍ଟା ଘଣ୍ଟା ବସି ରହୁଛନ୍ତି।ସରକାରୀ ବସରେ ୫୦ ପ୍ରତିଶତ ରିହାତି ମିଳୁଛି ସତ, ହେଲେ କଣ୍ଡକ୍ଟର ମାନୁନାହାନ୍ତି ବୋଲି ଅଭିଯୋଗ। ବେସରକାରୀ ବସ ରେ କୌଣସି ସୁବିଧା ମିଳି ପାରୁନାହିଁ, ଏମିତି ଦୂର ଦୁରାନ୍ତ ରିହାତି ତ ଦୂରର କଥା ବସିବାକୁ ସିଟ ମିଳୁନାହିଁ।ପ୍ରଶାସନ ତରଫରୁ ବରିଷ୍ଠଙ୍କ ପାଇଁ ବର୍ଷକେ ଥରେ ବି ମାଗଣା ହେଲଥ କ୍ୟାମ୍ପ ହେଉନି, ଯାହା ଅତ୍ୟନ୍ତ ଜରୁରୀ। ସବୁଠୁ ବଡ କଷ୍ଟ ପରିଚୟ ପତ୍ର ପାଇଁ। ପୂର୍ବରୁ ବ୍ଲକରେ ମାଗଣାରେ ହେଉଥିଲା। ଏବେ ୧୦୦ ଟଙ୍କା ଦିଅ ଓ ଅସୁସ୍ଥ ହେଲେ ବି ପୁରା ଏଣ୍ଟି ଅଫିସ ଯାଅ। ରବୀନ୍ଦ୍ର କୁମାର ମହାନ୍ତି, କୈଳାସ ଚନ୍ଦ୍ର ଦାଶଙ୍କ ଭଳି ଅନେକ ଅସୁସ୍ଥ ବରିଷ୍ଠ ପୁରା ଯିବାକୁ ଅକ୍ଷମ। ଏହି ୧୦୦ ଟଙ୍କା ଆଦାୟକୁ ନେଇ ଅସନ୍ତୋଷ ବଢିଛି। ବରିଷ୍ଠଙ୍କ ଦାବି - ବ୍ଲକରେ ବୈଠକ ଘର, ସବୁ ଅଫିସରେ ବେଞ୍ଚ, ବ୍ଲକସ୍ତରରେ କାର୍ଡ ବଣ୍ଟନ, ମାଗଣା ହେଲଥ କ୍ୟାମ୍ପ ଏବଂ ହେଲ୍ପ ଡେସ୍କକୁ ସଚଳ କରାଯାଉ।

ଉଭଟ ନାଟ୍ୟଧାରା ଓ ଏପିକ୍ ନାଟ୍ୟଧାରା ପାଠଚକ୍ର



ସତ୍ୟବାଦୀ/ ସୁଆଣ୍ଡୋ(ଅମୃତ ମିଡିଆ): ଓଡ଼ିଆ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ 'ଉଭଟ ନାଟ୍ୟଧାରା ଓ ଏପିକ୍ ନାଟ୍ୟଧାରା' ଶୀର୍ଷକ ପାଠ୍ୟଚକ୍ର ଆଜି ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । କୁଳପତି ପ୍ରଫେସର୍ ଡ. ସତ୍ୟନାରାୟଣ ଆଚାର୍ଯ୍ୟଙ୍କ ପରାମର୍ଶ କ୍ରମେ ଆୟୋଜିତ ଏହି ପାଠଚକ୍ରରେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷା ଡ. ଲିପିକା ନାୟକ ପୌରୋହିତ୍ୟ କରିଥିଲେ। ଭାଷାବିଜ୍ଞାନ ଓ ପ୍ରାକୃତିକ ଭାଷା ସଂସାଧନ ବିଭାଗ ପରିଦର୍ଶୀ ପ୍ରଫେସର୍ ଡ. ଅନନ୍ତ କିଶୋର ଜେନା ପ୍ରାକ୍-ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ପାଠଚକ୍ରରେ ବିଶ୍ୱଭାରତୀ, ଶାନ୍ତିନିକେତନ ସ୍ନାତକୋତ୍ତର ଓଡ଼ିଆ ବିଭାଗ ପ୍ରାକ୍ତନ ମୁଖ୍ୟ ଓ ଭାଷାଭବନର ପ୍ରାକ୍ତନ ଅଧ୍ୟକ୍ଷ ତଥା ବିଶିଷ୍ଟ ନାଟ୍ୟକାର, ନାଟ୍ୟ ଆଲୋଚକ ପ୍ରଫେସର୍ ଡ. ନୀଳାଦ୍ରି ଭୂଷଣ ହରିଚନ୍ଦନ ବିଷୟ ବିଶାରଦ ରୂପେ ଯୋଗଦେଇ ବିଶ୍ୱ ସାହିତ୍ୟରେ ଉଭଟ ନାଟ୍ୟଧାରା ଓ ଓଡ଼ିଆ ଭାଷାରେ ରଚିତ କେତୋଟି ଉଭଟ ନାଟକ ସଂପର୍କରେ ଚର୍ଚ୍ଚା କରିଥିଲେ। ତତ୍ ସହିତ ପାରମ୍ପରିକ ନାଟକ ଓ ଏପିକ୍ ନାଟକର ବିଶେଷତ୍ୱ ବିଷୟରେ ସଂକ୍ଷିପ୍ତ ଆଲୋଚନା କରିଥିଲେ । ଆଞ୍ଚଳିକ, ଜନଜାତି ଭାଷା ଓ ଐତିହ୍ୟ ଅଧ୍ୟୟନ ବିଭାଗ ପରିଦର୍ଶୀ ପ୍ରଫେସର୍ ଡ. ବଦ୍ରୁବାହନ ମହାପାତ୍ର ଓଡ଼ିଆ ଉଭଟ ନାଟକର ଧାରା ସମ୍ବନ୍ଧରେ ଆଲୋକପାତ କରିଥିଲେ । ଉକ୍ତ ପାଠଚକ୍ରରେ ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ଡ. ରାଧାଗୋବିନ୍ଦ କୁଇଲା, ଆଞ୍ଚଳିକ-ଜନଜାତି ଓ ଐତିହ୍ୟ ଅଧ୍ୟୟନ ବିଭାଗ ପରିଦର୍ଶୀ ସହଯୋଗୀ ପ୍ରଫେସର୍ ଡ. ନିବେଦିତା ମହାନ୍ତି, ଭାଷା ଓ ସାହିତ୍ୟ ବିଭାଗ ପରିଦର୍ଶୀ ସହଯୋଗୀ ପ୍ରଫେସର୍ ଡ. ବାସନ୍ତୀ ମହନ୍ତି, ଭାଷାବିଜ୍ଞାନ ଓ ପ୍ରାକୃତିକ ଭାଷା ସଂସାଧନ ବିଭାଗ ପରିଦର୍ଶୀ ସହକାରୀ ପ୍ରଫେସର୍ ଡ. କୁଳମଣି ଓଝା ଏବଂ ସ୍ନାତକୋତ୍ତର ଛାତ୍ରଛାତ୍ରୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ନବାଗତ ସହକାରୀ ପ୍ରଫେସର୍ ଡ. ଗୋପାଳକୃଷ୍ଣ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

ମତ୍ସ୍ୟ ପୋଖରୀ ଯୋଜନାରେ ଅନିୟମିତତା ଅଭିଯୋଗ

**ପି

ନରେନ୍ଦ୍ରପୁର ମୌଜା ଜମି କିଣାବିକାରେ ଘୋଟାଲା ଅଭିଯୋଗ

- ନକଲି ପ୍ରମାଣପତ୍ର ଦେଇ ବିକ୍ରି ହୋଇଛି ୧୪ ଏକର ଚାଷଜମି
- ମୃତକଙ୍କୁ ଜୀବିତ ଦର୍ଶାଇ ଚଞ୍ଚକତା ଅଭିଯୋଗ

ଛତ୍ରପୁର (ଅମୃତ ମିଡିଆ): ଗଞ୍ଜାମ ଜିଲ୍ଲା ଛତ୍ରପୁର ତହସିଲ ଅନ୍ତର୍ଗତ ନରେନ୍ଦ୍ରପୁର ମୌଜାରେ ଜମି କିଣାବିକାକୁ ନେଇ ବଡ଼ ଧରଣର ଚଞ୍ଚକତା ହୋଇଥିବା ଅଭିଯୋଗ ହୋଇଛି । ନକଲି ପ୍ରମାଣପତ୍ର ଦାଖଲ କରି ପ୍ରାୟ ୧୪ ଏକର ଚାଷଜମି ବିକ୍ରି କରାଯାଇଥିବା ନେଇ ନରେନ୍ଦ୍ରପୁର ଗ୍ରାମର ଚାଷୀ ଓ ଅଞ୍ଚଳବାସୀ ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି । ଚାଷୀମାନଙ୍କ କହିବାନୁଯାୟୀ, ୧୯୬୪ ମସିହାରେ ଗ୍ରାମର ପାକଲା ଶ୍ରୀକୃଷ୍ଣ ପାତ୍ରଲୁ ଭୂସଂସ୍କାର ଆଇନ ଅନୁଯାୟୀ ୮ ନମ୍ବର ଫର୍ମରେ ଥିବା ପ୍ରାୟ ୭୦ ଏକର ଜମିରୁ ୩୫ ଏକର ଜମି ଗ୍ରାମର ଚାଷୀମାନଙ୍କୁ ରୟତ ଆକାରରେ ପ୍ରଦାନ କରିଥିଲେ । ପରବର୍ତ୍ତୀ ସମୟରେ ୧୯୮୦ ମସିହାରେ ଅବଶିଷ୍ଟ ୩୫ ଏକର ଜମି ମଧ୍ୟ ଚାଷୀମାନଙ୍କୁ ବିକ୍ରି କରାଯାଇଥିଲା । ଏହି ଜମିରେ ପ୍ରାୟ ୨୦୦ ଚାଷୀ ପରିବାର ନିୟମିତ ଭାବେ ଖଜଣା ପ୍ରଦାନ କରି ଦୀର୍ଘବର୍ଷ ଧରି ଚାଷ କରିଆସୁଥିବା ସେମାନେ କହିଛନ୍ତି । ତେବେ ଚଳିତ ବର୍ଷ ଜୁଲାଇ ମାସରେ ପାକଲା ଶ୍ରୀକୃଷ୍ଣ ପାତ୍ରଲୁଙ୍କ ତିନି ପୁଅ ପାକଲା ଭେଙ୍କଟ ନାରାୟଣ ରାଓ, ପାକଲା ଆଦି ନାରାୟଣ ରାଓ ଓ ପାକଲା ସୂର୍ଯ୍ୟ ନାରାୟଣ ରାଓଙ୍କ ନାମରେ ମିଥ୍ୟା ପ୍ରମାଣପତ୍ର ଦାଖଲ କରି ଉକ୍ତ ୭୦ ଏକର ଜମି ମଧ୍ୟରୁ ୧୪ ଏକର ଚାଷଜମି ବିକ୍ରି କରାଯାଇଥିବା ଜାଣିବାକୁ ପାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ, ୧୯୮୦ ମସିହାରେ ପାକଲା ଶ୍ରୀକୃଷ୍ଣ ପାତ୍ରଲୁ ଜମି ବିକ୍ରି କରିଥିବା ସମୟର ଦସ୍ତାବିଜରେ ତାଙ୍କ ପୁଅ ପାକଲା ସୂର୍ଯ୍ୟ ନାରାୟଣଙ୍କ ବୟସ ୭୫ ବର୍ଷ ଦର୍ଶାଯାଇଥିଲା । କିନ୍ତୁ ଚଳିତ ବର୍ଷ ୧୪ ଏକର ଜମି ବିକ୍ରି ସମୟରେ ସେହି ବ୍ୟକ୍ତିଙ୍କ ବୟସ ୫୨ ବର୍ଷ ଦର୍ଶାଯାଇଥିବାରୁ ଦସ୍ତାବିଜରେ ଜାଲିଆତି କରାଯାଇଥିବା ନେଇ ଚାଷୀମାନେ ସନ୍ଦେହ ପ୍ରକାଶ କରିଛନ୍ତି । ଏହା ସହିତ ପାକଲା ଶ୍ରୀକୃଷ୍ଣ ପାତ୍ରଲୁଙ୍କ ମୃତ୍ୟୁକୁ ପ୍ରାୟ ୮୧ ବର୍ଷ ବିତିଥିବା ଏବଂ ଗ୍ରାମରେ ତାଙ୍କ ସମାଧି ରହିଥିବା ଚାଷୀମାନେ କହିଛନ୍ତି । ତଥାପି ଜମି ବିକ୍ରି ସମୟରେ ତାଙ୍କୁ ଜୀବିତ ଦର୍ଶାଇ କିଛି ଦଲାଲଙ୍କ ମାଧ୍ୟମରେ ଜାଲିଆତି କରାଯାଇଥିବା ସେମାନେ ଅଭିଯୋଗ କରିଛନ୍ତି । ଏହି ଘଟଣା ପରେ ଜମିର କାଗଜପତ୍ର ଖାରଜ କରିବା, ସମ୍ପୂର୍ଣ୍ଣ ଘଟଣାର ତଦନ୍ତ କରି ଚାଷୀମାନଙ୍କ ଜମି ଫେରସ୍ତ କରିବା ଏବଂ ମିଥ୍ୟା ପ୍ରମାଣପତ୍ର ଦେଇ ଜମି ବିକ୍ରି କରିଥିବା ବ୍ୟକ୍ତି ଓ ଏଥିରେ ସମ୍ପୃକ୍ତ ଥିବା ଲୋକଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଚାଷୀମାନେ ଦାବି କରିଛନ୍ତି । ଏନେଇ ନରେନ୍ଦ୍ରପୁର ଗ୍ରାମର ଚାଷୀମାନେ ଭଞ୍ଜନଗରରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି, ଛତ୍ରପୁର ଉପଜିଲ୍ଲାପାଳ, ଅତିରିକ୍ତ ତହସିଲଦାର ଓ ସବ୍ ?ରେଜିଷ୍ଟ୍ରାରଙ୍କୁ ଭେଟି ଅଭିଯୋଗ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ଫଳ ମିଳିନଥିବା ସେମାନେ କହିଛନ୍ତି । ତୁରନ୍ତ ଏହି ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ଚାଷୀମାନଙ୍କୁ ନ୍ୟାୟ ନ ମିଳିଲେ ପୋଲିସ ଓ ଭିଜିଲାନ୍ସର ଦ୍ୱାରସ୍ଥ ହେବା ସହ ଆବଶ୍ୟକ ପଡ଼ିଲେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ସାମ୍ବାଦିକ ସମ୍ମିଳନୀରେ ଗୋପାଳ ସେଠି, କାଳୁ ସେଠି, କୃଷ୍ଣ ଜେନା, ପ୍ରାଣ ସେଠି, ପିଣ୍ଟୁ ଜେନା, ବୁଦ୍ଧିଆ ସେଠି, ସୁନା ବେହେରା, ପିତାମ୍ବର ସେଠି, ଶଙ୍କର ପରିଡା, ବିଜୟ କୁମାର, ଶଙ୍କର ବିଷୋୟୀ ଙ୍କ ସମେତ ବହୁ ଚାଷୀ ଚେତାବନୀ ଦେଇଛନ୍ତି ।

ଓଡ଼ିଆ ବିଭାଗରେ ଅଭିନନ୍ଦନ ଉତ୍ସବ

ଖଲ୍ଲିକୋଟ (ଅମୃତ ମିଡିଆ): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗରେ ଅଭିନନ୍ଦନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅଗଷ୍ଟ ୩୧ ତାରିଖ ଦିନ ଅବସର ଗ୍ରହଣ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଡ. ମନୋଜ କୁମାର ପଟ୍ଟନାୟକଙ୍କ ଅବସରୀୟ ଅଭିନନ୍ଦନ ଓ ସ୍ନାତକୋତ୍ତର ପରିଷଦର ନୂତନ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଓଡ଼ିଆ ବିଭାଗ ମୁଖ୍ୟ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି, ଛତ୍ରପୁର ଉପଜିଲ୍ଲାପାଳ, ଅତିରିକ୍ତ ତହସିଲଦାର ଓ ସବ୍ ?ରେଜିଷ୍ଟ୍ରାରଙ୍କୁ ଭେଟି ଅଭିଯୋଗ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ଫଳ ମିଳିନଥିବା ସେମାନେ କହିଛନ୍ତି । ତୁରନ୍ତ ଏହି ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ଚାଷୀମାନଙ୍କୁ ନ୍ୟାୟ ନ ମିଳିଲେ ପୋଲିସ ଓ ଭିଜିଲାନ୍ସର ଦ୍ୱାରସ୍ଥ ହେବା ସହ ଆବଶ୍ୟକ ପଡ଼ିଲେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ସାମ୍ବାଦିକ ସମ୍ମିଳନୀରେ ଗୋପାଳ ସେଠି, କାଳୁ ସେଠି, କୃଷ୍ଣ ଜେନା, ପ୍ରାଣ ସେଠି, ପିଣ୍ଟୁ ଜେନା, ବୁଦ୍ଧିଆ ସେଠି, ସୁନା ବେହେରା, ପିତାମ୍ବର ସେଠି, ଶଙ୍କର ପରିଡା, ବିଜୟ କୁମାର, ଶଙ୍କର ବିଷୋୟୀ ଙ୍କ ସମେତ ବହୁ ଚାଷୀ ଚେତାବନୀ ଦେଇଛନ୍ତି ।

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ

ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟାପକ ଡ. ମନୋରଞ୍ଜନ ବିଷୋୟୀଙ୍କ ସଂଯୋଜନାରେ ଆୟୋଜିତ ଏହି ଅଭିନନ୍ଦନ ଉତ୍ସବରେ ଅବସରୀୟ ଅଭିନନ୍ଦନ ଗ୍ରହଣକରୁଥିବା ଡ. ମନୋଜ କୁମାର ପଟ୍ଟନାୟକ, ନୂତନ ଅଧ୍ୟକ୍ଷା ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଡ. ଉଷାରାଣୀ ରଥଙ୍କ ସମେତ ଡ. ବନମାଳୀ ପାଣିଗ୍ରାହୀ, ଅଧ୍ୟାପିକା ସ୍ୱର୍ଣ୍ଣଲତା ବିଷୋୟୀ ପ୍ରମୁଖ ମଂଚାସୀନ ଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଶ୍ୱବିଦ୍ୟାଳୟ କୁଳସଙ୍ଗୀତ ଗାନ କରାଯାଇଥିଲା । ପରେ ପରେ ବିଭାଗ ପକ୍ଷରୁ ନନ୍ଦନ, ସୁମନ, ପ୍ରିନ୍ସ, ଜସ୍ମିନ, ନମିତା, ପୁଷ୍ପାଞ୍ଜଳି ପ୍ରମୁଖ ଛାତ୍ରଛାତ୍ରୀ ଅଭିନନ୍ଦନ ଅଭିଭାଷଣ ପ୍ରଦାନ କରିବା ସହ ଡ. ପଟ୍ଟନାୟକଙ୍କ ଡ. ରଥଙ୍କ ବିଶ୍ୱବିଦ୍ୟାଳୟ ପ୍ରତି ଥିବା ମନନୀୟ ଅବଦାନ ଓ ଡ ରଥଙ୍କ ପାଇଁ ଓଡ଼ିଆ ବିଭାଗ ଆଜି ଗର୍ବିତ ସେ ସମ୍ପର୍କରେ ଉଲ୍ଲେଖ କରିଥିଲେ । ଏହାପରେ ବିଭାଗ ପକ୍ଷରୁ ଡ. ବନମାଳୀ ପାଣିଗ୍ରାହୀ ଉଭୟଙ୍କୁ ଅଭିନନ୍ଦନ ଜଣାଇଥିଲେ । ଏଠାରେ ପ୍ରକାଶ ଥାଉ ଶିକ୍ଷାଦାନ ଓ ଶିକ୍ଷା ପ୍ରଶାସକ ଭାବେ ଉଭୟଙ୍କ କାର୍ଯ୍ୟ ଦକ୍ଷତା ଅବିସ୍ମରଣୀୟ । ବିଭାଗ ପକ୍ଷରୁ ଉଭୟ ଅଭିନନ୍ଦନୀୟ ବ୍ୟକ୍ତିତ୍ୱଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯିବା ସଙ୍ଗେ ସଙ୍ଗେ ଛାତ୍ରଛାତ୍ରୀଙ୍କ ତରଫରୁ ଉପହାର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ଅଧ୍ୟାପିକା ସ୍ୱର୍ଣ୍ଣଲତା ବିଷୋୟୀ ଧନ୍ୟବାଦ ଅର୍ପଣ କରିଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନାରେ ବିଭାଗର ବହୁ ଛାତ୍ରଛାତ୍ରୀ ସହଯୋଗ କରିଥିଲେ ।

ବୃକ୍ଷ ରୋପଣ, ଦୀପ ପ୍ରଜ୍ୱଳନ ଓ ଗୁରୁ ସମ୍ବର୍ଦ୍ଧନାରେ ପାଳନ କଲେ ଝିଅର ଜନ୍ମଦିନ

ପୋଲସରା (ଅମୃତ ମିଡିଆ): ପୋଲସରା ବ୍ଲକ କଳମ୍ବ ଗ୍ରାମ ପଞ୍ଚାୟତ ସ୍ଥିତ ରୁଖାକଣା ଗ୍ରାମର ଜନୈକ ସଚେତନ ପରିବାର ପକ୍ଷରୁ ପବିତ୍ର ଗୁରୁ ଦିବସରେ ଏକ ସ୍ମରଣୀୟ ଏବଂ ପ୍ରଶଂସନୀୟ କାର୍ଯ୍ୟକ୍ରମ କରାଯାଇଥିଲା । ପରିବାରର ସଦସ୍ୟ ତଥା ଅଧ୍ୟାପକ ସୁଭେନ୍ଦ୍ର କୁମାର ସାହୁ ନିଜର ଦ୍ୱିତୀୟ କନ୍ୟା ଶୁଭଶିଖା ସାହୁ (ଗୁରୁଶ୍ରୀ) ଙ୍କ ପ୍ରଥମ ଜନ୍ମ ବାର୍ଷିକ ଦିବସକୁ ଏକ ନିଆରା ଢଙ୍ଗରେ ପାଳନ କରିଥିଲେ । ସ୍ଥାନୀୟ କ୍ଷେତ୍ରବାସୀ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଉକ୍ତ ଅନୁଷ୍ଠାନର ଅବସରପ୍ରାପ୍ତ ଶିକ୍ଷକ କୁମୁଦ ଚନ୍ଦ୍ର ଦଳେଇ ଅତିଥିଭାବେ ଯୋଗଦେଇ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥିଭାବେ ଗାନ୍ଧୀ କଲେଜ ଅଫ୍ ଇଞ୍ଜିନିୟରି (ଜିସିଓଆଇ)ର ଅଧକ୍ଷ ସଞ୍ଜୀବ କୁମାର ପୁରୋହିତ, ମୁଖ୍ୟବକ୍ତାଭାବେ ପୁରୁଷୋତ୍ତମ ଉଚ୍ଚ ବିଦ୍ୟାଳୟ କଳମ୍ବର ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରଭାକର ପ୍ରଧାନ ଏବଂ ବରେଣ୍ୟ ଅତିଥିଭାବେ ପୋଲସରା ବନପାଳ ମୁନା ଦାସ ଓ ବନରକ୍ଷୀ ଅର୍ଜୁନ ସୋରେନ୍ ଏବଂ ସମ୍ମାନିତ ଅତିଥିଭାବେ ପର୍ଶୁରାମ ପ୍ରଧାନ, ତ୍ରିନାଥ ପ୍ରଧାନ, ବୃନ୍ଦାବନ ପ୍ରଧାନ, ଗଡିକର ସାହୁ, ଚନ୍ଦ୍ରଶେଖର ସାହୁ, କୁଳମଣି ସାହୁ, କୈଳାସ ପ୍ରଧାନ, ପ୍ରଭାକର ସାହୁ, ରବିନାରାୟଣ ସାହୁ, କାମରାକୁ ସାହୁ, ସେବାନିବୃତ୍ତ ଭାରତ ଆକାଶବାହିନୀ ମେକାନିକ ଇଞ୍ଜିନିୟର ତଥା ଅଧ୍ୟାପକ ଚିତ୍ରସେନ ବେହେରା ମଞ୍ଚାସୀନ ଥିଲେ । ବର୍ତ୍ତିନୀ କଲେଜ ଅଧ୍ୟାପକ ମନୋଜ କୁମାର ସାହୁଙ୍କ ସଭାକାର୍ଯ୍ୟ ପରିଚାଳନାରେ ସମସ୍ତ ଅତିଥିବୃନ୍ଦ ଆୟୋଜକ ପରିବାର ପକ୍ଷରୁ ପରିବାର କୁନି ସଦସ୍ୟା ଶୁଭଶିଖାଙ୍କ ପ୍ରଥମ ଜନ୍ମ ବାର୍ଷିକ ଦିବସ ଉପଲକ୍ଷେ ବୃକ୍ଷ ଲଗାଅ ପୃଥିବୀକୁ ବଞ୍ଚାଅ,ଦୀପ ଜଳାଅ ବିଶ୍ୱକୁ ଶାନ୍ତି ଦିଅ ଏଥିସହ ଗୋଟିଏ ଦୀପ ସହିତ ହନୁମାନ ଚାଳିଶା ପଢ଼ିବାକୁ ନେଇ କରାଯାଇଥିବା ପ୍ରେରଣା ଏବଂ କଲ୍ୟାଣମୂଳକ କାର୍ଯ୍ୟକ୍ରମର ଭୂରି ଭୂରି ପ୍ରଶଂସା କରିବା ସହିତ କନ୍ୟା (ଗୁରୁଶ୍ରୀ)ର ପ୍ରଭୁଙ୍କ ନିକଟରେ ଦୀର୍ଘାୟୁ ଶୁଭ ମଙ୍ଗଳ ଆଶୀର୍ବଚନ ପ୍ରଦାନ କରିଥିଲେ । ପରେ ପରିବାର ପକ୍ଷରୁ ଗ୍ରାମର ପ୍ରତ୍ୟେକ ଘରକୁ ଯାଇ ଆଶୀର୍ବାଦ ଗ୍ରହଣ କରିବା ସହିତ ପ୍ରତ୍ୟେକ ପରିବାରକୁ ଗୋଟାଏ ଲେଖାଏଁ ହନୁମାନ ଚାଳିଶା ପୁସ୍ତକ ଓ ପିତ୍ତଳ ଦୀପ ଦେବା ସହିତ ପ୍ରଜ୍ୱଳନ କରାଇ ପ୍ରତିଦିନ ସଙ୍କଟ ମୋଚନ ହନୁମାନ ଚାଳିଶା ପଠନ କରିବାକୁ ଅନୁରୋଧ କରାଯାଇଥିଲା । ଏଥିସହିତ ଗ୍ରାମ ସ୍ଥିତ ପୋଖରୀ ହୁଡ଼ାରେ ପରିବେଶ ସୁରକ୍ଷା ସକାଶେ ବୃକ୍ଷ ରୋପଣ କରାଯାଇଥିଲା ଏବଂ ସ୍ୱତନ୍ତ୍ର ଭାବେ ନିମନ୍ତ୍ରିତ ଉପସ୍ଥିତ ସମସ୍ତ ପୂଜନୀୟ ଆବରଣୀୟ ଗୁରୁ ଓ ଗୁରୁମାମାନଙ୍କୁ ପରିବାର ପକ୍ଷରୁ ଗୁରୁପୂଜନ ସ୍ୱରୂପ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ପ୍ରେରଣାଦାୟୀ କାର୍ଯ୍ୟକ୍ରମରେ ଗ୍ରାମବାସୀବୃନ୍ଦ ସହଯୋଗ କରିଥିବାବେଳେ କନ୍ୟାର ପିତା ଅଧ୍ୟାପକ ସୁଭେନ୍ଦ୍ର କୁମାର ସାହୁ ପରିବାର ପକ୍ଷରୁ ସମସ୍ତ ଅତିଥିବୃନ୍ଦଙ୍କ ସମେତ ନିଜର ଗ୍ରାମବାସୀଙ୍କୁ ଆନ୍ତରିକ ଧନ୍ୟବାଦ ଏବଂ କୃତଜ୍ଞତା ଜଣାଇଥିଲେ ।

ଅକ୍ଷମ ହେଲେ ବି' ସେ ସମ୍ପୂର୍ଣ୍ଣ ସକ୍ଷମ

ନିଆରା ମଣିଷ, ଦୃଷ୍ଟିବାଧିତ କୈଳାଶସାର୍

ଭଞ୍ଜନଗର (ଅମୃତ ମିଡିଆ): ଆଖିକୁ, କିଛି ଦେଖାଯାଉନି । ତଥାପି ସ୍କୁଲରେ ପିଲାଙ୍କୁ ପାଠ ପଢ଼ାଇବା ରେ, ସମ୍ପୂର୍ଣ୍ଣ ସକ୍ଷମ । ଗତ ୧୫ ବର୍ଷଧରି, ସଂପୃକ୍ତ ବିଦ୍ୟାଳୟରେ ଶିକ୍ଷକ ଭାବେ କାର୍ଯ୍ୟକରି ଆସୁଛନ୍ତି । ନିଜକୁ କେବେ ଭାବି ନାହାନ୍ତି, ସେ ଅକ୍ଷମ ବୋଲି । ଏମିତି ଜଣେ ନିଆରା ବ୍ୟକ୍ତିତ୍ୱ ହେଉଛନ୍ତି, ଜଗନ୍ନାଥପ୍ରସାଦ ବ୍ଲକ ଅନ୍ତର୍ଗତ କୁତୁଡାଇ ଗାଁ ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ କୈଳାଶ ଚନ୍ଦ୍ର ସାହୁ । ୨୦୧୧ ମସିହାରେ, ପ୍ରଥମେ ଶିକ୍ଷା ସହାୟକ ଭାବେ କୁତୁଡାଇ ବିଦ୍ୟାଳୟରେ ନିଯୁକ୍ତି ପାଇଥିଲେ, କୈଳାସ ସାର୍ । ଏବେ ସେ ସହକାରୀ ଶିକ୍ଷକ । ତାଙ୍କର ଶିକ୍ଷାଦାନ ଶୈଳୀ, ଉଚ୍ଚକୋଟୀର । ଛାତ୍ରଛାତ୍ରୀ ମାନେ ମଧ୍ୟ, ଅତି ଉତ୍ସାହର ସହ ପାଠ ପଢନ୍ତି । ଯାହାଫଳରେ ଏଠାକାର ଛାତ୍ରଛାତ୍ରୀ ମାନେ, ପାଠ ପଢାରେ ବହୁତ ଆଗରେ ରହିଥାନ୍ତି । ସହକର୍ମୀ ଶିକ୍ଷକ ମାନେ ମଧ୍ୟ, କୈଳାସ ସାର୍ ଙ୍କ ଏଭଳି ପାଠପଢ଼ା ଶୈଳୀରେ, ପ୍ରଭାବିତ ହୋଇଥାନ୍ତି । ଖୋର୍ଦ୍ଧା ଜିଲ୍ଲା ରାଜସୁନାଖଳା ନିକଟ ଗୁଡିଆଳି ଗାଁର ବାସିନ୍ଦା, କୈଳାସ ଚନ୍ଦ୍ର ସାହୁ । ଜନ୍ମର ଦେଢବର୍ଷ ପରେ, ନିଜର ଦୃଷ୍ଟିଶକ୍ତି ହରାଇବସିଲେ । ଗରୀବ ପରିବାର ହେତୁ , ତାଙ୍କର ଚିକିତ୍ସା ସମ୍ଭବ ହୋଇ ପାରିଲା ନାହିଁ । ପରବର୍ତ୍ତୀ ସମୟରେ ଭୁବନେଶ୍ୱର ସ୍ଥିତ ଭୀମଭୋଇ ଅନ୍ଧ ବିଦ୍ୟାଳୟରେ, ପ୍ରଥମ ରୁ ଦଶମ ଶ୍ରେଣୀ ଯାଏଁ ପାଠ ପଢିଲେ । ଏହାପରେ କୋରାପୁଟ ରେ ଯୁକ୍ତ ଦୁଇ, ରାଜସୁନାଖଳା ରେ ଯୁକ୍ତତିନି ପର୍ଯ୍ୟନ୍ତ ପାଠ ପଢି, ସିଟି ଟ୍ରେନିଂ ପାସ୍ କଲେ । ଶିକ୍ଷକ ଭାବେ ନିଯୁକ୍ତି ପାଇଲେ । ସେ ବିବାହିତ । ପୁଅ, ଝିଅ ଓ ସ୍ତ୍ରୀ, ନିଜ ଗାଁରେ ରହନ୍ତି । କୁତୁଡାଇରେ ଘରଭଡ଼ା ନେଇ, କୈଳାସ ସାର୍ ରହନ୍ତି । ସମସ୍ତ କାର୍ଯ୍ୟ ନିଜେ କରିବା ସହ, ଶିକ୍ଷାଦାନକୁ ଜୀବନର ଉତ୍ସର୍ଗୀକୃତ ସେବା ବୋଲି ଧରି ନେଇଛନ୍ତି । ତାଙ୍କର ଏଭଳି ଚିନ୍ତାଧାରାକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଉଛି ।

ଗଣେଶପୂଜା କମିଟିକୁ ପୋଲିସର କଡ଼ା ନିର୍ଦ୍ଦେଶ

ଡିଜେ ସାଉଣ୍ଡ ଲିମିଟ : ମେଡିକାଲ କୋର୍ଟ ଆଦି ସ୍ଥାନରେ ବଜାଇବା ମନା : ପୋଲିସର ଅନୁମତି ଜରୁରୀ

ଛତ୍ରପୁର (ଅମୃତ ମିଡିଆ): ଆସନ୍ତା ୧୪ ତାରିଖରେ ହେବାକୁ ଥିବା ଗଣେଶପୂଜାକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବାକୁ ଛତ୍ରପୁର ପୋଲିସ ଏବଂ ପ୍ରଶାସନ ପକ୍ଷରୁ କଡ଼ା ପଦକ୍ଷେପ ନିଆଯାଇଛି । ପୂଜା ସମୟରେ ୬୫ ଡିବି ଡିଜେ ସାଉଣ୍ଡରୁ ଉର୍ଦ୍ଧ୍ୱ, ଅଶ୍ଳୀଳ ନୃତ୍ୟ ଉପରେ ସମ୍ପୂର୍ଣ୍ଣ ରୋକ୍ ? ଲଗାଯାଇଛି । ବୁଧବାର ଛତ୍ରପୁର ଥାନା ପରିସରରେ ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଏସଡିପିଓ ଚନ୍ଦନ କୁମାର ଘଡ଼ାଇ ଓ ଛତ୍ରପୁର ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶ ପ୍ରମୁଖ ଯୋଗଦେଇ ପୂଜା କମିଟିଗୁଡ଼ିକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ଗଞ୍ଜାମ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ହରିଶ ବି. ସି.ଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ବିଷୟରେ ପ୍ରଥମେ ସମସ୍ତ ପୂଜାମଣ୍ଡପ ଆୟୋଜକ ଏବଂ ଡିଜେ ମାଲିକଙ୍କୁ ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲି ଅବଗତ କରାଇଥିଲେ କ୍ଷ ପେଣ୍ଡଲ ଓ ତୋରଣ ନିର୍ମାଣ କରିବା ପୂର୍ବରୁ ପ୍ରଶାସନ ପକ୍ଷରୁ ସ୍ୱକଚରାଲ୍ ସାର୍ଟିଫିକେଟ୍ ନେବା ପାଇଁ ପୋଲିସ ପକ୍ଷରୁ ବାଧତାମୂଳକ କରିଯାଇଛି । ଏହା ସହିତ ମହିଳାମାନେ ସୁରକ୍ଷିତ ଦର୍ଶନ କରିପାରିବେ ଏବଂ ସେମାନଙ୍କ ପ୍ରତି କୌଣସି ଅସଦାଚରଣ ନ ହୁଏ ସେଥିପ୍ରତି ବିଶେଷ ଦୃଷ୍ଟି ଦେବା ପାଇଁ ଆୟୋଜକମାନଙ୍କୁ ଏସଡିପିଓ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ଉଚ୍ଚଶବ୍ଦରେ ଏବଂ ରାତି ୧୦ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ସାଉଣ୍ଡ ନ ବଜାଇବା, ବେସ୍ ବା ଗର୍ଜନ ସୃଷ୍ଟି କରୁଥିବା ଧ୍ୱନିକୁ ସମ୍ପୂର୍ଣ୍ଣ ଭାବେ ବାରଣ କରାଯାଇଛି । ଏହି ସହିତ ବିଶୃଙ୍ଖଳା ସୃଷ୍ଟି ନ କରିବା, ରାସ୍ତା ଅବରୋଧ ନ କରିବା, ମଦ୍ୟପାନ ଓ ନିଶାସେବନକୁ କଡ଼ା ଭାବେ ନିର୍ଦ୍ଦେଶ ଦିଆଯାଇଛି । ପୂଜାମଣ୍ଡପରେ ସିସିଟିଭି, ଅଗ୍ନିନିର୍ବାପକ ବ୍ୟବସ୍ଥା ଓ ବିଦ୍ୟୁତ୍ ? ସୁରକ୍ଷା ଅନିବାର୍ଯ୍ୟ କରାଯାଇଛି । ସହରରେ ପ୍ରଥମ ଥର ପାଇଁ ଅସ୍ଥାୟୀ ସ୍ଥାନରେ ମୂର୍ତ୍ତି ବିସର୍ଜନ କରିବା ପାଇଁ ବୈଠକରେ ସ୍ଥିର କରାଯାଇଛି । ଭସାଣୀ ପୂର୍ବରୁ ସମସ୍ତ ପୂଜାମଣ୍ଡପ କର୍ମକର୍ତ୍ତାଙ୍କୁ ଦିନ, ସମୟ ଏବଂ ଶୋଭାଯାତ୍ରା ରୁଟ ବିଷୟରେ ପୋଲିସ ପକ୍ଷରୁ ଅନୁମତି ନେବା ପାଇଁ କୁହାଯାଇଛି । ଭସାଣି ନିର୍ଦ୍ଧାରିତ ଦିନ ଏବଂ ସମୟସୀମା ମଧ୍ୟରେ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଭସାଣି ସ୍ଥଳରେ ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ନିୟୋଜିତ କରିବାକୁ କୁହାଯାଇଛି । ବୈଠକରେ ଛତ୍ରପୁର ସହରର ପ୍ରାୟ ୩୦ ରୁ ୩୫ଟି ପୂଜାମଣ୍ଡପର କର୍ମକର୍ତ୍ତା ଉପସ୍ଥିତ ରହିଥିଲେ ।

ଆର୍‌ଡି ରାସ୍ତା ନିର୍ମାଣ ନିମ୍ନମାନର ଅଭିଯୋଗ

୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କାମ ୪ ବର୍ଷ ପରେ ବି ଅସମ୍ପୂର୍ଣ୍ଣ

**ଛତ୍ରପୁର (ଅମ

୧୦୯ ବର୍ଷ ପରେ ବିଦ୍ୟାଳୟକୁ ମିଳିବ ଜମି ମାଲିକାନା

ରେଭେନ୍ସା ବାଳିକା ଉଚ୍ଚବିଦ୍ୟାଳୟ ନାଁକୁ ହସ୍ତାନ୍ତର ହେବ ୬.୪୮୩ ଏକର ଜମି

କଟକ (ବ୍ୟୁରୋ) : କଟକର ଐତିହାସିକ ରେଭେନ୍ସା ବାଳିକା ଉଚ୍ଚ ବିଦ୍ୟାଳୟର ଭିତ୍ତିଭୂମି ବିକାଶ ଦିଗରେ ଏକ ବଡ଼ ପଦକ୍ଷେପ ନିଆଯାଇଛି । ୟୁନିଟ୍-୧୪ ନୟାସଡ଼କ ମୌଜାର ଯେଉଁ ୬.୪୮୩ ଏକର ସରକାରୀ ଜମିରେ ରେଭେନ୍ସା ବାଳିକା ଉଚ୍ଚବିଦ୍ୟାଳୟ ରହିଛି ଉକ୍ତ ଜମିର ମାଲିକାନା ସ୍ଥଳୁ ପ୍ରଦାନ କରାଯିବ। ସରକାରୀ ପ୍ରକ୍ରିୟା ଅନୁସାରେ, ପୂର୍ତ୍ତ ବିଭାଗ ମାଲିକାନାରେ ଥିବା ଏହି ଜମି ପ୍ରଥମେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ପ୍ରଦାନ କରାଯିବ। ପରବର୍ତ୍ତୀ ସମୟରେ ଏହି ଜମିକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ରେଭେନ୍ସା ବାଳିକା ଉଚ୍ଚ ବିଦ୍ୟାଳୟ ନାଁରେ ହସ୍ତାନ୍ତର କରାଯିବ। ଜମି ମାଲିକାନା ମିଳିବା ଦ୍ୱାରା ଦେଢ଼ଶହ ବର୍ଷର ଏହି ବିଦ୍ୟାଳୟର ଭିତ୍ତିଭୂମି ବିକାଶରେ ଆଉ ବାଧା ରହିବ ନାହିଁ ବୋଲି ଆଶା କରାଯାଉଛି। ୧୮୬୯ ମସିହାରେ ଅବିନାଶ ଚାଟାର୍ଜୀ ଉଦ୍ୟମରେ ତାଙ୍କ କାଳୀଗଳି ସ୍ଥିତ ବାସଭବନର ଦାଣ୍ଡଘରେ ମାତ୍ର ୬ଜଣ ଛାତ୍ରୀଙ୍କୁ ନେଇ କଟକ ହିନ୍ଦୁ ବାଳିକା ବିଦ୍ୟାଳୟ ସ୍ଥାପନ କରାଯାଇଥିଲା। ପରେ ତତ୍କାଳୀନ କମିସନର ଟି.ଇ.ରେଭେନ୍ସାଙ୍କ ନାମ ଅନୁସାରେ ସ୍କୁଲ ନାଁ ‘ରେଭେନ୍ସା ବାଳିକା ବିଦ୍ୟାଳୟ’ ରଖାଗଲା। ୧୮୭୩ ମସିହାରେ ଉକ୍ତ ବିଦ୍ୟାଳୟଟି ସରକାରୀ ସ୍ୱୀକୃତି ଲାଭ କରିଥିଲା। ବିଦ୍ୟାଳୟକୁ ମାସିକ ୧୫ଟଙ୍କା ସରକାରୀ ସାହାଯ୍ୟ ପ୍ରଦାନ କରାଗଲା। ୧୯୧୭ ମସିହା ଜାନୁୟାରୀ ୬ତାରିଖରେ ଚୌଧୁରୀ ବଜାର ସ୍ଥିତ ଗୌରୀଶଙ୍କର ପାର୍କ ସମ୍ମୁଖରେ ଥିବା ଜମିରେ ଏହି ସ୍କୁଲ ପ୍ରତିଷ୍ଠା କରାଗଲା। ସେବେଠାରୁ ଅର୍ଥାତ୍ ଦୀର୍ଘ ୧୦୯ ବର୍ଷ ହେଲାଣି ଏହି ଜମି ସ୍କୁଲ୍ ନାଁରେ ନଥିଲା। ଜମିର ମାଲିକାନା ସ୍କୁଲ୍ ପ୍ରଦାନ କରିବା ପାଇଁ ପୂର୍ବରୁ ବହୁବାର ଉଦ୍ୟମ ହୋଇଥିଲେ ମଧ୍ୟ ଏହା ସଫଳ ହୋଇନଥିଲା। ତେବେ ଏବେ ସରକାରୀ ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ୧୦୯ ବର୍ଷ ପରେ ଏହି ଜମି ସ୍କୁଲ୍ ନାଁକୁ ଆସିବାକୁ ଯାଉଛି । ଶୈଳବାଳା ଦାସ (ବିଲାତରୁ ଶିକ୍ଷାଲାଭ କରିଥିବା ପ୍ରଥମ ମହିଳା), ଉତ୍କଳଭାରତୀ କୁନ୍ତଳା କୁମାରୀ ସାବତ, ପ୍ରସିଦ୍ଧ ନାରୀକବି ବିଦ୍ୟୁତପ୍ରଭା ଦେବୀ, ପ୍ରଥମ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ, ସ୍ୱନାମଧନ୍ୟା ଚିକିତ୍ସିକା ଡାକ୍ତର ନିରୂପମା ରଥ, ବିଶିଷ୍ଟ ଲେଖିକା ମନୋରମା ମହାପାତ୍ର, ପ୍ରଖ୍ୟାତ ନୃତ୍ୟଶିଳ୍ପୀ ପ୍ରିୟମ୍ବଦା ମହାନ୍ତି ହେଜମାଦି, ଶାସ୍ତ୍ରୀୟ ସଂଗୀତ କଣ୍ଠଶିଳ୍ପୀ ସୁନନ୍ଦା ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ଶାସ୍ତ୍ରୀୟ ସଂଗୀତ କଣ୍ଠଶିଳ୍ପୀ ଶ୍ୟାମାମଣୀ ଦେବୀ, ଦୂରଦର୍ଶନ କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶିକା ଜୟନ୍ତୀ ରଥଙ୍କ ଭଳି ବହୁ ଖ୍ୟାତନାମା ବ୍ୟକ୍ତିତ୍ୱ ରେଭେନ୍ସା ବାଳିକା ବିଦ୍ୟାଳୟରୁ ଶିକ୍ଷା ଲାଭ କରିଛନ୍ତି। ୨୦୨୩ ମସିହାରେ ସ୍କୁଲ୍ ୧୫୦ତମ ପୂର୍ତ୍ତି ଉତ୍ସବ ପାଳନ କରିଥିଲା। ତତ୍କାଳୀନ ସରକାର ଏହାର ବିକାଶ ପାଇଁ ଯୋଜନା କରିଥିଲେ। ସେହିପରି ପୂର୍ବତନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ସ୍କୁଲ୍ ପାଇଁ ୮୯.୬୧ କୋଟି ଟଙ୍କାର ଅନୁଦାନ ଘୋଷଣା କରିଥିଲେ। କିନ୍ତୁ ଏହି ସର୍ବପୁରାତନ ବାଳିକା ସ୍କୁଲ୍ ନାମରେ ଜମି ନଥିବାରୁ ପ୍ରକଳ୍ପ କାର୍ଯ୍ୟ ପ୍ରଭାବିତ ହେଉଥିଲା। କିନ୍ତୁ ଏବେ ଜମି ସମସ୍ୟା ଦୂର ହେବାକୁ ଯାଉଛି। ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଖାତା ନମ୍ବର ୧୪୫୭ରେ ରେକର୍ଡଭୁକ୍ତ ଏହି ଜମି ବର୍ତ୍ତମାନ ପୂର୍ତ୍ତ ବିଭାଗ ନାମରେ ରହିଛି। ଏହି ଜମିକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ଦେବା ପାଇଁ ଅନୁମୋଦନ ମିଳିଛି। ଏହି ଜମି ହସ୍ତାନ୍ତର ରେଭେନ୍ସା ବାଳିକା ଉଚ୍ଚ ବିଦ୍ୟାଳୟର ଭବିଷ୍ୟତ ବିକାଶ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ହେବ। ଏହି ଶିକ୍ଷାନୁଷ୍ଠାନ ପାଇଁ ପର୍ଯ୍ୟାପ୍ତ ଜମି ଉପଲବ୍ଧ ହେବା ଦ୍ୱାରା ଶିକ୍ଷାଦାନ ଭିତ୍ତିଭୂମିର ବିସ୍ତାର, ଛାତ୍ରୀଙ୍କ ପାଇଁ ଆବଶ୍ୟକ ସୁବିଧା ବିକାଶ, ଖେଳପଡ଼ିଆ ଓ ଅନ୍ୟାନ୍ୟ ଶିକ୍ଷା ସମ୍ପର୍କିତ ଆବଶ୍ୟକତା ପୂରଣର ସୁଯୋଗ ସୃଷ୍ଟି ହୋଇପାରିବ । ତେବେ ଜମିର ବିଧିବଦ୍ଧ ହସ୍ତାନ୍ତର ପରେ ଏହାର ବ୍ୟବହାର ଓ ବିକାଶ ଯୋଜନା କିପରି କାର୍ଯ୍ୟକାରୀ ହେବ, ତାହା ଉପରେ ଏବେ ନଜର ରହିଛି ।

ସିସିଆଇରେ ନାବାଳିକା ଗର୍ଭବତୀ ଘଟଣାରେ ୨ ଗିରଫ

କେନ୍ଦ୍ରାପଡ଼ା (ଅମୃତ ମିଡିଆ) : କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଗରାପୁରରେ ଥିବା ଏକ ସିସିଆଇରେ ଜଣେ ନାବାଳିକା ଅନ୍ତେବାସୀଙ୍କୁ ଗର୍ଭବତୀ କରିବା ଘଟଣାରେ ସଦର ଥାନା ପୋଲିସ ଦୁଇ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଦୁଇ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ୧୪ବର୍ଷର ନାବାଳକ ହୋଇଥିବା ବେଳେ ଅନ୍ୟଜଣଙ୍କ ହେଉଛନ୍ତି ବିଷ୍ଣୁ(୪୦)। ତେବେ ଉଭୟ ନାବାଳିକାଙ୍କୁ ବଳାତ୍କାର କରିଛନ୍ତି ନା ଜଣେ କରିଛନ୍ତି ଓ ଅନ୍ୟ ଜଣେ ସହଯୋଗ କରିଛନ୍ତି ସେ ନେଇ ପୋଲିସ କୌଣସି ସୂଚନା ଦେଉନାହିଁ। ଚଳିତମାସ ୪ତାରିଖରେ ଦୁଇ ଅଭିଯୁକ୍ତଙ୍କୁ ସଦରଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ନାବାଳକ ଜଣଙ୍କୁ ଅନୁଗୁଳସ୍ଥିତ ବାଳସୁଧାରକେନ୍ଦ୍ରକୁ ପଠାଇ ଦିଆଯାଇଛି। ଜାମିନ ନାମଞ୍ଜୁର ହେବା ପରେ ଅଭିଯୁକ୍ତ ବିଷ୍ଣୁକୁ ବାରିମୂଳସ୍ଥିତ ଉପକାରାଗାରକୁ ପଠାଇ ଦିଆଯାଇଛି। ଝାଡଖଣ୍ଡ ରାଜ୍ୟର ଛାଇବସାଜିଲ୍ଲାର ଶିଶୁ ମଙ୍ଗଳ କମିଟିର ଅମିତସୋରଭ ପତି ଚଳିତମାସ ୧ତାରିଖରେ ଏସମ୍ପର୍କରେ ସଦର ଥାନାରେ ଏତଲା ଦେବା ପରେ ସେହି ଅଭିଯୋଗକୁ ଭିତ୍ତିକରି ସଦର ଥାନାରେ କେଶ ନମ୍ବର - ୫୨୨/୨୦୨୬ରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଥିଲା। ଏହି ଘଟଣାକୁ ନେଇ ଶିଶୁ ମଙ୍ଗଳ କମିଟି ତଦନ୍ତ ଆରମ୍ଭ କରିଛି। ସୁରକ୍ଷା ଦୃଷ୍ଟିରୁ ଏହି ସିସିଆଇରେ ରହୁଥିବା ଅନ୍ୟ ଅନ୍ତେବାସୀମାନଙ୍କୁ ଅନ୍ୟ ଏକ ସିସିଆଇକୁ ସ୍ଥାନାନ୍ତର କରାଯାଇଛି। ନାବାଳିକା ଜଣକ ଝାଡ଼ଖଣ୍ଡର ବୋଲି ଜଣାପଡିଛି। ଗତ ୩ବର୍ଷ ତଳେ ତାଙ୍କୁ ଉଦ୍ଧାର କରାଯାଇ ଏହି ସିସିଆଇରେ ରଖାଯାଇଥିଲା। ହେଲେ ଗତ ୩ ମାସ ହେବ ସେ ଗର୍ଭବତୀ ଥିବା ଅଭିଯୋଗ ହୋଇଛି।

ଉଦ୍ୟାନ ବିଭାଗ ପକ୍ଷରୁ ବିଭିନ୍ନ ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ କର୍ମଶାଳା ଓ ବୃକ୍ଷରୋପଣ

ଫୁଲବାଣୀ (ଅମୃତ ମିଡିଆ) : ରାଜ୍ୟ ଉଦ୍ୟାନ ବିଭାଗ ନିର୍ଦ୍ଦେଶାଳୟଙ୍କ ନିର୍ଦ୍ଦେଶରେ ଫୁଲବାଣୀ ଉଦ୍ୟାନ ବିଭାଗ ପକ୍ଷରୁ ଗୁରୁ ଦିବସ ପାଳନ ଅବସରରେ ୫ଟି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଉଦ୍ୟାନ କୃଷି ବାହ୍ୟପହଞ୍ଚ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଥିଲା। ବିଶେଷ କରି ଶିକ୍ଷିତ ଯୁବ ପିଢ଼ି ଓ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଧୁନିକ ଉଦ୍ୟାନ କୃଷି ପ୍ରତି ଆକର୍ଷିତ କରିବା, ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ରିହାତି ତଥା ପ୍ରୋତ୍ସାହନ ସମ୍ପର୍କରେ ସଚେତନ କରାଇବା ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ବୋଲି ଉପ ନିର୍ଦ୍ଦେଶକ ଉଦ୍ୟାନ ବିଭାଗ କନ୍ଧମାଳ ସ୍ମିତା ମହାନ୍ତି କହିଛନ୍ତି। ପାଠପଢା ପରେ ନିଜେ ସଫଳ କୃଷି ଚାକିରି ପଛରେ ନ ଦଉଡ଼ି ନିଜେ ସଫଳ କୃଷି ଉଦ୍ୟୋଗୀ ହେବା ସହ ଅନେକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିବ ବୋଲି ଶ୍ରୀମତୀ ସ୍ମିତା ମହାନ୍ତି କହିଥିଲେ। ଅଧକ୍ଷା ପିଙ୍କି ପଲବିକା ବିଶ୍ୱାସାଙ୍କ ନେତୃତ୍ୱରେ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଫୁଲବାଣୀ ଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ବେଳେ ଅଧକ୍ଷ କିଶୋର କୁୟକାରଙ୍କ ନେତୃତ୍ୱ ରେ ବଇଡ଼ା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଅଧକ୍ଷ ମୁରଲୀଧର ସେଠାଙ୍କ ନେତୃତ୍ୱରେ ଫୁଲବାଣୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ, ଅଧକ୍ଷ କୃଶ ନାୟକଙ୍କ ନେତୃତ୍ୱରେ ଏସଏମ୍ ମହିଳା ମହାବିଦ୍ୟାଳୟ ଫୁଲବାଣୀ, ଅଧକ୍ଷ ନିହାର ରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଫୁଲବାଣୀ ପଲିଟେକ୍ନିକ୍ କଲେଜରେ ସଫଳତାର ସହ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏ ସମସ୍ତ କାର୍ଯ୍ୟକ୍ରମରେ ଉପନିର୍ଦ୍ଦେଶକ ଉଦ୍ୟାନ ବିଭାଗ ଶ୍ରୀମତୀ ସ୍ମିତା ମହାନ୍ତି, ସହକାରୀ ଉପ ନିର୍ଦ୍ଦେଶକ ଉଦ୍ୟାନ ବିଭାଗ ପଦ୍ମଲୋଚନ ସିଂହ, ଖଜୁରିପଡା ସହକାରୀ ଉଦ୍ୟାନ କୃଷି ବିଭାଗ ଅଧିକାରୀ ଜ୍ଞାନ ରଞ୍ଜନ ଦିଗାଲ, ଫୁଲବାଣୀ ଓ ଫିରିଙ୍ଗିଆ ବ୍ଲକ ଦାୟିତ୍ୱରେ ଥିବା ସହକାରୀ ଉଦ୍ୟାନକୃଷି ବିଭାଗ ଅଧିକାରୀ ସିଦ୍ଧାନ୍ତ ପାଣିଗ୍ରାହି ପ୍ରମୁଖଙ୍କ ସମେତ ସମସ୍ତ କ୍ଷେତ୍ର କର୍ମଚାରୀ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ଜରିଆରେ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ ଦେଇଥିଲେ। ଉଦ୍ୟାନ ବିଭାଗର ଏଭଳି ଅଭିନବ ପ୍ରୟାସକୁ ଶିକ୍ଷାବିତ୍ ଓ ଛାତ୍ରଛାତ୍ରୀମାନେ ପ୍ରଶଂସା କରିଥିଲେ। ପବିତ୍ର ଗୁରୁ ଦିବସର ସ୍ମୃତି ଚାରଣ ଓ ପରିବେଶ ସୁରକ୍ଷାର ବାର୍ତ୍ତା ଦେଇ ପ୍ରତ୍ୟେକ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରଯାଇଥିଲା।

ନ୍ୟାୟ ପାଇଁ ଶବ ରଖି ରାଜ୍ୟ ରାଜପଥରେ ଧାରଣା

ପ୍ରଶାସନର ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

ନିଶିନ୍ତକୋଇଲି (ଅମୃତ ମିଡିଆ) : ଆଜି ଅପରାହ୍ନରେ ଶବ ରଖି କଟକ-ଚାନ୍ଦବାଲି ମୁଖ୍ୟ ରାସ୍ତାକୁ ଅବରୋଧ କରିବା ସହିତ ନ୍ୟାୟ ପାଇଁ ଦାବି କରିଥିଲେ । ନିଶିନ୍ତକୋଇଲି ବ୍ଲକ ଅନ୍ତର୍ଗତ କଟରପଡ଼ା ଛକରେ ଯୁବକଙ୍କ ମୃତ୍ୟୁକୁ ନେଇ ରାସ୍ତା ରୋକ କରାଯାଇଥିଲା । ଏହାଦ୍ୱାରା ବହୁ ଯାନବାହନ ଅଟକି ରହିଥିଲା । ସୂଚନାଥାଉକି ନିଶିନ୍ତକୋଇଲି ବ୍ଲକ କଟରପଡ଼ା ପଞ୍ଚାୟତ ସାଙ୍କଲୋ ଗ୍ରାମର ରାହୁଲ ମଲିକ(୧୫)ବର୍ଷ, ପିତା-ନିତ୍ୟାନନ୍ଦ ମଲିକ ମାମୁଁ ଘର କେନ୍ଦ୍ରାପଡ଼ା ସଲାରକୁ ଯାଇ ରାତିରେ ଘରକୁ ଫେରୁଥିବା ବେଳେ ଅଜଣା ଗାଡ଼ି ଧକ୍କାରେ ମୃତ୍ୟୁବରଣ କରିଥିଲେ । କେନ୍ଦ୍ରାପଡ଼ା ପୋଲିସ ପହଞ୍ଚି ଶବକୁ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଥିଲା । ପରେ ସ୍ଥାନୀୟ ଲୋକମାନେ ନ୍ୟାୟ ପାଇଁ ଶବକୁ ରାସ୍ତାରେ ରଖି ରାସ୍ତା ରୋକ କରିଥିଲେ । ଖବର ପାଇ ସଙ୍ଗେ ସଙ୍ଗେ ନିଶିନ୍ତକୋଇଲି ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ବୁଝାମଣା କରିବା ପରେ ରାସ୍ତା ରୋକ ହଟିଥିଲା । ହେଲେ ଗୋଟିଏ ଭଉଣୀକୁ ଛଡ଼ିଦେଲେ ମୃତକଙ୍କ ପରିବାରରେ କେହି ନାହାଁନ୍ତି । ଏକ ପ୍ରକାର ନିଃସ୍ୱ ପରିବାର, ନ୍ୟାୟ ମିଳିବା ଆଶାରେ ରାସ୍ତା ରୋକ ହୋଇଥିବା ବେଳେ ତହସିଲଦାର, ପୋଲିସ ପହଞ୍ଚି ବୁଝାସୁଝା କରିବା ସହିତ ଆର୍ଥିକ ସହାୟତା ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଲା ପରେ ରାସ୍ତାରୋକ ହଟିଥିଲା ।

ସରକାରୀ ଅର୍ଥ ଆତ୍ମସାତ ଅଭିଯୋଗ

ବନ୍ଧାହେଲେ ୩ ପଞ୍ଚାୟତ ଅଧିକାରୀ

କଟକ (ବ୍ୟୁରୋ) : ସରକାରୀ ଅର୍ଥ ଆତ୍ମସାତ କରିବା ଅଭିଯୋଗରେ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅଧୀନ ୩ ଜଣ ପଞ୍ଚାୟତସ୍ତରୀୟ ଅଧିକାରୀଙ୍କୁ ଭିଜିଲାନ୍ସ ଗିରଫ କରିଛି। ସେମାନେ ବାର୍ଦ୍ଧକ୍ୟ ଭତ୍ତାକୁ ଜାଲିଆଡି କରି ନିଜର ବ୍ୟକ୍ତିଗତ ଫାଇଦା ପାଇଁ ୧୬.୭୬ ଲକ୍ଷ ଟଙ୍କା ହଡପ କରିଥିବା ଅଭିଯୋଗ ହୋଇଛି । ଗିରଫ ଅଭିଯୁକ୍ତମାନେ ହେଲେ କଖରା ଗ୍ରାମ ପଞ୍ଚାୟତର ପୂର୍ବତନ ପିଇଓ ସୁବ୍ରତ କୁମାର ପତି। ବର୍ତ୍ତମାନ କୁସୁଡ଼ା ଗ୍ରାମ ପଞ୍ଚାୟତରେ କାର୍ଯ୍ୟ କରୁଛନ୍ତି । କୁଆରମୁଳି ଗ୍ରାମ ପଞ୍ଚାୟତର ପୂର୍ବତନ ପିଇଓ ବିଭରଞ୍ଜନ ବାଗସିଂ। ବର୍ତ୍ତମାନ ଖଇରା ବ୍ଲକରେ କାର୍ଯ୍ୟରତ ଅଛନ୍ତି । ଭୋଗରାଇ ବ୍ଲକ ଜଳେଶ୍ୱରପୁର ଗ୍ରାମ ପଞ୍ଚାୟତର ଆକାଉଣ୍ଟାଣ୍ଟ-କମ୍-ଡାଟା ଏଣ୍ଟ୍ରି ଅପରେଟର ଗୌତମ ଦଳାଇ । ଭିଜିଲାନ୍ସର ତଦନ୍ତରୁ ଜଣାପଡ଼ିଛି ଯେ, ୨୦୨୨ରୁ ୨୦୨୫ ମଧ୍ୟରେ ନିଜ ନିଜ କାର୍ଯ୍ୟକାଳ ସମୟରେ ଏହି ଅଧିକାରୀମାନେ ଯୋଗ୍ୟ ବୃଦ୍ଧବୃଦ୍ଧାଙ୍କୁ ପ୍ରତିମାସ ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ ପାଇଁ ଭୋଗରାଇ ବ୍ଲକ ଉନ୍ନୟନ କାର୍ଯ୍ୟାଳୟରୁ ନିୟମିତ ଭାବେ ଅଗ୍ରିମ ଟଙ୍କା ଉଠାଉଥିଲେ। ତେବେ ଭତ୍ତା ବଣ୍ଟନ ପରେ ବଳକା ରହିଯାଉଥିବା ଅବ୍ୟବହୃତ ଟଙ୍କାକୁ ସରକାରୀ ହିସାବରେ ଜମା କରିବା କିମ୍ବା ଏହାର ହିସାବ ଦେବା ପରିବର୍ତ୍ତେ ତିନିଜଣ ଅଭିଯୁକ୍ତ ଯୋଜନାବଦ୍ଧ ଭାବେ ହଡପ କରିଥିଲେ। ମୋଟ ୧୬ ଲକ୍ଷ ୭୬ ହଜାର ୫୦୦ ଟଙ୍କା ହଡ଼ପ କରିଥିବା ତଦନ୍ତରୁ ଜଣାପଡ଼ିଛି । ୩ ଅଭିଯୁକ୍ତଙ୍କୁ ବାଲେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଛି ।

୨ଦିନିଆ ଶିବଶକ୍ତି ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ

ରାଇଘର (ଅମୃତ ମିଡିଆ) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ କୁମୁଲି ଡିଏନ୍‌କେଠାରେ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆଜିଠାରୁ ଆରମ୍ଭ ହେବ। ଏହି ଟୁର୍ଣ୍ଣାମେଣ୍ଟ ୧୦ ଓ ୧୧ତାରିଖ ଦୁଇଦିନ ଧରି ଚାଲିବ। ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଭାଗ ନେବେ। ଦଳ ଗୁଡ଼ିକ ହେଲା ଜୋସେଫ ୧୧ ସୁନାବେଡା, ସ୍ପୋର୍ଟସ ଓଡ଼ିଶା ଫୁଲବାଣୀ, ରଙ୍ଗବେଜ୍ ଜଗଦଲପୁର, ୟୁଡ୍ୱାଇଏସ୍ କଳାହାଣ୍ଡି, ସିଡ୍ୱାଇଏ ଚିତ୍ର କୋଟ, ମା ତାରିଣୀ ଇଲିଭେନ୍ କୋଲକତା, ଏମ୍‌ବିଏଫ୍‌ସି କୁଡୁମୁଲୁଗୁମ୍ମା, ବିଏଫ୍‌ସି ଜୁଡିଶା ଏହି ଆଠ ଗୋଟି ଦଳ ଭାଗ ନେବେ। ଟୁର୍ଣ୍ଣାମେଣ୍ଟ। ସକାଶେ ସଭାପତି ଭାବେ ସୁଶୀଲ ବର୍ମନ, ଉପ ସଭାପତି ଭାବେ ଦୀପକ ସରକାର, ସମ୍ପାଦକ ଭାବେ ତରୁଣ ଦାସ, କୋଷାଧକ୍ଷ ଭାବେ ସ୍ୱଦେଶ ମାଝୀଙ୍କୁ ମନୋନୀତ କରାଯାଇଛି ।

ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ...

ଓଡ଼ିଶାରେ...

ସରକାର, ଆଇଏଚସି ଏବଂ ଅଦାନୀ ଗ୍ରୁପ୍ ମଧ୍ୟରେ ୧୪ଟି ନୂଆ ପ୍ରକଳ୍ପ ପାଇଁ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହେବା ଏହି ଗନ୍ତର ପ୍ରମୁଖ ସଫଳତା । ଏହି ପ୍ରକଳ୍ପଗୁଡ଼ିକରେ ଆନୁମାନିକ ୨,୧୦,୫୦୦ କୋଟି ଟଙ୍କା ନିବେଶ ସହ ପାଖାପାଖି ୮,୬୮,୨୦୦ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି । ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକ ମଧ୍ୟରେ ମେଟାଲ ଡାଉନଷ୍ଟ୍ରିମ୍ ଇଣ୍ଡଷ୍ଟ୍ରି, ସ୍ଫୁରୀ ପାଇପଲାଇନ୍, କ୍ରିଟିକାଲ ମିନେରାଲ୍ସ ଓ ରେୟାର ଆର୍ଥ, କେମିକାଲ୍ସ ଓ ପେଟ୍ରୋକେମିକାଲ୍ସ, ଅକ୍ଷୟ ଶକ୍ତି ଉପକରଣ, ସ୍ୱାସ୍ଥ୍ୟସେବା, ଶିଳ୍ପ ଭିତ୍ତିଭୂମି, ପର୍ଯ୍ୟଟନ, ଦକ୍ଷତା ବିକାଶ ଏବଂ କ୍ରୀଡ଼ା ଭିତ୍ତିଭୂମି ଭଳି ପ୍ରମୁଖ କ୍ଷେତ୍ର ସାମିଲ ରହିଛି । ଏହା ଆଲୁମିନିୟମ ପ୍ରକଳ୍ପକୁ ଆଧାର କରି ଆଇଏଚସି ବିଭିନ୍ନ ବ୍ୟବସାୟ ପାଇଁ ଓଡ଼ିଶାକୁ ଏକ ସମ୍ଭାବ୍ୟ କେନ୍ଦ୍ର ଭାବେ ଗଢ଼ି ତୋଳିବ । ଏହା ରାଜ୍ୟର ଶିଳ୍ପ ଦକ୍ଷତା ସହିତ ଅନ୍ତର୍ଜାତୀୟ ପୁଞ୍ଜି, ବୈଷୟିକ ଜ୍ଞାନକୌଶଳ ଏବଂ ବିଶ୍ୱ ବଜାରର ସୁଯୋଗକୁ ଯୋଡ଼ିବା ପାଇଁ ନୂଆ ଦ୍ୱାର ଖୋଲିବ ।ମୁଖ୍ୟମନ୍ତ୍ରୀ ଇଣ୍ଡିଆନ୍ ବିଜନେସ୍ ଆଣ୍ଡ ପ୍ରୋଫେସନାଲ୍ ଗ୍ରୁପ୍ (ଆଇବିପିଜି) ର ପ୍ରତିନିଧିମାନଙ୍କୁ ଭେଟିଥିଲେ, ଯେଉଁଥିରେ ଆଇବିପିଜି ର ସଭାପତି ଶ୍ରୀ ରାଜୀବ ଶାହ, ସାଧାରଣ ସମ୍ପାଦକ ଶ୍ରୀ ବରୁଣ ଖ୍ରିହି ଏବଂ ଗ୍ରୁପ୍‌ର ଅନ୍ୟ ବରିଷ୍ଠ ସଦସ୍ୟମାନେ ସାମିଲ ଥିଲେ । ଏହି ଆଲୋଚନାରେ ନିବେଶ ଉତ୍ସାହ ସୃଷ୍ଟି କରିବା ଏବଂ ଓଡ଼ିଶା ଓ ୟୁଏଇ-ଆଧାରିତ ବ୍ୟବସାୟଗୁଡ଼ିକ ମଧ୍ୟରେ ବାଣିଜ୍ୟିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଦ୍ୱିପାକ୍ଷିକ ବାଣିଜ୍ୟକୁ ପ୍ରୋତ୍ସାହିତ କରିବା ଏବଂ ଓଡ଼ିଶାରେ ନିବେଶ ସୁଯୋଗ ସୃଷ୍ଟି କରିବା ପାଇଁ ଓଡ଼ିଶା ସରକାର ଏବଂ ଆଇବିପିଜି ମଧ୍ୟରେ ଏକ ସହଯୋଗିତା ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ଏହି ଆଲୋଚନାରେ ଓଡ଼ିଶାର ବିଭିନ୍ନ ଉତ୍ପାଦ, ଯେପରିକି କି ହଳଦୀ, ଅଦା ଭଳି ମସଲା ଜାତୀୟ ଦ୍ରବ୍ୟ ଏବଂ ସାମୁଦ୍ରିକ ଖାଦ୍ୟର ରପ୍ତାନି ବୃଦ୍ଧି କରିବା ଉପରେ ଗୁରୁତ

ଆଇସିସି ଟି୨୦ ରାଙ୍କିଙ୍ଗର ଶୀର୍ଷ ୫ରେ ସ୍ମୃତି ମନ୍ଧାନା

ନୂଆଦିଲ୍ଲୀ : ମହିଳା ଏସିଆ କପରେ ହଂକଂ ବିପକ୍ଷରେ ଏକ ଚମତ୍କାର ଶତକ ମାରିଥିବା ସ୍ମୃତି ମନ୍ଧାନା ଆଇସିସି ଟି୨୦ ରାଙ୍କିଙ୍ଗର ଶୀର୍ଷ ୫ରେ ସ୍ଥାନ ପାଇଛନ୍ତି । ହଂକଂ ବିପକ୍ଷରେ ତାଙ୍କର ୧୨୪ରନର ଇନିଂସ ଟି୨୦ ରାଙ୍କିଙ୍ଗରେ ତାଙ୍କର ସ୍ଥାନ ବୃଦ୍ଧି କରିଥିଲା । ଏହି ଇନିଂସ ଦ୍ୱାରା ଭାରତ ୧୩୭ ରନର ବିଜୟ ହାସଲ କରି ସେମିଫାଇନାଲରେ ପ୍ରବେଶ କରିଥିଲା । ଏହା ସହିତ ସେ ଅନ୍ତର୍ଜାତୀୟ କ୍ରିକେଟରେ ସର୍ବାଧିକ ରନ ସ୍କୋରର ହୋଇଥିଲେ । ଏହା ସ୍ମୃତି ମନ୍ଧାନାଙ୍କର ୧୮ତମ ଅନ୍ତର୍ଜାତୀୟ ଶତକ, ଯାହା ତାଙ୍କୁ ଅନ୍ତର୍ଜାତୀୟ କ୍ରିକେଟରେ

ସର୍ବାଧିକ ଶତକ ସହିତ ମହିଳା ଖେଳାଳି କରିଛି । ମନ୍ଧାନାଙ୍କ ବ୍ୟତୀତ ଦୀପ୍ତି ଶର୍ମା ଟି୨୦ ବୋଲରଙ୍କ ରାଙ୍କିଂରେ ଷଷ୍ଠ ସ୍ଥାନରେ ପହଞ୍ଚିଛନ୍ତି ଏବଂ ଅଲରାଉଣ୍ଡରଙ୍କ ମଧ୍ୟରେ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି । ଟିମ ଇଣ୍ଡିଆ ସେପ୍ଟେମ୍ବର ୧୦ରେ ମହିଳା ଏସିଆ କପ ସେମିଫାଇନାଲ ଖେଳିବାକୁ ପ୍ରସ୍ତୁତ । ବାଂଲାଦେଶ ଏବଂ ୟୁଏଇ ମଧ୍ୟରେ ମ୍ୟାଚ ପରେ ଭାରତ ସହ କିଏ ଖେଳିବ ତାହା ନିଶ୍ଚୟ କରାଯିବ । ଭାରତ ସାତ ଥର ମହିଳା ଏସିଆ କପ ଜିତିଛି । ୨୦୨୪ ମସିହାରେ, ଟିମ ଇଣ୍ଡିଆ ଫାଇନାଲରେ ପରାଜୟର ସମ୍ମୁଖୀନ ହୋଇଥିଲା । ଶ୍ରୀଲଙ୍କା ସେମାନଙ୍କୁ ୮ଉଇକେଟରେ ପରାସ୍ତ କରିଥିଲା ।

ଫେରିଲେ ହାର୍ଦ୍ଦିକ ପାଣ୍ଡ୍ୟା, ଅଷ୍ଟ୍ରେଲିଆ ବିପକ୍ଷ ଇଣ୍ଡିଆ-ଏ ଟିମର ଘୋଷଣା

ମୁମ୍ବାଇ : ହାର୍ଦ୍ଦିକ ପାଣ୍ଡ୍ୟା ଲମ୍ବା ସମୟରୁ କ୍ରିକେଟରେ ଦୂରରେ ଅଛନ୍ତି । ଯାହା ବେଙ୍ଗାଲୁରୁର ସ୍ଥିତ ସେଣ୍ଟର ଅଫ ଏକ୍ସିଲେନ୍ସରେ ରହୁଛନ୍ତି । ଜାତୀୟ ଦଳରେ ଫେରିବା ପୂର୍ବରୁ ହାର୍ଦ୍ଦିକ ପାଣ୍ଡ୍ୟା-ଏ ଲାଗି ଖେଳିବେ । ତାଙ୍କୁ ଅଷ୍ଟ୍ରେଲିଆ-ଏ ବିପକ୍ଷ ହେବାକୁ ଥିବା ସିରିଜ ଲାଗି ଟିମରେ ଚୟନ କରାଯାଇଛି । ବିସିସିଆଇ ବୁଧବାର ଅଷ୍ଟ୍ରେଲିଆ-ଏ ବିପକ୍ଷରେ ହେବାକୁ ଥିବା ୱାନଡେ ଏବଂ ମଲ୍ଟି-ଡେ ସିରିଜ ଲାଗି ସ୍କ୍ୱାର୍ଡ଼ର ଘୋଷଣା କରିଦେଇଛି । ବିସିସିଆଇ ଅଫିସିଆଲ୍ ଷ୍ଟେଟମେଣ୍ଟରେ କହିଛି କି, ପୁରୁଷ ଚୟନ ସମିତି ଅଷ୍ଟ୍ରେଲିଆ-ଏ ବିପକ୍ଷରେ ହେବାକୁ ଥିବା ଘରୋଇ ସିରିଜ ଲାଗି ଇଣ୍ଡିଆ-ଏ ଟିମର ଚୟନ ହୋଇଛି । ଏହି ସିରିଜରେ ପଣ୍ଡୁଚେରୀରେ ଦୁଇ ମଲ୍ଟି-ଡେ ମ୍ୟାଚ୍ ଏବଂ ତିନି ୱାନ-ଡେ ମ୍ୟାଚ୍ ଖେଳାଯିବ । ଆରମ୍ଭ ୨ ମଲ୍ଟି-ଡେ ମ୍ୟାଚର ସିରିଜରୁ ହେବ, ଯାହାର ପ୍ରଥମ ମ୍ୟାଚ୍ ୨୨ରୁ ୨୫ ସେପ୍ଟେମ୍ବର ମଧ୍ୟରେ ଖେଳାଯିବ । ହାର୍ଦ୍ଦିକ ପାଣ୍ଡ୍ୟା ମଲ୍ଟି-ଡେ ସିରିଜ ଲାଗି ଚୟନ ହୋଇନାହାନ୍ତି । ତାଙ୍କୁ ୩ ମ୍ୟାଚର ୱାନଡେ ସିରିଜ ଲାଗି ଚୟନ କରାଯାଇଛି । ପ୍ରଥମ ୱାନଡେ ୬ ଅକ୍ଟୋବର, ଦ୍ୱିତୀୟ ୯ ଏବଂ ତୃତୀୟ ୧୧ ଅକ୍ଟୋବରରେ ହେବ । ମାତ୍ର ବିସିସିଆଇ ସ୍ପଷ୍ଟ କରିଛି କି ହାର୍ଦ୍ଦିକଙ୍କ ଅଷ୍ଟ୍ରେଲିଆ-ଏ ବିପକ୍ଷ ଖେଳିବା ଫିଟନେସ ରିପୋର୍ଟ ଉପରେ ନିର୍ଭର କରିବ । ମଲ୍ଟି-ଡେ ସିରିଜ ଲାଗି ଚୟନ

କରାଯାଇଥିବା ସ୍କ୍ୱାର୍ଡ଼ର କଥା ଯଦି ଆମେ କହିବା ତେବେ କମାଣ୍ଡ ଦେବଦତ୍ତ ପଡ଼ିକ୍କଲଙ୍କ ହାତରେ ରହିଛି । ସାଇ ସୁଦର୍ଶନଙ୍କୁ ଉପଅଧିନାୟକ ଚୟନ କରାଯାଇଛି । ଏନ ଜଗଦୀସନ ଏବଂ କୁମାର କୁଶାଗ୍ରଙ୍କ ରୂପରେ ୨ ୱିକେଟକିପର ଅଛନ୍ତି । ବୈଶାଖ ବିଜୟ କୁମାରଙ୍କୁ ସାମିଲ କରାଯାଇଛି । କିନ୍ତୁ ତାଙ୍କ ଖେଳିବା ଫିଟନେସ ରିପୋର୍ଟ ଉପରେ ନିର୍ଭର କରିବ । ୱାନଡେ ଟିମର ଅଧିନାୟକ ରତୁରାଜ ଗାୟକୱାର୍ଡ଼ଙ୍କ ହାତରେ ହେବ । ଏଥିରେ ପଡ଼ିକ୍କଲଙ୍କୁ ଉପଅଧିନାୟକ ଭାବେ ସାମିଲ କରାଯାଇଛି । ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ନେଇ କୁହାଯାଇଛି କି ଫିଟନେସ କ୍ଲିୟରାନ୍ସ ପରେ ହିଁ ସେ ଖେଳିପାରିବେ ।

ଟି-୨୦ ଅନ୍ତର୍ଜାତୀୟରେ ଭାରତର ଦ୍ରୁତତମ ଶତକ ଭାବେ ନମ୍ବର-୧

କୋହଲିଙ୍କୁ ପଛରେ ପକାଇଲେ ରୋହିତ

ନୂଆଦିଲ୍ଲୀ : ଗତ ଦୁଇ ଦଶନ୍ଧି ଧରି କ୍ରିକେଟର ସବୁଠୁ ଲୋକପ୍ରିୟ ଫର୍ମାଟ ହେଉଛି ଟି-୨୦। ପ୍ରାୟ ପ୍ରତି ମାସରେ ବିଶ୍ୱର କୌଣସି ନା କୌଣସି ଦେଶରେ ଟି-୨୦ ଲିଗ ଖେଳାଯାଉଛି । ତେବେ ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରେ ଭାରତ ପାଇଁ ସବୁଠୁ ଦ୍ରୁତ ଶତକର ରେକର୍ଡ ବୈଭବ ସୂର୍ଯ୍ୟବଂଶୀ କିମ୍ବା ଅଭିଷେକ ଶର୍ମାଙ୍କ ନାଁରେ ନୁହେଁ। ଏହି ରେକର୍ଡ ଏବେ ବି ରୋହିତ ଶର୍ମାଙ୍କ ନାଁରେ ରହିଛି । ଭାରତ ପାଇଁ ଟି-୨୦ରେ ସବୁଠୁ ଦ୍ରୁତ ଶତକ ହାସଲ କରିବାର ରେକର୍ଡ ଗତ ୯ ବର୍ଷ ଧରି ରୋହିତ ଶର୍ମାଙ୍କ ନାଁରେ ରହିଛି । ୨୦୧୭ରେ ଶ୍ରୀଲଙ୍କା ବିପକ୍ଷ ମ୍ୟାଚରେ ରୋହିତ ମାତ୍ର ୩୫ ବଲରେ ଶତକ ପୂରଣ କରିଥିଲେ। ସେହି ମ୍ୟାଚରେ ରୋହିତ ୪୩ ବଲରେ ୧୧୮ ରନର

ବିସ୍ଫୋରକ ଇନିଂସ ଖେଳିଥିଲେ। ତାଙ୍କ ଇନିଂସରେ ଥିଲା ୧୨ଟି ଚୌକା ଓ ୧୦ଟି ଛକା। ରୋହିତ ଓ କେଏଲ ରାହୁଲ ପ୍ରଥମ ଉଇକେଟ୍ ପାଇଁ ମାତ୍ର ୧୨.୪ ଓଭରରେ ୧୬୫ ରନ୍‌ର ଐତିହାସିକ ଭାଗିଦାରୀ କରିଥିଲେ। ଫୁଲ-ମେମ୍ବର ଦେଶଗୁଡ଼ିକର ଟି-୨୦ ଅନ୍ତର୍ଜାତୀୟ ରେକର୍ଡକୁ ଦେଖିଲେ ରୋହିତଙ୍କ ଏହି ଶତକ ବିଶ୍ୱର ତୃତୀୟ ଦ୍ରୁତତମ ଶତକ। ତାଙ୍କଠାରୁ ଦ୍ରୁତ ଶତକ ସିକନ୍ଦର ରଜା ଓ ଫିନ ଆଲେନ ୩୩ ବଲରେ ହାସଲ କରିଛନ୍ତି। ଗତ ୯ ବର୍ଷରେ ରୋହିତଙ୍କ ରେକର୍ଡ ଭାଙ୍ଗିବାର ସବୁଠୁ ନିକଟତମ ପହଞ୍ଚିଥିବା ଭାରତୀୟ ବ୍ୟାଟର ହେଉଛନ୍ତି ଅଭିଷେକ ଶର୍ମା। ୨୦୨୫ରେ ଇଂଲଣ୍ଡ ବିପକ୍ଷରେ ଅଭିଷେକ ମାତ୍ର ୩୭ ବଲ୍ରେ ଶତକ ପୂରଣ କରିଥିଲେ। ସେହି ମ୍ୟାଚରେ ଅଭିଷେକ ୫୪ ବଲରେ ୧୩୫ ରନର ବିସ୍ଫୋରକ ପାଳି ଖେଳିଥିଲେ। ତାଙ୍କ ଇନିଂସରେ ୭ଟି ଚୌକା ଓ ୧୩ଟି ଛକା ଥିଲା। ଟି-୨୦ ଅନ୍ତର୍ଜାତୀୟରେ ଭାରତ ପାଇଁ ଏହା ଏପର୍ଯ୍ୟନ୍ତ ସର୍ବାଧିକ ବ୍ୟକ୍ତିଗତ ସ୍କୋର।

ଭାରତ ପାଇଁ ସବୁଠୁ ଦ୍ରୁତ ଟି-୨୦ ଶତକ

୩୫ ବଲ ରୋହିତ ଶର୍ମା

୩୭ ବଲ ଅଭିଷେକ ଶର୍ମା

୪୦ ବଲ ସଞ୍ଜୁ ସାମସନ

୪୧ ବଲ ତିଳକ ବର୍ମା

୪୨ ବଲ ଈଶାନ କିଶନ

ଏସିଆନ୍ ଗେମ୍ସ ୨୦୨୬ରେ ଅଲଗା ହୋଟେଲରେ ରହିବନି ଟିମ୍ ଇଣ୍ଡିଆ

ନୂଆଦିଲ୍ଲୀ : ଜାପାନର ଆଇଚି-ନାଗୋୟାରେ ସେପ୍ଟେମ୍ବର ୧୯ରୁ ଆରମ୍ଭ ହେବ ଏସିଆନ୍ ଗେମ୍ସ ୨୦୨୬ । ଏଥିରେ କ୍ରିକେଟକୁ ମଧ୍ୟ ସାମିଲ କରାଯାଇଛି । ଭାରତୀୟ ମହିଳା ଓ ପୁରୁଷ—ଉଭୟ କ୍ରିକେଟ୍ ଟିମ୍ ଏସିଆନ୍ ଗେମ୍ସରେ ଭାଗ ନେବେ । ବିସିସିଆଇ ପକ୍ଷରୁ ଉଭୟ ଦଳର ସ୍କ୍ୱାଡ୍ ମଧ୍ୟ ଘୋଷଣା କରାଯାଇସାରିଛି । ଏହାରି ଭିତରେ ଭାରତୀୟ ଖେଳାଳିଙ୍କ ରହଣି ବ୍ୟବସ୍ଥାକୁ ନେଇ ଚାଲିଥିବା ଦ୍ୱନ୍ଦ୍ୱକୁ ବିସିସିଆଇ ଉପାଧ୍ୟକ୍ଷ ରାଜୀବ ଶୁକ୍ଲା ଦୂର କରିଛନ୍ତି । ସେ କହିଛନ୍ତି ଯେ, ଟିମ୍ ଇଣ୍ଡିଆର ଖେଳାଳିମାନେ ଏସିଆନ୍ ଗେମ୍ସ ଆୟୋଜନ କମିଟି ପକ୍ଷରୁ ନିର୍ଦ୍ଧାରିତ ରହଣି ସ୍ଥାନରେ ହିଁ ରହିବେ । ଆଇଚି-ନାଗୋୟାରେ ଭଲ ହୋଟେଲର ଅଭାବ ଥିବାରୁ ଭାରତୀୟ କ୍ରିକେଟରମାନଙ୍କ ରହଣିକୁ ନେଇ ପ୍ରଶ୍ନ ଉଠିଥିଲା । ତେବେ ରହଣି ବ୍ୟବସ୍ଥାରେ କୌଣସି ବଡ଼ ସମସ୍ୟା ନଥିବା ରାଜୀବ ଶୁକ୍ଲା ସ୍ପଷ୍ଟ କରିଛନ୍ତି । ସେ କହିଛନ୍ତି ଯେ, ଆୟୋଜକମାନେ ଯେଉଁ

ସୁବିଧା ଦେଉଛନ୍ତି, ଭାରତୀୟ ଦଳ ସେଠାରେ ହିଁ ରହିବ । ଖେଳାଳିମାନଙ୍କୁ ଯେପରି କୌଣସି ଅସୁବିଧା ନହୁଏ, ସେଥିପାଇଁ ବିସିସିଆଇ ପକ୍ଷରୁ ରହଣି ସ୍ଥାନର ଫଟୋ ଓ ଭିଡିଓ ମଗାଇ ଯାଞ୍ଚ କରାଯାଇଛି । ଭାରତୀୟ କ୍ରିକେଟରମାନେ ରୁମ୍ ସେୟାର କରିବେ ନାହିଁ ବୋଲି ମଧ୍ୟ ରାଜୀବ ଶୁକ୍ଲା ସ୍ପଷ୍ଟ କରିଛନ୍ତି । ପ୍ରତ୍ୟେକ ଖେଳାଳିଙ୍କ ପାଇଁ ଅଲଗା ରୁମ୍ ବ୍ୟବସ୍ଥା ରହିବ । ଖେଳାଳିମାନଙ୍କୁ ଓସାକା କିମ୍ବା ଟୋକିଓରେ ରଖିବାର ବିକଳ୍ପ ଥିଲା । କିନ୍ତୁ ସେଠାରୁ ଇଭେଣ୍ଟ ସ୍ଥଳକୁ ଯାତାୟାତ କରିବାରେ ଅଧିକ ସମୟ ଲାଗିଥାନ୍ତା । ତେଣୁ ଆୟୋଜକମାନେ ନିର୍ଦ୍ଧାରଣ କରିଥିବା ରହଣି ସ୍ଥାନରେ ହିଁ ଭାରତୀୟ ଦଳ ରହିବ ବୋଲି ନିଶ୍ଚିତ ହୋଇଛି । ଏସିଆନ୍ ଗେମ୍ସ ୨୦୨୬ ପାଇଁ ଭାରତୀୟ ପୁରୁଷ କ୍ରିକେଟ୍ ଟିମ୍ ସେପ୍ଟେମ୍ବର ୨୦ରେ ଟୋକିଓ ଅଭିମୁଖେ ଯାତ୍ରା କରିବ । ସେପ୍ଟେମ୍ବର ୨୨ରେ ଜାପାନ ବିପକ୍ଷରେ ଭାରତ ଏକ ଐତିହାସିକ ଟି-୨୦ ଇଣ୍ଟରନ୍ୟାସନାଲ୍ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି । ତେବେ ଏସିଆନ୍ ଗେମ୍ସରେ ଭାରତୀୟ ପୁରୁଷ ଦଳର ପ୍ରଥମ ମୁକାବିଲା ସେପ୍ଟେମ୍ବର ୨୮ରେ ହେବ ।

ଲଣ୍ଡନ ରାସ୍ତାରେ ନଜର ଆସିଲେ ବିରୁଷ୍କା

ନୂଆଦିଲ୍ଲୀ: ପୁଣି କ୍ୟାମେରାରେ କଏଦ ହେଲେ ବିରୁଷ୍କା । ମଙ୍ଗଳବାର ସକାଳେ ଉଭୟଙ୍କୁ ଲଣ୍ଡନର ରାସ୍ତାରେ ଏକାଠି ନଜର ଆସିଛନ୍ତି । ସୋସିଆଲ ମିଡିଆରେ ଏହି ପାୱାର କପଲଙ୍କର କିଛି ନୂଆ ଫଟୋ ଭାଇରାଲ ହେବାରେ ଲାଗିଛି । ଯାହାକୁ ନେଇ ପ୍ରଶଂସକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି । ତେବେ ସେମାନେ ପୁଅ ଅକାୟଙ୍କ ନର୍ସରୀ ସ୍କୁଲ ଆଗରେ ନଜର ଆସିଛନ୍ତି । ଯାହାର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଯାହାକୁ ନେଇ ୟୁଜର୍ସମାନେ ବିଭିନ୍ନ କମେଣ୍ଟମାନ ଦେଉଥିବା ଦେଖିବାକୁ ମିଳିଛି । ବିରାଟ ଓ ଅନୁଷ୍କାଙ୍କୁ ସେମାନଙ୍କ ପୁଅ ଅକାୟଙ୍କ ଡେ-ନର୍ସରୀ ବାହାରେ ଦେଖାଯାଇଥିଲେ । ଉଭୟ ଫୁଟପାଥରେ ଠିଆ ହୋଇ ରହିଥିବା ବେଳେ କ୍ୟାମେରାରେ କଏଦ ହୋଇଛନ୍ତି । ଏହି ସମୟରେ ବିରାଟ କୋହଲି ବେଶ୍ କ୍ୟାଜୁଆଲ୍ ଲୁକରେ ନଜର ଆସିଛନ୍ତି । ସେ ସବୁଜ ରଙ୍ଗର ସ୍ୱେଟସର୍ଟ ଓ ଜିନ୍ସ ପିନ୍ଧିଥିବା ବେଳେ ତାଙ୍କ ହାତରେ ଏକ ଶିଶୁ ପ୍ରାମ୍ ଧରିଥିବାର ଦେଖାଯାଇଥିଲା । ତେବେ ଫଟୋରେ ପୁଅ ଅକାୟ ନଜର ଆସିନଥିଲେ । ଏହି ଆଉଟିଂ ସମୟରେ ଅନୁଷ୍କା ଶର୍ମା ଲେଗିଙ୍ଗସ୍, ଟି-ସାର୍ଟ, ଜାକେଟ୍ ଓ କ୍ୟାପ୍ ପିନ୍ଧିଥିଲେ । ତେବେ ଅଚାନକ୍ ଫଟୋ ଉଠାଯାଉଥିବାରୁ ଅନୁଷ୍କା କ୍ୟାମେରା ଦେଖି କିଛିଟା ଅସହଜ ମନେ କରୁଥିବା ଫଟୋରୁ ସ୍ପଷ୍ଟ ଜଣାପଡୁଛି । ଅନ୍ୟପଟେ ବିରାଟ ବେଶ୍ ଶାନ୍ତ ଦେଖାଯାଉଥିଲେ ଏବଂ ଜଣେ ମହିଳାଙ୍କ ସହ କଥା ହେଉଥିବା ନଜର ଆସିଥିଲେ । ବିରାଟ ଓ ଅନୁଷ୍କା ସବୁବେଳେ ସେମାନଙ୍କ ଦୁଇ ସନ୍ତାନ ଝିଅ ଭାମିକା ଓ ପୁଅ ଅକାୟଙ୍କୁ ଗଣମାଧ୍ୟମ ଓ କ୍ୟାମେରାର ଚକଚକିଆ ଦୁନିଆରୁ ଦୂରରେ ରଖିବାକୁ ପସନ୍ଦ କରନ୍ତି । ଏହାପୂର୍ବରୁ ମଧ୍ୟ ଅନେକ ଥର ପାପାରାଜି ଓ ପ୍ରଶଂସକମାନଙ୍କୁ ପିଲାଙ୍କ ଫଟୋ ନଉଠାଇବା ପାଇଁ ଅନୁରୋଧ କରିସାରିଛନ୍ତି ଏହି ଦମ୍ପତି । ପ୍ରଶଂସକଙ୍କ ମତରେ, ଭାରତରେ ମିଳୁଥିବା କୁମାଗତ ପବ୍ଲିକ୍ ଆଟେନସନ୍ରୁ ଦୂରେଇ ପିଲାମାନଙ୍କୁ ଏକ ସାଧାରଣ ଓ ଶାନ୍ତ ପରିବେଶରେ ବଡ଼ କରିବା ପାଇଁ ବିରାଟ-ଅନୁଷ୍କା ଲଣ୍ଡନକୁ ନିଜର ଦ୍ୱିତୀୟ ଠିକଣା ଭାବେ ବାଛିନେଇଛନ୍ତି । ତଥାପି ଲଣ୍ଡନରେ ମଧ୍ୟ ପ୍ରଶଂସକଙ୍କ ନଜରରୁ ଏହି ଚର୍ଚ୍ଚିତ ଯୋଡ଼ି ବଞ୍ଚିପାରିନାହାନ୍ତି । ତଥାପି ଅନେକ ସମୟରେ ଛୁଆଙ୍କ ସହ ଫଟୋ ଉଠାଇବାବେଳେ ବିରକ୍ତିଭାବ ପ୍ରକାଶ କରୁଥିବା ଦେଖିବାକୁ ମିଳିଛନ୍ତି ।

'ଟିମ୍ ଇଣ୍ଡିଆ କୋଚ୍ ହେଲେ ସ୍ତ୍ରୀ ଛାଡ଼ପତ୍ର ଦେଇଦେବେ'

ନୂଆଦିଲ୍ଲୀ ; ଭାରତୀୟ ଦଳର ପୂର୍ବତନ ଦ୍ରୁତ ବୋଲର ଆଶିଷ ନେହେରା ନିଜର ମଜାଳିଆ ଶୈଳୀ ପାଇଁ ଜଣାଶୁଣା । ଆଇପିଏଲ୍ ରେ ଗୁଜୁରାଟ ଟାଇଟନ୍ସ ପାଇଁ ପ୍ରଶିକ୍ଷକ ଭାବରେ ଦାୟିତ୍ୱ ତୁଲାଉଛନ୍ତି । ଗୁଜରାଟ ପ୍ରଥମ ଆଇପିଏଲ୍ ଟାଇଟଲ୍ ଜିତିବା ପଛରେ ନେହେରାଙ୍କ ହାତ ଥିବା କୁହାଯାଏ । ତେବେ ଟିମ୍ ଇଣ୍ଡିଆ ହେଡ୍ କୋଚ୍ ପଦକୁ ନେଇ ତାଙ୍କୁ ଏକ ପ୍ରଶ୍ନ ପଚରାଯାଇଥଲା । ସେ ଟିମ୍ ଇଣ୍ଡିଆ ହେଡ୍ କୋଚ୍ ହୋବାକୁ ଚାହାନ୍ତି କି ? ଏହି ପ୍ରଶ୍ନରେ ସେ ମଜାଳିଆ ଢଙ୍ଗରେ ଉତ୍ତର ଦେଇଛନ୍ତି ଆଶିଷ ନେହେରା । ଆଶିଷ ନେହେରାହାଙ୍କୁ ଭାରତୀୟ କ୍ରିକେଟ୍ ଟିମର ମୁଖ୍ୟ ପ୍ରଶିକ୍ଷକ ହେବା ବିଷୟରେ ପ୍ରଶ୍ନ ପଚରାଯାଇଥିଲା । ସେତେବେଳେ ସେ,

ଯାହା କହିଲେ ତାକୁ ଶୁଣି ସମସ୍ତ ହସିଥିଲେ । ନେହେରା ଏକ ମଜାଳିଆ ଢଙ୍ଗରେ ଉତ୍ତର ଦେଇ କହିଥିଲେ ଯେ, ଯଦି ସେ ନ ପଚାରି ଟିମ୍ ଇଣ୍ଡିଆର କୋଚିଂ ଦାୟିତ୍ୱ ଗ୍ରହଣ କରନ୍ତି, ତେବେ ତାଙ୍କ ପତ୍ନୀ ରୁଷମା

ନେହେରାଙ୍କଠାରୁ ଛାଡ଼ପତ୍ର ନେଇପାରନ୍ତି । ଅର୍ଥାତ ସେ କହିବାକୁ ଚାହିଁଛନ୍ତି ଯେ, ଯଦି ସେ ଟିମ୍ ଇଣ୍ଡିଆ କୋଚ୍ ହୁଅନ୍ତି ତେବେ ତାଙ୍କ ପତ୍ନୀ ତାକୁ ଛାଡ଼ପତ୍ର ଦେଇଦେବେ । ନେହେରାଙ୍କ କଥା ଶୁଣି ସେଠାରେ ଉପସ୍ଥିତ ସମସ୍ତେ ଜୋରରେ ହସିବାକୁ ଲାଗିଥିଲେ । ସେପ୍ଟେମ୍ବର ୧୩ରୁ ଦିଲ୍ଲୀରେ ଆରମ୍ଭ ହେବାକୁ ଥିବା ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଟି-୨୦ ସିରିଜ୍ ପୂର୍ବରୁ କୋଲକାତାରେ ଅନୁଷ୍ଠିତ ସିଏବିର ବାର୍ଷିକ ପୁରସ୍କାର ବିତରଣ ଉତ୍ସବରେ ଆଶିଷ ନେହେରା ପହଞ୍ଚିଥିଲେ । ଯେତେବେଳେ ତାଙ୍କୁ ପଚରାଗଲା ଯେ ସେ ଭବିଷ୍ୟତରେ ଟିମ୍ ଇଣ୍ଡିଆକୁ ପ୍ରଶିକ୍ଷଣ ଦେବାକୁ ଚାହୁଁଛନ୍ତି କି ? ଏହା ଉପରେ ନେହେରା ହସି ହସି କହିଥିଲେ ଯେ, ବର୍ତ୍ତମାନ ଏ ବିଷୟରେ କିଛି କହିବା ବହୁତ କଷ୍ଟକର । ସର୍ବପ୍ରଥମେ, ମୋତେ ମୋ ଘରର ହାଇ କମିଶନ ମୋ ପତ୍ନୀଙ୍କୁ ପଚାରିବାକୁ ପଡିବ । ନତେତ୍ ମୁଁ ଛାଡ଼ପତ୍ର ପାଇପାରେ ।

ଆଉ ଏକ ଫୁଟ୍‌ବଲ୍ କ୍ଲବ୍ କିଣିବେ ମେସି

ମାଦ୍ରିଦ୍: ନିକଟରେ ଅବସର ନେଇଥିବା ଆର୍ଜେଣ୍ଟିନା ମହାନ ଲିଓନେଲ ମେସି ଏବେ ଆଉ ଏକ ଫୁଟ୍‌ବଲ୍ କ୍ଲବ୍‌ର ମାଲିକ ହେବାକୁ ଯାଉଛନ୍ତି। ସ୍ୱେନ୍‌ର ଦ୍ୱିତୀୟସ୍ତରୀୟ କ୍ଲବ୍ ସିଡି ଏଲଡେନ୍ସ କିଣିବା ପାଇଁ ସେ ଚୁକ୍ତି କରିଥିବା ନେଇ ସ୍ୱେନ୍‌ର ଗଣମାଧ୍ୟମରେ ଚର୍ଚ୍ଚା ଚାଲିଛି। ଟିଏର୍ ସୋଲୁସିଓନେସ୍ ଗ୍ରୁପ୍ ଏସ୍‌ଏଏସ୍‌ର ସମସ୍ତ ଅଂଶଧନ ଅଧିଗ୍ରହଣ କରିବାକୁ ମେସି ରାଜି ହୋଇଛନ୍ତି। ଅକ୍ଟୋବର ୨୦୨୫ରେ ଏଲଡେନ୍ସକୁ କଲମ୍ବିଆନ୍ ନିବେଶ ଗୋଷ୍ଠୀ ନିଜ ନିୟନ୍ତ୍ରଣକୁ ନେଇଥିଲେ। ଏବେ ସେମାନେ ଏହାର ସମସ୍ତ ଅଂଶଧନ ମେସିଙ୍କୁ ହସ୍ତାନ୍ତର କରିବେ। ଏହି ଚୁକ୍ତି ସ୍ୱେନ୍‌ର ହାଇ କାଉନସିଲ୍ ଫର ସ୍ପୋର୍ଟ୍ସ (ସିଏସ୍‌ଡି)ର ଅନୁମୋଦନ ଅପେକ୍ଷାରେ ରହିଛି। ମେସି ଗତ ଏପ୍ରିଲ ୧୬ ତାରିଖରେ ସ୍ୱେନ୍‌ର ପଞ୍ଚମସ୍ତରୀୟ ଦଳ ୟୁଇ କର୍ଣ୍ଣୋଲାକୁ ଅଧିଗ୍ରହଣ କରିଥିଲେ।

ଜୁନିଅର ଏସିଆ କପ୍ ହକି

ଚାଇନିଜ୍ ତାଇପେକୁ ୧୫-୦ରେ ହରାଇ ସେମିଫାଇନାଲରେ ଭାରତ

ନୂଆଦିଲ୍ଲୀ : କନିଷ୍ଠ ଏସିଆ କପ୍ ହକିରେ ଭାରତୀୟ ଯୁବ ଦଳର ଦମ୍‌ଦାର ପ୍ରଦର୍ଶନ ଜାରି ରହିଛି । ପୁଲ-ଏ'ର ନିଜର ଶେଷ ମ୍ୟାଚ୍‌ରେ ଚାଇନିଜ୍ ତାଇପେକୁ ୧୫-୦ ଗୋଲ୍‌ରେ ନିଷ୍ଠୁକ ହରାଇ ଭାରତ ଶୀର୍ଷ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି । ଓଡ଼ିଆ ପୁଅ ତଥା ଭାରତୀୟ ଦଳର ଅଧିନାୟକ ଅନମୋଲ ଏକ୍କା ଦମଦାର ପ୍ରଦର୍ଶନ କରି ଏକାକୀ ୬ଟି ଗୋଲ୍ ହାସଲ କରିଥିବା ବେଳେ ଅନ୍ୟଜଣେ ଓଡ଼ିଆ ପୁଅ ଆର୍ଯ୍ୟନ ଖେସ୍ ହ୍ୟାଟ୍ରିକ୍ ସଫଳତା ହାସଲ କରିଛନ୍ତି । ମ୍ୟାଚ୍‌ର ପ୍ରଥମ କ୍ୱାର୍ଟରରେ ଭାରତୀୟ ଦଳ କିଛି ସୁଯୋଗ ହାତଛାଡ଼ କରିବାରୁ ଅବିଶ୍ୱାସନୀୟ ଭାବେ କୌଣସି ଗୋଲ୍ ହୋଇପାରିନଥିଲା। ତେବେ ୨ ମିନିଟ୍‌ର ବିରତି ସମୟରେ ପ୍ରଶିକ୍ଷକ ଫ୍ରେଡେରିକ୍ ସୋୟେଜଙ୍କ ଗୁରୁମନ୍ତ୍ର କାମ ଦେଇଥିଲା। ଦ୍ୱିତୀୟ କ୍ୱାର୍ଟରରେ ଭାରତୀୟ ଖେଳାଳିମାନେ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ୬ଟି ଗୋଲ୍ ଦେବା ସହ ମ୍ୟାଚ୍‌କୁ ନିଜ ନିୟନ୍ତ୍ରଣକୁ ନେଇଥିଲେ। ୧୭ତମ ମିନିଟ୍‌ରେ

ଆର୍ଯ୍ୟନ ଖେସ୍ ପ୍ରଥମ ଫିଲ୍ଡ ଗୋଲ୍ ଦେଇ ଭାରତର ଖାତା ଖୋଲିଥିଲେ। ଏହାପରେ ପ୍ରଭଦୀପ ସିଂହ, ଗୁରସେବକ ସିଂହ, ଅଧିନାୟକ ଅନମୋଲ, ଅର୍ଜୁନ ସନ୍ତୋଷ ହାର୍ଗୁଡେ ଏବଂ ପୁଣି ଅନମୋଲଙ୍କ ଗୋଲ୍ ବଳରେ ଦ୍ୱିତୀୟ କ୍ୱାର୍ଟର ସୁଦ୍ଧା ଭାରତ ୬-୦ରେ ଆଗୁଆ ରହିଥିଲା। ତୃତୀୟ କ୍ୱାର୍ଟରରେ ଅନମୋଲଙ୍କ ହ୍ୟାଟ୍ରିକ୍ ଏବଂ ଅଙ୍କିତ ଯାଦବଙ୍କ ଗୋଲ

କେନ୍ଦ୍ରାଞ୍ଚଳ ରେଞ୍ଜର ଆଇନ-ଶୃଙ୍ଖଳା ଓ ଅପରାଧ ସ୍ଥିତିସମୀକ୍ଷା

ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ଆଗୁଆ ସୁରକ୍ଷା ପ୍ରସ୍ତୁତି ଉପରେ ଡିଜିପିଙ୍କ ଗୁରୁତ୍ୱାରୋପ

କଟକ (ବ୍ୟୁରୋ) : ଆଜି ପୂର୍ବାହ୍ନରେ ରାଜ୍ୟ ପୋଲିସ ମୁଖ୍ୟାଳୟଠାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ରଙ୍କ ଅଧ୍ୟକ୍ଷତାରେ କେନ୍ଦ୍ରାଞ୍ଚଳ ରେଞ୍ଜ ଅଧୀନସ୍ଥ ଜିଲ୍ଲାଗୁଡ଼ିକର ଆଇନ-ଶୃଙ୍ଖଳା, ଅପରାଧ ନିୟନ୍ତ୍ରଣ ଓ ପୋଲିସ ବ୍ୟବସ୍ଥା ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଜିଲ୍ଲାଗୁଡ଼ିକର ସାମଗ୍ରିକ ଆଇନ-ଶୃଙ୍ଖଳା ସ୍ଥିତି ସହ ହତ୍ୟା, ଚୋରି, ଡକାୟତି ଓ ଲୁଣ୍ଠନ ଭଳି ଗୁରୁତର ଅପରାଧର ନିୟନ୍ତ୍ରଣ, ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁହାର ହ୍ରାସ, ଅବକାରୀ ଅପରାଧ ଦମନ, 'ନିଶାମୁକ୍ତ ଓଡ଼ିଶା' ଗଠନ ଦିଗରେ ପଦକ୍ଷେପ, ସାଇବର ଅପରାଧ, ମାମଲାର ତଦନ୍ତ ତ୍ୱରାନ୍ୱିତ କରି ସଠିକ୍ ସମୟରେ ଚାର୍ଜସିଟ୍ ଦାଖଲ ଏବଂ ଦଣ୍ଡାଦେଶ ହାର ବୃଦ୍ଧି ଆଦି ବିଷୟରେ ଡିଜିପି ଜିଲ୍ଲା ଏସ୍‌ପିମାନଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ଡିଜିପି ଶ୍ରୀ ମିଶ୍ର କହିଥିଲେ ଯେ, ରାଜ୍ୟର ଅନେକ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲା କେନ୍ଦ୍ରାଞ୍ଚଳ ରେଞ୍ଜ ଅଧୀନରେ ଥିବାରୁ ଏହି ଅଞ୍ଚଳର ଆଇନ-ଶୃଙ୍ଖଳା ସ୍ଥିତିର ବିଶେଷ ଗୁରୁତ୍ୱ ରହିଛି। ଆଗାମୀ ଦିନରେ ଗଣେଶ ପୂଜା, ନୂଆଖାଇ, ବିଶ୍ୱକର୍ମା ପୂଜା, ଦୁର୍ଗାପୂଜା, ଗଜଲକ୍ଷ୍ମୀ ପୂଜା, ଦୀପାବଳି/କାଳୀପୂଜା, ଅଁଳା ନବମୀ, ପଞ୍ଚୁକ ଓ ବାଲିଯାତ୍ରା ଭଳି ଅନେକ ପର୍ବପର୍ବାଣୀ ଅନୁଷ୍ଠିତ ହେବାକୁ ଥିବାରୁ ସେଗୁଡ଼ିକୁ ଶାନ୍ତି, ଶୃଙ୍ଖଳା ଓ ସୁରକ୍ଷିତ ପରିବେଶରେ ସମ୍ପନ୍ନ କରିବା ପାଇଁ ଏବେଠାରୁ ଯୋଜନା ପ୍ରସ୍ତୁତ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ପାର୍ବଣ ସମୟରେ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ପର୍ଯ୍ୟାପ୍ତ ପୋଲିସ ମୁତୟନ, ଭିଡ଼ ନିୟନ୍ତ୍ରଣ ଓ ସୁଚାରୁ ଟ୍ରାଫିକ ପରିଚାଳନା ଉପରେ ଡିଜିପି ଗୁରୁତ୍ୱାରୋପ କରିଥିଲେ। ଏଥିସହ ଶାନ୍ତି କମିଟି ବୈଠକ ଆୟୋଜନ କରିବା ସହ ସ୍ଥାନୀୟ ଜନପ୍ରତିନିଧି, ବିଭିନ୍ନ ସଂଗଠନ ଓ ସମ୍ପ୍ରଦାୟର ପ୍ରମୁଖ ବ୍ୟକ୍ତିବିଶେଷଙ୍କ ସହ ନିରନ୍ତର ସମନ୍ୱୟ ରକ୍ଷା କରିବାକୁ ସେ ଏସ୍‌ପିମାନଙ୍କୁ ପରାମର୍ଶ ଦେଇଥିଲେ। ସାମ୍ପ୍ରଦାୟିକ ଭାବେ ସମ୍ବେଦନଶୀଳ ଅଞ୍ଚଳରେ ନିୟମିତ ନଜର ରଖିବା ସହ ସମ୍ଭାବ୍ୟ ଅପ୍ରୀତିକର ଘଟଣାକୁ ପ୍ରତିହତ କରିବା ପାଇଁ ଆଗୁଆ ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ ଉପରେ ସେ ଗୁରୁତ୍ୱ ଦେଇଥିଲେ। ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ଆଇନ-ଶୃଙ୍ଖଳା ରକ୍ଷାର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ବୋଲି ଡିଜିପି କହିଥିଲେ। ଏଥିପାଇଁ ସ୍ଥାନୀୟ ଥାନା ଅଧିକାରୀମାନେ ନିୟମିତ ଭାବେ ନିଜ ଅଞ୍ଚଳ ପରିଦର୍ଶନ କରି ସ୍ଥାନୀୟ ଜନପ୍ରତିନିଧି ଓ ବାସିନ୍ଦାଙ୍କ ସହ ଉତ୍ତମ ସମ୍ପର୍କ ସ୍ଥାପନ କରି ସେମାନଙ୍କ ସମସ୍ୟା ଓ ଆଇନ-ଶୃଙ୍ଖଳା ସମ୍ପର୍କିତ ଅଭିଯୋଗ ପ୍ରତି ଦୃଷ୍ଟି ଦେବା ଦିଗରେ କାର୍ଯ୍ୟ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ସେହିପରି, ଏସ୍‌ଡିପିଓମାନେ ନିୟମିତ ଭାବେ ଅଧୀନସ୍ଥ ଥାନାଗୁଡ଼ିକ ପରିଦର୍ଶନ କରି ଥାନାର କାର୍ଯ୍ୟପ୍ରଣାଳୀ, ଅପରାଧ ତଦନ୍ତ, ମାମଲାର ଅଗ୍ରଗତି ଓ ପୋଲିସ ସେବା ପ୍ରଦାନ ବ୍ୟବସ୍ଥାର ତଦାରଖ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ। ଅପରାଧ ନିୟନ୍ତ୍ରଣକୁ ଆହୁରି ପ୍ରଭାବଶାଳୀ କରିବା ଦିଗରେ ଅଭ୍ୟାସଗତ ଅପରାଧୀ ଓ ସଂଗଠିତ ଅପରାଧୀଙ୍କ ଗତିବିଧି ଉପରେ ଦୃଢ଼ ପଦକ୍ଷେପ ନେବାକୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ। ବେଆଇନ ଗୋ-ଚାଲାଣ, ବେଆଇନ ଖଣିଜ ଉତ୍ତୋଳନ ଓ ପରିବହନ ରୋକିବା ପାଇଁ ନାକା ଚେକିଂ ଓ ପାଟ୍ରୋଲିଂକୁ ଅଧିକ ସୁଦୃଢ଼ କରିବା ସହ ନିୟମିତ ଚଢ଼ାଉ, ଯାନବାହନ ଯାଞ୍ଚ ଓ ଉଲ୍ଲଂଘନକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି, ସୋସିଆଲ ମିଡିଆରେ ପ୍ରସାରିତ ଗୁଜବ, ଉତ୍ତେଜନାମୂଳକ, ଆପତ୍ତିଜନକ ଓ ବିଭ୍ରାନ୍ତିକର ତଥ୍ୟ ଉପରେ ନିରନ୍ତର ନଜର ରଖିବା ସହ ଏଭଳି ଅପପ୍ରଚାର ପ୍ରୟାସକୁ ମୁକାବିଲା କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ। ଗୁଇନ୍ଦା ସୂଚନା ସଂଗ୍ରହ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରି ସମ୍ଭାବ୍ୟ ଅପରାଧ, ଅପ୍ରୀତିକର ଘଟଣା ଓ ଆଇନ-ଶୃଙ୍ଖଳା ସମ୍ପର୍କିତ ଆଶଙ୍କା ବିଷୟରେ ଆଗୁଆ ସୂଚନା ସଂଗ୍ରହ କରିବା ସହ ସେହି ଅନୁଯାୟୀ ତୁରନ୍ତ ପଦକ୍ଷେପ ନେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ପୋଲିସର କାର୍ଯ୍ୟଦକ୍ଷତା ଆହୁରି ସଶକ୍ତ କରିବା ପାଇଁ ଥାନାଠାରୁ ଆରମ୍ଭ କରି ଜିଲ୍ଲା ଓ ରେଞ୍ଜ ସ୍ତର ପର୍ଯ୍ୟନ୍ତ ସମସ୍ତ ସ୍ତରରେ ଉତ୍ତମ ସମନ୍ୱୟ, ନିୟମିତ ଯୋଗାଯୋଗ ଓ ଟିମ୍‌ୱର୍କ ବଜାୟ ରଖି ନିଷ୍ଠା ଓ ଦାୟିତ୍ୱବୋଧର ସହ କାର୍ଯ୍ୟ ସମ୍ପାଦନ କରିବାକୁ ଡିଜିପି ମିଶ୍ର ପରାମର୍ଶ ଦେଇଥିଲେ। ଉକ୍ତ ବୈଠକରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ପ୍ରତୀକ ମହାନ୍ତି, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଯତୀନ୍ଦ୍ର କୋଏଲ, ଆଇଜିପି (ପର୍ସୋନେଲ) ଏସ୍. ପ୍ରବୀଣ କୁମାର, ଆଇଜିପି (ଏସଟିଏଫ) ହିମାଂଶୁ ଲାଲ, ନିର୍ଦ୍ଦେଶକ(ଏସସିଆରବି) ଅବିନାଶ କୁମାର, ଡିଆଇଜିପି(ଏଚଆରପିସି) ରାଜେଶ ପଣ୍ଡିତ, ଆଇଜିପି (କ୍ରାଇମବ୍ରାଞ୍ଚ) ଡ଼ ସାର୍ଥକ ଷଡଙ୍ଗୀ, ଆଇଜିପି (ପ୍ରୋଭିଜନିଂ) ନୀତି ଶେଖର, ଆଇଜିପି (କେନ୍ଦ୍ରାଞ୍ଚଳ) ଡ଼ ସତ୍ୟଜିତ ନାଏକ, ଡିଆଇଜିପି (ପର୍ସୋନେଲ) ଯୁଗଳ କିଶୋର କୁମାର ବନୋଥକ ସମେତ କେନ୍ଦ୍ରାଞ୍ଚଳ ରେଞ୍ଜ ଅଧୀନସ୍ଥ ଜିଲ୍ଲାର ଏସ୍‌ପିମାନେ ବୈଠକରେ ଯୋଗଦେଇଥିଲେ।

ଜୋନ୍‌ସ୍ତରୀୟ ସମୂହ କ୍ରୀଡା ପ୍ରତିଯୋଗିତା

୧୪ଟି ବିଦ୍ୟାଳୟର ୨୦୬ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣ

ସାହାରପଡା (ଅମୃତ ମିଡ଼ିଆ) : କେନ୍ଦୁଝର ଜିଲ୍ଲା ସାହାରପଡା ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଜୋନ ସ୍ତରୀୟ ସମୂହ କ୍ରୀଡା ପ୍ରତିଯୋଗିତା ୨୦୨୬-୨୭ ଉତ୍ସାହ ଓ ଉଦ୍ଦୀପନାର ସହ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରୀଡା ପ୍ରତିଯୋଗିତାରେ ଜୋନ ଅନ୍ତର୍ଗତ ୧୪ଟି ବିଦ୍ୟାଳୟର ମୋଟ ୨୦୬ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଚଳିତ ପ୍ରତିଯୋଗିତାରେ କବାଡି, ଖୋ-ଖୋ, ଭଲିବଲ ଓ ଫୁଟବଲ ଭଳି ଚାରିଟି ପ୍ରମୁଖ କ୍ରୀଡାକୁ ସାମିଲ କରା ଯାଇଥିଲା। ୧୪ ବର୍ଷରୁ କମ୍ ଏବଂ ୧୭ ବର୍ଷରୁ କମ୍ ବୟସ ବର୍ଗର ବାଳକ ଓ ବାଳିକା ମାନେ ବିଭିନ୍ନ କ୍ରୀଡାରେ ନିଜର କ୍ରୀଡା ପ୍ରତିଭା ପ୍ରଦର୍ଶନ କରିଥିଲେ। ଖେଳ ପଡ଼ିଆରେ ଛାତ୍ରଛାତ୍ରୀଙ୍କ ଉତ୍ସାହ ଓ ପ୍ରତିଯୋଗିତା ମୂଳକ ମନୋଭାବ ବେଶ ଆକର୍ଷଣୀୟ ଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାହାରପଡା ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) କ୍ଷେତ୍ରମୋହନ ହାଁସଦା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ କ୍ରୀଡା ପ୍ରତି ଆଗ୍ରହୀ ହେବା ସହ ଶାରୀରିକ ଓ ମାନସିକ ବିକାଶ ପାଇଁ ଖେଳକୁ ଜୀବନର ଅଭିନ୍ନ ଅଂଶ କରିବାକୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ବେହେରା ଯୋଗଦେଇ କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିବା ବାଳକ ଓ ବାଳିକା ମାନଙ୍କୁ ଉତ୍ସାହିତ କରିଥିଲେ। ଜୋନାଲ ସେକ୍ରେଟାରୀ ସୁଶାନ୍ତ କୁମାର ମହାନ୍ତଙ୍କ ତତ୍ତ୍ୱାବଧାନରେ କ୍ରୀଡା ପ୍ରତିଯୋଗିତା ପରିଚାଳିତ ହୋଇଥିଲା। କ୍ରୀଡା ଶିକ୍ଷକ ଶିବ ପ୍ରସାଦ ମହାନ୍ତ, ଲିଙ୍ଗରାଜ ରାଉତ, କିଶୋର କୁମାର ନାୟକ, ଆଲୋକ ନଳିନୀ ମହାନ୍ତ ଓ ବିମଳିନୀ ମହାନ୍ତ ପ୍ରମୁଖ ସକ୍ରିୟ ସହଯୋଗ କରି କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପନ୍ନ କରିଥିଲେ। ଏହି ଜୋନ ସ୍ତରୀୟ ସମୂହ କ୍ରୀଡା ପ୍ରତିଯୋଗିତା ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରୀଡା ପ୍ରତିଭାର ବିକାଶ ସହ ଶୃଙ୍ଖଳା, ସହଯୋଗିତା ଓ ଭାଇଚାରାର ବାର୍ତ୍ତା ପ୍ରସାର କରିଥିବା ମତ ପ୍ରକାଶ ପାଇଛି।

ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ ବିରୋଧରେ ଜୋରଦାର ଚଢ଼ଉ

ପାରାଦୀପ (ଅମୃତ ମିଡିଆ) : ପାରାଦୀପ ପୌରପାଳିକା ପକ୍ଷରୁ ପାରାଦୀପ ଆଞ୍ଚଳିକ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସହଯୋଗରେ ମଙ୍ଗଳବାର ଦିନ ବଡ଼ପଡ଼ିଆ ମାର୍କେଟ ରେ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ, ପଲିଥିନ, ଥର୍ମୋକଲ, ଡିସ୍ପୋଜେବୁଲ ପ୍ଲାଷ୍ଟିକ ଗ୍ଲାସ ଏବଂ ଅନ୍ୟାନ୍ୟ ନିଷିଦ୍ଧ ସାମଗ୍ରୀର ବ୍ୟବହାର, ବିକ୍ରୟ ଓ ବଣ୍ଟନ ବିରୋଧରେ ଏକ ଜୋରଦାର ପ୍ରବର୍ତ୍ତନମୂଳକ ଚଢ଼ାଉ କରାଯାଇଥିଲା। ଏହି ଅଭିଯାନ ସମୟରେ ନିଷିଦ୍ଧ ପ୍ଲାଷ୍ଟିକ ସାମଗ୍ରୀର ବିତରକ ଓ ଯୋଗାଣକାରୀ ମାନଙ୍କ ଉପରେ ବିଶେଷ ନଜର ଦିଆଯାଇଥିଲା। ଚଢ଼ାଉ ସମୟରେ ବଡ଼ପଡ଼ିଆ ମାର୍କେଟର ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନରୁ ପ୍ରାୟ ୪୫୦ କେଜି ପଲିଥିନ,ଥର୍ମୋକଲ ଓ ଡିସ୍ପୋଜେବୁଲ ପ୍ଲାଷ୍ଟିକ ଗ୍ଲାସ ଜବତ କରାଯାଇଥିଲା। ନିଷିଦ୍ଧ ସାମଗ୍ରୀର ବ୍ୟବହାର ଓ ଯୋଗାଣ କରୁଥିବା ଉଲ୍ଲଙ୍ଘନକାରୀମାନଙ୍କ ଠାରୁ ବିଶେଷକରି ବିତରକ ମାନଙ୍କ ଠାରୁ ୯୬.୫୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଥିଲା। ତେବେ ପରିବେଶ ସୁରକ୍ଷା ନିୟମର କଡାକଡି ପ୍ରବର୍ତ୍ତନ, ସ୍ୱଚ୍ଛତା ବଜାୟ ରଖିବା ଏବଂ ପ୍ଲାଷ୍ଟିକମୁକ୍ତ, ପରିଷ୍କାର ଓ ପରିବେଶ ଅନୁକୂଳ ପାରାଦୀପ ଗଠନ ନିମନ୍ତେ ପୌରପାଳିକା ଓ ଆଞ୍ଚଳିକ ପ୍ରଦୂଷଣ ବୋର୍ଡର ଏହି ଅଭିଯାନ ଉଦ୍ଦିଷ୍ଟ ବୋଲି ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ସୂଚନା ଦେଇଛନ୍ତି।

୨ କୁଇଣ୍ଟାଲ ୩୦ କେଜି ଗଞ୍ଜେଇ ଜବତ : ଜଣେ ଡ୍ରାଇଭର ଗିରଫ

ଫୁଲବାଣୀ (ଅମୃତ ମିଡିଆ) : ଅବକାରୀ ବିଭାଗ ଦ୍ୱାରା ପୃଥକ ସ୍ଥାନରୁ ଦୁଇଟି ଗାଡି ଜବତ କରାଯାଇଥିବା ବେଳେ ଦୁଇ କୁଇଣ୍ଟାଲ ତିରିଶ କେଜି ଗଞ୍ଜେଇ ଜବତ ସହ ଘଟଣାସ୍ଥଳରୁ ଜଣଙ୍କୁ ଗିରଫ କରିଥିବା ବେଳେ ଜଣେ ଗାଡି ଛାଡି ଫେରାର ହୋଇଥିବା ସୂଚନା ମିଳିଛି। ତେବେ ସୂଚନା ଅନୁସାରେ ଅବକାରୀ ସୁପରିଟେଣ୍ଡେ ସୁଶାନୁ କୁମାର ପାଢ଼ା ନିର୍ଦ୍ଦେଶକ୍ରମେ ଅବକାରୀ ଟିମ୍ ରାଣୀପଥର ଘାଟିରେ ପେଟ୍ରୋଲିଙ୍ଗ କରୁଥିବା ବେଳେ ଏକ ଡାଲା ବୋଲେରୋ ମ୍ୟାକ୍ସ ପିକପ୍ ଗାଡ଼ିକୁ ଅଟକାଇଥିଲେ। ଡାଲା ମ୍ୟାକ୍ସ ପିକପ୍ ଗାଡ଼ିରୁ ଅବକାରୀ ଟିମ୍ ଦୁଇ କୁଇଣ୍ଟାଲ ଗଞ୍ଜେଇ ଜବତ କରିଥିବା ବେଳେ ଗଞ୍ଜେଇ ଚାଲାଣ କାରୀ ଗୋଛାପଡା ଥାନା ଅନ୍ତର୍ଗତ କୁନ୍ଦୁଲି ଗ୍ରାମର ଅଶୋକ କହଁରକୁ ଗିରଫ କରିବା ସହ ସେହି ଡାଲା ବୋଲର ମ୍ୟାକ୍ସ ପିକପ୍ ଗାଡ଼ିକୁ ଜବତ କରିଥିଲା । ସେହିପରି ସୁସୁଡୁରୁ କୁମ୍ଭା ପଞ୍ଚାୟତର କ୍ରାଣ୍ଡିମାସ୍କା ନିକଟରୁ ଗାଡିର ଡ୍ରାଇଭର ଅବକାରୀ ବିଭାଗର ପୋଲିସ୍‌କୁ ଦେଖି ରାସ୍ତା ଉପରେ ଗାଡି ଛାଡି ଫେରାର ହୋଯାଇଥିବା ବେଳେ ସେହି କ୍ରେଟା ଗାଡିରୁ ୩୦ କେଜି ଗଞ୍ଜେଇ ସହ ଗାଡି ଜବତ କରିଥିଲେ। ସଦର ଅବକାରୀ ଏବଂ ଆଦର୍ଶ ଅବକାରୀ ଥାନାରେ ଦୁଇଟି ପୃଥକ ପୃଥକ ଗଞ୍ଜେଇ ଚାଲାଣ ସମ୍ପର୍କିତ ମାମଲା କରି ଗିରଫ ଗଞ୍ଜେଇ ଚାଲାଣକାରୀକୁ କୋର୍ଟ ଚାଲାଣ କରାଯାଇଛି। ଅନ୍ୟପଟେ ଗଞ୍ଜେଇ ଚାଲାଣି, ଘଟଣା ନେଇ ସୁପରିଟେଣ୍ଡେଣ୍ଟ ସୁଶାନ୍ତ କୁମାର ପାଢ଼ା ଏକ ସାମ୍ବାଦିକ ସମ୍ମିଳନୀରେରେ ସୂଚନା ଦେଇଛନ୍ତି। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଡେପୁଟି ସୁପରିଟେଣ୍ଡ ପବିତ୍ର ମୋହନ ମାଝୀ, ଅବକାରୀ ସଦର ଇନ୍‌ସପେକ୍ଟର ବିନୋଦ ବାସ୍କେ, ଏସଆଇ ଭକ୍ତ ଚରଣ ସ୍ୱାଇଁ ଉପସ୍ଥିତ ଥିଲେ।

ଦମ୍ପତିଙ୍କ ସହ ୫ ନକ୍ସଲଙ୍କୁ ଦଣ୍ଡାଦେଶ

ରାଇଘର (ଅମୃତ ମିଡିଆ) : ଛତିଶଗଡ଼ ଅନ୍ତର୍ଗତ କାଙ୍କେରର ଅତିରିକ୍ତ ଜିଲ୍ଲା ଓ ସେସନ୍ସ କୋର୍ଟ ପକ୍ଷରୁ ଆଜି ନକ୍ସଲ ଦମ୍ପତିଙ୍କ ସମେତ ୫ ଜଣ ନକ୍ସଲଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ଦେଇଛନ୍ତି। ୨୦୧୫ ମସିହାରେ ସର୍ଚ୍ଚିଂ ପାର୍ଟି ଉପରେ ଆକ୍ରମଣ କରିଥିବା ଅଭିଯୋଗକୁ ନେଇ ଏମାନଙ୍କ ଉପରେ ରହିଥିଲା ମାମଲା। ଏହି ମାମଲାରେ DKSZCM ରେଙ୍କର ନକ୍ସଲ ନେତା ପ୍ରଭାକର ଏବଂ ତାଙ୍କ ପତ୍ନୀ DVCM ରେଙ୍କର ରାଜେ କାଙ୍କେ ସାମିଲ ରହିଛନ୍ତି। କୋର୍ଟ ପ୍ରଭାକର ଓ ରାଜେଙ୍କୁ ୭ ବର୍ଷ ଜେଲ ଦଣ୍ଡ ଏବଂ ଅନ୍ୟ ତିନି ନକ୍ସଲ ଚିଚ୍ଚୁ ରାମ ତପ୍ରାକର, ଶ୍ୟାମନାଥ ଉସେଣ୍ଡି ଏବଂ ରମେଶ କୁମାର କୁମେଟିଙ୍କୁ ୫ବର୍ଷ ଜେଲ ଦଣ୍ଡ ଦେଇଛନ୍ତି। ପ୍ରଭାକରଙ୍କ ମୁଣ୍ଡରେ ୨୫ଲକ୍ଷ ଟଙ୍କାର ପୁରସ୍କାର ଘୋଷିତ ଥିଲା। ପ୍ରକାଶଥାଉ କି ୨୦୧୫ ମସିହାରେ କୋରର ଅଞ୍ଚଳରେ ସର୍ଚ୍ଚିଂରେ ବାହାରିଥିବା ଯବାନଙ୍କ ଉପରେ ନକ୍ସଲମାନେ ଘାତ ଲଗାଇ ଆକ୍ରମଣ କରିଥିଲେ। ଏହି ଘଟଣାରେ ପ୍ରଭାକର, ରାଜେ କାଙ୍କେଙ୍କ ସମେତ ଅନେକ ନକ୍ସଲଙ୍କ ବିରୋଧରେ ପୁଲିସ ମାମଲା ରୁଜୁ କରିଥିଲା। ନକ୍ସଲବାଦ ଶେଷ କରିବାର ଡେଡଲାଇନ୍ ମାର୍ଚ୍ଚ ୨୦୨୬ ଧାର୍ଯ୍ୟ ହୋଇଥିବା ସମୟରେ ୨୦୨୪ ମସିହାରେ ପୁଲିସ ପ୍ରଭାକରଙ୍କୁ ଗିରଫ କରିଥିଲା। କିଛି ସମୟ ପରେ ତାଙ୍କ ପତ୍ନୀ ରାଜେ କାଙ୍କେ ମଧ୍ୟ ଗିରଫ ହୋଇଥିଲେ। ଉଭୟଙ୍କୁ ପଚରାଉଚରା କରିବା ପରେ ପୁଲିସ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ସଂଗ୍ରହ କରି କୋର୍ଟରେ ଦାଖଲ କରିଥିଲା। ନକ୍ସଲ ଦମ୍ପତିଙ୍କ ବିରୋଧରେ ପ୍ରାୟ ୬୦ଟି ମାମଲା ରହିଛି। ୨୦୧୫ର କୋରର ରେ ହୋଇଥିବା ନକ୍ସଲ ହାମଲାରେ ଉଭୟ ନକ୍ସଲ ନେତା ସାମିଲ ଥିବାର ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ପୁଲିସ ପାଇଥିଲା। ସେହି ପ୍ରମାଣ ଆଧାରରେ କୋର୍ଟ ଦଣ୍ଡାଦେଶ ଦେଇଛନ୍ତି ବୋଲି କାଙ୍କେର ଏସ୍‌ପି ନିଖିଲ ରାଖେଚା ପ୍ରକାଶ କରିଛନ୍ତି।

ଏଚ୍‌ଆଇଭି ଓ ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ

ଫୁଲବାଣୀ (ଅମୃତ ମିଡିଆ) : ଜାତୀୟ ଏଡ୍‌ସ ନିୟନ୍ତ୍ରଣ ଅନୁଷ୍ଠାନ ଙ୍କ ଆକଳନ ଅନୁଯାୟୀ ଏଚ୍.ଆଇ.ଭି. ସଂକ୍ରମଣ କୁ କମାଇବାକୁ ହେଲେ ଜନସାଧାରଣ ଙ୍କ ମଧ୍ୟରେ ସଚେତନତା ବଢାଇବାର ଆବଶ୍ୟକତା ଅଛି। ଏଥିପାଇଁ ଅଗଷ୍ଟ ୧୨ ତାରିଖ ଠାରୁ ଅକ୍ଟୋବର ମାସ ୧୨ ତାରିଖ ପର୍ଯ୍ୟନ୍ତ ସାରା ଦେଶରେ ଇନ୍‌ଟସିଫାଏଡ ଆଇ.ସି./ବିସି.ସି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି ଯାହାକି ଅଧିକ ଜନସାଧାରଣଙ୍କୁ ସଂକ୍ରମଣର ମାଧ୍ୟମ ଜଣାଇ ସେଥିରୁ ସତର୍କ ରହି ସଂକ୍ରମଣକୁ ରୋକିବାରେ ସହାୟକ ହେବା ସହିତ ସଂକ୍ରମିତ ବ୍ୟକ୍ତିଙ୍କ ଚିକିତ୍ସା ର ଉପାୟ ବିଷୟରେ ସୂଚନା ପହଞ୍ଚାଇବ। ଏହି ପରିପ୍ରେକ୍ଷୀ ରେ ଓଡିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି, ଭୁବନେଶ୍ୱର ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସ୍ୱାତୀ', କନ୍ଧମାଳଙ୍କ ମିଳିତ ସହଯୋଗ ରେ ଫିରିଙ୍ଗିଆ ପଞ୍ଚାୟତ ମହାବିଦ୍ୟାଳୟ ଠାରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଯେପରି ଅଧିକରୁ ଅଧିକ ଲୋକଙ୍କ ପାଖରେ ସଚେତନତା ବାର୍ତ୍ତା ପହଞ୍ଚାଯାଇପାରିବ ଏବଂ ଏଚ୍‌ଆଇଭି ସଂକ୍ରମଣକୁ ରୋକାଯାଇପାରିବ। କାର୍ଯ୍ୟକ୍ରମରେ କନ୍ଧମାଳ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ରମେନ୍ଦ୍ର ପ୍ରସାଦ ମୁଖ୍ୟଅତିଥି ଭାବେ ଯୋଗଦେଇ ସଙ୍କ୍ରମଣକୁ ରୋକିବାକୁ ହେଲେ ଜନସଚେତନତା ସହିତ ସଂଯମୀ ଜୀବନ ଯାପନ ଆବଶ୍ୟକ ବୋଲି କହିଥିଲେ । ତତ୍ ସହିତ ପସ୍କୋ ଆଇନ ସମ୍ପର୍କରେ ଛାତ୍ର ଛାତ୍ରୀ ମାନଙ୍କୁ ସଚେତନତା ବାର୍ତ୍ତା ଦେଇଥିଲେ। ସ୍ୱାତୀ ସମ୍ପାଦକ ହରି ଶଙ୍କର ରାଉତଙ୍କ ତତ୍ୱାବଧାନ ରେ ଆୟୋଜିତ କାର୍ଯ୍ୟକ୍ରମରେ ଫ

ପ୍ରଶାସନର ସହମତି ପରେ ରିଲେ ଅନଶନ ସ୍ଥଗିତ ରଖିଲା ଶ୍ରମିକ କଂଗ୍ରେସ

ଜଟଣୀ (ଅମୃତ ମିଡିଆ) : ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସ ପୂର୍ବତଟ ମୁଖ୍ୟ କାର୍ଯ୍ୟାଳୟ କର୍ମଚାରୀ ମାନଙ୍କପରିବାର ପାଇଁ ଯୋଗାଇ ଦିଆଯାଉଥିବା କ୍ୱାର୍ଟର ଗୁଡିକ ମରାମତି ପ୍ରତି ହେଉଥିବା ଚରମ ଅବହେଳା ଓ ଖାମ ଖିଆଲ ନୀତି ବିରୋଧରେ ସେପ୍ଟେମ୍ବର ସାତ ତାରିଖକୁ ରିଲେ ଅନଶନ ପାଇଁ ଦିନ ଧାର୍ଯ୍ୟ କରାଯାଇଥିଲା। ବିଭିର୍ନ ମହଲରୁ ନିନ୍ଦା କରାଯିବାରୁ ପ୍ରଶାସନର ଡାକରାରେ ଶ୍ରମିକ କଂଗ୍ରେସର ଏକ ପ୍ରତିନିଧି ମଣ୍ଡଳୀ ସହିତ ଅଫିସ ସଭା ଗୃହରେ ଏକ ସ୍ଥାୟୀ ବୁଝାମଣା ସଭା ଆୟୋଜନ କରାଯାଇଥିଲା। ଏହି ବୈଠକରେ ଖୋର୍ଦ୍ଧାରୋଡ ମଣ୍ଡଳର ଅତିରିକ୍ତ ମଣ୍ଡଳ ପ୍ରଭନ୍ଧକ (ଇମଫ୍ରା) ରାଜଧାରୀ ଯାଦବ, ସିନିଅ ଏକେ ସାମଲ ସିପିଓ ଅଞ୍ଜନ ରାୟ, ବରିଷ୍ଠ ମଣ୍ଡଳ ଯନ୍ତ୍ରୀ କେ ସି ଗୌଡ଼, ଅତିରିକ୍ତ ଯନ୍ତ୍ରୀ ଏଲ କେ ମଙ୍ଗରାଜ ସହିତ ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସର ଜେନେରାଲ ସେକ୍ରେଟାରୀ ରମେଶ ଚନ୍ଦ୍ର ସାହୁ, ଯୁଗ୍ମ ସମ୍ପାଦକ ଭଗବାନ ପଣ୍ଡା, ସଞ୍ଜୟ ଦାସ, ଶ୍ରୀଧର ନାୟକ, ସୁଶାନ୍ତ ସାହାଣୀ ସମେତ ଅନ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ। ଏହି ବୈଠକ ରେ ରେଳବାଇ କ୍ୱାର୍ଟର୍ସର ରକ୍ଷଣାବେକ୍ଷଣ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିମାନ ଗ୍ରହଣ କରାଯାଇଛି: ଜଳ ଓଭରଫ୍ଲୋ ଯୋଗୁଁ କାନ୍ଥରେ ସିପେଜ୍ ଏବଂ ଛାତରେ ପାଣି ଲିକ୍ ହେବାର ସମସ୍ୟା ସୃଷ୍ଟି ହେଉଛି ତୁରନ୍ତ ମରାମତି, ଅତ୍ୟଧିକ ଭରିଯାଇଥିବା ସ୍ୱେରେଜ୍ ଟାଙ୍କଗୁଡ଼ିକୁ ମେସିନ୍ ମାଧ୍ୟମରେ ସଫା କରାଯିବା, ରେଳବାଇ କ୍ୱାର୍ଟର୍ସର ରକ୍ଷଣାବେକ୍ଷଣ ପାଇଁ ପୃଥକ ଅର୍ଥ ଏବଂ ପୃଥକ କାର୍ଯ୍ୟାଦେଶ ଜାରିକରିବା, କ୍ୱାର୍ଟର୍ସ ମେଣ୍ଟେନାନ୍ସ ଫଣ୍ଡରୁ ଗୋଟିଏ ଟଙ୍କା ମଧ୍ୟ ସର୍ଭିସ ବିଲଡିଂ ପାଇଁ ବ୍ୟବହାର କୁ ଆଜିଠାରୁ ସମ୍ପୂର୍ଣ୍ଣ ବନ୍ଦ କରିବା। ସମସ୍ତ କ୍ୱାର୍ଟର୍ସର ସର୍ଭେ କରାଯାଇ ତିନୋଟି ଶ୍ରେଣୀରେ ବିଭକ୍ତ କରିବା, ପ୍ରଥମେ ଗୋଟିଏ ବ୍ଲକ୍‌କୁ ନିଆଯାଇ ସେଠାରେ ସମସ୍ତ ଆବଶ୍ୟକ ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଦ୍ୱାରା ସେହି ବ୍ଲକ୍‌ରେ ଅତିକମରେ ଆଗାମୀ ୨ବର୍ଷ ପର୍ଯ୍ୟନ୍ତ କୌଣସି ବଡ଼ ମରାମତି ଆବଶ୍ୟକତା ନପଡିବା, ଛାତରୁ ପାଣି ଲିକ୍ ହେବା ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଅତ୍ୟାଧୁନିକ ମରାମତି କାର୍ଯ୍ୟ ଖୁବଶୀଘ୍ର ଆରମ୍ଭ କରିବା, ଲକ୍ଷ୍ୟ ରଖାଯାଇଥିବା ସମସ୍ତ କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ଖୁବଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ପ୍ରଶାସନ ପକ୍ଷରୁ ନିଶ୍ଚିତତା ପ୍ରକାଶ ପାଇଛି। ରକ୍ଷଣାବେକ୍ଷଣ କାର୍ଯ୍ୟର ଗୁଣବତ୍ତା ବୃଦ୍ଧି ପାଇଁ ଉପଯୁକ୍ତ ଓ ନିୟମିତ ସୁପରଭିଜନ୍ ବ୍ୟବସ୍ଥା କରାଯିବ, ବୈଠକରେ ଏହା ମଧ୍ୟ ନିଷ୍ପତ୍ତି ନିଆଯାଇଛି ଯେ, ସମ୍ପୃକ୍ତ ସମସ୍ତ ବିଭାଗକୁ ଏକ ପରାମର୍ଶ କମିଟି ଜାରି କରାଯିବ, ଯାହା ମାଧ୍ୟମରେ ପରିତ୍ୟକ୍ତ ଏଫ ଟାଇପ ରେଳବାଇ କ୍ୱାର୍ଟରରେ ବର୍ତ୍ତମାନ ବସବାସ କରୁଥିବା କର୍ମଚାରୀମାନଙ୍କୁ ସେମାନଙ୍କ ସୁରକ୍ଷା ଓ କଲ୍ୟାଣକୁ ଦୃଷ୍ଟିରେ ରଖି, ଉପଲବ୍ଧ ଥିବା ଯେକୌଣସି ପ୍ରକାରର ଖାଲି ରେଳବାଇ କ୍ୱାର୍ଟରକୁ ସାମୟିକ ଭାବେ ଆବଣ୍ଟନ କରାଯିବ। ଏପରି ସାମୟିକ ଆବଣ୍ଟନ କରିବାରେ କୌଣସି ଅସୁବିଧା କିମ୍ବା ସମସ୍ୟା ଉପୁଜିଲେ ଆବଶ୍ୟକ ହସ୍ତକ୍ଷେପ ଓ ଉପଯୁକ୍ତ ପଦକ୍ଷେପ ନିମନ୍ତେ ଖୋର୍ଦ୍ଧାରୋଡ ଏଡିଆରଏମଙ୍କ ଦ୍ୱାରା ଏହି ବିଷୟଟି ଏସଡବ୍ଲିଏମଙ୍କ ଦୃଷ୍ଟିକୁ ଆଣାଯିବା ପାଇଁ ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା। ଏକ ସପ୍ତାହ ମଧ୍ୟରେ ସମସ୍ତ ପ୍ରମୁଖ ସମସ୍ୟା ସମାଧାନ ନିମନ୍ତେ ସିଦ୍ଧାନ୍ତ ଗ୍ରହଣ କରାଯାଇଥିବା ମିଡିଆସେଲ ମୁଖ୍ୟ ଏଲ ଡି ମହାନ୍ତି ସୂଚନା ଦେଇଛନ୍ତି।

ଓଏମ୍‌ଭିଡି କନଷ୍ଟେବଳ ଆଶୁତୋଷ ହତ୍ୟା ମାମଲା

କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଲେ ହାଇକୋର୍ଟ

କଟକ (ବ୍ୟୁରୋ) : ଓଏମଭିଡ଼ି କନଷ୍ଟେବଳ ବ୍ରହ୍ମପୁରର ଆଶୁତୋଷ ମୃଦଙ୍ଗିଆ ହତ୍ୟା ମାମଲାର ତଦନ୍ତ କରିବ କ୍ରାଇମବ୍ରାଞ୍ଚ। ଓଡ଼ିଶା ହାଇକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି । ଗତକାଲି (ସୋମବାର) ଏହି ମାମଲର ଶୁଣାଣି ସମୟରେ ହାଇକୋର୍ଟ ପୋଲିସର ତଦନ୍ତ ପ୍ରକ୍ରିୟାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ମାମଲାର ନିରପେକ୍ଷ ତଦନ୍ତ ପାଇଁ ହାଇକୋର୍ଟ କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେବା ପରେ, କ୍ରାଇମବ୍ରାଞ୍ଚ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ବ୍ରହ୍ମପୁର ପୋଲିସର ତଦନ୍ତରେ ଅସନ୍ତୋଷ ପ୍ରକାଶ କରି ଆଶୁତୋଷଙ୍କ ଭଉଣୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆଶୁତୋଷଙ୍କର ଦୁଇ ଥର ମୃତ୍ୟୁକାଳୀନ ଜମାନବନ୍ଦୀ ରେକର୍ଡ ହୋଇଥିଲା। ପତ୍ନୀ ସନ୍ଧ୍ୟା ନାୟକ ଓ ଶଳା ମିଶି ଯୋଜନାବଦ୍ଧ ଭାବେ ହତ୍ୟା କରିଥିବା ସେ ଅଭିଯୋଗ କରିଥିଲେ। ତେବେ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ କ୍ରାଇମବ୍ରାଞ୍ଚ ତଦନ୍ତ ସମ୍ପର୍କରେ ନିଜର ପ୍ରତିକ୍ରିୟା ରଖିଛନ୍ତି କନଷ୍ଟେବଳ ଆଶୁତୋଷ ମୃଦଙ୍ଗିଆଙ୍କ ସାନ ଭଉଣୀ ନିବେଦିତା ଦେବୁ। ସେ ଘଟଣାକୁ ତିନି ମାସ ବିତି ଯାଇଥିଲେ ସୁଦ୍ଧା ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବାରୁ କ୍ଷୋଭ ପ୍ରକାଶ କରିଛନ୍ତି। ନିବେଦିତା କହିଛନ୍ତି, 'ମୃତ୍ୟୁ କାଳୀନ ଜମାନବନ୍ଦୀରେ ପତ୍ନୀ ଏବଂ ଶଳା ହତ୍ୟା କରିଥିବା ଭାଇ କହିଥିଲେ ମଧ୍ୟ ତଦନ୍ତକାରୀ ପୋଲିସ ଅଧିକାରୀ କାହାରିକୁ ଗିରଫ କରିନଥିଲା। କ୍ରାଇମବ୍ରାଞ୍ଚକୁ ତଦନ୍ତ ଦିଆଯିବା ପରେ ଆଶା ଅଛି ନ୍ୟାୟ ମିଳିବ।' ଆଶୁତୋଷ ମୃଦଙ୍ଗିଆଙ୍କର ଗତ ଜୁନ ୧୨ ତାରିଖରେ ମୃତ୍ୟୁ ଘଟିଥିଲା । ପୋଡ଼ି ହୋଇ ୭ ଦିନ ଧରି ଭୁବନେଶ୍ୱର ଇଓଓଗଝରେ ସେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ ଆଶୁତୋଷଙ୍କ ଶରୀରର ୮୦ ପ୍ରତିଶତରୁ ଅଧିକ ଭାଗ ନିଆଁରେ ପୋଡ଼ି ଯାଇଥିଲା। ଯାହାକୁ ନେଇ ପ୍ରଥମେ ତାଙ୍କୁ ବ୍ରହ୍ମପୁର ଏମକେସିଜି ଏବଂ ପରେ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ଇଓଓଗଝକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଆଶୁତୋଷ ଆଖି ବୁଜିଥିଲେ। ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ୨୦୨୬ ଜୁନ ୫ ତାରିଖ ସନ୍ଧ୍ୟାରେ ଆଶୁତୋଷ, କନେଷ୍ଟବଳ ପତ୍ନୀ ସନ୍ଧ୍ୟା ନାୟକଙ୍କ ବ୍ରହ୍ମପୁର ବିଜିପୁର କ୍ୱାର୍ଟରକୁ ଯାଇଥିଲେ। ସେଠାରେ ତାଙ୍କୁ ପତ୍ନୀ ଓ ଶଳା ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିବା ଆଶୁତୋଷ ମୃତ୍ୟୁକାଳୀନ ଜମାନବନ୍ଦୀରେ କହିଥିଲେ। ସୂଚନାଯୋଗ୍ୟ; ଆଶୁତୋଷଙ୍କର ଦୁଇ ଥର ମୃତ୍ୟୁକାଳୀନ ଜମାନବନ୍ଦୀ ରେକର୍ଡ ହୋଇଥିଲା। ପରେ ପୋଲିସ ବିଭିନ୍ନ ଦିଗରୁ ତଦନ୍ତ କରିବା ସହ ଆଶୁତୋଷଙ୍କ ପତ୍ନୀ ସନ୍ଧ୍ୟା ନାୟକ ଓ ତାଙ୍କ ଭାଇ ନାଁରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

ତେଣ୍ଡରାରେ ବିକାଶ କାର୍ଯ୍ୟର ସମୀକ୍ଷା

ଦିଗିପଣିରେ ଅସମ୍ପୂର୍ଣ୍ଣ ଆବାସ ଗୃହ ପରିଦର୍ଶନ

ସାହାରପଡା (ଅମୃତ ମିଡ଼ିଆ) : କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମ ପଞ୍ଚାୟତରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟର ତଦାରଖ ଓ ସମୀକ୍ଷା କରିଛି ବ୍ଲକ ପ୍ରଶାସନ। ଏହି ପରିପ୍ରେକ୍ଷୀରେ ସାହାରପଡା ବ୍ଲକ ଉନ୍ନୟନ ଅଧିକାରୀ ରଣଜିତ କୁମାର ମହାନ୍ତ ତେଣ୍ଡରା ଗ୍ରାମ ପଞ୍ଚାୟତ ପରିଦର୍ଶନ କରି ବିଭିନ୍ନ ବିକାଶମୂଳକ କାର୍ଯ୍ୟର ସରଜମିନ ସମୀକ୍ଷା କରିଛନ୍ତି। ପରିଦର୍ଶନ ସମୟରେ ଚାଲିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟର ଅଗ୍ରଗତି, ଗୁଣବତ୍ତା ଓ ସମୟାନୁସାରେ କାର୍ଯ୍ୟ ସମ୍ପାଦନ ଉପରେ ଗୁରୁତ୍ୱ ଦିଆ ଯାଇଥିଲା। ଏହି ସମୟରେ ସହକାରୀ ଯନ୍ତ୍ରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ସହକାରୀ ଉନ୍ନୟନ ଅଧିକାରୀ ଏବଂ ତେଣ୍ଡରା ଗ୍ରାମ ପଞ୍ଚାୟତର ସରପଞ୍ଚ ଉପସ୍ଥିତ ଥିଲେ। ସେହିପରି ସାହାରପଡା ବ୍ଲକ ଅନ୍ତର୍ଗତ ଦିଗିପଣି ଗ୍ରାମ ପଞ୍ଚାୟତରେ ଅସମ୍ପୂର୍ଣ୍ଣ ରହିଥିବା ଆବାସ ଗୃହ ଗୁଡ଼ିକୁ ସହକାରୀ ବ୍ଲକ ଉନ୍ନୟନ ଅଧିକାରୀ ରଶ୍ମିରେଖା ମହାନ୍ତି ପରିଦର୍ଶନ କରିଛନ୍ତି। ଆବାସ ଗୃହ ଗୁଡ଼ିକର ବର୍ତ୍ତମାନ ସ୍ଥିତି ଅନୁଧ୍ୟାନ କରି ଅସମ୍ପୂର୍ଣ୍ଣ କାର୍ଯ୍ୟ ଗୁଡ଼ିକୁ ଯଥାଶୀଘ୍ର ଶେଷ କରିବା ପାଇଁ ସମ୍ପୃକ୍ତ ହିତାଧିକାରୀ ଓ କର୍ମଚାରୀଙ୍କୁ ଆବଶ୍ୟକ ପରାମର୍ଶ ଓ ନିର୍ଦ୍ଦେଶ ଦିଆଯାଇଛି। ଏହି ପରିଦର୍ଶନ ସମୟରେ ବ୍ଲକ ପ୍ରକଳ୍ପ ସମନ୍ୱୟକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ସହକାରୀ ଉନ୍ନୟନ ଅଧିକାରୀ ଉପସ୍ଥିତ ଥିଲେ। ଅସମ୍ପୂର୍ଣ୍ଣ ଆବାସ ଗୃହ ଗୁଡ଼ିକର ନିର୍ମାଣ କାର୍ଯ୍ୟକୁ ପ୍ରାଥମିକତା ଭିତ୍ତିରେ ଶେଷ କରି ଯୋଗ୍ୟ ହିତାଧିକାରୀ ମାନେ ଶୀଘ୍ର ନିଜସ୍ୱ ଘରର ସୁବିଧା ପାଇ ପାରିବେ, ସେଥିପ୍ରତି ବ୍ଲକ ପ୍ରଶାସନ ଗୁରୁତ୍ୱ ଦେଇଛି। ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଓ ଆବାସ ଯୋଜନାର କାର୍ଯ୍ୟ ଶୀଘ୍ର ଓ ଗୁଣାତ୍ମକ ଭାବେ ସମ୍ପାଦନ ପାଇଁ ନିରନ୍ତର ତଦାରଖ ଜାରି ରହିଛି।

ପିଏମଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ସଂକୁଳସ୍ତରୀୟ 'ଆର୍ଟ ଇନ୍ ଏଜୁକେସନ'

କୁଜଙ୍ଗ (ଅମୃତ ମିଡିଆ) : ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ସାଇଲୋ ଗ୍ରାମପଞ୍ଚାୟତ, ରାହାମା ରେ ଥିବା କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ପିଏମଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ସେପ୍ଟେମ୍ବର ୦୭ ଏବଂ ୦୮ ତାରିଖ ଦିନ ସଂକୁଳ ସ୍ତରୀୟ ଆର୍ଟ ଅଫ ଏଜୁକେସନ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କଟକ ସଙ୍କୁଳର ୧୬ ଟି ଜିଲା ର ନବୋଦୟ ବିଦ୍ୟାଳୟ ମାନଙ୍କରୁ ପ୍ରତିଭଓଗୀମାନେ ସଂଗୀତ, ବାଦ୍ୟ,ଦୃଶ୍ୟ କଳା ଏବଂ ଗଳ୍ପ କଥନ ଆଦି ବିଭାଗରେ ଅଂଶ ଗ୍ରହଣ କରିଛନ୍ତି ଉକ୍ତ କାର୍ଯ୍ୟକ୍ରମକୁ ବାଲିକୁଦାର ତହସିଲଦାର ବିକାଶ ରଞ୍ଜନ ସାହୁ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ଯଜ୍ଞେଶ୍ୱର ବୋରା, ଅଧକ୍ଷ, ଦିଲ୍ଲୀ ପବ୍ଲିକ ସ୍କୁଲ, ପାରାଦୀପ, ପଙ୍କଜ ବର୍ଦ୍ଧନିଆ, ଅଧକ୍ଷ, କେନ୍ଦ୍ରୀୟ ବିଦ୍ୟାଳୟ, ପାରାଦୀପ ଏବଂ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ ସମାଜସେବୀ ଡ଼କ୍ଟର ସୁନାକର ବେହେରା ଯୋଗ ଦେଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଅର୍ଘ୍ୟ ପ୍ରଦାନ ସହ ଆନୁଷ୍ଠାନିକ ଭାବେ ପ୍ରଦ୍ୱୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭଓରମ୍ଭ କରିଥିଲେ। ପ୍ରାରମ୍ଭରେ ସ୍ୱାଗତକୋଚ୍ଚର ହିନ୍ଦୀ ଶିକ୍ଷକ ଶ୍ରୀ ସିମାଞ୍ଚଳ ଗୌଡ଼ ଅତିଥି ପରିଚୟ ପ୍ରଦାନ କରିଥିଲେ ବିଦ୍ୟାଳୟ ତରଫରୁ ମଞ୍ଚାସିନ ବରଣ୍ୟ ଅତିଥି ମାନଙ୍କୁ ଉତ୍ତରୀୟ, ପୁଷ୍ପ ଗୁଚ୍ଛ ଓ ଉପଢୌକନ ପ୍ରଦାନ ସହ ସମ୍ମାନୀତ କରାଯାଇଥିଲା। ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାୟନ କରିଯାଇଥିଲା। ବିଦ୍ୟାଳୟର ଅଧକ୍ଷ ଶ୍ରୀକୃଷ୍ଣ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଅତିଥିମାନେ ତାଙ୍କ ଅଭିଭାଷଣରେ ଛାତ୍ରଛାତ୍ରୀଙ୍କ ପାଇଁ କଳା ଏବଂ ସଂଗୀତର ମହତ୍ୱ ବିଷୟରେ ଆଲୋକପାତ କରିଥିଲେ। ଏକକ ଗାୟନ,ଏକକ ବାଦନ, ସମୂହ ବାଦନ, ଅର୍କେଷ୍ଟ୍ରା ବିଭାଗରେ ନିର୍ଦ୍ଦେଶାନୁସାରେ ସଂଗୀତ ଶିକ୍ଷିକା ପଦ୍ମଜା ବେହେରାଙ୍କ ତତ୍ୱାବଧାନରେ ଚାରି ଜଣ ବିଚାରକ ଯଥା ଭୀମସେନ ସାହୁ , ପ୍ରଶାନ୍ତ କୁମାର ସାମଲ, ସମରେନ୍ଦ୍ର ନାୟକ ଏବଂ ପୃଥ୍ୱୀରାଜ ପଣ୍ଡାଙ୍କ ଦ୍ୱାରା ମୂଲ୍ୟାଙ୍କନ କରାଯାଇଥିଲା ଓ ଦୃଶ୍ୟକଳା ବିଭାଗରେ ଚିତ୍ରକଳା, ଭାସ୍କର୍ଯ୍ୟ ଏବଂ ସ୍ୱଦେଶୀୟ ଖେଳନା ଆଦି ବିଭାଗରେ କଳା ଶିକ୍ଷକ ସୁଧୀରଞ୍ଜନ ମହାପାତ୍ରଙ୍କ ତତ୍ୱାବଧାନରେ ତିନି ଜଣ ବିଚାରକ ଯଥା ରାଜେନ୍ଦ୍ରନାରାୟଣ ସାହୁ, ସ୍ମିତପ୍ରଜ୍ଞ ସ୍ୱାଇଁ ଏବଂ ବିଭୁ ପ୍ରସାଦ ଓଝାଙ୍କ ସହଯୋଗରେ ସୂଚାରୁରୂପେ ମୂଲ୍ୟାଙ୍କନ କରଓଯାଇଥିଲା। ଠିକ ସେହିପରି ଗଳ୍ପ କଥନ ପ୍ରତିଯୋଗିତା ଇଂରାଜୀ ଶିକ୍ଷକ ଦିଗନ୍ତ ପଟ୍ଟନାୟକଙ୍କ ତତ୍ୱାବଧାନରେ ବିଚାରକ ଭାଭେ ସମାଜସେବୀ ଡ଼କ୍ଟର ସୁନାକର ବେହେରା ଏବଂ ନିମନ୍ତ୍ରିତ ଦୁଇ ଅଧକ୍ଷ ଯଥା କେ.ଭି ଏବଂ ଡିପିଏସ ପାରାଦୀପଙ୍କ ଦ୍ୱାରା ମୂଲ୍ୟାଙ୍କନ କରାଯାଇଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟ ଦିନର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ନବ କାକଳୀ ପତ୍ରିକାର ସମ୍ପାଦକ ସୁରେନ୍ଦ୍ରନାଥ ତ୍ରିପାଠୀ ମୁଖ୍ୟ ଅତିଥିରୂପେ ତଥା ସମ୍ମାନିତ ଅତିଥି ଭାବେ ତାଙ୍କର ଧର୍ମପତ୍ନୀ ମନୋରମଓ ତ୍ରିପାଠୀ ଏବଂ ସମାଜସେବୀ ଡ଼କ୍ଟର ସୁନାକର ବେହେରା ଯୋଗ ଦେଇଥିଲେ। ଉଦଯାପନୀ ଉତ୍ସବର ପ୍ରାରମ୍ଭରେ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥିଗଣ ପ୍ରଦ୍ୱୀପ ପ୍ରଜ୍ୱଳନ କରି କାର୍ଯ୍ୟଓରମ୍ଭ କରିଥିଲେ ଏବଂ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥି ତାଙ୍କ ଅଭିଭାଷଣରେ ସଂଗୀତ, କଳା ଓ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଦର୍ଶିତ ଚିତ୍ରକଳା ପ୍ରଦର୍ଶନୀ ଓ ବିଜ୍ଞାନ ମେଳାର ମହତ୍ୱ ବିଷୟରେ ଆଲୋକପାତ କରିବା ସହିତ ପ୍ରତିଯୋଗୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଉଦଯାପନୀ ଉତ୍ସବର ସନ୍ଧ୍ୟାରେ ଏକ କବି ସମ୍ମିଳନୀ ଆୟୋଜିତ କରାଯାଇଥିଲା। କବିମାନେ ତାଙ୍କର ହିନ୍ଦୀ କବିତା ଆବୃତ୍ତି କରିଥିଲେ ଯାହା ସମସ୍ତଙ୍କ ମନକୁ ଛୁଇଁଥିଲା କାର୍ଯ୍ୟକ୍ରମର ସଫଳ ସଂଚାଳନ ପଝଓତ ବିଦ୍ୟାଳୟର ଉପଧ୍ୟକ୍ଷ ଜୟନ୍ତ କୁମାର ପାଣି ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମର ସଫଳ ସଂଚାଳନ ହେତୁ ସମସ୍ତ ଶିକ୍ଷକ ଏବଂ ଅଣଶିକ୍ଷକ କର୍ମଚାରୀ ରାମହରି ଶିଆଳ, ଅଙ୍କୁରବାଳା ବଳ, କବିତା ଜେନା, ଅନାମିକା ଦାସ, ପ୍ରଶାନ୍ତ ନାୟକ, ଉଗ୍ରସେନ ନାୟକ, କୌଶଲ୍ୟା ବେହେରା, ସତ୍ୟଭାମା ସ୍ୱାଇଁ, ସତ୍ୟବତୀ ପ୍ରଧାନ, ନିନାଦ ପଟ୍ଟନାୟକ, ଦୀପକ ପଣ୍ଡା, ଅଂଶୁମାନ ମହାନ୍ତି, ରାଜେନ୍ଦ୍ର ସାହୁ, ସୁବ୍ରତ ସାମଲ, ମାନସ ପ୍ରଧାନ, ବିବେକ ପତି, ନିତ୍ୟାନନ୍ଦ ସୋରେନ, ସତ୍ୟ ପ୍ରକାଶ ବରାଳ, ବିଚିତ୍ରା ରାଉତ, ଭବାନୀଶଙ୍କର ସାହୁ ,ଆଦିତ୍ୟ ମହତ, ମିନାକ୍ଷୀ ବାରିକ ରବିନାରାୟଣ ଦେହୁରୀ, ଦୀପକ ତିୱାରୀ, ଚିତ୍ତରଞ୍ଜନ ବେହେରା ଆଦି ସହଯୋଗର ହାତ ବଢାଇଥିଲେ।

ଶ୍ରୀସତ୍ୟସାଇ ସଂଗଠନର ବାର୍ଷିକ ଉତ୍ସବ ପାଳିତ

ଚିଲିକା (ଅମୃତ ମିଡିଆ) : ଚିଲିକା ବ୍ଲକ ଅନ୍ତର୍ଗତ ବଉଳାବନ୍ଧ ଗ୍ରାମଠାରେ ଚଳିତ ବର୍ଷ ଶ୍ରୀ ସତ୍ୟସାଇ ଭଜନ କେନ୍ଦ୍ରର ଦ୍ୱିତୀୟ ବାର୍ଷିକୀ ଉତ୍ସବ ପାଳିତ ହୋଇଯାଇଅଛି। ଏହି ଉପଲକ୍ଷେ ଏକ ଭଜନ ଓ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସାଇ ଆଶ୍ରିତମାନଙ୍କ ଦ୍ୱାରା ବାବାଙ୍କ ଉଦ୍ଦେଶ୍ୟରେ ଭଜନ ଗାନ କରାଯାଇଥିଲା। ଏହାପରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ସାଇ ସଂଗଠନର ସଭାପତି ବ୍ରଜସୁନ୍ଦର ମିଶ୍ର, ଅବିଭକ୍ତ ପୁରୀ ଜିଲ୍ଲା ପାଲାଗାୟକ ପରିଷଦର ସ୍ଥାୟୀ ସଭାପତି ଦକ୍ଷିଣ କେଶରୀ ରାମଚନ୍ଦ୍ର କର, ବାଣପୁର ସମିତି ଆବାହକ ବିଭୁତି ଭୂଷଣ ଘଡେଇ ଓ ନାତୁଣୀ ଭଜନ ମଣ୍ଡଳୀର ଆବାହକ ଦିଲ୍ଲୀପ କୁମାର ଶତପଥୀ ପ୍ରମୁଖ ଯୋଗ ଦେଇ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କର ଜୀବନୀ ଓ ମାନବ ସମାଜ ପାଇଁ ବାର୍ତ୍ତା ଉପରେ ଆଲୋକପାତ କରିବା ସହ ମାନବୀୟ ମୂଲ୍ୟବୋଧ ଭିତ୍ତିକ ଜୀବନ ଗଠନ, ମାନବ ସେବା ହିଁ ଜୀବନର ସର୍ବଶ୍ରେଷ୍ଠ ଲକ୍ଷ୍ୟ ବୋଲି ସତ୍ୟସାଇ ବାବା ତାଙ୍କ ଜୀବନରେ ଏସବୁ କିଭଳି ସୁନ୍ଦର ଦୃଷ୍ଟାନ୍ତ ଭାବେ ପାଳନ କରିଛନ୍ତି ସେ ଉପରେ ବକ୍ତାମାନେ ନିଜର ବକ୍ତବ୍ୟ ରଖିଥିଲେ। ଉକ୍ତ

୩୨ତମ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବର ଚତୁର୍ଥ ସନ୍ଧ୍ୟା
ଭାରତନାଟ୍ୟମ୍ ନୃତ୍ୟ ଓ ଯୁଗଳ ବଂଶୀ ବାଦନର ସମନ୍ୱୟରେ ଦର୍ଶକ ବିଭୋର

ଭୁବନେଶ୍ୱର (ବ୍ୟୁରୋ) : ସୃଜନ-ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟବାସ, ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ, କଟକ ସହଯୋଗରେ ଆୟୋଜିତ ୩୨ତମ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବର ଚତୁର୍ଥ ସନ୍ଧ୍ୟାରେ ଭାରତନାଟ୍ୟମ୍ ନୃତ୍ୟ ଓ ଯୁଗଳ ବଂଶୀ ବାଦନରେ ଦର୍ଶକ ମନ୍ତ୍ରମୁଗ୍ଧ। ସନ୍ଧ୍ୟାର ସମ୍ମାନନୀୟ ଅତିଥି ଭାବେ ବିଶିଷ୍ଟ ଓଡିଶୀ ନୃତ୍ୟାଙ୍ଗନା ଗୁରୁ ସ୍ନେହପ୍ରଭା ସାମନ୍ତରାୟ, ବିଶିଷ୍ଟ ମର୍ଦ୍ଦଳ ବାଦକ ଗୁରୁ ସଚ୍ଚିଦାନନ୍ଦ ଦାସ ଏବଂ ପୂର୍ବତନ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫଙ୍କୱାଲ ଏବଂ ସୃଜନର ନିର୍ଦ୍ଦେଶକ ତଥା ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କଳା, ଯୋଗାଯୋଗ ଓ ଇଣ୍ଡିକ୍ ଷ୍ଟଡିଜ୍ ବିଭାଗର ଡିନ୍ ଗୁରୁ ରତିକାନ୍ତ ମହାପାତ୍ର ଉପସ୍ଥିତ ରହି ଶୁଭ ପ୍ରଦୀପ ପ୍ରଜ୍ୱଳନ ମାଧ୍ୟମରେ କାର୍ଯ୍ୟକ୍ରମର ଔପଚାରିକ ଆରମ୍ଭ କରିଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ, ବିଶିଷ୍ଟ ଭାରତନାଟ୍ୟମ୍ ନୃତ୍ୟଶିଳ୍ପୀ ଡ. ଜାନକୀ ରଙ୍ଗରାଜନ ତାଙ୍କର ସ୍ୱତନ୍ତ୍ର ବ୍ୟକ୍ତିତ୍ୱ, ସଠିକ୍ ଗତିବିଧି ଏବଂ ପରିମାର୍ଜିତ ଅଭିନୟରେ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ମାଧବୀ ଚନ୍ଦ୍ରଶେଖର ଏବଂ ଡ. ପଦ୍ମା ସୁବ୍ରହ୍ମଣ୍ୟମଙ୍କ ଶିଷ୍ୟା ଡ. ରଙ୍ଗରାଜନ ମହାରାଜା ସ୍ୱାତୀ ତିରୁନାଳଙ୍କ ପ୍ରସିଦ୍ଧ ଏବଂ ଅନନ୍ୟ ପଦ ବର୍ଣ୍ଣମ ସାମି ନିନ୍ନେକୁ ରାଗ ଯଦୁକୁଳକାମ୍ବୋଜିରେ ଆଦି ତାଳରେ ପରିବେଷଣ କରିଥିଲେ । ଭଗବାନ ପଦ୍ମନାଭଙ୍କ ପାଇଁ ବିରହ ଉତ୍କଣ୍ଠିତ ନାୟିକାର ଆକାଂକ୍ଷାକୁ ଚିତ୍ରଣ କରି, ତାଙ୍କର ଭାବପୂର୍ଣ୍ଣ ସମର୍ପଣ ଏବଂ ଭାବଗଭୀରତା ବିଚ୍ଛେଦର ବେଦନା (ବିପ୍ରଲମ୍ଭ ଶୃଙ୍ଗାର)କୁ ଜୀବନ୍ତ ଭାବେ ପ୍ରତିଫଳିତ କରିଥିଲା। ବିଚ୍ଛେଦର ସୂକ୍ଷ୍ମ ଭାବ ପରିସରକୁ ଅତିକ୍ରମ କରି, ଡ. ରଙ୍ଗରାଜନ ଆକୁଳ ନାୟିକାଙ୍କ ଚିତ୍ରଣରେ ଉଭୟ ସୂକ୍ଷ୍ମ ଏବଂ ତୀବ୍ର ଅଭିବ୍ୟକ୍ତିକୁ ଉପସ୍ଥାପନ କରିଥିଲେ, ଯାହା ତାଙ୍କ ଅଭିନୟର ଗଭୀରତାରେ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରି ରଖିଥିଲା। ତାଙ୍କୁ କଣ୍ଠରେ ଶିଳ୍ପୀ ଗୋପାଳକୃଷ୍ଣନ, ବେହେଲାରେ ଟି ଭି ସୁକନ୍ୟା, ମୃଦଙ୍ଗମରେ କେ ସର୍ବେଶ ଏବଂ ନଟୁବାଙ୍ଗମରେ ଏସ୍ ବିଜୟ କୁମାର ସହଯୋଗ କରିଥିଲେ। ଶ୍ରୀ ଦେବୀପ୍ରସାଦ ମିଶ୍ରଙ୍କ ସୂକ୍ଷ୍ମ ଏବଂ ଦୀପ୍ତିମାନ ଆଲୋକ ପରିକଳ୍ପନା ତାଙ୍କର ପ୍ରଦର୍ଶନକୁ ଆହୁରି ସମୃଦ୍ଧ କରିଥିଲା। ଦ୍ୱିତୀୟାର୍ଦ୍ଧରେ ଓଡ଼ିଶାର ଦୁଇଜଣ ଶ୍ରେଷ୍ଠ ବଂଶୀବାଦକ, ଅଭିରାମ ନନ୍ଦ ଏବଂ ଶ୍ରୀନିବାସ ଶତପଥୀଙ୍କୁ ନେଇ ଏକ ମନୋହର ବଂଶୀ ଯୁଗଳବନ୍ଦୀ ପ୍ରସ୍ତୁତ ହୋଇଥିଲା। ପଣ୍ଡିତ ହରିପ୍ରସାଦ ଚୌରାସିଆଙ୍କ ଶିଷ୍ୟ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଶ୍ରୀ ନନ୍ଦ ତାଙ୍କର ସ୍ୱତନ୍ତ୍ର ସ୍ୱର ଏବଂ ଲୟାତ୍ମକ ସନ୍ତୁଳନକୁ ଉପସ୍ଥାପନ କରିଥିଲେ। ତାଙ୍କ ସହ ଶ୍ରୀ ଶତପଥୀଙ୍କ ଅନାୟାସ ସମନ୍ୱୟ ହୋଇଥିଲା, ଯିଏକି ଉସ୍ତାଦ ବିସ୍ମିଲ୍ଲା ଖାନ ଯୁବ ପୁରସ୍କାର ପ୍ରାପ୍ତ ଏବଂ ନିଜର ସୁରିଳା ସୃଷ୍ଟିତା ଓ ଅଭିନବ ବାଦ୍ୟବିନ୍ୟାସ ପାଇଁ ପରିଚିତ। ଉଭୟଙ୍କର ବଂଶୀ ଯୁଗଳବନ୍ଦୀ ରବୀନ୍ଦ୍ର ମଣ୍ଡପରେ ସୁରିଳା ପରିବେଶ ସୃଷ୍ଟି କରିଥିଲା, ଯାହାକୁ ଯୁବ ତବଲା ବାଦକ ଶ୍ରୀ ଯଶବନ୍ତ ବୈଷ୍ଣବଙ୍କ ଗତିଶୀଳ ଲୟାତ୍ମକ ସହଯୋଗ ଏବଂ ବୈଷୟିକ ଦକ୍ଷତା ପରିପୂରକ କରିଥିଲା। କାର୍ଯ୍ୟକ୍ରମଟିକୁ ଡକ୍ଟର ମୃତ୍ୟୁଞ୍ଜୟ ରଥ ସୁନ୍ଦର ଭାବେ ପରିଚାଳନା କରିଥିଲେ।

ପ୍ରକୃତ ଜେନ୍ ଜି ଯେଉଁମାନେ ବିଶ୍ୱସ୍ତରରେ ନିଜର ନିଷ୍ଠା ଓ ଦକ୍ଷତା ବଳରେ ଭାରତର ପତାକା ଉଡ଼ାଉଛନ୍ତି : ଡ. ରତନ ସାରଦା

ଭୁବନେଶ୍ୱର (ବ୍ୟୁରୋ) : ଆମେ ଭାରତ ବିଷୟରେ କଥା ହେଉଛେ, ସେହି ଭାରତ ଯାହା ବଦଳୁଥିବା ଭାରତ। ଏହା ଏପରି ଏକ ଭାରତ ଯେଉଁଠାରେ ଯୁବବର୍ଗ ବହୁତ ଆତ୍ମବିଶ୍ୱାସ ସହିତ ସାରା ବିଶ୍ୱରେ ପାଦ ଥାପୁଛନ୍ତି ଏବଂ ସାରା ବିଶ୍ୱରେ ବିଜୟ ହାସଲ କରୁଛନ୍ତି। ଆମ ପିଢ଼ି ଠାରୁ ଏହା ଏକ ସମ୍ପୂର୍ଣ୍ଣ ଭିନ୍ନ ଭାରତ। ପ୍ରକୃତ ଜେନ୍ ଜି ସେହିମାନେ, ଯେଉଁମାନେ ବିଶ୍ୱ ସ୍ତରରେ ନିଜର ନିଷ୍ଠା, ପରିଶ୍ରମ ଓ ଦକ୍ଷତା ବଳରେ ଭାରତର ପତାକା ଉଡ଼ାଉଛନ୍ତି ବୋଲି ଡ. ରତନ ସାରଦା ପ୍ରକାଶ କରିଛନ୍ତି । ଆଜି ରାଷ୍ଟ୍ରୀୟ ସାଧନା ସମିତି ପକ୍ଷରୁ ଭୁବନେଶ୍ୱର ସ୍ଥିତ ଉତ୍କଳ ବିଶ୍ୱ ବିଦ୍ୟାଳୟ ପରିସରରେ ଥିବା ତ୍ରାକ୍ ଅଡିଟୋରିୟମରେ ଯୁବ ସମ୍ବାଦ ନାମକ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ରାଷ୍ଟ୍ର ନିର୍ମାଣରେ ଯୁବସମାଜର ଭୂମିକା ଶୀର୍ଷକ ଆଲୋଚନାରେ ଭାଗ ନେଇ ଲେଖକ, ସ୍ତମ୍ଭକାର, ରାଜନୈତିକ ବିଶ୍ଳେଷକ ଏବଂ ଗବେଷକ ଡ. ରତନ ସାରଦା କହିଛନ୍ତି ଯେ, ଆଜିର ଭାରତୀୟମାନଙ୍କ ମଧ୍ୟରେ ବିଜୟୀ ମାନସିକତାର ଅଭ୍ୟୁଦୟ ହୋଇଛି । ଆଜିର ଭାରତୀୟ ଯୁବଶକ୍ତି କେବଳ ପ୍ରତିଯୋଗିତାରେ ଭାଗ ନେବାରେ ସନ୍ତୁଷ୍ଟ ନୁହଁନ୍ତି; ବରଂ 'ଆମେ ଜିତିପାରିବା ଏବଂ ବିଶ୍ୱରେ ନମ୍ବର-୧ ହୋଇପାରିବା' ବିଶ୍ୱାସ ସହ ଆଗକୁ ବଢୁଛନ୍ତି। ସେ ସ୍କାଇରୁଟ୍ ଓ ସ୍କାର୍ଟଅପ୍ କ୍ରାନ୍ତି ବିଷୟରେ କହିଛନ୍ତି ଯେ,'ସ୍କାଇରୁଟ୍' ଭଳି ସ୍ପେସ୍-ଟେକ୍ କମ୍ପାନୀର ହାରାହାରି ବୟସ ମାତ୍ର ୨୮ ବର୍ଷ। ଏହି ଯୁବ ବୈଜ୍ଞାନିକମାନେ ପ୍ରଥମ ପ୍ରଚେଷ୍ଟାରେ ସାଟେଲାଇଟ୍‌କୁ ସଫଳତାର ସହ କକ୍ଷପଥରେ ପହଞ୍ଚାଇ ଇତିହାସ ରଚିଛନ୍ତି। ଆଜି ଭାରତରେ ୧,୨୦,୦୦୦ ରୁ ଅଧିକ ସ୍କାର୍ଟଅପ୍ ଗଢ଼ିଉଠିଛି, ଯାହା ଯୁବବର୍ଗଙ୍କ ଉଦ୍ୟମିତା ଓ ଦକ୍ଷତାକୁ ଦର୍ଶାଉଛି। କ୍ରୀଡ଼ା କ୍ଷେତ୍ରରେ ନୂତନ ସଫଳତା ଆମକୁ ଆଉ ପାଦେ ଆଗକୁ ନେଇ ଯାଇଛି । ଅନାହତ୍ ସିଂ ମାତ୍ର ୧୬ ବର୍ଷ ବୟସରେ ସ୍କ୍ୱାଶ୍ ଖେଳରେ ଅଣ୍ଡର-୧୮ ବିଶ୍ୱ ଚାମ୍ପିୟନ୍। ସାଧାରଣ ଡିଆଁ ଦଉଡ଼ି ଖେଳରେ ଚୀନ୍‌ରେ ଯାଇ ସ୍ୱର୍ଣ୍ଣ ପଦକ ଜିତିବାର ଗୌରବ ଅର୍ଜନ କରିଛନ୍ତି । ଯେଉଁ ଖେଳ ବିଷୟରେ ଆମକୁ ଜଣା ବି ନଥିଲା, ସେଥିରେ ବି ସେମାନେ ମେଡାଲ ଜିତି ଆସିଛନ୍ତି। ଆଥଲେଟିକ୍ସ ରିଲେ ରେସ୍‌ରେ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ପୂରା ଶକ୍ତି ଲଗାଇ ବିଜୟୀ ହେବାର ସଂକଳ୍ପ। ଆପଣ ଦେଖିଥିବେ ଚୀନ୍‌ରେ କିଛି ୧୦ ଦିନ ପୂର୍ବରୁ ଜଣେ ଯୁବତୀ ରିଲେ ରେସ ରେ ପାଖାପାଖି ୩୦-୪୦ ମିଟର ଚାଇନିଜ୍ ଆଥଲେଟ୍‌ଙ୍କ ପଛରେ ଥିଲେ। କିନ୍ତୁ ପୂରା ଜୀବନ ବାଜି ଲଗାଇ ଜିତିବାକୁ ହିଁ ହେବ ଏହି ବିଶ୍ୱାସ ସହିତ ସେ ଆଗକୁ ବଢ଼ିଲେ ଏବଂ ଶେଷ ମୁହୂର୍ତ୍ତରେ ଜିତିଗଲେ। ଏହି ପରିବର୍ତ୍ତନ କେବଳ ଗୋଟିଏ ଦିନର ନୁହେଁ। ଆଜିର ଯୁବବର୍ଗଙ୍କ ମନରେ ଦେଶ ପ୍ରତି ଥିବା ଗର୍ବ, ଆତ୍ମବିଶ୍ୱାସ ଏବଂ ଜିତିବାର ଜିଦ୍ ପଛରେ ବହୁ ବର୍ଷର ନିରନ୍ତର ସାଧନା ଓ ପରିଶ୍ରମ ରହିଛି। ତେଣୁ ସେତେବେଳର ଭାରତ ଭିନ୍ନ ଥିଲା, ଯେଉଁଠି ଆମକୁ ଶିଖାଯାଉଥିଲା ଖେଳିବା ଗୁରୁତ୍ୱପୂର୍ଣ୍ଣ, ଜିତିବା ନୁହେଁ। କାରଣ ଆମେ ଜିତୁ ନଥିଲୁ, ଆମକୁ ଲାଗୁଥିଲା ଆମେ କେମିତି ଜିତିବୁ। ଦିଲ୍ଲୀରେ ଦେଖାଯାଉଥିବା କିଛି ଅଳ୍ପସଂଖ୍ୟକ ଯୁବକ-ଯୁବତୀଙ୍କୁ ଦେଖି ଆମେ ଯାହା ଭାବୁଥିଲେ, ସେମାନେ ଜେନ୍ ଜି ନୁହଁନ୍ତି। ପ୍ରକୃତ ଜେନ୍ ଜି ହେଉଛନ୍ତି ସେହିମାନେ ଯେଉଁମାନେ ସାରା ବିଶ୍ୱରେ ନିଜର ପତାକା ଉଡ଼ାଉଛନ୍ତି। ବିଶ୍ୱସ୍ତରରେ ଆମେ ଜିତିପାରିବା, ନମ୍ବର ୱାନ୍ ହୋଇପାରିବା, ଏହି ପୂର୍ଣ୍ଣ ବିଶ୍ୱାସ ସହ ସେମାନେ କାମ କରୁଛନ୍ତି। ଯେମିତି ମୁଁ କହିଲି, ଆମର ହାରିବାର ମାନସିକତା ଯାହା ଆମକୁ ଶିଖାଯାଇଥିଲା ଏବଂ ଆଜିର ମାନସିକତା ଏହି ଦୁଇଟି ମଧ୍ୟରେ ଗତ କିଛି ବର୍ଷ ମଧ୍ୟରେ ଆକାଶ-ପାତାଳର ଫରକ୍ ଆସିଛି। କାରଣ ଏହା 'ଭାରତ', କେବଳ 'ଇଣ୍ଡିଆ' ନୁହେଁ। ଏବଂ ଏହି ଯେଉଁ ଉଦୀୟମାନ ଆତ୍ମବିଶ୍ୱାସ, ଭାରତ ପ୍ରତି ଓ ଦେଶ ପ୍ରତି ଯେଉଁ ଗର୍ବର ଭାବନା ଗତ କିଛି ବର୍ଷରେ ଆସିଛି, ଏହା ପଛରେ ବହୁ ବର୍ଷର ଏକ ବଡ଼ ସାଧନା ରହିଛି। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଓଡିଶା ପୂର୍ବ ପ୍ରାନ୍ତର ସହପ୍ରାନ୍ତ କାର୍ଯ୍ୟବାହ ଶ୍ରୀ ରବି ନାରାୟଣ ପଣ୍ଡା ମଞ୍ଚାସୀନ ଥିବା ବେଳେ ଦିବ୍ୟଜ୍ୟୋତି ବିଶ୍ୱାଳ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରୁ ମଞ୍ଚାସୀନ ଅତିଥିମାନେ ତୁଳସୀ ବୃକ୍ଷ ମୂଳରେ ପାଣି ଦେବା ସହିତ ଜଗନ୍ନାଥ ଓ ଭାରତମାତାଙ୍କ ଫଟୋ ଚିତ୍ର ନିକଟରେ ଦ୍ୱୀପ ପ୍ରଜ୍ଜଳନ କରିଥିଲେ ଏବଂ ଶେଷରେ ବନ୍ଦେ ମାତରମ୍ ଗାନ କରାଯିବା ପରେ କାର୍ଯ୍ୟକ୍ରମର ସମାରୋପ ହୋଇଥିଲା ।

ଅର୍ବାନିକ୍ସ ଇନ୍‌ଫ୍ରା 'ବର୍ଣ୍ଣ ଡିଷ୍ଟିଙ୍କ୍ଟ' ବ୍ରାଣ୍ଡ ଶୁଭାରମ୍ଭ

ଭୁବନେଶ୍ୱର (ବ୍ୟୁରୋ) : ଭୁବନେଶ୍ୱରର ଏସ୍‌ପ୍ଲାନେଡ ୱାନ୍ ମଲ୍‌ଠାରେ ଲଂଚ ହୋଇଥିବା ଅର୍ବାନିକ୍ସ ଇନ୍‌ଫ୍ରାର 'ବର୍ଣ୍ଣ ଡିଷ୍ଟିଙ୍କ୍ଟ' ବ୍ରାଣ୍ଡ ଏକ ଉଲ୍ଲେଖନୀୟ ସଫଳତା ଥିଲା, ଯାହା ବ୍ରାଣ୍ଡର ନୂଆ ଲୋଗୋ ଓ ବିକଶିତ ବ୍ରାଣ୍ଡ ସ୍ଥିତିର ଉନ୍ମୋଚନକୁ ସୂଚିତ କରୁଛି। ଏହି କାର୍ଯ୍ୟକ୍ରମ ଇଂଟରାକ୍ଟିଭ ଗେମ୍, ଦର୍ଶକଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ, ସୋସିଆଲ ମିଡିଆ ସମ୍ପୃକ୍ତି ଓ ଅନ୍-ଗ୍ରାଉଣ୍ଡ ଅନୁଭୂତି ମାଧ୍ୟମରେ ବ୍ରାଣ୍ଡର 'ବର୍ଣ୍ଣ ଡିଷ୍ଟିଙ୍କ୍ଟ' ଦର୍ଶନକୁ ଜୀବନ୍ତ କରିଥିଲା। ଏହି କାର୍ଯ୍ୟକ୍ରମ 'କ୍ୟାଚ୍ ଦ ଏକ୍ସ' କ୍ୟାମ୍ପେନର ବିଶାଳ ଉଦ୍‌ଯାପନୀକୁ ମଧ୍ୟ ସୂଚିତ କରିଥଲା ଯେଉଁଥିରେ ୭ ଜଣ ଭାଗ୍ୟଶାଳୀ ବିଜେତାଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ପୁରସ୍କାର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମ ଦର୍ଶକ, ମଲ୍ ପରିଦର୍ଶକ ଓ ହିତାଧିକାରୀଙ୍କଠାରୁ ସକାରାତ୍ମକ ମତାମତ ପାଇଥିବା ବେଳେ ସେଟ୍‌ଅପ, ଅଭିନବ ବିଷୟବସ୍ତୁ ଓ ନିୟୋଜିତ ଗତିବିଧି ପାଇଁ ପ୍ରଶଂସା ପାଇଥିଲା। ଏହି ଅନୁଭୂତି ମଲ୍‌ରେ ପାରମ୍ପରିକ ରିଅଲ-ଇଷ୍ଟେଟ କାର୍ଯ୍ୟକ୍ରମଠାରୁ ଭିନ୍ନ ଥିଲା, ଯାହା ଏକ ସତେଜ ଓ ସ୍ମରଣୀୟ ବ୍ରାଣ୍ଡ ଯୋଗାଯୋଗ ସୃଷ୍ଟି କରିଥିଲା। ଦର୍ଶକ ଓ ହିତାଧିକାରୀଙ୍କଠାରୁ ମିଳିଥିବା ସକାରାତ୍ମକ ମତାମତ, ଏହି ଲଂଚର ଦୃଢ଼ କାର୍ଯ୍ୟକାରିତା ଓ ପ୍ରଭାବକୁ ପ୍ରତିଫଳନ କରୁଛି, ଯାହା ଅର୍ବାନିକ୍ସ ଇନ୍‌ଫ୍ରା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ଥିଲା କାରଣ ଏହା ବ୍ରାଣ୍ଡ ବିକାଶର ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରବେଶ କରିଛି। ସାମଗ୍ରିକ ଭାବେ, ଅର୍ବାନିକ୍ସ ଇନ୍‌ଫ୍ରା "ବର୍ଣ୍ଣ ଡିଷ୍ଟିଙ୍କ୍ଟ" ବ୍ରାଣ୍ଡ ଲଂଚ୍ ଏକ ବଡ ସଫଳତା ଥିଲା ଯାହା ମଜବୁତ ଦର୍ଶକ ସମ୍ପୃକ୍ତି, ସକାରାତ୍ମକ ଭାବନା ଓ ତୃଣମୂଳ ସ୍ତରରେ ଚମତ୍କାର ବ୍ରାଣ୍ଡ ଦୃଶ୍ୟମାନତା ପ୍ରଦାନ କରିଛି।

କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ଆବଶ୍ୟକ ସହାୟତା ଯୋଗାଇଦେବା ଦାବି ନେଇ ରାଜ୍ୟପାଳଙ୍କୁ ସ୍ମାରକପତ୍ର

ଭୁବନେଶ୍ୱର (ବ୍ୟୁରୋ) : ଚଳିତ ଖରିଫ୍ ଚାଷ ସମୟରେ ପ୍ରଳୟଙ୍କରୀ ବନ୍ୟା ଓ ଅତିଶୟ ବର୍ଷା ଦ୍ୱାରା ରାଜ୍ୟର ୨୦ଗୋଟି ଜିଲ୍ଲା ପ୍ରଭାବିତ ହୋଇଥିବା ବେଳେ ୧୦ଗୋଟି ଜିଲ୍ଲାରେ କୃଷି କ୍ଷେତ୍ରରେ ସମ୍ପୂର୍ଣ୍ଣ ଫସଲ ହାନି ଘଟିଛି। ଚାଷୀ ସରକାରୀ ଋଣ ସହ ଧାର କରଜ କରି ଚାଷ କରିଥିଲେ ଏବେ ଏହା ଶୁଝିବେ କିପରି ଅନେକ ଅଞ୍ଚଳରେ ବିଲରେ ଥିବା ତଳି ସମ୍ପୂର୍ଣ୍ଣ ଧୋଇ ହୋଇଯାଇଛି। ଏବେ ଚାଷୀ ବେସାହାରା। ସରକାରଙ୍କ ପକ୍ଷରୁ ଅଦ୍ୟାବଧି କ୍ଷତିଗ୍ରସ୍ତ ଚାଷୀଙ୍କ ପାଇଁ କୌଣସି ନିର୍ଦ୍ଦିଷ୍ଟ ବ୍ୟବସ୍ଥା କରାଗଲା ନାହିଁ। ଖରିଫ୍ ପରେ ଏବେ ରବି କାର୍ଯ୍ୟ ଆରମ୍ଭ ହେବ। ଚାଷୀ ଅଃକ୍ଷଶ୍ନ;। ସଳଖିବା କାଠିକର ପାଠ। ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କ ପାଇଁ ସରକାର ଯେଉଁ କୃଷି ଇନପୁଟ୍ ସହାୟତା ଘୋଷଣା କରିଛନ୍ତି ତାହା ସମୁଦ୍ରକୁ ଶଙ୍ଖେ। ଚାଷ ତରତର ବଢିଛି ମଠ। ଚାଷୀଙ୍କୁ ବର୍ତ୍ତମାନ ଯଦି ଆବଶ୍ୟକ ସହାୟତା ଯୋଗାଇ ଦିଆ ନ ଯାଏ ଚାଷୀଙ୍କ ଅବସ୍ଥା ବହୁ ଶୋଚନୀୟ ହୋଇ ପଡ଼ିବ। ତେଣୁ ଏହାର ଆଶୁ ପ୍ରତିକାର ପାଇଁ ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସମବାୟ ପ୍ରକୋଷ୍ଠ ପକ୍ଷରୁ ଅଧ୍ୟକ୍ଷ ତଥା ଅଖିଳ ଭାରତ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ଅମିୟ କୁମାର ପଟ୍ଟନାୟକ ଓଡ଼ିଶାର ରାଜ୍ୟପାଳଙ୍କ ନିକଟକୁ ଏକ ୧୦ ଦଫା ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଉକ୍ତ ସ୍ମାରକପତ୍ରରେ ବନ୍ୟା ପ୍ଲାବିତ ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ପ୍ରତି ଏକର ପିଛା ୨୫ ହଜାର ଟଙ୍କା, ଉଦ୍ୟାନ କୃଷି ଚାଷ ପାଇଁ ଏକର ପିଛା ୫୦ ହଜାର ଟଙ୍କା, ବନ୍ୟାଞ୍ଚଳର ସମସ୍ତ ଚାଷୀଙ୍କଠାରୁ କୃଷିଋଣ ଓ ଜଳକର ସମ୍ପୂର୍ଣ୍ଣ ଛାଡ଼, ରବି ଚାଷ ପାଇଁ ବିନା ସୁଧ ଓ ବିନା ବନ୍ଧକରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱଳ୍ପ ମିଆଦୀ କୃଷିଋଣ ପ୍ରଦାନ। ଚାଷ କାର୍ଯ୍ୟପାଇଁ ମାଗଣା ବିଜୁଳି, ରବି ଚାଷ ପାଇଁ ବିନା ମୂଲ୍ୟରେ ପ୍ରାମାଣିକ ବିହନ ଯଥା- ଚିନାବାଦାମ, ପିଆଜ ଓ ଆଳୁ, ମୁଗ, ବିରି ବିହନ, ପନିପରିବା କିଟ୍, କୀଟନାଶକ ଔଷଧ, ସାର ପ୍ରଭୃତି ଯୋଗାଣ, ପ୍ରଚଳିତ ରିଲିଫ୍ କୋଡର ସଂଶୋଧନ, ଭାଗଚାଷୀମାନଙ୍କ ପାଇଁ ସ୍ୱତନ୍ତ୍ର ସହାୟତା ଓ ତୁରନ୍ତ ଆଇନ ପ୍ରଣୟନ, ପ୍ରଚଳିତ ଜାତୀୟ ଓ ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପାଣ୍ଠିର ଂଗୁଣା ବୃଦ୍ଧି, ଯୁଦ୍ଧକାଳୀନ ଭିତ୍ତିରେ ବିଭିନ୍ନ ଅଞ୍ଚଳରେ ଉଠା ଜଳସେଚନ ପଏଃକ୍ଷଶ୍ନ; ସ୍ଥାପନ ଓ କାର୍ଯ୍ୟକ୍ଷମ, ମାଗଣାରେ ସୋଲାର ପମ୍ପସେଟ୍ ପ୍ରଦାନ, ମଣ୍ଡି ଭିତ୍ତିଭୂମି ସୁଦୃଢ଼ୀକରଣ ଏବଂ ଆସନ୍ତା ଖରିଫ୍ ଧାନ କ୍ରୟ ପାଇଁ ପ୍ରତି ଜିଲ୍ଲାସ୍ତରରେ ଚାଷୀଙ୍କୁ ଟୋକନ ଇସ୍ୟୁର ସୁବ୍ୟବସ୍ଥା ବିଷୟରେ ଉଲ୍ଲେଖ କରାଯାଇଛି। ଯଦି ସରକାରଙ୍କ ପକ୍ଷରୁ ଏହି ଦିଗରେ ଆଶୁ ବ୍ୟବସ୍ଥା କରା ନ ଯାଏ, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତିଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରତି ବ୍ଲକ ଓ ଜିଲ୍ଲାସ୍ତରରେ କଂଗ୍ରେସ ପକ୍ଷରୁ ସରକାରଙ୍କ ବିରୁଦ୍ଧରେ ବ୍ୟାପକ ଜନ ଆନ୍ଦୋଳନ କରାଯିବ ବୋଲି ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ ସରକାରଙ୍କୁ ଚେତାବନୀ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କୃଷକ ନେତା ନିରଞ୍ଜନ ବେହେରା, ସୁରେନ୍ଦ୍ର କୁମାର ପାଇକରାୟ, ତୁଷାର ନାୟକ ପ୍ରମୁଖ ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳର ବେସାହାରା ଚାଷୀମାନଙ୍କୁ ତୁରନ୍ତ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି।

୪୨ ମୌଜା ବୁଦ୍ଧିଜୀବୀ ନାଗରିକ ମଞ୍ଚ ପକ୍ଷରୁ ଡ. ଭର୍ତ୍ତୃହରି ମହତାବଙ୍କ ୭୦ତମ ଜନ୍ମଦିନରେ ବୃକ୍ଷରୋପଣ

କଟକ ସଦର (ଅମୃତ ମିଡିଆ) : ଡ. ଭର୍ତ୍ତୃହରି ମହତାବଙ୍କ ୭୦ତମ ଜନ୍ମ ଦିନରେ ୪୨ ମୌଜା ଦେଉଳିଠାରେ ଅବସ୍ଥିତ ଇଷ୍ଟଦେବ ଶ୍ରୀ ଶ୍ରୀ ବାଲୁକେଶ୍ୱର ମହାଦେବ, ହନୁମାନ ମନ୍ଦିରରେ ହନୁମାନଙ୍କ ପାଖରେ ପୂର୍ଜାର୍ଚ୍ଚନା ଓ ପ୍ରଦୀପ ପ୍ରଜ୍ଜ୍ୱଳନ, କଦମେଶ୍ୱର ମହାଦେବ, ଆଇତଳଙ୍ଗ ସ୍ୱପ୍ନେଶ୍ୱର ମନ୍ଦିର, ପଟଣା ଜଗନ୍ନାଥ ମନ୍ଦିର, ତଳବସନ୍ତ କୁଣ୍ଡଳ ବାଶେଳୀ ଠାକୁରାଣୀ, ଟାଇଁକଣା, ମା' ଜାଗୁଳାଇ ବରୁଣାଇ, ମା' ବନଦୁର୍ଗା ଦହିଗାଁରେ ପୂଜାର୍ଚ୍ଚନା ସହିତ ଏରଞ୍ଚ ଉତ୍କଳମଣି ଗୋପବନ୍ଧୁ ପୌଢ଼ ନିବାସର ଅନ୍ତେବାସୀଙ୍କୁ ଖାଦ୍ୟ ବିତରଣ ଓ ବନଦୁର୍ଗା ମନ୍ଦିର ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ୪୨ ମୌଜା ବୁଦ୍ଧିଜୀବୀ ନାଗରିକ ମଞ୍ଚ ତରଫରୁ ଆୟୋଜନ କରାଯାଇଥିଲା। ପ୍ରାକ୍ତନ ଅବସରପ୍ରାପ

ରଷିକୁଲ୍ୟା ପାଇଁ ବିପଦ ସାଜିଛି କାଶତଣ୍ଡୀ

ଧରାକୋଟ(ଅମୃତ ମିଡିଆ): କନ୍ଧମାଳ ଜିଲାର ରଷୀମାଳ ପର୍ବତରୁ ରଷିକୁଲ୍ୟା ନଦୀ ଜନ୍ମନେଇ ଗଞ୍ଜାମ ଜିଲାର ସୋରଡା, ଧାକୋଟ, ଆସିକା, ହିଞ୍ଜିଳି, ପୁରୁଷୋତ୍ତମପୁର ବ୍ଲକ୍ ପରେ ଗଞ୍ଜାମ ବ୍ଲକ୍ ଦେଇ ବଙ୍ଗୋପସାଗରରେ ମିଶିଛି । ଗଞ୍ଜାମ ଜିଲାବାସୀଙ୍କ ପିଇବା ପାଣି, ଜଳସେଚନରେ ରଷିକୁଲ୍ୟା ପ୍ରମୁଖ ଭୂମିକା ଗ୍ରହଣ କରୁଛି । ଏଣୁ ଏହାକୁ ଗଞ୍ଜାମ ଜିଲାର ଜୀବନରେଖା କୁହାଯାଏ । ହେଲେ ଏହି ପୁରାତନ ରଷିକୁଲ୍ୟା ନଦୀ ଏବେ ବିପଦରେ ରହିଛି । ଦିନକୁ ଦିନ ନଦୀର ଗର୍ଭ ପୋତି ହୋଇଗଲାଣି । ବର୍ଷା ଦିନେ ନଦୀର ବନ୍ୟାଜଳ ଦୁଇ କୂଳ ଖାଇବା ଯୋଗୁ ଧୀରେ ଧୀରେ ଏହା ଜନବସତି ଆଡ଼କୁ ମାଡି ଯାଉଥିବା ଦେଖାଯାଉଛି । ଅନୁସନ୍ଧାନ ବେଳେ ଦେଖାଯାଇଛି, ନଦୀର ଗର୍ଭ କାଶତଣ୍ଡୀ ସହ ବିଭିନ୍ନ ଲତା ଜାତୀୟ ଗଛରେ ଭରି ଗଲାଣି । ଅନ୍ୟପକ୍ଷେ ବେଲଗାମ ଭାବେ ବାଲି ଖନନ ଯୋଗୁ ନଦୀ ସ୍ଥାନେ ସ୍ଥାନେ ଗତିପଥ ପରିବର୍ତ୍ତନ ପାଇଁ ପ୍ରସ୍ତୁତ ହେଲାଣି । ଏହା ମଧ୍ୟରେ ଭଞ୍ଜନଗର ଜଳସେଚନ ବିଭାଗ ପକ୍ଷରୁ ଦୁର୍ବଳ ନଦୀ ହିଡ଼ର ନିର୍ମାଣ ପାଇଁ ପ୍ରକ୍ରିୟା ଜାରି ରହିଛି । ସେହିପରି ବିଭାଗ ପକ୍ଷରୁ ସୋରଡା ବ୍ଲକ୍‌ର ପିପଳପଙ୍କା, ଧରାକୋଟ ବ୍ଲକ୍‌ର ଜାନବିଲି ଓ ଛତ୍ରପୁର ବ୍ଲକ୍‌ର କଂସାରୀଗଣ୍ଡ ଠାରେ ଜିଲାର ଜଳସେଚନ ଓ ପିଇବାପାଣି ସମସ୍ୟାର ସମାଧାନ ପାଇଁ ନୂତନ ବ୍ୟାରେଜ ନିର୍ମାଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନଦୀ ଭିତରେ ମାଇଲ ମାଇଲ ଧରି କାଶତଣ୍ଡୀ ବଂଶ ବିସ୍ତାର କରିବାରେ ଲାଗିଛି । ନିଜର ସୌନ୍ଦର୍ଯ୍ୟରେ ଲୋକଙ୍କୁ ଆକର୍ଷିତ କରିବା ସହ ପାର୍ବଣ ଆଗମନର ସୂଚନା ଦେଉଥିବା କାଶତଣ୍ଡୀ ରଷିକୁଲ୍ୟା ପାଇଁ ଅଭିଶାପ ପାଲଟିଥିବା ଦେଖା ଦେଇଛି । କାଶତଣ୍ଡୀର ବଂଶ ବିସ୍ତାର ନଦୀର ସୁରକ୍ଷାରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ନଦୀର ସୁରକ୍ଷା ପାଇଁ କାଶତଣ୍ଡୀ ହଟାଇବା ଜରୁରୀ ହୋଇପଡ଼ିଥିବା ବେଳେ ଏହାର ଶୁଭୁତା ପାର୍ବଣ ଋତୁ ଆଗମନର ସୂଚନା ଦେଉଛି । ଏଣୁ ବନ୍ୟା ନିୟନ୍ତ୍ରଣ ପାଇଁ ଜଳସେଚନ ବିଭାଗ ପକ୍ଷରୁ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି ।

ବିଦ୍ୟୁତ୍ ଟାୱାର ଉପରେ ଝୁଲନ୍ତା ମୃତଦେହ

ବିଷମକଟକ(ଅମୃତ ମିଡିଆ): ରାୟଗଡା ଜିଲ୍ଲା ବିଷମକଟକ ବ୍ଲକ ଅନ୍ତର୍ଗତ ଗୋଇଲକଣା ଗ୍ରାମ ନିକଟ ଏକ ଉଚ୍ଚଶକ୍ତି ସମ୍ପନ୍ନ ବିଦ୍ୟୁତ୍ ଟାୱାର ଉପରୁ ଜଣେ ଯୁବକର ଝୁଲନ୍ତା ଶବ ଉଦ୍ଧାର ହୋଇଛି । ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ଆତ୍ମହତ୍ୟା ବୋଲି ଅନୁମାନ କରାଯାଉଛି । ଖବରରୁ ପ୍ରକାଶ, ଆଜି (ମଙ୍ଗଳବାର) ଅପରାହ୍ନରେ ଗୋଇଲକଣା ଗାଁ ନିକଟ ଦେଇ ଯାଇଥିବା ଏକ ବିଦ୍ୟୁତ୍ ଟାୱାର ଉପର ଭାଗରେ ଏକ ଯୁବକର ମୃତଦେହ ଝୁଲୁଥିବା ଦେଖି ସ୍ଥାନୀୟ ଲୋକ ପୁଲିସକୁ ସୂଚିତ କରିଥିଲେ । ଖବର ପାଇ



ବିଷମକଟକ ପୁଲିସ ଓ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଁଚି ମୃତଦେହକୁ ଓହ୍ଲାଇବାକୁ ଉଦ୍ୟମ ଆରମ୍ଭ କରିଛନ୍ତି । ବିଦ୍ୟୁତ୍ ଟାୱାରରେ ଉଚ୍ଚଶକ୍ତି ବିଦ୍ୟୁତ୍ ପ୍ରବାହ ହେଉଥିବାରୁ ଘଟଣା ସଂକ୍ରାନ୍ତରେ ବିଦ୍ୟୁତ୍ ବିଭାଗୀୟ ଅଧିକାରୀ ଙ୍କୁ ଅବଗତ କରାଯାଇଛି । ସଂପୃକ୍ତ ଟାୱାର ଦେଇ ବିଦ୍ୟୁତ୍ ସରବରାହ ବନ୍ଦ ହେବା ପରେ ଯାଇ ଶବ ଟିକୁ ଉଦ୍ଧାର କରାଯାଇପାରିବ । ମୃତଦେହ ତଳକୁ ଓହ୍ଲାଯାଇନଥିବାରୁ ପରିଚୟ ଜଣାପଡ଼ିନାହିଁ । ଘଟଣା ଟି ୪ ରୁ ୫ ଦିନ ପୂର୍ବର ବୋଲି ପୁଲିସ ଅନୁମାନ କରୁଛି ।

ପ୍ରଧାନ ଶିକ୍ଷକଙ୍କ ବଦଳି ନିଷ୍ପତ୍ତି ପ୍ରତ୍ୟାହାର ଦାବି

ବରୀ(ଅମୃତ ମିଡିଆ): ସରକାର ଶିକ୍ଷା ବ୍ୟବସ୍ଥାର ସୁଦୃଢ଼ୀକରଣ ଉପରେ ଗୁରୁତ୍ୱ ଦେଉଥିବାବେଳେ ବରୀ ଶିକ୍ଷାମଣ୍ଡଳ ଅଧୀନସ୍ଥ କୃଷ୍ଣନଗର ପ୍ରାଥମିକ ବିଦ୍ୟାଳୟରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ସୂଚନା ଅନୁଯାୟୀ, ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୫ଟି ଶ୍ରେଣୀ ଥିବା ବେଳେ ୪୭ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ବିଦ୍ୟାଳୟରେ ମୋଟ ୩ ଜଣ ଶିକ୍ଷକ ଥିବା ବେଳେ ପ୍ରଧାନ ଶିକ୍ଷକଙ୍କ ବଦଳିକୁ ନେଇ ଅଭିଭାବକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଏହାର ପ୍ରତିବାଦରେ ଛାତ୍ରୀଛାତ୍ରୀଙ୍କ ଅଭିଭାବକମାନେ ବିଦ୍ୟାଳୟ ଫାଟକରେ ତାଲା ପକାଇ ଦୀର୍ଘ ସମୟ ଧରି ଧାରଣାରେ ବସିଥିଲେ । ପ୍ରଧାନ ଶିକ୍ଷକଙ୍କ ବଦଳି ନିଷ୍ପତ୍ତି ପ୍ରତ୍ୟାହାର କରି ତାଙ୍କୁ ପୁନର୍ବାର ଏହି ବିଦ୍ୟାଳୟରେ ଅବସ୍ଥାପିତ କରିବାକୁ ଅଭିଭାବକମାନେ ଦାବି କରିଥିଲେ । ଖବର ପାଇ ବରୀ ଶିକ୍ଷାମଣ୍ଡଳ ଅଧିକାରିଣୀ ପ୍ରତିଶ୍ରୁତି ସିଂ ଘଟଣାସ୍ଥଳରେ ପହଞ୍ଚି ଧାରଣାରତ ଅଭିଭାବକମାନଙ୍କ ସହ ଆଲୋଚନା କରିଥିଲେ । ବଦଳି ହୋଇଥିବା ପ୍ରଧାନ ଶିକ୍ଷକଙ୍କୁ ପୁନର୍ବାର ଏହି ବିଦ୍ୟାଳୟରେ ଅବସ୍ଥାପିତ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେବା ପରେ ଅଭିଭାବକମାନେ ଧାରଣା ପ୍ରତ୍ୟାହାର କରିଥିଲେ ।

ସରମରା ପ୍ୟାକ୍ସରେ ଅନିୟମିତତା, ଥାନାରେ ମାମଲା ରୁଜୁ

ଭଦ୍ରକ(ଅମୃତ ମିଡିଆ): ଖରିଫ ଧାନ ସଂଗ୍ରହ ବେଳେ ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଅନ୍ତର୍ଗତ ଓଡ଼ଙ୍ଗ ପଞ୍ଚାୟତର ସରମରା ପ୍ୟାକ୍ସରେ ଚାଷୀ ପଞ୍ଜୀକରଣ ଓ ଧାନ ସଂଗ୍ରହରେ ବ୍ୟାପକ ଅନିୟମିତତା ହୋଇଥିଲା । ଏହି ଅନିୟମିତତା ପାଇଁ ସମ୍ପୃକ୍ତ ପ୍ୟାକ୍ସର ସମ୍ପାଦକ ଓ ଡାଟା ଏଣ୍ଟ୍ରି ଓପରେଟରଙ୍କ ବିରୋଧରେ ଥାନାରେ ମାମଲା ରୁଜୁ କରାଯାଇଛି । ଅଭିଯୋଗ ପରେ ପୁଲିସ ପ୍ରଶାସନ ପକ୍ଷରୁ ବିଧିବଦ୍ଧ ତଦନ୍ତ ଆରମ୍ଭ ହୋଇଛି । ସୂଚନାନୁସାରେ, ବନ୍ତ ବ୍ଲକ୍ ଅନ୍ତର୍ଗତ ସରମରା ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ରେ ୨୦୨୫-୨୬ ଖରିଫ ଓ ରବି ଋତୁର ଧାନ ସଂଗ୍ରହ ସମୟରେ ଚାଷୀ ପଞ୍ଜୀକରଣରେ ବ୍ୟାପକ ଅନିୟମିତତା ଓ ଜାଲିଆତି ଅଭିଯୋଗ ପ୍ରମାଣିତ ହୋଇଛି । ତଦନ୍ତ ରିପୋର୍ଟ ଅନୁଯାୟୀ, ଅନ୍ୟ ବ୍ୟକ୍ତିଙ୍କ ଜମିକୁ ବେଆଇନ ଭାବେ ନିଜ ନାମରେ / ଅନ୍ୟ ନାମରେ ପଞ୍ଜୀକରଣ କରି ଧାନ ବିକ୍ରି

କରିଥିବା ଘଟଣା ସାମ୍ନାକୁ ଆସିଛି । ଏଥିପାଇଁ ସମିତିର ସମ୍ପାଦକ ନିତ୍ୟାନନ୍ଦ ନାୟକ ଓ ଡାଟା ଏଣ୍ଟ୍ରି ଅପରେଟର ଦୀପେନ୍ଦ୍ର ପ୍ରଧାନ ସିଧାସଳଖ ସମ୍ପୃକ୍ତ ବୋଲି ତଦନ୍ତରୁ ଜଣାପଡ଼ିଛି । ଏହି ଘଟଣା ସମ୍ପର୍କରେ ପୂର୍ବରୁ ସମ୍ପାଦକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲେ ମଧ୍ୟ ସେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନଥିଲେ । ଏହାକୁ ନେଇ, ଭଦ୍ରକ ଡିଭିଜନର ସମବାୟ ସମିତିର ଉପନିବନ୍ଧକ ଭଦ୍ରକଙ୍କ ନିର୍ଦ୍ଦେଶକ୍ରମେ ବନ୍ତ ଥାନାରେ ଉଭୟଙ୍କ ବିରୋଧରେ ଏତଲା ଦିଆଯାଇଛି । ଏତଲାରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରାଯାଇଛି ।

ଭୁଶୁଡ଼ି ପଡ଼ିଲା ୪ ଲକ୍ଷର ଗାର୍ଡୱାଲ

ଲଇକେରା(ଅମୃତ ମିଡିଆ): ସରକାରୀ ଯୋଜନାରେବ୍ୟୟହେଉଥିବା ଲକ୍ଷ ଲକ୍ଷ ଟଙ୍କାର କାର୍ଯ୍ୟର ମାନ ଓ ତଦାରଖକୁ ନେଇ ଲଇକେରା ବ୍ଲକରେ ପୁଣି ପ୍ରଶ୍ନ ଉଠିଛି । ପାକେଲପଡ଼ା ପଞ୍ଚାୟତ ଅନ୍ତର୍ଗତ ତାଲମୁଣ୍ଡା ସୁନାପଡ଼ା ଗ୍ରାମର ବନ୍ତି ପୋଖରୀରେ ପ୍ରାୟ ୪ ଲକ୍ଷ ଟଙ୍କା ଅଟକଳରେ ନିର୍ମିତ ଗାର୍ଡୱାଲ କାମ ସରିବାର କେଇ ଦିନ ମଧ୍ୟରେ ଭୁଶୁଡ଼ି ପଡ଼ିଛି । ଏହାକୁ ନେଇ ନିର୍ମାଣର ଗୁଣବତ୍ତା ସହ ବ୍ଲକ ପ୍ରଶାସନର ତଦାରଖ ବ୍ୟବସ୍ଥା ଉପରେ ଗୁରୁତର ପ୍ରଶ୍ନ ଉଠିଛି । ଗ୍ରାମବାସୀଙ୍କ ଅଭିଯୋଗ, ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର ଯୋଗୁଁ ଗାର୍ଡୱାଲ ଭୁଶୁଡ଼ିଛି । ତେବେ ନିର୍ମାଣ ସମୟରେ ଦାୟିତ୍ୱରେ ଥିବା ଯନ୍ତ୍ରୀ, ଏଇ, କନିଷ୍ଠ ଯନ୍ତ୍ରୀ ଓ ବିଡିଓଙ୍କ ତଦାରଖ କେଉଁଠି ଥିଲା ବୋଲି କହିଛନ୍ତି ଗ୍ରାମର ଜନସାଧାରଣ । ଯଦି ନିୟମିତ ତଦାରଖ ହୋଇଥିଲା ତେବେ ଏଭଳି କାମ କିପରି ଅନୁମୋଦନ ପାଇଲା ? ସହକାରୀ ଯନ୍ତ୍ରୀ ସିଦ୍ଧାର୍ଥ ମାଝୀ ତଦନ୍ତ କରାଯିବ ବୋଲି କହିଛନ୍ତି । ତଦନ୍ତ ହେବ' କହି ଦାୟିତ୍ୱ ଶେଷ ନକରି, ଦୋଷ ନିର୍ଦ୍ଧାରଣ କରି ଦାୟୀ ଠିକାଦାର ଓ ତଦାରଖରେ ଅବହେଳା କରିଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନେବାକୁ ଦାବି ହୋଇଛି । ଅନ୍ୟପକ୍ଷରେ, ବନ୍ୟା କ୍ଷତିଗ୍ରସ୍ତ ମରାମତି ଯୋଜନାରୁ ପୋଖରୀରେ ଗାର୍ଡୱାଲ ନିର୍ମାଣ ପାଇଁ କେଉଁ ନିୟମରେ ଅନୁମୋଦନ ମିଳିଲା, ତାହା ସ୍ପଷ୍ଟ କରିବାକୁ ମଧ୍ୟ ଦାବି ହୋଇଛି । ଘଟଣାରେ ଜିଲ୍ଲାପାଳ ହସ୍ତକ୍ଷେପ କରି ବ୍ଲକ ବାହାରର ସ୍ୱାଧୀନ ବୈଷୟିକ ଟିମ୍ ଦ୍ୱାରା ଯାଞ୍ଚ କରାଇବା ସହ ଅନିୟମିତତା ପ୍ରମାଣିତ ହେଲେ ଠିକାଦାରଙ୍କ ବିରୋଧରେ କଠୋର ଆଇନଗତ ପଦକ୍ଷେପ ଓ ଦାୟୀ ଅଧିକାରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିଆଯାଉ । ସରକାରୀ ଅର୍ଥ ହେରଫେର ପ୍ରମାଣିତ ହେଲେ ଭିଜିଲାନ୍ସ ତଦନ୍ତ କରାଯାଉ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି ।

ଛାତ୍ରଛାତ୍ରୀଙ୍କ ଦ୍ୱାରା ଆଦର୍ଶ ଗ୍ରାମସଭା କାର୍ଯ୍ୟକ୍ରମ ଅନୁଷ୍ଠିତ

ନବରଙ୍ଗପୁର(ଅମୃତ ମିଡିଆ): ହିର୍ଲି ସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆଦର୍ଶ ଗ୍ରାମସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ।ବିଦ୍ୟାଳୟର ଅଧକ୍ଷା ସୁଭାଷିନୀ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଏନସିସି ବାଟଲିଅନର କର୍ଣ୍ଣେଲ ସୁନୀଲ କୁମାର, ସମ୍ମାନିତ ଅତିଥି ଭାବେ ଏବିଡିଓ ଗୋପାଳ ପଣ୍ଡା, ଓଏଭିର ଅଧକ୍ଷ ରାଜେନ୍ଦ୍ର ପ୍ରସାଦ ମହାପାତ୍ର, ଅବସରପ୍ରାପ୍ତ ନେଭି ଅଧିକାରୀ ଜୟ ପ୍ରକାଶ ସାହୁ ଏବଂ ସମ୍ଭାଦର ଜିଲ୍ଲାପ୍ରତିନିଧି ସୁରେଶ କୁମାର ନାଇତୁ ଯୋଗଦେଇଥିଲେ । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଗ୍ରାମସଭାର ଗୁରୁତ୍ୱ, ଗଣତାନ୍ତ୍ରିକ ମୂଲ୍ୟବୋଧ, ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା ଓ ସାମାଜିକ ଦାୟିତ୍ୱବୋଧ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି

କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏଥିରେ ବିଚାରପତି ଭାବେ କେନ୍ଦ୍ରୀୟ ବିଦ୍ୟାଳୟର ଶିକ୍ଷକ ରାଜେନ୍ଦ୍ର ଯାଦବ, ଜବାହାର ନବୋଦୟ ବିଦ୍ୟାଳୟର ଶିକ୍ଷକ ଗୌରବ ଯାଦବ ଏବଂ ଓଏଭିର ଶିକ୍ଷକ ବିଦ୍ୟାଧର ଦିଶାରୀ ଯୋଗଦେଇଥିଲେ । ଛାତ୍ରଛାତ୍ରୀ ମାନେ ଗୋଷ୍ଠୀଗତ ଭାବେ ଗ୍ରାମସଭାରେ ବାଲ୍ୟବିବାହ, ସ୍ୱେଚ୍ଛାକୃତ ରକ୍ତଦାନ, ନିଶାମୁକ୍ତି, ଶିଶୁଶ୍ରମିକ, ଦାଦନ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ସାରର ଅଭାବ, ଗାଁର ଗମନାଗମନ, ଭତ୍ତା, ବିଭିନ୍ନ ପ୍ରମାଣପତ୍ର, ଟୀକା ସହ ବିଭିନ୍ନ ସରକାରୀ ଯୋଜନାକୁ ଭିନ୍ନ ଢଙ୍ଗରେ ଉପସ୍ଥାପନ କରିଥିଲେ । ଶିକ୍ଷକ ଗୋପାଳ ମହାପାତ୍ର ସଂଯୋଜନା କରିଥିବା ବେଳେ କାର୍ଯ୍ୟକ୍ରମ ଶେଷରେ ଶିକ୍ଷୟତ୍ରୀ ମାଣିକ ମାଳା ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଗୁଲାମ ଜାଫର, କେ. ପ୍ରଶାନ୍ତ କୁମାର, ବି. ସୁରେଶ, ନିରୁପମା ରଥ, ମଧୁସ୍ମିତା ପ୍ରଧାନ, ଶ୍ରୀରାମ ଶାଶ୍ୱା, ସୁମନ୍ ସେଠ, ରୀତା ସେନାପତିଙ୍କ ସମେତ ବିଦ୍ୟାଳୟର ସମସ୍ତ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ । ସୂଚନାଯୋଗ୍ୟ, ଗତ ବର୍ଷ ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ସର୍ବଭାରତୀୟସ୍ତରରେ ପଂଚାୟତିରାଜ ବିଭାଗ ପକ୍ଷରୁ ହୋଇଥିବା ପ୍ରତିଯୋଗିତାରେ ଭାଗ ନେଇ ଗ୍ରାମସଭାକୁ ନୂଆଦିଲ୍ଲୀରେ ସଫଳ ମଂଚସ୍ଥ କରି ଦ୍ୱିତୀୟ ସ୍ଥାନ ହାସଲ କରିବା ସହ ୭୫ଲକ୍ଷର ଆର୍ଥିକ ପୁରସ୍କାର ପାଇଥିଲେ ।

ସୁଧାର ଗୃହରେ ନାବାଳିକା ଗର୍ଭବତୀ, ସୁରକ୍ଷାକର୍ମୀ ଓ ନାବାଳକ ଅନ୍ତେବାସୀ ଗିରଫ

କେନ୍ଦ୍ରାପଡା(ଅମୃତ ମିଡିଆ) : ସୁଧାର ଗୃହରେ ନାବାଳିକା ଗର୍ଭବତୀ, ସୁରକ୍ଷାକର୍ମୀ ଓ ନାବାଳକ ଅନ୍ତେବାସୀ ଗିରଫ । ସୁଧାର ଗୃହରେ ନାବାଳିକା ଛାତ୍ରୀ ଅନ୍ତସତ୍ତ୍ୱା ଅଭିଯୋଗ । କେନ୍ଦ୍ରାପଡା ସଦର ଥାନା ଗରାପୁର ଅଞ୍ଚଳରେ ଥିବା ଏକ ସୁଧାର ଗୃହରେ ସାମ୍ନାକୁ ଆସିଛି ଏଭଳି ଅଭାବନୀୟ ଘଟଣା । ସେଠାରେ ରହୁଥିବା ଝାଡ଼ଖଣ୍ଡର ଜଣେ ନାବାଳିକାକୁ ଦୁଷ୍କର୍ମ କରି ଅନ୍ତଃସତ୍ତ୍ୱା କରାଯାଇଥିବା ଅଭିଯୋଗ ହୋଇଛି । ଘଟଣାରେ ପୋଲିସ ଦୁଇଜଣଙ୍କୁ ଗିରଫ କରିଛି । ସେମାନଙ୍କ ମଧ୍ୟରୁ ଜଣେ ସୁଧାର ଗୃହର ସୁରକ୍ଷାକର୍ମୀ ହୋଇଥିବା ବେଳେ ଅନ୍ୟଜଣେ ନାବାଳକ ଅନ୍ତେବାସୀ । ଅଭିଯୋଗ ଆସିବା ପରେ ସମ୍ପୃକ୍ତ ସୁଧାରଗୃହରେ ଥିବା ଅନ୍ୟ ଅନ୍ତେବାସୀ ମାନଙ୍କୁ ପ୍ରଶାସନ ପକ୍ଷରୁ ତୁରନ୍ତ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି । ଏହି ଘଟଣାରେ ପୋଲିସ, ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଏବଂ ଶିଶୁ ମଙ୍ଗଳ କମିଟି ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି । ତଦନ୍ତ ପରେ ସୁଧାରଗୃହର ରେଜିଷ୍ଟ୍ରେସନ୍ ବାତିଲ ହେବା ନେଇ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ ସୂଚନା ଦେଇଛନ୍ତି । ପାଟିତା ନାବାଳିକାର ପରିବାର ପକ୍ଷରୁ ସଦର ଥାନାରେ ଏ ନେଇ ଅଭିଯୋଗ କରାଯାଇଛି । ଗତ ୨୦୨୩ ମସିହାରେ ପ୍ରଶାସନ ପକ୍ଷରୁ ଉଦ୍ଧାର ହୋଇ ସମ୍ପୃକ୍ତ ନାବାଳିକା ସୁଧାର ଗୃହରେ ରହି ଆସୁଥିଲେ। ପରିବାର ସଂପର୍କରେ ସୂଚନା ପାଇବା ପରେ ଗତ ଜୁନ ୨୬ରେ ଶିଶୁମଙ୍ଗଳ କମିଟି ନାବାଳିକାଙ୍କୁ ସାଙ୍ଗରେ ନେଇ ଝାଡଖଣ୍ଡ ସ୍ଥିତ ତାଙ୍କ ପରିବାର ପାଖରେ ଛାଡି ଆସିଥିଲେ । ତେବେ ଏହାର କିଛି ଦିନ ପରେ ଝିଅ ଅନ୍ତସତ୍ତ୍ୱା ଥିବା ପରିବାର ଲୋକେ ଜାଣିବା ପରେ ସ୍ଥାନୀୟ ଶିଶୁମଙ୍ଗଳ ଅଧିକାରୀଙ୍କୁ ଜଣାଇଥିଲେ । ଏହି ଘଟଣାରେ କେନ୍ଦ୍ରାପଡ଼ା ଗରାପୁର ସ୍ଥିତ ସୁଧାରଗୃହ କର୍ତ୍ତୃପକ୍ଷଙ୍କ ଅବହେଳା ସାମନାକୁ ଆସିଛି । ସମ୍ପୃକ୍ତ ସୁଧାରଗୃହ କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

ମଦୁଆଙ୍କୁ ରାତିରେ ଗୋଡ଼ାଇ ଗୋଡ଼ାଇ ପିଟିଲା ପୋଲିସ

ଭଦ୍ରକ(ଅମୃତ ମିଡିଆ): ଭଦ୍ରକର ବନ୍ତ ଛକ ବସ୍‌ଷ୍ଟପ ନିକଟରେ ଥିବା ମଦ ଦୋକାନରୁ ମଦ ପିଇ ମାତାଲ୍ ଯୁବକମାନେ ପ୍ରତିଦିନ ଉତ୍ପାତ କରୁଛନ୍ତି । ବନ୍ତ ଛକ ମଦ୍ୟପାନ ଆଡାସ୍ଥଳ ପାଲଟିଥିବା ବେଳେ ଏଠାରେ ଯାତ୍ରୀମାନେ ବସରେ ଯିବା ପାଇଁ ଠିଆ ହେଲାବେଳେ ମଦ୍ୟପଙ୍କ ଦୌରାତ୍ମ୍ୟରେ ନିଜକୁ ଅସୁରକ୍ଷିତ ମଣୁଛନ୍ତି । ଆଜି ରାତିରେ ଏହି ଛକ ଉପରେ ମଦ୍ୟପମାନେ ଉତ୍ପାତ କରୁଥିବା ବେଳେ ଭଦ୍ରକ ଟାଉନ୍ ପୁଲିସର ପେଟ୍ରୋଲ ଟିମ ଗୋଡେଇ ଗୋଡେଇ ପିଟିଛି । ଏହି ଛକର ରାସ୍ତା ଉପରେ ଠିଆ ହୋଇ ଯୁବକ ମାନେ ଖୋଲମ ଖୋଲା ମଦ ପିଉଥିବା ବେଳେ ପୁଲିସ ସେମାନଙ୍କୁ ସେଠାରୁ ଗୋଡ଼ାଇ ଗୋଡ଼ାଇ ତଡ଼ିଛି । ପୁଲିସର ମାଡ଼ ଭୟରେ ମଦ୍ୟପ ଯୁବକମାନେ ଯିଏ ଯୁଆଡେ ଛତ୍ର ଭଙ୍ଗ ଦେଇଥିଲେ । ଆଜି ଭଳି ଭଦ୍ରକ ଟାଉନ୍ ପୁଲିସର ଏହି ଚଢାଉ ପ୍ରତିଦିନ ଏଠାରେ ଜାରି ରହିଲେ । ବନ୍ତ ଛକରେ ଯାତ୍ରୀମାନେ ନିଜକୁ ସୁରକ୍ଷିତମାନେ କରନ୍ତେ ବୋଲି ଲୋକେ କହିଛନ୍ତି । ଏହି ମଦ ଦୋକାନ ବସ ଷ୍ଟପ ନିକଟରେ କାହିଁକି ରହିବ । ଏହାକୁ ଏଠାରୁ ଉଠାଇ ଦେଲେ ଆଉ ଲୋକେ ଏଠି ରାସ୍ତା ଉପରେ ଠିଆ ହୋଇ ମଦ ପିଆନ୍ତେ ନାହିଁ । ଅବକାରୀ ବିଭାଗ ଭଦ୍ରକରେ ନାଁରବରେ ଅହୁଥିବା ବେକେ ଭଦ୍ରକ ସହରରେ ମଦ ଭାସୁଛି ।

ମଦ୍ୟପ ଯୁବକଙ୍କ ଉନ୍ମତ୍ତ କାଣ୍ଡ, ପାଣି ଟାଙ୍କି ଉପରେ ଚଢ଼ିଲେ

କାମାକ୍ଷାନଗର(ଅମୃତ ମିଡିଆ): ମଦନିଶାରେ ଯୁବକଙ୍କ ଉନ୍ମତ୍ତ କାଣ୍ଡ । ନିଶାସକ୍ତଅବସ୍ଥାରେ ପାଣି ଟାଙ୍କି ଉପରେ ଚଢ଼ିଗଲେ ଯୁବକ । ଦୀର୍ଘ ସମୟ ଧରି ଟାଙ୍କି ଉପରେ ରହିବାରୁ ଗାଁରେ ସୃଷ୍ଟି ହୋଇଥିଲା ଚାଞ୍ଚଲ୍ୟ । ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲା କଙ୍କଡାହାଡ଼ ଅଗ୍ନିଶମ ବାହିନୀ । ଦୀର୍ଘ ସମୟର ଉଦ୍ୟମ ପରେ ଯୁବକଙ୍କୁ ସୁରକ୍ଷିତ ଭାବେ ଟାଙ୍କି ଉପରୁ ତଳକୁ ଆଣିଛନ୍ତି ଅଗ୍ନିଶମ କର୍ମଚାରୀ । ଘଟଣାଟି କାମାକ୍ଷାନଗର ଥାନା ର

ଅମୃତ ଦୁନିଆ

The Amruta Dunia

▶ RNI No. ODIODI / 2014 / 56157 ▶ www.amrutadunia.org

■ Vol.13, Issue.142, Thursday, 10 September 2026, Puri, Pages - 23, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୪୨, ଗୁରୁବାର, ୧୦ ସେପ୍ଟେମ୍ବର ୨୦୨୬, ପୁରୀ, ୨୩ ପୃଷ୍ଠା, ମୂଲ୍ୟ - ୯ ଟଙ୍କା